୪୬

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୧/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, December 11/2019 | ★★★★★★

୪୬ଶ ଭାଗ ୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-

ଓଡ଼ିଶା ଶାସନ

ଜାଗା
JAGA MISSION



ବସ୍ତିବାସିନ୍ଦାଙ୍କ ସଶକ୍ତିକରଣ
ବସ୍ତିଗୁଡ଼ିକର ରୂପାନ୍ତରଣ

ଓଡ଼ିଶା ଜିତିଲା ମର୍ଯ୍ୟାଦାଜନକ
ୱାର୍ଲ୍ଡ ହାବିଟାଟ୍ ପୁରସ୍କାର ୨୦୧୯

world habitat awards 2019

"...ଏହି ଯୋଜନାରେ କେବଳ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଏବଂ ଉନ୍ନତ ଜୀବନଯାପନ କରିବାର ସୁବିଧା ମିଳିଲା ତାହା ନୁହେଁ, ଯେଉଁଭଳି ଆଶ୍ଚର୍ଯ୍ୟଜନକ ଭାବରେ ଏହା କରାଯାଇପାରିଲା ତାହା ଦେଖିବାର କଥା..."

**ଡାଭିଡ ଆୟାର୍‌ଲ୍ୟାଣ୍ଡ୍**
ମୁଖ୍ୟ କାର୍ଯ୍ୟନିର୍ବାହୀ, ୱାର୍ଲ୍ଡ ହାବିଟାଟ

"...ପ୍ରକୃତରେ ସାରା ଦେଶ ପାଇଁ ଏହା ଏକ ଚମତ୍କାର ଉଦାହରଣ ଯେ ଦୃଢ ଇଚ୍ଛାଶକ୍ତି ଥିଲେ ସବୁକିଛି କରାଯାଇପାରିବ ! ଆବଶ୍ୟକୀୟ ଆଇନ ପ୍ରଣୟନ ସହିତ ଏହାର କାର୍ଯ୍ୟକାରିତାରେ କ୍ଷୀପ୍ରତା ବେଶ୍ ଚିତ୍ତାକର୍ଷକ..."

**ୱାର୍ଲ୍ଡ ହାବିଟାଟ୍ ଆୱାର୍ଡ୍**
ବିଚାରକ ମଣ୍ଡଳୀ

ଜାଗା ମିଶନକୁ ମିଳିଲା
ବିଶ୍ୱସ୍ତରୀୟ ପରିଚିତି

## ଓଡ଼ିଶାବାସୀଙ୍କୁ ଏହା ସମର୍ପିତ

(ନବୀନ ପଟ୍ଟନାୟକ)

ଅବ୍ୟାହତ ରହିବ ଏହି ଜୟଯାତ୍ରା...

DSPL-188

13001/13/0016/1920



ସମ୍ବିଧାନର ଅନୁଚ୍ଛେଦ ୩୭୦ ପୁନଃ ଅବସ୍ଥାପିତ ନ ହେବା ଯାଏ ରାଜନୈତିକ ପ୍ରକ୍ରିୟାରେ ଭାଗନେବ ନାହିଁ ନ୍ୟାଶନାଲ କନ୍‌ଫରେନ୍ସ।

-ମୁସ୍ତାଫା କମାଲ,
ବରିଷ୍ଠ ଏନ୍‌ସି ନେତା



### ■ ନାଗରିକତ୍ୱ ସଂଶୋଧନ ବିଲ୍‌: ଶିବସେନାର ୟୁ-ଟର୍ନ

# ରାଜ୍ୟ ସଭାରେ ଅସଲ ପରୀକ୍ଷା ଆଜି

ନୂଆଦିଲ୍ଲୀ,୧୦।୧୨

ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଭାରତକୁ ଆସିଥିବା ଅଣମୁସଲିମ୍‌ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ ସକାଶେ ଉଦ୍ଦିଷ୍ଟ ନାଗରିକତ୍ୱ ସଂଶୋଧନ ବିଲ୍‌ ସୋମବାର ମଧ୍ୟରାତ୍ରିରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ଅସଲ ପରୀକ୍ଷା ବାକି ଅଛି। ଉଚ୍ଚ ସଦନରେ ଏହାକୁ ବୁଧବାର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍‌ ଶାହା ଏହାକୁ ଗୃହରେ ଉପସ୍ଥାପନ କରିଥିଲେ। ଲୋକ ସଭାରେ ନାଗରିକତ୍ୱ ସଂଶୋଧନ ବିଲ୍‌ ସପକ୍ଷରେ ୩୧୧ ଭୋଟ ପଡ଼ିଥିବାବେଳେ ୮୦ ସଦସ୍ୟ ଏହାକୁ ବିରୋଧ କରିଥିଲେ। ଉକ୍ତ ବିଧେୟକରେ ସଂଶୋଧନ ପାଇଁ ଶିବସେନା, କଂଗ୍ରେସ ସମେତ ଅନେକ ଦଳ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେଗୁଡ଼ିକ ଧ୍ୱନିମତ ଅଥବା ମତ ବିଭାଜନରେ କାଟ୍‌ ଖାଇଯାଇଥିଲା। ରାଜ୍ୟ ସଭାର ୨୪୫ ଆସନ ମଧ୍ୟରୁ ୫ ଆସନ ଖାଲି ପଡ଼ିଛି।



ଉଦ୍ଧବ ଠାକ୍‌ରେ



ଫଳରେ ଉଚ୍ଚ ସଦନରେ ଏହି ବିଲ୍‌କୁ ପାସ୍‌ କରାଇବା ପାଇଁ ସଂଖ୍ୟାଗରିଷ୍ଠ ୧୨୦ ସଦସ୍ୟଙ୍କ ସମର୍ଥନ ଜରୁରୀ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସପକ୍ଷରେ ସଂଖ୍ୟାଗରିଷ୍ଠତା ଥିବାରୁ ଗୃହରେ ଏହାକୁ ଗୃହୀତ କରାଇବା ପାଇଁ ଅସୁବିଧା ହେବ ନାହିଁ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସୋମବାର ବିଲ୍‌କୁ ସମର୍ଥନ କରିଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ରାଜ୍ୟ ସଭାରେ ଏହାକୁ ବିରୋଧ କରିବା ପାଇଁ ସଙ୍କେତ ଦେଇଛନ୍ତି। ଏହି ପ୍ରସଙ୍ଗରେ ଶିବସେନା ୟୁ-ଟର୍ନ କରିଛି। ଉଦ୍ଧବ କହିଛନ୍ତି, ଲୋକ ସଭାରେ ଦଳ ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତର ମିଳିନାହିଁ। ଏଥିରେ ଅନେକ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଛୁ। ଆମ ପ୍ରଶ୍ନର ଉତ୍ତର ନ ମିଳିବା ଯାଏ ଏହାକୁ ବିରୋଧ କରିବୁ। ସେହିପରି ଜେଡିୟୁ ଉପାଧ୍ୟକ୍ଷ ପ୍ରଶାନ୍ତ କିଶୋର ଓ ବରିଷ୍ଠ ନେତା ପବନ ବର୍ମା ମଧ୍ୟ ବିଲ୍‌କୁ ଭେଦଭାବପୂର୍ଣ୍ଣ ଅଭିହିତ କରି ସମର୍ଥନ ନେଇ ପୁନର୍ବିଚାର କରିବା ପାଇଁ ଜେଡିୟୁ ଅଧ୍ୟକ୍ଷ ନୀତୀଶଙ୍କୁ ଅନୁରୋଧ କରିଛନ୍ତି। ଶିବସେନାର ଆଭିମୁଖ୍ୟରେ ପରିବର୍ତ୍ତନକୁ ଏହାର ମହାରାଷ୍ଟ୍ର ସହଯୋଗୀ କଂଗ୍ରେସ ସ୍ୱାଗତ କରିଛି। ନାଗରିକତ୍ୱ ସଂଶୋଧନ ବିଲ୍‌ ସମ୍ବିଧାନ ବିରୋଧୀ ହୋଇଥିବାରୁ ଏହାକୁ ଶିବସେନା ବିରୋଧ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କଂଗ୍ରେସ ମୁଖପାତ୍ର ମନୀଷ ତିୱାରୀ କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପ୍ରସ୍ତାବିତ ଆଇନ ସମ୍ବିଧାନ ଉପରେ ଏକ ଆକ୍ରମଣ। ଏହାକୁ ସମର୍ଥନ କରୁଥିବା ଲୋକେ ଦେଶର ମୂଳଦୁଆକୁ ଧ୍ୱଂସ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେହିପରି ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଆମ ପୂର୍ବପୁରୁଷମାନେ ସେମାନଙ୍କ ଜୀବନ ଓ ରକ୍ତ ଦେଇ ଆମ ପାଇଁ ସ୍ୱାଧୀନତା ଆଣିଦେଇଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍‌ ଲୋକ ସଭାରେ ଗୃହୀତ ହେବା ସହ ଭାରତର କଠୋରପନ୍ଥୀ ଓ ସଂକୀର୍ଣ୍ଣ ଚିନ୍ତାଧାରା ସୁନିଶ୍ଚିତ ହୋଇଛି। ଅନୁରୂପ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ କହିଛନ୍ତି, ଏହି ବିଲ୍‌ ସ୍ପଷ୍ଟଭାବେ ଅସାମ୍ବିଧାନିକ। ପାର୍ଲାମେଣ୍ଟରେ ଏହା ଗୃହୀତ ହେଲେ ଯୁଦ୍ଧଭୂମି ସୁପ୍ରିମକୋର୍ଟକୁ ସ୍ଥାନାନ୍ତର ହେବ। ଅର୍ଥାତ୍‌ କଂଗ୍ରେସ ପକ୍ଷରୁ ଉକ୍ତ ବିଲ୍‌କୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯିବ। ଏଆଇଏମ୍‌ଆଇଏମ୍‌ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓ୍ୱାଇସି କହିଛନ୍ତି, କେନ୍ଦ୍ର ସରକାର ଏହି ବିଲ୍‌ ଆଣିବା ସହ ପାକିସ୍ତାନର ଜନକ ମହମ୍ମଦ ଅଲି ଜିନ୍ନାଙ୍କୁ ଜୀବିତ କରାଉଛନ୍ତି। ରାଜ୍ୟ ସଭାରେ ଯଦି ଏହା ଗୃହୀତ ହୁଏ ତେବେ ଆମେ ସମସ୍ତ ପନ୍ଥା ଆପଣାଇବୁ ବୋଲି ସେ ଚେତାବନୀ ଦେଇଛନ୍ତି।

### ■ ଆମେରିକା ସଂଘୀୟ କମିଶନଙ୍କ ସୁପାରିସ

## ସିଏବି ପାସ୍‌ ହେଲେ ଶାହାଙ୍କ ଉପରେ କଟକଣା

ଓ୍ୱାଶିଂଟନ/ନୂଆଦିଲ୍ଲୀ, ୧୦।୧୨(ପି.ଟି./ଆଇଏଏନ୍‌ଏସ୍‌)

ଭାରତର ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ୍‌ (ସିଏବି) ଗୃହୀତ ହେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍‌ ଶାହାଙ୍କ ଉପରେ କଟକଣା ଜାରି କରିବାକୁ ଆମେରିକାର ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା କମିଶନ (ୟୁଏସ୍‌ସିଆଇଆର୍‌ଏଫ୍‌) ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି। ଏହି ପ୍ରସଙ୍ଗ ଉପରେ ହସ୍ତକ୍ଷେପ କରିବା ଅଧିକାର ଆମେରିକୀୟ ସଂସ୍ଥାର ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ସମାଲୋଚନା କରିଛି।

ନାଗରିକତ୍ୱ ସଂଶୋଧନ ବିଲ୍‌ ସୋମବାର ମଧ୍ୟରାତ୍ରିରେ ଲୋକ ସଭାରେ ଗୃହୀତ ହୋଇଛି। ବୁଧବାର ଉକ୍ତ ବିଲ୍‌ ରାଜ୍ୟ ସଭାରେ ଗୃହୀତ ହେବା ପରେ ଆଇନରେ ପରିଣତ ହେବ। ପ୍ରସ୍ତାବିତ ଆଇନାନୁସାରେ ପାକିସ୍ତାନ, ବାଂଲାଦେଶ ଓ ଆଫ୍‌ଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଆସି ଏଠାରେ ଧାର୍ମିକ ଅତ୍ୟାଚାରର ଶିକାର ହେଉଥିବା ହିନ୍ଦୁ, ଶିଖ୍‌, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଭାରତରେ ଶରଣାର୍ଥୀ ଭାବେ ପରିଗଣିତ ହେବେ ନାହିଁ। ସେମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରାଯିବ। ତେଣୁ ୟୁଏସ୍‌ସିଆଇଆର୍‌ଏଫ୍‌ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଉକ୍ତ ବିଲ୍‌ରେ ନିର୍ଦ୍ଦିଷ୍ଟ ଭାବେ ମୁସଲମାନ



ଅମିତ୍‌ ଶାହା

ସମ୍ପ୍ରଦାୟର ଲୋକଙ୍କୁ ବାଦ୍‌ ଦିଆଯିବା ଦୁର୍ଭାଗ୍ୟଜନକ। ଏହି ବିଧେୟକ ଏକ ବିପଜ୍ଜନକ ଦିଗ ଦେଇ ଗତି କରୁଛି। ଏହା ଭାରତର ମହାନ୍‌ ଇତିହାସ, ଧର୍ମନିରପେକ୍ଷ ବହୁଳବାଦ ଓ ଭାରତୀୟ ସମ୍ବିଧାନର ପରିପନ୍ଥୀ।

ପ୍ରକାଶ ଯେ, ୧୯୯୮ରେ ଗଠିତ ୟୁଏସ୍‌ସିଆଇଆର୍‌ଏଫ୍‌ ହେଉଛି ଆମେରିକାର ଏକ ସ୍ୱାଧୀନ ଦ୍ୱିଦଳୀୟ ସଂଘୀୟ ସରକାର କମିଶନ, ଯାହା ଅନ୍ତର୍ଜାତୀୟ ସ୍ତରରେ ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ ପ୍ରସଙ୍ଗଗୁଡ଼ିକର ସମୀକ୍ଷା କରିଥାଏ। ୨୦୦୨ ଗୁଜରାଟ ଦଙ୍ଗା ପରିପ୍ରେକ୍ଷୀରେ ଏହି କମିଶନ ୨୦୦୫ରେ ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କର ଭିଜା ପ୍ରତ୍ୟାହାର ପାଇଁ ଆମେରିକାକୁ ସୁପାରିସ କରିଥିଲା। ଅନ୍ୟପକ୍ଷରେ ବିଲ୍‌ ଉପରେ ୟୁଏସ୍‌ସିଆଇଆର୍‌ଏଫ୍‌ର ଏହି ମନ୍ତବ୍ୟ ଠିକ୍‌ ନୁହେଁ କି ଆବଶ୍ୟକ ମଧ୍ୟ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଏକ ଖବରଦାତା ସମ୍ମିଳନୀରେ ସମାଲୋଚନା କରିଛନ୍ତି।

## ସଂକ୍ଷେପରେ...

➥ପାର୍ଲାମେଣ୍ଟର ଶୀତ ଅଧିବେଶନ ଶେଷ ହେବାକୁ ଯାଉଥିବାବେଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମଙ୍ଗଳବାର ରାତିରେ ପାର୍ଲାମେଣ୍ଟ ହାଉସ୍‌ ଆନେକ୍ସରେ ଡିନର ପାର୍ଟି କରିଛନ୍ତି। ରାତ୍ରିଭୋଜନରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ, ହରିଶ୍‌ ରାଓ୍ୱତ୍‌, ରଣଦୀପ ସୁର୍ଜେଓ୍ୱାଲା, କେ.ସି. ବେଣୁଗୋପାଳ ଏବଂ ଦଳୀୟ ଏମ୍‌ପିମାନେ ଯୋଗଦେଇଥିଲେ।

➥ ହାଇକୋର୍ଟଗୁଡ଼ିକରେ ୧,୦୭୯ ବିଚାରପତି ପଦବୀ ଥିବାବେଳେ ସେଥିରୁ ୪୧୦ଟି ପଦବୀ ଖାଲି ପଡ଼ିଥିବା ନେଇ ସୁପ୍ରିମକୋର୍ଟ କ୍ଷୋଭବ୍ୟକ୍ତ କରିଛନ୍ତି। ଏହି ପଦବୀଗୁଡ଼ିକ ୬ ମାସ ମଧ୍ୟରେ ପୂରଣ କରାଯିବା ଜରୁରୀ ବୋଲି ଜଷ୍ଟିସ୍‌ ଏସ୍‌.କେ. କୌଲ ଓ କେ.ଏମ୍‌. ଜୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୬ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।

➥ ଝାଡ଼ଖଣ୍ଡ ବିଧାନସଭା ଲାଗି ଅନୁଷ୍ଠିତ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୭ ଆସନ ଲାଗି ୧୨ରେ ଭୋଟଗ୍ରହଣ କରାଯିବ। ୩୨ ମହିଳାଙ୍କ ସହ ମଇଦାନରେ ୩୦୯ ପ୍ରାର୍ଥୀ ରହିଥିବାବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

➥ମୋଷ୍ଟ ଓ୍ୱାଣ୍ଟେଡ୍‌ ମାଓବାଦୀ ରାଭୁଲା ଶ୍ରୀନିବାସ ଓରଫ୍‌ ରମନ୍ନା(୫୫) ଛତିଶଗଡ଼ର ଜଙ୍ଗଲାଞ୍ଚଳରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ତାଙ୍କୁ ଧରାଇବା ଲାଗି ୪୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟି ର ସେ ସମ୍ପାଦକ ଓ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ଅନେକ ବିସ୍ଫୋରଣ ଓ ଗଣହତ୍ୟା ମାମଲାର ସେ ଅଭିଯୁକ୍ତ ଥିଲେ।

➥ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବାର ୧୫ ଦିନ ପରେ ମନ୍ତ୍ରୀପଦ ନେଇ କଂଗ୍ରେସ, ଏନ୍‌ସିପି ସହ ଶିବସେନାର ଭାଗବଣ୍ଟା ଶେଷ ହୋଇଛି। ଏନ୍‌ସିପି ନେତା ଅଜିତ୍‌ ପାଓ୍ୱାର ଓ ମହାରାଷ୍ଟ୍ର କଂଗ୍ରେସ ଅଧ୍ୟକ୍ଷ ବାଲାସାହେବ ଥୋରଟ୍‌ଙ୍କ ସହ ଉଦ୍ଧବ ଆଲୋଚନା କରିଛନ୍ତି। ଶିବସେନା ହାତରେ ଗୃହ, ନଗର ଉନ୍ନୟନ ମନ୍ତ୍ରଣାଳୟ, ଏନ୍‌ସିପି ପାଖରେ ଅର୍ଥ, ଗୃହନିର୍ମାଣ ଓ କଂଗ୍ରେସ ହାତରେ ରାଜସ୍ୱ ମନ୍ତ୍ରଣାଳୟ ରହିବ ବୋଲି ଚୂଡ଼ାନ୍ତ ହୋଇଥିବା ପ୍ରକାଶ।

# ଉତ୍ତରପୂର୍ବରେ ବନ୍ଦ ପାଳନ

ନୂଆଦିଲ୍ଲୀ,୧୦।୧୨

ନାଗରିକତ୍ୱ ସଂଶୋଧନ ବିଲ୍‌ ଲୋକ ସଭାରେ ଗୃହୀତ ହେବାର ଦିନକ ପରେ ଓ ରାଜ୍ୟ ସଭାରେ ଉପସ୍ଥାନ କରାଯିବାର ଦିନକ ପୂର୍ବରୁ ଏହାକୁ ଉତ୍ତର-ପୂର୍ବାଞ୍ଚଳରେ ପ୍ରବଳ ବିରୋଧ କରାଯାଇଛି। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ମଙ୍ଗଳବାର ଏହା ବିରୋଧରେ ବନ୍ଦ ପାଳନ କରାଯାଇଛି। ବିଲ୍‌ ପ୍ରତିବାଦରେ ଆସାମ ଓ ଦିଲ୍ଲୀରେ ବିକ୍ଷୋଭ କରାଯାଇଛି। ତ୍ରିପୁରାରେ ମୋବାଇଲ ଇଣ୍ଟରନେଟ ସେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୨ଟାରୁ ୪୮ ଘଣ୍ଟା ପାଇଁ ବନ୍ଦ କରାଯାଇଛି। ସେପାହିଜଲ ବନ୍ଦ ପାଳନ ବେଳେ ରାସ୍ତା ଅବରୋଧ ଯୋଗୁ ହସ୍ପିଟାଲକୁ ଯାଉଥିବା ଜଣେ ୨ ମାସର ଅସୁସ୍ଥ ଶିଶୁର ଜୀବନ ଚାଲିଯାଇଛି।

ଲୋକ ସଭାରେ କଂଗ୍ରେସ, ଟିଏମ୍‌ସି ସମେତ ଉତ୍ତର-ପୂର୍ବର ମୁଖ୍ୟ ବିରୋଧୀ ଦଳଗୁଡ଼ିକ ବିଲ୍‌ ବିରୋଧରେ ଭୋଟ ଦେଇଥିଲେ। ଦୁଇଟି ପ୍ରମୁଖ ଛାତ୍ର ସଙ୍ଗଠନ ନର୍ଥ ଇଷ୍ଟ୍‌ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ୍‌ (ଏନ୍‌ଇଏସ୍‌ଓ) ଏବଂ ଅଲ୍‌ ଆସାମ



ଗୁଆହାଟୀରେ ଏନ୍‌ଇଏସ୍‌ଓର ବିକ୍ଷୋଭ।

■ତ୍ରିପୁରାରେ ମୋବାଇଲ ଉପରେ ୪୮ ଘଣ୍ଟିଆ କଟକଣା

■ହସ୍ପିଟାଲକୁ ଯିବାବେଳେ ବାଟରେ ଆଖି ବୁଜିଲା ୨ମାସର ଶିଶୁ

■ବିଲ୍‌ ବିରୋଧରେ ଆସାମ, ଦିଲ୍ଲୀରେ ବିକ୍ଷୋଭ

ଷ୍ଟୁଡେଣ୍ଟ ୟୁନିୟନ୍‌ (ଏଏଏସ୍‌ୟୁ) ବିଲ୍‌ ବିରୋଧୀ ବିକ୍ଷୋଭର ନେତୃତ୍ୱ ନେଇଛନ୍ତି। ମଣିପୁରରେ ଭୋର ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ପାଇଁ ଅଲ୍‌ ମଣିପୁର ଷ୍ଟୁଡେଣ୍ଟ ୟୁନିୟନ୍‌ (ଏଏମ୍‌ଏସ୍‌ୟୁ) ପକ୍ଷରୁ ଡାକରା ଦିଆଯାଇଥିଲା। ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର ପାଇଁ ଏଏମ୍‌ଏସ୍‌ୟୁ ଦାବି କରିଛି। ବନ୍ଦ ପାଳନ ଯୋଗୁ ମଣିପୁରରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଦୋକାନବଜାର, ଶିକ୍ଷାନୁଷ୍ଠାନ ଓ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିଥିଲେ। ସେହିପରି ଦିଲ୍ଲୀରେ ସିପିଆଇଏମ୍‌ର ଷ୍ଟେଟ୍‌ କମିଟି ସଦସ୍ୟମାନେ ମଧ୍ୟ ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ■ ପିଟିଶନରେ ସ୍ୱାକ୍ଷର କଲେ ୧୦୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ, ବିଦ୍ୱାନ

## ନାଗରିକତ୍ୱ ବିଲ୍‌ ପ୍ରତ୍ୟାହାର କର

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ବିବାଦୀୟ ନାଗରିକତ୍ୱ ସଂଶୋଧନ ବିଲ୍‌ ଲୋକ ସଭାରେ ଗୃହୀତ ହୋଇ ରାଜ୍ୟ ସଭାରେ ଉପସ୍ଥାପିତ ହେବାକୁ ଯାଉଥିବାବେଳେ ଏହା ବିରୋଧରେ ୧୦୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଓ ବିଦ୍ୱାନ ଏକ ସ୍ୱାକ୍ଷର ଅଭିଯାନ ଚଳାଇଛନ୍ତି। ଉକ୍ତ ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ପିଟିଶନରେ ସେମାନେ ଦାବି କରିଛନ୍ତି। ଏହା ଆଇନରେ ପରିଣତ ହେଲେ ଭାରତ ଏକ ଅସାମ୍ବିଧାନିକ ଜାତିତନ୍ତ୍ରରେ ପରିଣତ ହେବ ବୋଲି ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଥିବା ପ୍ରଖ୍ୟାତ୍‌ ଶିକ୍ଷାବିତ୍‌ ପ୍ରତାପଭାନୁ ମେହେଟା କହିଛନ୍ତି।

ବୈଜ୍ଞାନିକ ଓ ଶିକ୍ଷାବିତ୍‌ମାନଙ୍କ ମତରେ ପ୍ରସ୍ତାବିତ ବିଲ୍‌ରେ ଧର୍ମକୁ ନାଗରିକତ୍ୱର ଏକ ମାନଦଣ୍ଡ ଭାବେ ଗ୍ରହଣ କରାଗଲେ ସମ୍ବିଧାନର ମୌଳିକ ଢାଞ୍ଚା ସହିତ ଏହାର ଅସଙ୍ଗତି ସୃଷ୍ଟି ହେବ। ତେଣୁ ରାଜ୍ୟ ସଭାରେ ଏହା ଗୃହୀତ ହେଲେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ନାଗରିକ ଅଧିକାର କର୍ମୀ ହର୍ଷ ମନ୍ଦେର ଟୁଇଟ୍‌ କରିଛନ୍ତି। ସେହିପରି ଐତିହାସିକ ରାମଚନ୍ଦ୍ର ଗୁହା ଏହାକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍‌ ଶାହାଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଶାହା ହେଉଛନ୍ତି ବୀର ସାବରକରଙ୍କ ଜଣେ ଦୃଢ଼ ସମର୍ଥକ। ମହମ୍ମଦ ଅଲି ଜିନ୍ନାଙ୍କ ଦୁଇରାଷ୍ଟ୍ର ସିଦ୍ଧାନ୍ତ ସହ ତାଙ୍କର କୌଣସି ବିବାଦ ନାହିଁ।

### [ଇତିହାସର ଆଇନାରେ]

### ଡିସେମ୍ବର ୧୧ର ପ୍ରମୁଖ ଘଟଣା

**୧**୯୯୮ ଡିସେମ୍ବର ୧୧ରେ ଦକ୍ଷିଣ ଥାଇଲାଣ୍ଡର ସୁରଟ ଥାନି ବିମାନବନ୍ଦର ନିକଟରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଶତାଧିକ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନଟି ଘରୋଇ ଯାତ୍ରୀଙ୍କୁ ନେଇ ହଂକଂରୁ ଯାଉଥିଲା। ୧୩୨ ଯାତ୍ରୀଙ୍କ ମଧ୍ୟରୁ ୪୫ ଅଳ୍ପକେ ବର୍ତ୍ତିଯାଇଥିଲେ।

**୨**୦୧୨ ଡିସେମ୍ବର ୧୧ରେ ସିରିଆର ଅକରବରେ ବୋମା ବିସ୍ଫୋରଣ ହେବା ଫଳରେ ୧୨୫ ଜଣ ପ୍ରାଣ ହରାଇଥିଲେ। ଏଥିରେ ୨୦୦ରୁ ଅଧିକ ବ୍ୟକ୍ତି ଆହତ ହୋଇଥିଲେ। ସିରିଆ ଗୃହଯୁଦ୍ଧ ସମୟରେ ଏଭଳି ବିସ୍ଫୋରଣ ହୋଇଥିଲା।

# ଏସ୍‌ସି/ଏସ୍‌ଟି ସଂରକ୍ଷଣ ସଂଶୋଧନ ବିଲ୍‌କୁ ଲୋକ ସଭାର ମଞ୍ଜୁରୀ

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ଲୋକ ସଭାରେ ମଙ୍ଗଳବାର ଅନୁସୂଚିତ ଜାତି (ଏସ୍‌ସି) ଅନୁସୂଚିତ ଜନଜାତି, (ଏସ୍‌ଟି) ବର୍ଗର ଲୋକଙ୍କ ଲାଗି ୧୦ ବର୍ଷ ପାଇଁ ସଂରକ୍ଷଣ ବୃଦ୍ଧି ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍‌ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଦଳ ନିର୍ବିଶେଷରେ ଉକ୍ତ ବିଲ୍‌କୁ ମଞ୍ଜୁର କରାଯାଇଛି।

ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ସମ୍ବିଧାନ (୧୨୬ତମ) ସଂଶୋଧନ ବିଲ୍‌ ଆଗତ କରି କହିଥିଲେ, ଏସ୍‌ସି ଏବଂ ଏସ୍‌ଟି ବର୍ଗରେ ନୂଆ ରାଜନୈତିକ ନେତୃତ୍ୱ ନିର୍ମାଣ ଲାଗି ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଦୁଇ ସମୁଦାୟକୁ ସଂରକ୍ଷଣ ଦେବା ଜରୁରୀ।



ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ

ସରକାର ଏହି ଦୁଇ ସମୁଦାୟ ସକାଶେ 'କ୍ରିମି ଲେୟର' ବ୍ୟବସ୍ଥାକୁ ବିରୋଧ କରୁଛନ୍ତି। ଉକ୍ତ ବିଲ୍‌ ସପକ୍ଷରେ ୩୫୨ ଭୋଟ ପଡ଼ିଥିବାବେଳେ ଏହାକୁ କେହି ସଦସ୍ୟ ବିରୋଧ କରି ନ ଥିଲେ। ଏସ୍‌ସି, ଏସ୍‌ଟି ଏବଂ ଆଙ୍ଗ୍ଲୋ-ଇଣ୍ଡିଆନ୍‌ମାନଙ୍କୁ ଗତ ୭୦ ବର୍ଷ ଧରି ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ସଂରକ୍ଷଣ ଦିଆଯାଇ ଆସୁଛି। ଏହି ଅବଧି ୨୦୨୦ ଜାନୁୟାରୀ ୨୫ରେ ଶେଷ ହେବାକୁ ଥିବାବେଳେ ସରକାର ଏଥିରେ ଆଉ ୧୦ ବର୍ଷ ବୃଦ୍ଧି କରିଛନ୍ତି। ତେବେ ଆଙ୍ଗ୍ଲୋ-ଇଣ୍ଡିଆନ୍‌ମାନଙ୍କୁ ସଂରକ୍ଷଣ ସୁବିଧା ଦିଆ ନ ଯିବା ନେଇ ସରକାରଙ୍କୁ ବିରୋଧୀ ସଦସ୍ୟମାନେ ସମାଲୋଚନା କରିଥିଲେ। ଆଙ୍ଗ୍ଲୋ-ଇଣ୍ଡିଆନ୍‌ମାନଙ୍କ ପାଇଁ ବାଟ ବନ୍ଦ ହୋଇନାହିଁ। ସେମାନଙ୍କ ସମ୍ପର୍କରେ ବିଚାର କରାଯିବ ବୋଲି ରବିଶଙ୍କର କହିଥିଲେ। ବିଲ୍‌ ଗୃହୀତ ହେବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀଙ୍କ ଅନୁପସ୍ଥିତିକୁ ନେଇ ଭାଜପା ସଦସ୍ୟମାନେ ବିରୋଧୀ ବେଞ୍ଚକୁ ସମାଲୋଚନା କରିଥିଲେ।

ସେହିପରି ଘରୋଇ କ୍ଷେତ୍ରରେ ଚାକିରି ପାଇଁ ସଂରକ୍ଷଣ ସୁବିଧା ଦେବାକୁ ସରକାରଙ୍କ ଯୋଜନା ନାହିଁ ବୋଲି ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ରତନଲାଲ କଟାରିଆ ଲୋକ ସଭାରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଓ ରଖିଲେ ଦଣ୍ଡବିଧାନ ସମ୍ପର୍କିତ ଆର୍ମସ୍‌ (ଆମେଣ୍ଡମେଣ୍ଟ) ବିଲ୍‌, ୨୦୧୯ ମଧ୍ୟ ଲୋକ ସଭାରେ ଗୃହୀତ ହୋଇଛି। ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିଲେ ଦୁଇବର୍ଷ ଜେଲ୍‌ ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦିଆଯିବା ନିୟମ ରହିଥିବା ବିଲ୍‌ ରାଜ୍ୟ ସଭାରେ ଧ୍ୱନିମତରେ ଗୃହୀତ ହୋଇସାରିଛି।

### ■ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲା

## ପୁଣି ରିଭ୍ୟୁ ପିଟିଶନ ଦାଖଲ

ନୂଆଦିଲ୍ଲୀ,୧୦।୧୨

ବହୁଚର୍ଚ୍ଚିତ ୨୦୧୨ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଫାଶୀ ଦଣ୍ଡାଦେଶ ପାଇଥିବା ୪ ଦୋଷୀଙ୍କ ମଧ୍ୟରୁ ୩ଜଣ କରିଥିବା ରିଭ୍ୟୁ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେବା ପରେ ମଙ୍ଗଳବାର ଚତୁର୍ଥ ବ୍ୟକ୍ତି ଅକ୍ଷୟ କୁମାର ସିଂ(୩୧) ୨୦୧୭ ରାୟର ପୁନଃ ସମୀକ୍ଷା କରିବା ଲାଗି ଆବେଦନ କରିଛନ୍ତି। ଏନେଇ ଅକ୍ଷୟଙ୍କ ଓକିଲ ଏ.ପି. ସିଂ ପ୍ରକାଶ କରିଛନ୍ତି।

୨୩ ବର୍ଷୀୟ ପାରାମେଡିକାଲ ଛାତ୍ରୀଙ୍କୁ ଚଳନ୍ତା ବସ୍‌ ଭିତରେ ଅତି ଅମାନୁଷିକ ଭାବେ ଦିଲ୍ଲୀରେ ଗଣବଳାତ୍କାର କରାଯାଇ ରାସ୍ତା କଡ଼କୁ ଫିଙ୍ଗି ଦିଆଯାଇଥିଲା। ୨୦୧୨ ଡିସେମ୍ବର ୨୯ରେ ପୀଡ଼ିତାଙ୍କ ଦେହାନ୍ତ ହୋଇଥିଲା। ଟ୍ରାଏଲ କୋର୍ଟ ଓ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖି ୬ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଲାଗି ନିର୍ଦ୍ଦେଶ ଦେଇଥିଲେ। ଜଣେ ଅଭିଯୁକ୍ତ ରାମ୍‌ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ଜଣେ ନାବାଳକ ୩ ବର୍ଷ ଜେଲ୍‌ ଦଣ୍ଡ ଭୋଗିସାରିଛନ୍ତି।

### ■ ଚିଲି ବାୟୁସେନା ବିମାନ ନିଖୋଜ

# ଦୁର୍ଘଟଣାରେ ୩୮ ଜଣଙ୍କ ମୃତ୍ୟୁ ଆଶଙ୍କା

**ସାଣ୍ଟିଆଗୋ,୧୦।୧୨:** ୩୮ ଜଣ ଯାତ୍ରୀଙ୍କୁ ନେଇ ଆଣ୍ଟାର୍କଟିକା ଯାଉଥିବା ଚିଲିର ଏକ ସେନା ବିମାନ ନିଖୋଜ ହୋଇଯାଇଛି। ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ସମସ୍ତ ୧୭ ଅଧିକାରୀ ଓ ବିମାନ କର୍ମଚାରୀଙ୍କ ସହ ୨୧ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଏହାକୁ ଠାବ କରିବା ପାଇଁ ତଲାସି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି।



ଚିଲି ବାୟୁସେନାର ହାକ୍ୟୁଲିସ୍‌ ସି-୧୩୦ ଏୟାରକ୍ରାଫ୍ଟ ସୋମବାର ଅପରାହ୍ନ ୪ଟା ୫୫ ମିନିଟରେ ପୁଣ୍ଟା ଏରେନାସ୍ଥିତ ଚାବୁନ୍‌କୋ ବାୟୁସେନା ଘାଟିରୁ ଉଡ଼ାଣ କରିଥିଲା। ବିମାନଟି ୭୭୦ ମାଇଲ ଯାତ୍ରା କରି ଆଣ୍ଟାର୍କଟିକାର ସବୁଠୁ ବଡ଼ ଘାଟି ଏଡୁଆର୍ଡୋ ଫ୍ରେଇରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଥିଲା। ହେଲେ ୪୫୦ ମାଇଲ ଅତିକ୍ରମ କରିବା ପରେ ବିମାନ ସହ ସନ୍ଧ୍ୟା ୬ଟା ୧୩ରେ କଣ୍ଟ୍ରୋଲ ରୁମ୍‌ର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ରାଡାର ବାହାରକୁ ଚାଲିଯିବା ପରେ ଏହା ନିଖୋଜ ହୋଇଯାଇଥିବା କୁହାଯାଉଛି। ବିମାନ ଦୁର୍ଘଟଣାରେ ୩୮ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ତେବେ ବିମାନର ତଲାସି କାର୍ଯ୍ୟକୁ ଜୋର୍‌ଦାର କରାଯାଇଛି।

ଚିଲି ବାୟୁସେନା ପକ୍ଷରୁ କୁହାଯାଇଛି ଯେ, ବିମାନରେ ବାୟୁସେନାର ୧୫ ଅଧିକାରୀ, ୩ ସେନା ଅଧିକାରୀ, ଦୁଇଜଣ ନିର୍ମାଣ କମ୍ପାନୀର ଯାତ୍ରୀ ଓ ଚିଲି ବିଶ୍ୱବିଦ୍ୟାଳୟର ଜଣେ ଅଧିକାରୀ ଥିଲେ। ଯାତ୍ରୀଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଉଛି। ବିମାନରେ ଏମର୍ଜେନ୍ସି ପୋଜିଶନିଂ ସିଷ୍ଟମ୍‌ ଥିଲେ ମଧ୍ୟ ମଙ୍ଗଳବାର ଭୋର ସମୟରେ ତଲାସି ବେଳେ ଏହା କାର୍ଯ୍ୟ କରୁ ନ ଥିଲା ବୋଲି ଫୋର୍ଥ ଏୟାର ବ୍ରିଗେଡିୟର୍‌ କମାଣ୍ଡର ଏଡୁଆର୍ଡୋ ମୋସ୍କେଇରା କହିଛନ୍ତି। ଚିଲି ରାଷ୍ଟ୍ରପତି ସେବାସ୍ତିଆନ୍‌ ପିନେରା ଏଡୁଆର୍ଡୋ ଫ୍ରେଇ ମୋଣ୍ଟାଲ୍‌ଭା ଯାଇଛନ୍ତି।

### ■ ମହିଳା ବିରୋଧୀ ଅପରାଧରେ ରାଜନେତାଙ୍କ ସମ୍ପୃକ୍ତି

# ଭାଜପା ପ୍ରଥମ, କଂଗ୍ରେସ ଦ୍ୱିତୀୟରେ

ନୂଆଦିଲ୍ଲୀ,୧୦।୧୨

ଦେଶବ୍ୟାପୀ ମହିଳା ବିରୋଧୀ ହିଂସା ଓ ଅପରାଧର ମାତ୍ରା ବଢ଼ି ବଢ଼ି ଚାଲିଛି। ଦିଲ୍ଲୀରୁ ପଲ୍ଲୀ ଯାଏ ଏହାକୁ ନେଇ ତୀବ୍ର ପ୍ରତିବାଦର ସ୍ୱର ମଧ୍ୟ ଦେଖିବାକୁ ମିଳୁଛି। ସାଧାରଣ ଜନତାଙ୍କ କଥା ଛାଡ଼ନ୍ତୁ, ବିଭିନ୍ନ ଦଳର ରାଜନେତାମାନେ ମଧ୍ୟ ମହିଳା ବିରୋଧୀ ଅପରାଧରେ ସାମିଲ ଥିବା ଜଣାଯାଏ। ଇଲେକ୍ସନ ଓ୍ୱାଚ୍‌ଡଗ୍‌ ଏଡିଆର୍‌( ଆସୋସିଏସନ ଫର୍‌ ଡେମୋକ୍ରାଟିକ୍‌ ରିଫର୍ମ୍ସ ରିପୋର୍ଟ ଅନୁଯାୟୀ ଭାଜପାର ୨୧ ନେତା ମହିଳା ବିରୋଧୀ ଅପରାଧ ମାମଲାରେ ଛନ୍ଦିହୋଇ ରହିଥିବାବେଳେ କଂଗ୍ରେସର ୧୬, ଓ୍ୱାଇଏସ୍‌ଆର୍‌ସିପି ୭ ଅଛନ୍ତି।

୨୦୦୯ରେ ୨ ଏମ୍‌ପିଙ୍କ ବିରୋଧରେ ଏଭଳି ମାମଲା ରହିଥିବାବେଳେ ୨୦୧୯ରେ ଏହା ବଢ଼ି ୧୯ରେ ପହଞ୍ଚିଛି। ଏବେ ୩ ଏମ୍‌ପି ଓ ୬ ବିଧାୟକଙ୍କ ବିରୋଧରେ ବଳାତ୍କାର ମାମଲା ଚାଲିଥିବା ଜଣାପଡ଼ିଛି। ଗତ ୫ ବର୍ଷ ମଧ୍ୟରେ ବଳାତ୍କାର ମାମଲାରେ ଫସିଥିବା ୪୧ ପ୍ରାର୍ଥୀଙ୍କୁ ବିଭିନ୍ନ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଟିକେଟ୍‌ ଦିଆଯାଇଥିବା ପ୍ରକାଶ। ମହିଳା ବିରୋଧୀ ହିଂସା ଓ ଅପରାଧ ମାମଲା ଚାଲିଥିବା ୬୬ ଜଣଙ୍କୁ ଭାଜପା ଟିକେଟ୍‌ ଦେଇଥିବା ଜଣାପଡ଼ିଛି। କଂଗ୍ରେସରୁ ଏଭଳି ୪୬ ଓ ବିଏସ୍‌ପିରୁ ୪୦ ପ୍ରାର୍ଥୀ ଥିବା ଏଡିଆର୍‌ ରିପୋର୍ଟରେ ଦର୍ଶାଯାଇଛି। ୭୫୯ ଏମ୍‌ପି ଓ ୪୦୬୩ ବିଧାୟକଙ୍କ ସତ୍ୟପାଠ ତର୍ଜମା କରାଯିବା ପରେ ଏଭଳି ତଥ୍ୟ ଲୋକଲୋଚନକୁ ଆସିଛି। ବିଗତ ଲୋକ ସଭା ନିର୍ବାଚନରେ ଏଭଳି ୩୮ ପ୍ରାର୍ଥୀ ଜନମତ ଲୋଡ଼ିଥିଲେ।

ପଶ୍ଚିମବଙ୍ଗରେ ଏଭଳି ସର୍ବାଧିକ ଏମ୍‌ପି ଓ ବିଧାୟକ(୧୬) ରହିଥିବାବେଳେ ଓଡ଼ିଶା ଓ ମହାରାଷ୍ଟ୍ରରେ ୧୨ ଲେଖାଏ ବିଧାୟକ ଥିବା ଜଣାପଡ଼ିଛି। ଗତ ୫ ବର୍ଷ ମଧ୍ୟରେ ମୋଟ ୫୭୨ ଏଭଳି ପ୍ରାର୍ଥୀ ଲୋକ ସଭା, ରାଜ୍ୟ ସଭା ଓ ବିଧାନସଭା ନିର୍ବାଚନ ଲଢ଼ିଥିବା କୁହାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଏ ପର୍ଯ୍ୟନ୍ତ ଏମାନଙ୍କ ମଧ୍ୟରୁ କେହି ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପକ୍ଷରୁ ଏଭଳି ୪୧୦ ପ୍ରାର୍ଥୀଙ୍କ ମଧ୍ୟରୁ ଲୋକ ସଭା ଓ ରାଜ୍ୟ ସଭାକୁ ୮୯ ମନୋନୀତ ହୋଇଛନ୍ତି। ବିଗତ ୫ ବର୍ଷ ମଧ୍ୟରେ ମହିଳା ବିରୋଧୀ ଅପରାଧ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୮୪, ବିହାରରେ ୭୫ ଜଣଙ୍କୁ ଦଳ ପକ୍ଷରୁ ଟିକେଟ ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୧/୨୦୧୯ | Bhubaneswar, Wednesday, December 11/2019 | ପୃଷ୍ଠା-୧




**କୋଲାଡୋଙ୍କ ଡବଲ୍ ଗୋଲ୍**

ଜେମି କୋଲାଡୋଙ୍କ ଡବଲ ଗୋଲ୍ ସହାୟତାରେ ଇଷ୍ଟ ବେଙ୍ଗଲ ନେରୋକାକୁ ପରାସ୍ତ କରି ଚଳିତ ଆଇ-ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି।

**୧୬ ୦୮**

**ବାପା ହେଲେ କପିଲ ଶର୍ମା**

କମେଡି କିଙ୍ଗ୍ କପିଲ ଶର୍ମା ଏବେ ବାପା ହୋଇଛନ୍ତି। ତାଙ୍କ ସ୍ତ୍ରୀ ଗିନି ଛତରାଥ ମଙ୍ଗଳବାର ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଏନେଇ ନିଜେ କପିଲ ଟୁଇଟ୍ କରି ଜଣାଇଛନ୍ତି।



## ପିଏମ୍ କିଷାନ ଲାଗି ଆଧାର ଅନିବାର୍ଯ୍ୟ

**ନୂଆଦିଲ୍ଲୀ,୧୦।୧୨:** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା (ପିଏମ୍-କିଷାନ)ର ଲାଭ ନେବା ଲାଗି ଡିସେମ୍ବର ପରଠାରୁ ଆଧାର ଅନିବାର୍ଯ୍ୟ ହେବ। ଆଧାର ପ୍ରମାଣନ ହୋଇଥିବା କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯୋଜନା ଅର୍ଥ ଦିଆଯିବ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଲୋକସଭାରେ ସୂଚନା ଦେଇଛନ୍ତି। ପିଏମ୍ କିଷାନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୪ କୋଟି କୃଷକ ଯୋଡିହୋଇଛନ୍ତି। ଏମାନଙ୍କୁ ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କା ପ୍ରଦାନ ଲାଗି ଯୋଜନା ରହିଛି। ପ୍ରଥମ କିସ୍ତି ପାଇବା ଲାଗି ଡିସେମ୍ବର ୨୦୧୮ରୁ ମାର୍ଚ୍ଚ ୨୦୧୯ ମଧ୍ୟରେ ଆଧାରକୁ ଇଚ୍ଛାଧୀନ କରାଯାଇଥିଲା। ଏହାବାଦ ଆସାମ, ମେଘାଳୟ ଏବଂ ଜମ୍ମୁ କଶ୍ମୀର ଲାଗି ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ଆଧାରକୁ ଇଚ୍ଛାଧୀନ କରାଯାଇଛି। ଦ୍ୱିତୀୟ କିସ୍ତି ପାଇବା ଲାଗି ଆଧାର ନିଶ୍ଚିତ ଭାବେ ଦେବାକୁ ପଡିବ। ଆଧାର ସଂଯୋଗୀକରଣ ବିଳମ୍ବ ହେବା ଯୋଗୁ ଏହି ସର୍ତ୍ତକୁ ନଭେମ୍ବର ୩୦ ଯାଏ କୋହଳ କରାଯାଇଥିଲା। ମାତ୍ର ଡିସେମ୍ବର ୧ ପରଠାରୁ ହିତାଧିକାରୀଙ୍କ ଲାଗି ଆଧାର ସଂଯୋଗ ବାଧ୍ୟତାମୂଳକ ବୋଲି କୁହାଯାଇଛି।

**ଆଜିର ସମ୍ପାଦକୀୟ**

**ଗ୍ରହଣ କରନାହିଁ**

**ଆଜିର ମନ୍ତବ୍ୟ**

"ସମାନ ଅଧିକାରର ଦୂରଦୃଷ୍ଟିକୁ ସମାଜ ପରିତ୍ୟାଗ କରିଦେଇଛି କି ସେ ନେଇ ଆମକୁ ଚିନ୍ତା କରିବାକୁ ବାଧ୍ୟ କରିଛି ମହିଳା ବିରୋଧୀ ଅପରାଧ।

**-ରାମନାଥ କୋବିନ୍ଦ, ରାଷ୍ଟ୍ରପତି**


Taste the difference! Vencobb FRESH CHICKEN

10.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 84 | 137 | 147 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 84 | 137 | 147 |
| BHM | 85 | 139 | 149 |

*Conditions Apply

Issued in the Interest of Consumers


■ ବକେୟା ପାଇଁ ଦେବାଳିଆ ହେଲେଣି ବିଦ୍ୟୁତ୍ ବଣ୍ଟନ କମ୍ପାନୀ

# ବିଦ୍ୟୁତ୍ କାଟ ଚେତାବନୀ ଦେଲା ସେସୁ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)



■ ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ବକେୟା ପଇଠ କରିବାକୁ ନିବେଦନ କଲା

■ ୯୨% ଘରୋଇ ଉପଭୋକ୍ତାଙ୍କ ଉପରେ ୧୦୨୩ କୋଟି ବାକି

■ ୩ ବଣ୍ଟନ କମ୍ପାନୀ, ସେସୁ ଉପରେ ଗ୍ରୀଡ୍‌କୋ ବକେୟା ୩୯୩୭ କୋଟି

ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ବକେୟା ବଣ୍ଟନ କମ୍ପାନୀଗୁଡିକୁ ଦେବାଳିଆ କରି ସାରିଲାଣି। ବାକି ଟଙ୍କା ଆଦାୟ ନ କଲେ କମ୍ପାନୀଗୁଡିକୁ ଚଳାଇବା ସମ୍ଭବ ହେବ ନାହିଁ। ବିଦ୍ୟୁତ୍ ବିଲ୍ ଆଦାୟ କରିବା ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ବକେୟା ବିଲ୍ ପଇଠ ନ କଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ। ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି(ସେସୁ) ପକ୍ଷରୁ ଉପଭୋକ୍ତାମାନଙ୍କୁ ଏମିତି ଚେତାବନୀ ଦିଆଯାଇଛି। ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ହୋଇ ନ ପାରିବାରୁ ସେସୁ ଋଣବୋଝରେ ବୁଡିବାକୁ ବସିଲାଣି। ସେସୁ ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ) ଅରୁଣ ବୋଥ୍ରା ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସେସୁ ଦେବାଳିଆ ଅବସ୍ଥା ଦେଇ ଗତି କରୁଛି। ଉପଭୋକ୍ତାମାନଙ୍କୁ ସେସୁ ୨୪ ଘଣ୍ଟିଆ ଏବଂ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଉଦ୍ୟମ ଜାରି ରଖିଛି। ତେବେ ଉପଭୋକ୍ତାଙ୍କ ମଧ୍ୟରୁ ଲକ୍ଷାଧିକ ବକେୟା ଅର୍ଥ ପଇଠ କରିନାହାନ୍ତି। ବିଦ୍ୟୁତ୍ ବକେୟା ୧ ହଜାର ୯୭୧ କୋଟି ଟଙ୍କାରେ ପହଞ୍ଚିଲାଣି। ୫୮ ହଜାର ୫୪୮ଜଣ ଉପଭୋକ୍ତାଙ୍କ ଉପରେ ୫୦ ହଜାର ଟଙ୍କାରୁ ୬୯୧ କୋଟି ଟଙ୍କା ଯାଏ ବକେୟା ରହିଛି। ସେହିପରି ଗତ ଦୁଇବର୍ଷ ମଧ୍ୟରେ ୧,୦୪,୦୦୦ ଉପଭୋକ୍ତାଙ୍କ ଉପରେ ୩୯୪ କୋଟି ଟଙ୍କା ବକେୟା ରହିଛି। ୯୨ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କ ଉପରେ ୧୦୨୩ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଛି। ସେହିପରି ୭.୧ ପ୍ରତିଶତ ବ୍ୟବସାୟିକ ଉପଭୋକ୍ତାଙ୍କ ଉପରେ ୧୦୮ କୋଟି ଟଙ୍କା ବକେୟା ବାକି ପଡିଛି । ଯଦି ଏତେ ପରିମାଣ ଅର୍ଥ ବାକି ରହିବ ତେବେ ସେସୁ କିଭଳି ସେବା ଯୋଗାଇ ପାରିବ ବୋଲି ବୋଥ୍ରା କହିଛନ୍ତି। ବକେୟା ପଇଠ ନ କଲେ ବିଦ୍ୟୁତ୍ ବିଚ୍ଛିନ୍ନ କରିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ। ତେଣୁ ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ସମସ୍ତ ବକେୟା ବିଦ୍ୟୁତ୍ ବିଲ୍ ପଇଠ କରିବାକୁ ସିଇଓ ଉପଭୋକ୍ତାଙ୍କୁ ଅନୁରୋଧ କରିଛନ୍ତି। ନଚେତ ଜାନୁୟାରୀ ୧୬ରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ସେ କହିଛନ୍ତି। ଏ ନେଇ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ, ଥାନା ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ନୋଟିସ ଲଗାଯିବ। ଏଥିସହିତ ବକେୟା ରଖିଥିବା ଉପଭୋକ୍ତାଙ୍କୁ ଏସ୍‌ଏମ୍‌ଏସ୍ କିମ୍ବା ଡାକ ଜରିଆରେ ବକେୟା ସମ୍ପର୍କରେ ଜଣାଇ ଦିଆଯିବ ବୋଲି ବୋଥ୍ରା କହିଛନ୍ତି।

ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମି ଅତ୍ୟନ୍ତ ଦୟନୀୟ ଅବସ୍ଥା ଦେଇ ଗତି କରୁଛି। ଋଣଭାର ସାଙ୍ଗକୁ ବିଦ୍ୟୁତ୍ ସଙ୍କଟ ସମଗ୍ର ବ୍ୟବସ୍ଥାକୁ ଦୋହଲାଇ ଦେଲାଣି । ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ, ଶୁଳ୍କ ଆଦାୟ, ଋଣ ବୋଝ, ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱହୀନତାରୁ ☞ପୃଷ୍ଠା-୨

## ସୂଚନା ଅଧିକାର କର୍ମୀଙ୍କୁ ଗୁଳିକରି ହତ୍ୟା

ବାଲିଗୁଡ଼ା (ଡି.ଏନ୍.ଏ.)/ ଫୁଲବାଣୀ ଅଫିସ,୧୦।୧୨

କନ୍ଧମାଳ ଜିଲା ବାଲିଗୁଡ଼ା ଅଞ୍ଚଳର ଜଣେ ସୂଚନା ଅଧିକାର କର୍ମୀଙ୍କୁ ମଙ୍ଗଳବାର ସକାଳେ ଗୁଳିକରି ହତ୍ୟା କରାଯାଇଛି। ମୃତକ ହେଲେ ସ୍ଥାନୀୟ ପାତ୍ର ସାହିର ଅଭିମନ୍ୟୁ ପଣ୍ଡା। ଦୁଇ ଦୁର୍ବୃତ୍ତ ଅଭିମନ୍ୟୁଙ୍କୁ ତାଙ୍କ ଘର ସମ୍ମୁଖରେ ଗୁଳି କରିଥିଲେ। ବାଲିଗୁଡ଼ା ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ଏଭଳି ଘଟଣା ଘଟିବା ନେଇ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଘଟଣାସ୍ଥଳରୁ ୨ଟି ଖୋଳ ଜବତ କରାଯାଇଛି। ଗୁଳିକାଣ୍ଡକୁ ନେଇ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯିବା ସହ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ନିମନ୍ତେ ଦାବି କରାଯାଇଛି। ଅଭିମନ୍ୟୁ କଂଗ୍ରେସର ଜଣେ ବରିଷ୍ଠ କର୍ମୀ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ମଧ୍ୟ ସେ ସଦସ୍ୟ ଥିଲେ। ସୂଚନା ଅଧିକାର ଆଇନ ବଳରେ ଜିଲାରେ ଠିକା ସଂସ୍ଥା ଦ୍ୱାରା ହେଉଥିବା ବଡ଼ ବଡ଼ କାର୍ଯ୍ୟର ତଥ୍ୟ ମାଗୁଥିଲେ।



ଅଭିମନ୍ୟୁ ପଣ୍ଡା

ଶନିବାର ସକାଳ ପ୍ରାୟ ୭ଟାରେ ଏକ ବାଇକ୍‌ରେ ଦୁଇ ଯୁବକ ଅଭିମନ୍ୟୁଙ୍କ ଘର ନିକଟକୁ ଆସିଥିଲେ। ସେମାନେ ଅଭିମନ୍ୟୁଙ୍କୁ ଡାକି କଥାବାର୍ତ୍ତା କରିବା ପରେ କିଛି କାଗଜପତ୍ର ମାଗିଥିଲେ। ଏହି ସମୟରେ ଜଣେ ଯୁବକ ଚାଲିଯାଇ ବାଇକ୍‌ରେ ବସିଥିଲେ। ଅନ୍ୟ ଯୁବକ ଜଣକ ଗୁଳିମାଡ଼ କରି ଉକ୍ତ ବାଇକ୍ ପଛରେ ବସି ଫେରାର ହୋଇଯାଇଥିଲେ। ଅଭିମନ୍ୟୁଙ୍କ ଛାତିରେ ୨ଟି ଗୁଳି ବାଜିଥିବାରୁ ସେ ତଳେ ପଡ଼ି ☞ପୃଷ୍ଠା-୨

■ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ

# ବିଜୟ ମିଶ୍ରଙ୍କୁ 'ଜୟଦେବ ପୁରସ୍କାର'

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

■ 'ଭିଜା ମାଟିର ସ୍ୱର୍ଗ' ଶ୍ରେଷ୍ଠ ଚଳଚ୍ଚିତ୍ର

■ ଅର୍ଚ୍ଚିତା ଶ୍ରେଷ୍ଠ ଅଭିନେତ୍ରୀ, ମିହିର ଦାସ ଶ୍ରେଷ୍ଠ ଅଭିନେତା

■ ଶ୍ରେଷ୍ଠ ନିର୍ଦ୍ଦେଶକ ମନମୋହନ ମହାପାତ୍ର

ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ, ସଂଳାପ ଲେଖକ ତଥା ନାଟ୍ୟକାର ଡ. ବିଜୟ ମିଶ୍ରଙ୍କୁ ୨୦୧୮ ମସିହା ପାଇଁ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଦିଆଯାଉଥିବା ସର୍ବୋଚ୍ଚ 'ଜୟଦେବ ପୁରସ୍କାର' ପ୍ରଦାନ କରାଯିବ। ସଂଳାପ ରଚନା ଓ ଚଳଚ୍ଚିତ୍ର ନିର୍ଦ୍ଦେଶନା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ବିଜୟଙ୍କୁ ୧ଲକ୍ଷ ଟଙ୍କା ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂସ୍କୃତି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏନେଇ ସୂଚନା ଦେଇଛନ୍ତି। ଏଥିସହ ୨୦୧୮ ମସିହା ଲାଗି ମୋଟ ୨୭ ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ଘୋଷଣା କରାଯାଇଛି। ଡିସେମ୍ବର ୧୯ରେ ଉତ୍କଳ ମଣ୍ଡପଠାରେ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ ହୋଇ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ।

'ଭିଜା ମାଟିର ସ୍ୱର୍ଗ'କୁ ଏଥର 'ଶ୍ରେଷ୍ଠ ଚଳଚ୍ଚିତ୍ର' ଭାବେ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ' ସମ୍ମାନ ପ୍ରଦାନ କରାଯିବ। ୫୦ହଜାର ଟଙ୍କା ଅର୍ଥରାଶି ବିଶିଷ୍ଟ ଏହି ପୁରସ୍କାର ଚଳଚ୍ଚିତ୍ରର ପ୍ରଯୋଜକ ଅକ୍ଷୟ କୁମାର ପରିଜା ଗ୍ରହଣ କରିବେ।



ବିଜୟ ମିଶ୍ର

ସେହିପରି ଚଳଚ୍ଚିତ୍ର 'ଭିଜା ମାଟିର ସ୍ୱର୍ଗ' ପାଇଁ ଏଥର 'ଶ୍ରେଷ୍ଠ ନିର୍ଦ୍ଦେଶକ' ଭାବେ ମନମୋହନ ମହାପାତ୍ର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବେ। 'ଭିଜା ମାଟିର ସ୍ୱର୍ଗ'ରେ ଉଲ୍ଲେଖନୀୟ ଅଭିନୟ ପାଇଁ ୨୦୧୮ ବର୍ଷ ଲାଗି 'ଶ୍ରେଷ୍ଠ ଅଭିନେତା' ଭାବେ ମିହିର ଦାସ ମନୋନୀତ ହୋଇଛନ୍ତି। ସେହିଭଳି 'ଚମ୍ପିଆନ୍' ଫିଲ୍ମ ପାଇଁ ଅର୍ଚ୍ଚିତା ସାହୁ ଏଥର 'ଶ୍ରେଷ୍ଠ ଅଭିନେତ୍ରୀ' ପୁରସ୍କାର ପାଇବେ। ଚଳଚ୍ଚିତ୍ର 'ଫେରିଆ କମ୍‌ବ୍ୟାକ୍'ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ଶାନ୍ତିରାଜ ଖୋସ୍‌ଲାଙ୍କୁ ଏଥର 'ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ' ଭାବେ 'ବାଳକୃଷ୍ଣ ଦାଶ ସମ୍ମାନ' ପ୍ରଦାନ କରାଯିବ। 'ଓଲେ ଓଲେ ଦିଲ୍ ବୋଲେ'ର ଡି. ନିରଞ୍ଜନ ରେଡ୍ଡିଙ୍କୁ 'ଶ୍ରେଷ୍ଠ ସଂଳାପ ଲେଖକ', 'ଫେରିଆ କମ୍‌ବ୍ୟାକ୍' ଚଳଚ୍ଚିତ୍ରର 'ମାଣକ ପୂରିଲା' ଗୀତ ପାଇଁ କରୁଣା କରଙ୍କୁ 'ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ', 'ସାଥୀ ତୁ ଫେରିଆ' ☞ପୃଷ୍ଠା-୨





ସନିଆର କନିଆ ଦେଖା

ଦେଖନ୍ତୁ ଭିଡିଓ

YouTube /dharitrilive






| ମଡେ଼ଲ | Tiago | Tigor | Nexon | Hexa | Harrier |
|---|---|---|---|---|---|
| ଏହି ଦଶନ୍ଧିର ସର୍ବୋତ୍କୃଷ୍ଟଅଫର | ₹85,000* | ₹97,500* | ₹90,000* | ₹2,25,000* | ₹1,75,000* |

To know more visit http://drivethefuture.tatamotors.com | Toll free number: 18002098282 | /tatamotorsgroup /tatamotors

Special offers for Government / Corporate Employees, Police Dept., LIC Employees & Agents, Bank Employees, Government Hospital-Doctors & Staff

Up to 100% On-road Funding* & Tenure up to 84 months*.

SPECIAL OFFERS FOR CSD
EXCHANGE THROUGH TATA MOTORS ASSURED

Authorised Tata Motors Dealers:

BHUBANESWAR /PURI- Dion Automotives- 9319452597 | BHUBANESWAR- Trupti Enterprises- 8448512636 | KENDRAPADA - Trupti Enterprises- 8448512636 | BERHAMPUR - Dion Automotives- 9319452597 | NAYAGARH/PARADIP- Trupti Enterprises- 8448512636 | CUTTACK/KEONJHAR/JAJPUR - Gugnani Autocars: 7303658971 | ANGUL Monalisha Motors: 7303658551 | DHENKANAL Monalisha Motors: 8448576936 | BALASORE/BHADRAK/ BARIPADA/MAYURBHANJ: Premier Motors : 9148625958 | JEYPORE- Lankeswari Motors 7428094709

**କିଛି ତଥ୍ୟ**

ଚଳିତ ବର୍ଷ ନଭେମ୍ବରରେ ଜୁଏଲେରୀ ରପ୍ତାନି ୪.୭% ହ୍ରାସ ଘଟି ୧୮,୧୩୬.୨ କୋଟି ଟଙ୍କା ରହିଛି।
–ଜିଜେଇପିସି


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





**ପ୍ରଥମ ପୃଷ୍ଠାରୁ...**

## ବିଦ୍ୟୁତ୍ କାଟ ଚେତାବନୀ ...

ଭିତ୍ତିଭୂମି ଭୁଶୁଡିବାକୁ ବସିଲାଣି। ବିଦ୍ୟୁତ୍ କିଣି ଯୋଗାଉଥିବା ଗ୍ରୀଡ୍‌କୋ ଋଣ ବୋଝରେ ଏମିତି ବୁଡିଲାଣି ଯେ, ଆଗାମୀ ୨/୩ ବର୍ଷ ମଧ୍ୟରେ ଆଉ କିଣିବା ଅବସ୍ଥାରେ ରହିବ ନାହିଁ। ଗୋଟିଏ ପଟେ ଗ୍ରୀଡ୍‌କୋ ଋଣ ବୋଝରେ ଛଟପଟ ହେଉଥିବା ବେଳେ ଅନ୍ୟପଟେ ବିତରଣ କମ୍ପାନୀଗୁଡିକର ନୈରାଶ୍ୟଜନକ ବିଦ୍ୟୁତ୍ ଶୁଳ୍କ ଆଦାୟ ପରିସ୍ଥିତିକୁ ଜଟିଳ କରିବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଓ ସେସୁ ଉପରେ ଗ୍ରୀଡ୍‌କୋର ବକେୟା ୩,୯୩୭.୪୮ କୋଟି ଟଙ୍କା ଥିବାବେଳେ ବିଶ୍ୱବ୍ୟାଙ୍କ ଏବଂ ସରକାର ଗ୍ୟାରେଣ୍ଟର ପଡି ଦେଇଥିବା ଋଣ ପରିମାଣ ୨,୯୦୮.୫୫ କୋଟିରେ ପହଞ୍ଚିଲାଣି। ସେସୁ ଉପରେ ଗ୍ରୀଡ୍‌କୋ ବକେୟା ୧,୦୭୫.୯୨ କୋଟି ଥିବାବେଳେ ୱେସ୍‌କୋ ଉପରେ ୧,୧୧୮.୯୨ କୋଟି, ନେସ୍କୋ ଉପରେ ୮୮୨.୦୬ କୋଟି ଏବଂ ସାଉଥ୍‌କୋ ଉପରେ ୮୬୦.୫୮ କୋଟି ବାକି ପଡିଛି। ସେହିପରି ସେସୁ ନେଇଥିବା ୧,୭୯୭ କୋଟି ଟଙ୍କା ପଇଠ କରୁ ନ ଥିବା ବେଳେ ୱେସ୍‌କୋ ୩୦୭.୯୩, ନେସ୍କୋ ୩୯୩.୭୮ କୋଟି ଏବଂ ସାଉଥ୍‌କୋ ୩୦୯.୫୫ କୋଟି ଟଙ୍କାର ଋଣ ଶୁଝୁନାହାନ୍ତି।

## ବିଜୟ ମିଶ୍ରଙ୍କୁ ...

ଚଳଚ୍ଚିତ୍ରର 'ଶ୍ରାବଣ ଅଛି ବରଷା ନାହିଁ...' ଗୀତ ପାଇଁ ଅନ୍ତରା ଚକ୍ରବର୍ତ୍ତୀଙ୍କୁ 'ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା', 'ଭିଜା ମାଟିର ସ୍ୱର୍ଗ' ଚଳଚ୍ଚିତ୍ରର ଦିଲୀପ ରାୟଙ୍କୁ 'ଶ୍ରେଷ୍ଠ ଚିତ୍ରଗ୍ରହଣକାରୀ', 'ଫେରିଆ କମ୍‌ବ୍ୟାକ୍' ପାଇଁ ଅମରେନ୍ଦ୍ର ମହାପାତ୍ରଙ୍କୁ 'ଶ୍ରେଷ୍ଠ ସମ୍ପାଦନା', 'ସାଥୀ ତୁ ଫେରିଆ' ଚଳଚ୍ଚିତ୍ରର 'ଶ୍ରାବଣ ଅଛି ବରଷା ନାହିଁ' ଗୀତ ପାଇଁ ବସନ୍ତରାଜ୍ ସାମଲଙ୍କୁ 'ଶ୍ରେଷ୍ଠ ଗୀତିକାର' ଓ 'ଭିଜା ମାଟିର ସ୍ୱର୍ଗ' ଫିଲ୍ମର ଆଶୁତୋଷ ମହାପାତ୍ରଙ୍କୁ 'ଶ୍ରେଷ୍ଠ ଚିତ୍ରନାଟ୍ୟ' ପାଇଁ ସମ୍ମାନିତ କରାଯିବ। 'ଚମ୍ପିଆନ୍' ଚଳଚ୍ଚିତ୍ରର ମନୋଜ ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା', 'ଫେରିଆ କମ୍‌ବ୍ୟାକ୍'ର ଶିବାନୀ ଖରାଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ', 'ଦିୱାନା ହେଲି ତୋ ପାଇଁ'ର ରାକ୍ଷୀଙ୍କୁ 'ଶ୍ରେଷ୍ଠ ହାସ୍ୟ ଅଭିନେତା', 'ଫେରିଆ କମ୍‌ବ୍ୟାକ୍'ର ସାର୍ଥକ ହୋତାଙ୍କୁ 'ଶ୍ରେଷ୍ଠ ଶିଶୁ କଳାକାର', ସେହି ଫିଲ୍ମର ସଂଗ୍ରାମ ମହାରଣାଙ୍କୁ 'ଶ୍ରେଷ୍ଠ କଳା ନିର୍ଦ୍ଦେଶକ', 'ଜୀବନର ଚଲାପଥେ'ର ନିତ୍ୟଶ୍ରୀ ରଞ୍ଜନଙ୍କୁ 'ଶ୍ରେଷ୍ଠ ଶବ୍ଦଗ୍ରହଣକାରୀ' ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ସେହିପରି ସ୍ୱତନ୍ତ୍ର ଜୁରି ବିଭାଗରେ ଏଥର ପ୍ରାମାଣିକ ଚଳଚ୍ଚିତ୍ର 'କହେ ବଲ୍ଲଭ' ଓ 'ଜୀବନର ଚଲାପଥେ' ଚଳଚ୍ଚିତ୍ରର ଅଭିନେତା ସୌମ୍ୟକାନ୍ତ ଖଣ୍ଡାଲୀଙ୍କୁ ପୁରସ୍କୃତ କରାଯିବ। ଚଳିତବର୍ଷ 'ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର' ପାଇଁ କେହି ଆବେଦନ କରି ନ ଥିବାବେଳେ 'ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର' ବିଭାଗରେ କଲ୍ୟାଣୀ ମିଶ୍ର ଓ ରଣଜିତ ରଥଙ୍କ 'ଭିନ୍ନ ଭିଟାମାଟି' ଏବଂ ନୀଳ ମହାପାତ୍ରଙ୍କ 'ଦି ସନ୍ ଅଫ୍ ରିଭର୍', ଓଡ଼ିଶାର ଆଦିବାସୀ ଭାଷାରେ ପ୍ରସ୍ତୁତ ଶେଷ୍ଠ ଚଳଚ୍ଚିତ୍ର ବିଭାଗରେ 'ହୋ' ସମାଜ ଫିଲ୍ମ ଏକାଡେମୀ ଦ୍ୱାରା ପ୍ରସ୍ତୁତ 'ଆମାଗେ ଜୁଲି' ପୁରସ୍କୃତ ହେବ। 'ଭିଜା ମାଟିର ସ୍ୱର୍ଗ'ର ନନ୍ଦଲାଲ ମହାପାତ୍ରଙ୍କୁ 'ଶ୍ରେଷ୍ଠ ଡାଏଲଗ୍ ଲେଖକ', 'ଫେରିଆ କମ୍‌ବ୍ୟାକ୍'ର ପ୍ରସନ୍ନ ଶତପଥୀଙ୍କୁ 'ଶ୍ରେଷ୍ଠ ବେଶପୋଷାକ ସଜ୍ଜାକାରୀ' ଏବଂ ମୁନା ବାବୁଙ୍କୁ 'ଶ୍ରେଷ୍ଠ ନୃତ୍ୟ ସଂଯୋଜକ', 'ଦିୱାନା ହେଲି ତୋ ପାଇଁ'ର ସମରେଶ ପାଲଙ୍କୁ 'ଶ୍ରେଷ୍ଠ ରୂପ ସଜ୍ଜାକାରୀ'ଭାବେ ପୁରସ୍କୃତ କରାଯିବ।

## ସୂଚନା ଅଧିକାର ...

ଛଟପଟ ହେଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବାଲିଗୁଡା ହସ୍ପିଟାଲ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜନୈତିକ କାରଣ ନା ପୂର୍ବ ଶତ୍ରୁତା କିମ୍ବା ସୂଚନା ଅଧିକାର ବଳରେ ମାଗିଥିବା ତଥ୍ୟକୁ ନେଇ ଅଭିମନ୍ୟୁଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ଜଣାପଡିନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉଚ୍ଚସ୍ଥ ଚନ୍ଦ୍ର ହେତୁ ସୁସ୍ଥ ମାନସିକତା ସହ ଏକ ଅଜଣା ଆବେଗରେ ମନ ଉଦ୍‌ବେଳିତ ହେବ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ** ଚନ୍ଦ୍ର ପ୍ରଭାବରେ ଆପଣ ଦୃଢ଼ ପଦକ୍ଷେପ ନେବା ପାଇଁ କାମ କରିଚାଲିଲେ ଗତକାଲିର ରହିଯାଇଥିବା କାମଗୁଡିକ ଆଜି କିନ୍ତୁ ଅଟକିବ ନାହିଁ। ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଆର୍ଥିକ ସ୍ଥିତିରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ ଏବଂ କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ବ୍ୟବସାୟ, ପରିବହନ ଓ ଚେଷ୍ଟା କରୁଥିବା କାମରେ ଲାଭବାନ ହେବେ। ବନ୍ଧୁମାନଙ୍କ ଦ୍ୱାରା ଉତ୍ସାହିତ ହୋଇ ଦୂର ଯାତ୍ରା ସହ ଦେବଦର୍ଶନର ସୁଯୋଗ ପାଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**କର୍କଟ** ଆଜି ବିଶେଷ ଭ୍ରମଣଜନିତ ମନ ଏକ ପ୍ରକାର ମାନ୍ଦା ରହିବା ଫଳରେ କୌଣସି କାମରେ ଉତ୍ସାହ ଲାଗି ନ ପାରେ। ବିଚାର ନ କରି କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିସ୍ଥିତିକୁ ସାମନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ଖଟାଇ ସମସ୍ୟାର ମୁକାବିଲା କରିବେ। ଗତକାଲିର ଯୋଜନାକୁ ଠିକ୍ ଭାବରେ ବଦଳାଇବା କଷ୍ଟକର ହୋଇପାରେ।

**ସିଂହ** ଯେତେ ପ୍ରକାରେ ସମସ୍ୟା ସୁଧାରିବାକୁ ଚେଷ୍ଟା କଲେ ମଧ୍ୟ ଆକସ୍ମିକ ଅନ୍ୟାନ୍ୟ କେତେକ ସମସ୍ୟା କାମକୁ ବିଗାଡିଦେବାର ଆଶଙ୍କା ରହିଛି। ବିଭିନ୍ନ କ୍ଷେତ୍ରରୁ ମିଥ୍ୟା ଅଭିଯୋଗ ଆସିପାରେ, ଏଣୁ ସତର୍କତାର ସହ କାମ କରିବା ଭଲ ହେବ। ଆନୁଷ୍ଠାନିକ କ୍ଷେତ୍ରରେ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**କନ୍ୟା** ସବୁ ସୁବିଧା ଥିଲେ ମଧ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବାରୁ ମନ ଭଲ ରହିବ ନାହିଁ। ପୁନଶ୍ଚ ବିଭିନ୍ନ ପ୍ରକାରର ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଆକସ୍ମିକ ଭାବରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ବିଳମ୍ବିତ କରିପାରେ। ସାହିତ୍ୟାଲୋଚନା, ବକ୍ତୃତା କ୍ଷେତ୍ରରେ ପ୍ରଶଂସିତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ନିଜର ସଚ୍ଚୋଟତା ଓ ନିର୍ଭୀକତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଘର ସାଜସଜ୍ଜା କିମ୍ବା ମରାମତି କାମରେ ସମୟ ଅତିବାହିତ କରିବେ। ନିଜ ନିଜର ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

**ବିଛା** ଆଜି ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବୃଦ୍ଧି ପାଇବ ଏବଂ ଏକ ନୂତନ କାମରେ ନିଜକୁ ନିୟୋଜିତ କରି ଅଧିକାଂଶ ସମୟ ବ୍ୟସ୍ତ ରହିବେ। ଆଲୋଚନା କ୍ଷେତ୍ରରେ, ପ୍ରଶାସନିକ କାମରେ, ରାଜନୀତିର ଚର୍ଚ୍ଚାରେ, ଯାତ୍ରା କ୍ଷେତ୍ରରେ ତଥା ସଭା ସମିତିରେ ଆଶାଜନକ ଫଳ ପାଇବେ। ତଥାପି ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରୁହନ୍ତୁ।

**ଧନୁ** ପରିବାରର ସଦସ୍ୟମାନେ ଆପଣଙ୍କୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରି ପାରନ୍ତି। ଅତି ନିଜର ପ୍ରିୟ ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧରେ କଥା କହିପାରେ। କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିଲେ କ'ଣ ହେବ, କାମଗୁଡିକ ଠିକ୍ ଭାବେ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେବ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାର ପ୍ରୟାସ କରିବେ।

**ମକର** ମନ ଏକ ପ୍ରକାର ଭଲ ରହିବ ଏବଂ ଅର୍ଥ ପ୍ରାପ୍ତିର ଆଶାକୁ ଚରିତାର୍ଥ କରିବାର ଚେଷ୍ଟା କରିପାରନ୍ତି। ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ସହ ବୁଝାମଣା ଠିକ୍ ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ଓ ବ୍ୟବସାୟିକ କ୍ଷେତ୍ର, ପରିବହନ, ଏଜେନ୍ସିପ୍, କଚେରି ମାମଲା, ସଭାସମିତିରେ ସୁଫଳ ପାଇବେ।

**କୁମ୍ଭ** ସବୁ କଥାରେ ଭାବିଚିନ୍ତି ପଦକ୍ଷେପ ନେବା ଭଲ ହେବ ନଚେତ୍ କେଉଁ ମୁହୂର୍ତ୍ତରେ ସମସ୍ୟା ମାଡି ଆସିବ ତାହା ଚିନ୍ତା କିମ୍ବା କଳ୍ପନା କରିପାରିବେ ନାହିଁ। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ କାମଟିକୁ ଛାଡି ପାରିବେ ନାହିଁ ଅବଶ୍ୟ କେତେକାଂଶରେ ଉପକୃତ ହେବେ। ଗୋପନରେ ଶତ୍ରୁତା କରୁଥିବା କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରନ୍ତି।

**ମୀନ** ସବୁ ପ୍ରକାରର ସୁବିଧା ସୁଯୋଗ ପାଇ ଖୁସୀ ହେବେ। ପାଖ ପଡୋଶୀ କିମ୍ବା ଆତ୍ମୀୟମାନଙ୍କଠାରୁ ଅଯାଚିତ ଭାବେ ସହାୟତା ପାଇବେ। ପରିସ୍ଥିତି ବଶତଃ ଅଧସ୍ତନ କର୍ମଚାରୀ କିମ୍ବା ସହକର୍ମୀଙ୍କୁ କଟୁକଥା ପ୍ରୟୋଗ କରି ସୁସମ୍ପର୍କ ହରାଇବେ। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

ଆଜି ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପଞ୍ଚୁପୂର୍ଣ୍ଣିମା ବୁଧବାର, ଶ୍ରୀମନ୍ଦିରରେ ପଞ୍ଚୁ ନୃସିଂହ ବିଜେ, ପଞ୍ଚୁ ଓଷା, ପୂର୍ଣ୍ଣିମାର ଚନ୍ଦ୍ରପୂଜା, ଉପବାସ,ଡିସେମ୍ବର ୧୧ ତାରିଖ, ଅନ୍ତର୍ଜାତୀୟ ପର୍ବତ ଦିବସ, ୟୁନିସେଫ୍ ଦିବସ, ରାଶି ନକ୍ଷତ୍ର–ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୪୧ମି. ଗତେ ଘ.୮।୨୪ମି. ମଧ୍ୟେ ଅମୃତ ବେଳା। ଦିବା ଘ.୯।୦୦ମି. ଗତେ ଘ.୧୦।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧।୩୯ମି. ଗତେ ଘ.୧।୦୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

Khandayat groom Clerk 41, Engineer 36, PO 39 (caste-no-bar), 7873374269. D-68625

ସବୁଜାତିର Suitable ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। Bio-data ସହ ଯୋଗାଯୋଗ। "Ringceremony", 7978736177. D-68220

Son age 28 B.Tech NIT, Rourkela working Central Govt., MAHARATNA, Salary 18 Lakhs, 7008986003. D-15656

Tanti boy 1986 B.Tech, MBA Software Engineer MNC Bangalore. 9437555525. D-15652

Son age 32 MBBS KMC, Manipal PG Radiology AIMS, Kochi Doctor AIMS, BBSR, 8144589551. D-15658

## GROOM WANTED

ଓଡିଆ ତେଲି ଜାତିର ଝିଅ MBA, ୧୯୮୩ ପାଇଁ ସରକାରୀ ଚାକିରିଆ State Govt. କିମ୍ବା Central Govt.ରେ ଚାକିରି କରୁଥିବା ପାତ୍ର ଆବଶ୍ୟକ। Mob No.- 9437530681 and 8144075237. Early marriage. Caste-no-bar (except SC & ST). D-15608

ଜାତିବନ୍ଧନ ନୁହେଁ। 35,5.3,B.Sc Nursing, Staff Nurse. ମାସିକଆୟ 32,000/-, ପାଇଁ ବର ଆବଶ୍ୟକ। ଅବିବାହିତ, ଛାଡ଼ପତ୍ରପ୍ରାପ୍ତ, ସନ୍ତାନଥିବା ବ୍ୟକ୍ତି ଗ୍ରହଣୀୟ। 8462050474. D-15606

Beautiful SC (pana) girl 1992/ 5'7", Software Hyderabad "VAISNABI" 9238578590. D-68523

Wanted Software Engineer groom for beautiful Brahmin girl 1989, 5'7" B.Tech (IT) serving Software Engineer TCS, annually 12Lakhs father Retd. Engineer settled Bhubaneswar, "Sunasansar". 8249969649. D-15601

Beautiful Khandayat girl MBBS Doctor/ 32/ SBI PO Bhubaneswar 9938199964, 9090486408. D-67261

Girl age 28 B.Tech IIIT, BBSR MBA XIMB, BBSR working in Govt. Bank, 7008986005. D-15657




## SALE

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439




## SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

Residential plots available in Canal road, Laxmi Sagar and Badagad, Contact: 7978751719. D-67518

**Ready to move 2/3 BHK Flat in landmark PH-2, Sunderpada, Big society, clubhouse, park available. A property show held in 13th December 2019 in project site. Contact: 9938569014, 9861433014.** D-15660

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

**New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070.** D-68919

Resale furnished 2BHK flat for sale at Patia top floor. Contact: 7978751719. D-67519

**Gharabari plot of 11,400sqft. along with 6Nos. of shop room size (12'/10') near Hi-Tech Plaza, Sunderpada for sale. Contact: 7709297827.** D-68920

Book 3BHK Duplex having land area 1400sqft. and construction area 2100sqft. at Nandan Vihar, Patia, Bhubaneswar. Price- 77 Lakhs 7504392698. D-68922

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

**ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି– 9348817649, 6371569855.** D-68443

Simplex, duplex near Rasulgarh, GGP, Jagannathnagar for resale. 9853437048, 9439541870. D-15603

**Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320.** D-68444

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68911

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68445

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft.650/- 7008045582, 9692003948. D-15642

**Ready to move 2BHK and 1BHK flats in 1st block out of 6 blocks (84flats) near Mount Litera Zee School Kateni (7k.m from SUM Hospital) is immediate for sale. 9937847725.** D-68525

**1500sqft. gharabari plots with developed 40ft. main entrance road and 30ft. internal road with park, fountain, electricity and gated boundary 9k.m from airport and 2k.m before Xavier University is immediate for sale. 9937162220.** D-68526




300sqft. shop, A/43 near Reliance Fresh, Ruchika Market, Baramunda, Bhubaneswar. 8763246739. D-67262




Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist- 8480939300. D-68712

Ayurvedic full body massage ladies & gents smart therapist, 9668814589. D-68719

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Summer special mesmerizing offer expert therapeutic refreshing massage appointment. 9668374480. D-68918

Male therapist full body massage with relax, Home service available. 8328868891, BBSR. D-15649

Ayurvadic full body massage Ladies & gents. Contact: 9861064981. D-68721

Refresh your mind and soul with best therapy at Orchid Salon/Spa. 9937287222. D-68722




Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.– 9873093017, 9873093217. D-15430

## LOST

ମୁଁ ରାଜକୃଷ୍ଣ ଦିଣ୍ଡା, ପିତା ସ୍ୱର୍ଗତ ନରେନ୍ଦ୍ର ଦିଣ୍ଡା, ଗ୍ରା– ପୂର୍ଣ୍ଣପ୍ରସାଦ, ପୋ– କଇଥଖୋଲା, ଜିଲ୍ଲା– ଭଦ୍ରକ କଇଥଖୋଲାରୁ ଧାମରା ଯିବା ରାସ୍ତାରେ ମୋ ଜମିକବଲା ନଂ–୯୪୧/୨୦୦୫, ମୌଜା– ଜଗନ୍ନାଥପ୍ରସାଦ, ଖାତା ନଂ. ୨୩୧/୧୨୧ ପ୍ଲଟ୍ ନଂ.– ୧୭୯, ୧୮୨, ୧୭୯/୮୯୭ ମୋଟ ଜାଗାର ପରିମାଣ ୨.୪୨ ଡିସିମିଲ ହଜିଛି। ଯଦି କୌଣସି ବ୍ୟକ୍ତି ପାଆନ୍ତି ମୋବାଇଲ– 8895259758, 9777314386 କୁ ଯୋଗାଯୋଗ କରିବେ। D-15662

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

Affidavit before Executive Magistrate, Dhenkanal, 09.12.2019 my surname has Changed from Naik to Baral. Henceforth I shall be known as Kanhu Charan Baral, S/o. Govinda Baral, Vill/ PO- Bhaliabolakateni, PS- Sadar, Dist- Dhenkanal for all purposes. Kanhu Charan Naik. D-66837

In the court of Executive Magistrate Basudevpur. Uttam Barik, allias Ugrasen Barik age 49 son of Harekrushna Barik At Sugo, PO- G.Sugo, Dist- Bhadrak do hereby declare. Uttam Barik and Ugrasen Barik is same and one person. D-15663

By virtue of an affidavit before Notary Public Karanjia Dist.- Mayurbhanj, I Jashabanta Behera, S/o- Mahendra Behera do hereby declare that the title of myself and my father has been mentioned DL No. ORIIR19990000602 and RC Book as wrongly "Singh". The actual title is "Behera" my date of birth is 05.03.1981 . D-15664

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ମନି ରସିଦ ହଜିଯାଇଛି

ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୯୭୨୨୪ ନମ୍ବରରୁ ୯୭୩୦୦ ନମ୍ବର ପର୍ଯ୍ୟନ୍ତ ଧରିତ୍ରୀର ମନି ରସିଦ୍ ଏବଂ ୨୬୪୮୦ ନମ୍ବରରୁ ୨୬୫୦୦ ନମ୍ବର ପର୍ଯ୍ୟନ୍ତ ଓଡ଼ିଶା ପୋଷ୍ଟର ମନି ରସିଦ ହଜିଯାଇଛି। ତେଣୁ ଉକ୍ତ ନମ୍ବର ବିଶିଷ୍ଟ ରସିଦଗୁଡ଼ିକରେ କୌଣସି ନେଣଦେଣକୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଗ୍ରହଣ କରାଯିବ ନାହିଁ।

### ସ୍କୁଲ ଯିବା ପାଇଁ ତାଗିଦ୍ କରିବାର ଦୁଃଖ

# ଦେହରେ ନିଆଁ ଲଗାଇ ଛାତ୍ରଙ୍କ ଆତ୍ମହତ୍ୟା

କୁଆମରା/ବଡ଼ସାହି,୧୦।୧୨(ସ୍ୱ.ପ୍ର/ଡି.ଏନ୍.ଏ.)

ସ୍କୁଲ ଯିବା ପାଇଁ ବଡ଼ ଭଉଣୀ ତାଗିଦ କରିବାରୁ ଜଣେ ନବମ ଶ୍ରେଣୀର ଛାତ୍ର ଦେହରେ କିରୋସିନ ଢାଳି ପୋଡ଼ିହୋଇ ଆତ୍ମହତ୍ୟା କରିଛନ୍ତି। ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ପଶୁଦା ଗ୍ରାମ ଭୋଳାପଦା ସାହିରେ ମଙ୍ଗଳବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଛାତ୍ର ଜଣକ କାଳିଦାସ ମାରାଣ୍ଡି(୧୪)। ଏନେଇ ଖୁଣ୍ଟା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୧/୧୯ )ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସ୍କୁଲ ଯିବା ପାଇଁ ବଡ଼ ଭଉଣୀ ତାଗିଦ କରିବାରୁ କାଳିଦାସ ରାଗି ଯାଇ ଘର ଭିତରେ ପଶି କବାଟ ବନ୍ଦ କରି ଦେଇଥିଲେ। କିଛି ସମୟ ପରେ ଘର ଭିତରୁ ନିଆଁ ବାହାରୁଥିବା ଓ ଚିତ୍କାର ଶୁଣି ପଡୋଶୀ ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିବାରୁ ଗୁରୁତର ଅବସ୍ଥାରେ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



କାଳିଦାସ ମାରାଣ୍ଡି




ଆଇଡିବିଆଇ ଉତ୍ସବ ଫିକ୍ସଡ ଡିପୋଜିଟ୍ସ ଯୋଗେ ପାଆନ୍ତୁ ଆଶ୍ୱାସିତ ଆୟ।
ସୁଧ 7% ପର୍ଯ୍ୟନ୍ତ ବାର୍ଷିକ*
ନିଃଶୁଳ୍କ ନମ୍ବର: 1800-209-4324 / 1800-22-1070
ଆମକୁ ଦେଖନ୍ତୁ ଏଠାରେ: www.idbibank.in
IDBI BANK
Bank Aisa Dost Jaisa
*ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ


ଓଁ ଶ୍ରୀ ସାଇନାଥାୟ ନମଃ

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ ଶ୍ରୀମତୀ ଆହ୍ଲାଦିନୀ ମିଶ୍ର**

ଶ୍ରୀ ଦ୍ୱାରିକା ମୋହନ ମିଶ୍ରଙ୍କ ସହଧର୍ମିଣୀ ଶ୍ରୀମତୀ ଆହ୍ଲାଦିନୀ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରାଦ୍ଧ ଦିବସ ତା୧୩।୧୨।୨୦୧୯ରିଖ (ଶୁକ୍ରବାର)ଦିନ ମଧ୍ୟାହ୍ନ ଘ.୧୨.୩୦ମିନିଟ୍ ସମୟରେ ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମ, ଢେଙ୍କାନାଳ ପରିସରରେ ଅନୁଷ୍ଠିତ ହେବ । ଆପଣମାନଙ୍କର ସଦୟ ଉପସ୍ଥିତି ପାଇଁ ବିନୀତ ଅନୁରୋଧ।

॥ ଇତି ॥

ଶ୍ରୀ ଶାନ୍ତିବର୍ଦ୍ଧନ ମିଶ୍ର
ଶ୍ରୀ ଜୟବର୍ଦ୍ଧନ ମିଶ୍ର


LOVED IN 70 COUNTRIES
BAJAJ THE WORLD'S FAVOURITE INDIAN
ଫାଇଦା ହିଁ ଫାଇଦା !
₹3200/-* ପର୍ଯ୍ୟନ୍ତର ଫାଇଦା
₹2000/-* ପର୍ଯ୍ୟନ୍ତର ରିଆତି + 5 ଫ୍ରୀ ସର୍ଭିସ୍ + 5 ବର୍ଷର ଫ୍ରୀ ୱାରଣ୍ଟୀ

ନୂଆ CT110 ନୂଆ PLATINA H GEAR 110
ଆକର୍ଷକ ସଞ୍ଚୟ CT ଏବଂ Platina ର ଅନ୍ୟ ମଡେଲ୍ ମାନଙ୍କ ଉପରେ ମଧ୍ୟ ଉପଲବ୍ଧ*
କିଛି ଲୁଚାଛପା ଖର୍ଚ୍ଚ ନାହିଁ! ନ୍ୟୁନ ଡାଉନ୍ ପେମେଣ୍ଟ ₹4090/-# ରୁ ଆରମ୍ଭ କିମ୍ବା ₹0/-* ପ୍ରୋସେସିଙ୍ଗ ଫୀ
Call 7219821111 | For Institutional / Bulk orders, please send an e-mail to corporatesales@bajajauto.co.in | OFFER VALID TILL 31ST DECEMBER, 2019
*ନିୟମ ଓ ସର୍ତ୍ତାବଳୀ ଲାଗୁ । ଅଧିକ ଜାଣିବା ପାଇଁ ଭିଜିଟ୍ କରନ୍ତୁ www.bajajauto.com/faydaoffer । CT100 KS ବ୍ୟତିତ CT ଏବଂ Platina ର ସବୁ ମଡେଲ୍ ଉପରେ ସ୍କିମ୍ ବୈଧ, ରିଆତି ଭିନ୍ନ ହୋଇପାରେ । ତାମିଲନାଡୁ, କେରଳ ଓ ଉତ୍ତର ପୂର୍ବ ରାଜ୍ୟରେ ଏହି ସ୍କିମ୍ ଉପଲବ୍ଧ ନାହିଁ । ଫାଇନାନ୍ସ ସମ୍ପୂର୍ଣ୍ଣ ରୂପେ ଫାଇନାନ୍ସରର ବିଚାରଧିନ ଏବଂ କ୍ରେଡିଟ୍ ମାନ ଦଣ୍ଡ ଅଧିନ। ପୂର୍ବ ସୂଚନା ବିନା ଯେକୌଣସି କିମ୍ବା ସବୁ ଅଫରକୁ ବଦଳାଇବା କିମ୍ବା ପ୍ରତ୍ୟାହାର କରିବାର ଅଧିକାର ବଜାଜ ଅଟୋ ନିକଟରେ ସଂରକ୍ଷିତ । #CT100 ES ର ଡାଉନ୍ ପେମେଣ୍ଟ ରାଶି । DCC ଚାର୍ଜ ଅତିରିକ୍ତ, ନିୟମାନୁଯାୟୀ ।
BAJAJ FINANCE LTD - AF
**Authorised Dealers for BAJAJ Auto Ltd.: Bhubaneswar: Lewis Road** VINAYAK BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Balugaon** BHARAT BAJAJ 7381099441 • **Puri GRAND** BAJAJ 9438421344 • **Cuttack: Badambadi SURAJ BAJAJ 8093066603** • **Rahama** MAITREE BAJAJ 9668801781, **Nayagarh MSB BAJAJ 7790048130** • **Keonjhar** JR BAJAJ 9439008692 / 06766254999 • **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722, **Chandikhole** 9937310800. **Authorised Service Centre: Balianta 9937144926, Balipatna** 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara** 9777042612, **Iginia** 7064422415, **Rasulgad** 9937284842, **Nimapada** 9437030368, **Pipili 8917443937, Tangi** 8984562569, **Sakhigopal** 9853942290, **Phulnakhara 9437410737, Niali 9437511829, Choudwar 7735864350, Salepur** 9040452661, **Jagatsinghpur** 9437273939, **Balikuda 9777683351, JajpurTown** 9937888777, **Bhuban** 9438570111, **Kuakhia** 9937312014, **Chhatia** 9040084846, **Kamakhayanagar 9437079287, Parajang 9178061624, 06768261573, Barbil** 9437086335, **Jashipur 9437443161/ 8117041821**. **Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar** 9437426261, **Bidanasi 943787762222, Athgarh** 9937289417, **Bidharpur** 7008503281, **Banki** 8895278126, **Rambha** 7381099445.



MARUTI SUZUKI — NEXA

CREATE NEW EXPERIENCES WITH THE BEST OFFERS OF THE YEAR.

Avail great year-end offers before the stock runs out.




LIMITED PERIOD OFFERS ONLY

VALID TILL 31st DECEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹25 000 | ₹25 000+ 5 YEAR WARRANTY | ₹30 000 | ₹50 000+ 5 YEAR WARRANTY | ₹25 000 | ₹40 000+ 5 YEAR WARRANTY |
| EXCHANGE OFFER | ₹15 000 | ₹15 000 | ₹25 000 | ₹40 000 | ₹40 000 | ₹40 000 |
| CORPORATE OFFER | ₹5 000 | ₹10 000 | ₹10 000 | ₹10 000 | ₹10 000 | ₹10 000 |
| TOTAL SAVINGS# | **₹45 000** | **₹67 400** | **₹65 000** | **₹1 22 900** | **₹75 000** | **₹1 12 700** |

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**BHUBANESWAR: NEXA TWIN CITY** (SKY AUTOMOBILES PH: 9776497764, 7064400101),
**NEXA RAJ BHAVAN ROAD** (NARAYANI MOTORS PH: 9583022008, 7381094898),
**NEXA CYBER CITY** (JYOTE MOTORS PH: 8338033884).

SUZUKI connect — ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

*Offered separately as Genuine NEXA Accessory*

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and a 5-year warranty (2-year standard warranty + 3-year extended warranty) on all NEXA Diesel cars.

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।

–ଶ୍ରୀମା



# ଗ୍ରହଣ କରନାହିଁ

ଭାରତରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଅନେକ ସ୍ଥାନରେ ଅବ୍ୟବସ୍ଥା ଦେଖାଦେବାର ଅଭିଯୋଗ ଜଣାଶୁଣା ବିଷୟ ଭାବେ ରହିଆସିଛି। ଯେବେଠାରୁ ଓଡ଼ିଶା ସମେତ ଅନେକ ରାଜ୍ୟରେ ଆଧାରକୁ ପିଡିଏସ୍ ସହ ଯୋଡ଼ାଗଲାଣି, ସେବେଠୁ ବହୁ ଲୋକ ଅଧିକ ହଇରାଣ ହରକତ ହେଉଛନ୍ତି। ଯାହାଙ୍କ ପାଖରେ ଆଧାର ନମ୍ବର ନାହିଁ ସେମାନେ ଏହି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଦୁଃଖ କେବଳ ସେହିଠାରେ ଅଟକିଯାଇ ନାହିଁ। ଆଧାର କାର୍ଡ ନ ଥିବାରୁ ଖାଦ୍ୟଶସ୍ୟ ନ ପାଇ ଝାଡଖଣ୍ଡ ସିମ୍‌ଡେଗା ଅଞ୍ଚଳର ୧୧ ବର୍ଷୀୟା ସନ୍ତୋଷୀ ୨୮ ସେପ୍ଟେମ୍ବର ୨୦୧୮ରେ ପ୍ରାଣ ହରାଇଥିବା ବିଷୟ ସେତେବେଳେ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଗଣମାଧ୍ୟମ ଦୃଷ୍ଟିକୁ ଆସୁଥିବା ଏଭଳି ଦୁଃଖଦ କାହାଣୀ ସଂଖ୍ୟା ଖୁବ୍ ନଗଣ୍ୟ। ଦେଶର କୋଣଅନୁକୋଣରେ ଏଭଳି ଘଟଣା ଦୈନିକ ଘଟିବାରେ ଲାଗିଛି। କିନ୍ତୁ ଆଜିର କେନ୍ଦ୍ର ସରକାରଙ୍କ କ୍ରୋଧର ଶିକାର ହେବା ପରିବର୍ତ୍ତେ ଆଧାର ବିରୋଧରେ ବାସ୍ତବ ସ୍ଥିତି ଆଲୋଚନା କରିବାକୁ ସବୁ ଗଣମାଧ୍ୟମ ପଛଘୁଞ୍ଚା ଦେଉଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମକୁ ନିଜସ୍ୱ ତଦାରଖରେ କରାଉଥିବା ହେତୁ ଏଭଳି ମାନସିକତା ପ୍ରକାଶ ପାଉଛି।

ଆଧାର କାର୍ଡ ନ ଥିବାରୁ ସନ୍ତୋଷୀଙ୍କ ମୃତ୍ୟୁ ଘଟଣା ନେଇ ସୁପ୍ରିମକୋର୍ଟରେ ଆବେଦନ କରାଯିବା ପରେ ସର୍ବୋଚ୍ଚ ଅଦାଲତ ଏହାକୁ ଏକ ଗମ୍ଭୀର ବିଷୟ ଭାବେ ଅଭିହିତ କରି ଅନାହାର ବା କ୍ଷୁଧାମୃତ୍ୟୁକୁ ନେଇ ସବୁ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଆଧାର କାର୍ଡ ବିନା କୌଣସି ବ୍ୟକ୍ତି ଯେଭଳି ଭୋକିଲା ରହିବେ ନାହିଁ, ସେଥିଲାଗି ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାରଗୁଡ଼ିକୁ କୁହାଯାଇଛି। ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବ୍‌ଡେ ଏ ସଂକ୍ରାନ୍ତ ଏକ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଯେତେବେଳେ ଆଧାର ଉପରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଥିଲେ, ସେହି ପୀଠରେ ସେ ଜଣେ ସଦସ୍ୟ ଥିଲେ। ରାୟରେ କୁହାଯାଇଥିଲା ଯେ, ଆଧାର କାର୍ଡ ନ ଥିଲେ ମଧ୍ୟ କୌଣସି ବ୍ୟକ୍ତି ସେବା ପାଇବାରୁ ବଞ୍ଚିତ ହେବେ ନାହିଁ। ଦେଶର ସର୍ବୋଚ୍ଚ ଅଦାଲତଙ୍କ ସେହି ମୂଲ୍ୟବାନ ମତକୁ ଅନେକ ରାଜ୍ୟ ସରକାର ମାନୁନାହାନ୍ତି। ସେଥିଲାଗି କେବଳ ରାଜ୍ୟ ସରକାରଗୁଡ଼ିକୁ ଦୋଷ ଦେଲେ ଚଳିବ ନାହିଁ। କେନ୍ଦ୍ରରେ ଅବସ୍ଥାପିତ ଏନ୍‌ଡିଏ ସରକାର ମଣିଷ ଜୀବନର ପ୍ରତି ପଦକ୍ଷେପରେ ଆଧାରକୁ ବ୍ୟବହାର କରିବା ଲାଗି ବାଧ୍ୟ କରୁଥିବାରୁ ଭାରତର ଅନେକ ନାଗରିକ ବିଭିନ୍ନ କ୍ଷେତ୍ରରେ ହଇରାଣ ହେଉଛନ୍ତି।

କୁହାଯାଉଛି, ଜନମଙ୍ଗଳ ରାଷ୍ଟ୍ର ଭାରତରେ ସରକାର ଯେଉଁ ପଦକ୍ଷେପ ନେଉଛନ୍ତି ତାହା ସମସ୍ତଙ୍କ ହିତ ପାଇଁ ଉଦ୍ଦିଷ୍ଟ। କିନ୍ତୁ ବାସ୍ତବତା ଭିନ୍ନ କାହାଣୀ ବର୍ଣ୍ଣନା କରୁଛି। ପିଡିଏସ୍‌ରେ ସାଧାରଣ ବର୍ଗଙ୍କ ଉନ୍ନତି ଲାଗି ଆଧାର ଯୋଡ଼ାଯିବା ବିଷୟକୁ ସରକାର ଅଗ୍ରପ୍ରାଧାନ୍ୟ ଦେଉଛନ୍ତି ବୋଲି ଡାକ ପକାଉଥିଲେ ମଧ୍ୟ ତାହାର ସୁଫଳ ତଳସ୍ତରର ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଆଧାର ସଂଯୋଗ ଦ୍ୱାରା ବହୁ ଅଯୋଗ୍ୟ ହିତାଧିକାରୀ ବା କାରସାଦି କରି ଅନେକେ ବ୍ୟବସ୍ଥାର ଫାଇଦା ନେଇଥିବା ବ୍ୟକ୍ତିଙ୍କୁ ଧରାଯାଇପାରିଥିବା କହି ସରକାର ବାହାବା ନେଉଛନ୍ତି। ତେବେ ଏହି ଲକ୍ଷ୍ୟ କେତେଦୂର ପୂରଣ ହୋଇଛି ତାହାର ବାସ୍ତବ ଚିତ୍ର ଠିକ୍ ଭାବେ ପ୍ରକାଶ କରାଯାଉ ନାହିଁ। ବରଂ ଆଧାର ନ ଥିବାରୁ ଗରିବ ଲୋକମାନେ ରାଶନ କାର୍ଡ ଅଭାବରୁ ଦୟନୀୟ ଜୀବନ ବିତାଉଛନ୍ତି।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତେ କିଭଳି ଆହାର ପାଇବେ ତାହା ସୁନିଶ୍ଚିତ କରିବା ହେଉଛି ସରକାରଙ୍କ ଦାୟିତ୍ୱ। ସର୍ବନିମ୍ନ ଖାଦ୍ୟଶସ୍ୟ ଯଦି ନାଗରିକଙ୍କୁ ନ ମିଳେ କିମ୍ବା ସରକାରୀ ବ୍ୟବସ୍ଥା ବିଫଳ ହୁଏ, ତାହାହେଲେ ଆଧାର ଭଳି କାର୍ଯ୍ୟକ୍ରମ ଦେଶ ଅନିଷ୍ଟକାରୀ ବୋଲି ବିବେଚିତ ହେବ। ପୂର୍ବରୁ ଜଣେ ନାଗରିକ ଓ ତାଙ୍କ ଆର୍ଥିକ ଦିଗକୁ ଚିହ୍ନଟ କରାଯାଇ ରାଶନ କାର୍ଡ ଦିଆଯାଇ ଆସୁଥିବା ବେଳେ ଏବେ ଆଧାର ସଂଯୋଗ ନ ଥିବା ବ୍ୟକ୍ତି ଖାଦ୍ୟଶସ୍ୟ ନ ପାଇବା ସରକାରଙ୍କ ଯୋଜନାକୁ ବିକୃତ କରିଦେଉଛି। ଭୋଟର କାର୍ଡ ଜଣେ ନାଗରିକଙ୍କ ପରିଚୟପତ୍ର ଭାବେ ବ୍ୟବହାର କରାଯାଇ ଆସୁଥିଲା। ତା' ପୂର୍ବକୁ ଦେଖିଲେ ଜମି ପଟ୍ଟା ଥିଲା ଜଣେ ବ୍ୟକ୍ତିଙ୍କ ପରିଚୟ। ଯେତେବେଳେ ସେହି ସର୍ବନିମ୍ନ ପରିଚୟ ପାଇବା ଲାଗି ଜଣେ ଅଯୋଗ୍ୟ ଥିଲେ ବା ଭୂମିହୀନ ରହିଥିଲେ, ସେତେବେଳେ ତାଙ୍କୁ ଚିହ୍ନିଥିବା ଲୋକ ଯଥା ପଞ୍ଚାୟତର ସରପଞ୍ଚ କିମ୍ବା ଗ୍ରାମର ପରିଚିତ ବ୍ୟକ୍ତିଙ୍କ ସୁପାରିସ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସରକାରୀ ସୁବିଧା ମିଳିପାରୁଥିଲା। ଆଜିର ଅନ୍‌ଲାଇନ୍ ସଂଯୋଗ ଯୁଗରେ ସମ୍ବେଦନଶୀଳତା ପଛକୁ ଚାଲିଯାଉଛି। ଏଣୁ ଯାହାର ଆଧାର ନାହିଁ ସେ ଯେତେ ଗରିବ ହୋଇଥିଲେ ମଧ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହୋଇଯାଉଛନ୍ତି। ଏଭଳି ପରିସ୍ଥିତିରେ ସୁପ୍ରିମକୋର୍ଟଙ୍କ କ୍ଷୁଧାମୃତ୍ୟୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ଓ ରାଜ୍ୟଗୁଡ଼ିକୁ ଏ ସଂକ୍ରାନ୍ତରେ ନୋଟିସ୍ ଦିଆଯିବା ସ୍ୱାଗତଯୋଗ୍ୟ। କେନ୍ଦ୍ରର ସବୁ ନିଷ୍ପତ୍ତିକୁ ତର୍ଜମା ନ କରି ରାଜ୍ୟ ସରକାର ହୁଣ୍ଡା ଭାବେ ଗ୍ରହଣ କରିନେଲେ ଭଲ ପରିବର୍ତ୍ତେ ଭେଲ ସଂଖ୍ୟା ବଢ଼ିଚାଲିବ। ସଂଘୀୟ ବ୍ୟବସ୍ଥାରେ ଭାରସାମ୍ୟ ଆଣିବାକୁ ହେଲେ ରାଜ୍ୟଗୁଡ଼ିକ ତରଫରୁ କେନ୍ଦ୍ରର ସବୁ ଯୋଜନା ଓ କାର୍ଯ୍ୟକ୍ରମକୁ ଫୁଙ୍ଖାନୁପୁଙ୍ଖ ନିରୀକ୍ଷଣ କରାଯିବା ଦରକାର। ଉଦାହରଣସ୍ୱରୂପ, କେନ୍ଦ୍ର ଦ୍ୱାରା ଗୃହୀତ ନାଗରିକତ୍ୱ ସଂଶୋଧନ ବିଲ୍–୨୦୧୯ର ମାରାତ୍ମକ ଦିଗକୁ ମଧ୍ୟ ରାଜ୍ୟ ସରକାରଗୁଡ଼ିକ ନଜରରେ ରଖି ତାହାକୁ କାର୍ଯ୍ୟକାରୀ କରାଇବା ଉଚିତ ନୁହେଁ। ଓଡ଼ିଶାରେ ବିଶେଷକରି ସବୁ କେନ୍ଦ୍ରୀୟ ନିର୍ଦ୍ଦେଶକୁ ଅନ୍ଧ ଭାବେ ଯେଉଁଭଳି ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି, ତାହା ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ପାଇଁ କ୍ଷତିକାରକ । ହୁଏତ ଏବେ ତାହା ବୁଝାପଡୁନାହିଁ, କିନ୍ତୁ ଦୀର୍ଘମିଆଦୀ ନକାରାତ୍ମକ ପ୍ରଭାବରୁ କେହି ବଞ୍ଚିପାରିବେ ନାହିଁ।

# ଅବାସ୍ତବ ଚାଷୀଙ୍କ ଆୟବୃଦ୍ଧି ଲକ୍ଷ୍ୟ



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ଚାଷୀଙ୍କ ଆୟ ୬ ବର୍ଷରେ ଦୁଇଗୁଣା ବଢ଼ିବ କି ନାହିଁ ତାହାକୁ ନେଇ ଚିନ୍ତା କରିବା ପ୍ରାୟ ସମସ୍ତେ ଛାଡ଼ିଦେଇଥିବା ବେଳେ ଭାରତର ସବୁଠାରୁ ବଡ଼ ଧନୀ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି କିନ୍ତୁ ବର୍ଷକରେ ଦେଢ଼ଗୁଣା ବଢ଼ି ସାରିଛି। ଅର୍ଥନୈତିକ ପତ୍ରିକା 'ଫୋର୍ବସ' ଅନୁସାରେ ୬।୧୨।୨୦୧୯ ତାରିଖରେ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିର ପରିମାଣ ଥିଲା ୫୯.୯ ବିଲିୟନ ଡଲାର ବା ପ୍ରାୟ ୪ ଲକ୍ଷ ୨୫ ହଜାର କୋଟି ଟଙ୍କା। ମାତ୍ର ବର୍ଷକ ତଳେ ତାଙ୍କ ସମ୍ପତ୍ତିର ପରିମାଣ ୪୦.୧ ବିଲିୟନ ଡଲାର ଥିଲା। ଅର୍ଥାତ୍ ବର୍ଷକରେ ବଢ଼ିଲା ୪୯.୪% ବା ପ୍ରାୟ ଦେଢ଼ ଗୁଣା। ଏବେ ଆସିବା କୃଷକଙ୍କ ଆୟକୁ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଜାରି କରିଥିବା ଜିଡିପି ତଥ୍ୟ ଅନୁସାରେ କୃଷିକ୍ଷେତ୍ରର ବୃଦ୍ଧି ହାର ୨୦୧୯–୨୦ ବର୍ଷର ପ୍ରଥମ ତ୍ରିମାସୀରେ ଥିଲା ମାତ୍ର ୨% ଓ ଦ୍ୱିତୀୟ ତ୍ରିମାସୀରେ ଥିଲା ୨.୧%। ପୂର୍ବ ବର୍ଷର ଏହି ଦୁଇ ତ୍ରିମାସୀରେ କୃଷିକ୍ଷେତ୍ରର ବୃଦ୍ଧି ହାର ଥିଲା ଯଥାକ୍ରମେ ୫.୧% ଓ ୪.୯%। ଅର୍ଥାତ୍ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ଅଧାରୁ ଅଧିକ ହ୍ରାସ ପାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କ ଆୟ ଦୁଇଗୁଣା କରିବୁ ବୋଲି ପ୍ରଥମେ ଘୋଷଣା କରିଥିଲେ ୨୮।୦୨।୨୦୧୬ ତାରିଖରେ। ପରେ ସରକାରଙ୍କ ଏହା ସବୁଠାରୁ ବଡ଼ ଲକ୍ଷ୍ୟ ମଧ୍ୟରୁ ଗୋଟିଏ ବୋଲି ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାର ସଂସଦ ଭିତରେ ଓ ବାହାରେ ବାରମ୍ବାର ଦୋହରାଇଛନ୍ତି। ଏହି ଘୋଷଣା ଅନୁସାରେ ୨୦୧୬ ବର୍ଷକୁ ମୂଳ ବର୍ଷ ହିସାବରେ ନେଇ ୬ ବର୍ଷରେ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା ହେବା କଥା। ସେହି ୬ ବର୍ଷ ମଧ୍ୟରୁ ଅଧା ସରିଗଲାଣି। ଏହି ତିନି ବର୍ଷରେ ଚାଷୀଙ୍କ ଆୟ କେତେ ବଢ଼ି ସାରିଲାଣି ତାହା କିନ୍ତୁ ସରକାର ପ୍ରକାଶ କରିନାହାନ୍ତି। ବଢ଼ୁଛି ନା ନାହିଁ ତାହାକୁ ନେଇ ବି ଘୋର ଶଙ୍କା ଉଠିଲାଣି। ୩୧।୦୮।୨୦୧୯ରେ 'ବିଜ୍‌ନେସ ଷ୍ଟାଣ୍ଡାର୍ଡ' ପତ୍ରିକାରେ ରାଜଲକ୍ଷ୍ମୀ ନିର୍ମଳ ଉଲ୍ଲେଖ କରିଥିଲେ ଯେ, ବିଗତ ଦଶବର୍ଷର ପ୍ରଥମ ପାଞ୍ଚବର୍ଷ ବା ୨୦୦୯–୧୦ରୁ ୨୦୧୩–୧୪ ମଧ୍ୟରେ ଖାଦ୍ୟଶସ୍ୟର ବାର୍ଷିକ ହାରାହାରି ଉତ୍ପାଦନ ହାର ୫% ଥିଲା। କିନ୍ତୁ ପର ପାଞ୍ଚବର୍ଷରେ ବଢ଼ିବ କ'ଣ ଓଲଟି ତାହା ୩%କୁ ଖସି ଯାଇଥିଲା। ଏହି ବୃଦ୍ଧି ହାର କେତେ ନିକୃଷ୍ଟ ତାହା ଜଣାପଡ଼େ ଚାଷୀଙ୍କ ଆୟ ଦୁଇଗୁଣ କେମିତି ହୋଇପାରିବ ତାହା ସ୍ଥିର କରିବା ପାଇଁ କେନ୍ଦ୍ର ସରକାର କୃଷି ବିଭାଗର ବରିଷ୍ଠ ଅଧିକାରୀ ଅଶୋକ ଦଲୱାଇଙ୍କ ଅଧ୍ୟକ୍ଷତାରେ ଗଠନ କରିଥିବା ଆନ୍ତଃମନ୍ତ୍ରଣାଳୟ କମିଟିର ଆକଳନରୁ। ଦଲୱାଇ ଓଡ଼ିଶା କ୍ୟାଡରର ଜଣେ ଦକ୍ଷ ଆଇଏଏସ୍ ଅଫିସର ତଥା ନିଜେ କୃଷି ବିଜ୍ଞାନରେ ଉଚ୍ଚ ଶିକ୍ଷାପ୍ରାପ୍ତ ଅଟନ୍ତି। ତାଙ୍କ କମିଟିରେ ଅନ୍ୟ ବିଶେଷଜ୍ଞ ମଧ୍ୟ ଥିଲେ। ସେହି କମିଟି ହିସାବ କରିଥିଲା ଯେ, ଯଦି ୨୦୧୫–୧୬ ବର୍ଷ ତୁଳନାରେ ୨୦୨୨–୨୩ ସୁଦ୍ଧା ଭାରତର ଚାଷୀଙ୍କ ଆୟ ଦୁଇଗୁଣା କରିବାର ଅଛି ତେବେ ଏହି ଛଅବର୍ଷର ପ୍ରତ୍ୟେକ ବର୍ଷ ଚାଷୀଙ୍କ ପ୍ରକୃତ ଆୟ ବାର୍ଷିକ ହାରାହାରି ୧୦.୪୧% ହାରରେ ବଢ଼ିବା ଦରକାର। ୨୦୦୨–୦୩ରୁ ୨୦୧୨–୧୩ ମଧ୍ୟରେ ଚାଷୀଙ୍କ ପ୍ରକୃତ ଆୟ ମୋଟେ ୩.୫% ହାରରେ ହିଁ ବୃଦ୍ଧି ପାଇଥିଲା। ଅନ୍ୟ ଭାବରେ କହିଲେ, ଚାଷୀଙ୍କ ଆୟକୁ ୬ବର୍ଷରେ ଦୁଇଗୁଣ କରିବା ପାଇଁ ପ୍ରକୃତ ଆୟରେ ବୃଦ୍ଧି ହାର ପୂର୍ବ ୧୦ ବର୍ଷରେ ଯାହା ରହିଥିଲା ତାହାଠାରୁ ଆହୁରି ତିନି ଗୁଣା ବଢ଼ାଇବାର ଆବଶ୍ୟକତା ଅଛି।

ଗଭୀର ଚିନ୍ତାର ବିଷୟ ହେଲା ଯେ 'ଚାଷୀଙ୍କ ଆୟ ଦୁଇଗୁଣା ବୃଦ୍ଧି'କୁ ସରକାର ତାଙ୍କର ପ୍ରମୁଖ ଲକ୍ଷ୍ୟ କହୁଥିବା ବେଳେ ଚାଷୀଙ୍କ ଆୟ ଗତ ତିନିବର୍ଷରେ କେତେ ବଢ଼ିଛି ତାହା କହିବା ବେଳକୁ ସରକାରଙ୍କ ମୁହଁରେ ତାଲା ପଡିଯାଉଛି। ତାଲା ପଡୁଛି କାରଣ ସରକାର ଚାଷୀଙ୍କ ଆୟ ମାପିବାର ପ୍ରଚେଷ୍ଟା ହିଁ କରିନାହାନ୍ତି। ଗତ ୬।୧୨।୨୦୧୯ ତାରିଖରେ ରାଜ୍ୟ ସଭାରେ ଏକ ସିଧା ପ୍ରଶ୍ନ ଥିଲା '୨୦୧୬–୧୭, ୨୦୧୭–୧୮ ଓ ୨୦୧୮–୧୯ ବର୍ଷରେ ଚାଷୀଙ୍କ ବାର୍ଷିକ ଆୟରେ ବୃଦ୍ଧି ହାର କେତେ ଥିଲା ?' ସରକାର ଯଦି ଚାଷୀଙ୍କ ଆୟରେ ବୃଦ୍ଧିକୁ ନେଇ ଚିନ୍ତିତ ତେବେ ଏହାର ଏକ ସିଧା ଉତ୍ତର ଆସିବା କଥା କିନ୍ତୁ ମନ୍ତ୍ରୀ ମହୋଦୟ କହିଲେ ଯେ, ଏହି ତିନିବର୍ଷରେ ଚାଷୀଙ୍କ ଆୟ ମାପିବା ପାଇଁ କୌଣସି ସର୍ଭେ ହୋଇନାହିଁ। ଓଲଟା ମନ୍ତ୍ରୀ ୨୦୧୩ ମସିହାରେ ଏନ୍‌ଏସ୍‌ଏସ୍‌ଓ କରିଥିବା ସର୍ଭେର ତଥ୍ୟ ରଖିଥିଲେ ଯାହାର ପ୍ରଶ୍ନ ସହିତ କିଛି ବି ସମ୍ପର୍କ ନ ଥିଲା। ନେଡିଗୁଡ଼ କହୁଣିକୁ ବୋହିବା ବେଳକୁ କେନ୍ଦ୍ର ସରକାର ଗତ ୨୩।୦୧।୨୦୧୯ ତାରିଖରେ ଅଶୋକ ଦଲୱାଇଙ୍କ ଅଧ୍ୟକ୍ଷତାରେ ଏକ କ୍ଷମତାପ୍ରାପ୍ତ କମିଟି ଗଠନ କରିଛନ୍ତି, ଯାହାର କାର୍ଯ୍ୟ ହେଲା ଦଲୱାଇଙ୍କ ଅଧ୍ୟକ୍ଷତାରେ ଗଠିତ ପୂର୍ବ ଆନ୍ତଃମନ୍ତ୍ରଣାଳୟ କମିଟିର ସୁପାରିସଗୁଡିକ କେତେ କାର୍ଯ୍ୟକାରୀ ହୋଇଛି ତାହାକୁ ପରଖିବା ତଥା ନିର୍ଦ୍ଧାରିତ କାର୍ଯ୍ୟପନ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବିଭାଗ, ସଂସ୍ଥା ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ସମନ୍ୱୟ ରଖିବା। ଦଲୱାଇଙ୍କ ଅଧ୍ୟକ୍ଷତାରେ ଗଠିତ ପୂର୍ବ କମିଟି ଚାଷୀଙ୍କ ଆୟ ଦୁଇଗୁଣା କରିବା ପାଇଁ ତିନିଟି ପ୍ରମୁଖ ସ୍ତମ୍ଭର ଆବଶ୍ୟକତା ଥିବା ଚିହ୍ନଟ କରିଥିଲେ। ପ୍ରଥମଟି ହେଲା, ଫସଲଗୁଡ଼ିକର ଉତ୍ପାଦକତା ବଢ଼ାଇ ମୋଟ ଅମଳ ବଢାଇବା, ଦ୍ୱିତୀୟଟି ହେଲା ଉପଲବ୍ଧ ସମ୍ବଳର ଠିକ୍ ଉପଯୋଗ କରି ଖର୍ଚ୍ଚକୁ କମାଇବା ଏବଂ ତୃତୀୟଟି ହେଲା ଚାଷୀଙ୍କୁ ତାଙ୍କ ଉତ୍ପାଦର ଲାଭପ୍ରଦ ମୂଲ୍ୟ ଯୋଗାଇବା। ଏବେ ପ୍ରଥମ ସ୍ତମ୍ଭକୁ ଦେଖିବା। ଫସଲର ଉତ୍ପାଦନ ବିଭିନ୍ନ ବର୍ଷରେ ତଳ ଉପର ହୋଇଥାଏ କିନ୍ତୁ ଏହା ଅଳ୍ପ ହାରରେ ହେଉ ପଛେ ହାରାହାରି ଭାବରେ ବଢିଚାଲିଛି। ତେବେ ଏହା ଏକ ନିରାଟ ବାସ୍ତବତା ଯେ ଫସଲର ମୋଟ ଉତ୍ପାଦନ ସହିତ ଚାଷୀ ଆୟର ପ୍ରତ୍ୟକ୍ଷ ସମ୍ପର୍କ ପ୍ରାୟ ନାହିଁ। ଉତ୍ପାଦନ ବଢ଼ିଲେ ଚାଷୀ ବିପତ୍ତିରେ ପଡି ଅତି କମ୍ ଦରରେ ବିକିବାର ଉଦାହରଣ ନିତିଦିନିଆ ଘଟଣା ହୋଇଗଲାଣି। ଅଧିକ ଦିନ ସାଇତା ହୋଇ ରହୁଥିବା ଶସ୍ୟଗୁଡ଼ିକ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଜଟିଳ ହେବାରେ ଲାଗିଛି। ଚାଷ ଖର୍ଚ୍ଚ କମାଇ ଚାଷୀଙ୍କ ଆୟ ବଢ଼ାଇବା ଆଉ ଏକ ମାଧ୍ୟମ ବୋଲି ଚିହ୍ନଟ ହୋଇଛି। କିନ୍ତୁ ଚାଷ ଖର୍ଚ୍ଚ କମିବାର କୌଣସି ସୂଚନା ମିଳୁନାହିଁ ବରଂ ଚାଷୀଙ୍କ ନିଜ ଅନୁଭୂତି ତଥା ସରକାରଙ୍କ ଦ୍ୱାରା ହେଉଥିବା ଖର୍ଚ୍ଚର ଆକଳନ ଅନୁସାରେ ଚାଷ ଖର୍ଚ୍ଚ ବଢି ହିଁ ଚାଲିଛି। ତୃତୀୟଟି ହେଲା, ଚାଷୀଙ୍କୁ ଲାଭଜନକ ମୂଲ୍ୟ ଯୋଗାଇବା। କେବଳ ଧାନ ଓ ଗହମକୁ ଛାଡିଦେଲେ ସରକାର ଚାଷୀଙ୍କୁ ଲାଭଜନକ ମୂଲ୍ୟ ଯୋଗାଇବା ପାଇଁ ପ୍ରାୟ କିଛି କରିନାହାନ୍ତି। ସରକାରଙ୍କ ଏମ୍‌ଏସ୍‌ପି ବା ସର୍ବନିମ୍ନ ଦର ପ୍ରତିଶ୍ରୁତିର ଲାଭ ଖୁବ୍ କମ୍ ଚାଷୀ ଓ ଖୁବ୍ କମ୍ ଅଞ୍ଚଳରେ ହିଁ ମିଳେ। ସରକାରଙ୍କ 'ଇ–ନାମ' ଯୋଜନା ଏବେ ବି ପ୍ରାୟ ବସ୍ତାନି ଭିତରେ।

ମୋଟାମୋଟି ଭାବରେ ଦେଖିଲେ ଚାଷୀଙ୍କ ଆୟ ୬ବର୍ଷରେ ଦୁଇଗୁଣ ବଢ଼ାଇବା ଲକ୍ଷ୍ୟ ହାସଲ କରିବା ପାଇଁ ସରକାର କିଛି ଠୋସ୍ ଉଦ୍ୟମ ଓ ଯୋଜନା କରିଥିବାର ଆଦୌ ସୁରାକ ମିଳୁନାହିଁ। ସରକାର ବୋଧହୁଏ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ବଢ଼ାଇବାରେ ବେଶି ଆଗ୍ରହୀ। ଏଣେ ଚେରମୂଳ ଶଢ଼ିବାରେ ଲାଗିଲାଣି, ଚାଷ ବୁଡିବାକୁ ଲାଗିଲାଣି। ସରକାର ଏହି ସତ୍ୟତାକୁ ହୃଦୟଙ୍ଗମ କରିବା ଦରକାର। ଗଣମାଧ୍ୟମ, ସାଧାରଣ ଜନତା, ରାଜନୈତିକ ଦଳ ଆଦି ଚାଷୀଙ୍କ ପକ୍ଷ ନେଇ ସରକାରଙ୍କୁ ଏହି ବିଷୟରେ ଉତ୍ତରଦାୟୀ କରିବାର ଆବଶ୍ୟକତା ଆସିଛି।

# ଅଗ୍ନିକାଣ୍ଡ ନିବାରଣରେ ଛେଳି–ସେନା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ପର୍ତ୍ତୁଗାଲ ସରକାର ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ପାଇନ ଓ ୟୁକାଲିପଟାସ ଜଙ୍ଗଲ ଦେଶର କେନ୍ଦ୍ର ଓ ଉତ୍ତରାଞ୍ଚଳ ଏବଂ ପାର୍ବତ୍ୟ ଇଲାକାରେ ସୃଷ୍ଟି କରୁଛନ୍ତି। ଏହି ଗଛଗୁଡ଼ିକରୁ ଲାଭଜନକ କାଗଜମଣ୍ଡ ପ୍ରସ୍ତୁତ କରାଯାଇପାରୁଥିଲେ ସୁଦ୍ଧା ଏଗୁଡ଼ିକ ଦହନଶୀଳ। ଫଳରେ ଅଗ୍ନିକାଣ୍ଡଜନିତ କ୍ଷୟକ୍ଷତିରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ମଧ୍ୟରେ ରହିଛି ଛେଳି–ସେନା। ତେବେ ଏହି କାର୍ଯ୍ୟ ସକାଶେ ଛେଳିକୁ ନିର୍ବାଚନ କରିବାର କାରଣ କ'ଣ ? ଛେଳିର ଗୁଣାବଳୀ ବିଚାର୍ଯ୍ୟ। ଏହି ବୁଦ୍ଧିମାନ ଜୀବଟି ତା'ର ସାଙ୍ଗସାଥିଙ୍କୁ ସେମାନଙ୍କ ସ୍ୱରରୁ ଚିହ୍ନିପାରେ। ସେ ସତତ ଚଳଚଞ୍ଚଳ। ତାକୁ ଅଟକାଇ ରଖିବା ସହଜ ନୁହେଁ। ଯଦି ବାଡ଼ରେ ସାମାନ୍ୟ ଗଳାବାଟ ଦେଖେ କିମ୍ବା ଦୁର୍ବଳ ଭାଗ ତା' ନଜରରେ ପଡ଼େ, ସେ ତତ୍‌କ୍ଷଣାତ୍ ବାହାରକୁ ଗଳି ବା ଡେଇଁ ଚାଲିଯାଏ। ବିଭିନ୍ନ ବିଷୟରେ ସେ ଅନୁସନ୍ଧିତ୍ସୁ। ତେଣୁ ଚାରିଆଡ଼େ ବୁଲାବୁଲି କରେ। ଏପରିକି ବିଭିନ୍ନ ଦ୍ରବ୍ୟ, ଖାଦ୍ୟ ହେଉ ବା ଅଖାଦ୍ୟ, ସେ ପାଟିରେ ପୂରାଇ ପରୀକ୍ଷା କରେ। ଖାଦ୍ୟତକ ଗ୍ରହଣ କରେ ଏବଂ ଅଖାଦ୍ୟକୁ ଅକ୍ଷତ ଭାବେ ପାଟିରୁ ଫୋପାଡି ଦିଏ, ଅଇଁଠା କରି। ଜନ୍ମରୁ ତା'ର ଦାନ୍ତ ଉଠିଥାଏ। ତା'ର ଉପର ପାଟିରେ ଦାନ୍ତ ନ ଥାଏ। ଉପର ପାଟିର ଟାଣ ମାଢ଼ି ସହାୟତାରେ ଘଣ୍ଟା ଘଣ୍ଟା ଧରି ଖାଦ୍ୟଦ୍ରବ୍ୟ ପାକୁଳିଥାଏ। ତା'ର ହଜମ ପ୍ରଣାଳୀ ଜଟିଳ।

ବିପଦସଙ୍କୁଳ ହୋଇଥିଲେ ମଧ୍ୟ ଛେଳି ଗଛର ଦୁର୍ବଳ ଡାଳର ଶିଖର ଯାଏ ନିର୍ବିଘ୍ନରେ ଚଢ଼ିଯାଏ। ଏହା ସାହସିକତାର ଏକ ଲକ୍ଷଣ ବୋଲି କୁହାଯାଇପାରେ, ଯଦିଚ ତାହାର ଅନ୍ୟ କେତେକ ଗୁଣ ଭୀରୁତାର ଚରମ ନିଦର୍ଶନ। ଯଥା ବର୍ଷା ଆସିବା ସୂଚନା ପାଇବା ମାତ୍ରେ ସେ ନିକଟସ୍ଥ କୌଣସି ସ୍ଥାନକୁ ଦୌଡ଼ିଯାଇ ଆଶ୍ରୟ ନିଏ। ପାଣି ଓ କାଦୁଅକୁ ସେ ଅତ୍ୟନ୍ତ ଭୟ କରେ।

ବଡ଼ମ୍ବନା ହେଉଛି ଯେ, ଫାୟାର ଷ୍ଟେଶନ କର୍ତ୍ତୃପକ୍ଷ ପାଇଁ ପାଣି ଅପରିହାର୍ଯ୍ୟ ହୋଇଥିବା ବେଳେ ସେମାନେ ଛେଳିକୁ ସହାୟକ ଭାବେ ଗ୍ରହଣ କରିଛନ୍ତି, ଯିଏକି ପାଣିକୁ ଡରେ। ତେବେ ଛେଳି ବଦଳରେ ମେଣ୍ଢାକୁ କାହିଁକି ବଛା ଗଲାନି ? ମେଣ୍ଢା ପର୍ତ୍ତୁଗାଲର କର୍ତ୍ତୃପକ୍ଷଙ୍କ ପାଇଁ ଅନୁପଯୋଗୀ, କାରଣ ମେଣ୍ଢାମାନେ ଦଳ ବାନ୍ଧି ଗୋଟିଏ ଜାଗାରେ ଖୁନ୍ଦି ହୋଇ ରୁହନ୍ତି। ସେମାନେ ସ୍ୱାଧୀନଚେତା ନୁହନ୍ତି। ପରସ୍ପରଠାରୁ ଛଡ଼ାଛଡ଼ି ହୋଇ ଦୂରଦୂରାନ୍ତକୁ ଯାଇପାରନ୍ତି ନାହିଁ। ସେମାନେ ଭୀରୁ। କିନ୍ତୁ ଛେଳି (ଏପରିକି ମାଈ ଛେଳି)ଗୁଡ଼ିକର ଶିଙ୍ଗ ଥାଏ। ତା' ଛଡା କେବଳ ଅଣ୍ଡିରା ନୁହେଁ, ମାଈ ଛେଳିର ମଧ୍ୟ ଦାଢ଼ି ଅଛି, ଯଦିଚ ଏହା କାର୍ଯ୍ୟତଃ କୌଣସି କାମରେ ଆସି ନ ଥାଏ। କେବଳ ସୌନ୍ଦର୍ଯ୍ୟ ଓ ବଳଶାଳୀ ହୋଇଥିବାର ପ୍ରତୀକ ବ୍ୟତୀତ।

ପ୍ରଶ୍ନ ଉଠୁଛି: ଅଗ୍ନିକାଣ୍ଡ ପ୍ରତିହତ କରିବାକୁ ଛେଳିର ବାସ୍ତବ କ୍ଷେତ୍ରରେ ଭୂମିକା କ'ଣ ? ପର୍ତ୍ତୁଗାଲରେ ପାଇନ ଓ ୟୁକାଲିପଟାସ ଗଛର କୃତ୍ରିମ ବନ ମୁନାଫା ପାଇଁ ସୃଷ୍ଟି କରାଯାଉଛି। ଏଗୁଡ଼ିକ ଦହନଶୀଳ ଓ ଖୁବ୍ ଲମ୍ବା। ଯେତେବେଳେ ବର୍ଷା ଆସେ, ସେଠାକାର ଜଳବାୟୁର ଉଚ୍ଚ ତାପ ଯୋଗୁ ବର୍ଷାଟୋପା ଭୂଇଁ ଛୁଇଁବା ଆଗରୁ ବାଷ୍ପ ହୋଇ ପୁଣି ବାୟୁମଣ୍ଡଳକୁ ଊର୍ଦ୍ଧ୍ୱ ଗତିକରେ। କିନ୍ତୁ ସେଥି ସହ ସଂଲଗ୍ନ ବଜ୍ର ବା ବିଜୁଳି ଉଚ୍ଚା ପାଇନ ଗଛକୁ ସ୍ପର୍ଶ କରି ଭୂମିରେ ପହଞ୍ଚିଥାଏ। ତେବେ ବର୍ଷାପାଣି ଭୂମିରେ ପଡୁ ନ ଥିବାରୁ ଭୂମି ଶୁଷ୍କ ଥାଏ। ବଣର ଚତୁର୍ଦ୍ଦିଗରେ ଏହାର ଦହନ ଉପଯୋଗୀ ଶୁଖିଲା ପତ୍ର ବିଛାଡି ହୋଇ ପଡ଼ିଥାଏ। ତେଣୁ ଉକ୍ତ ଶୁଖିଲା ବଜ୍ରପାତ (ଡ୍ରାଏ ଥଣ୍ଡରଷ୍ଟର୍ମ) ଦ୍ୱାରା ବଣରେ ସହଜରେ ନିଆଁ ଧରିଥାଏ। ସାଧାରଣତଃ ସେଠାରେ ବାୟୁର ବେଗ ତୀବ୍ର ଥିବାରୁ ଅଗ୍ନି ଚତୁର୍ଦ୍ଦିଗକୁ ବ୍ୟାପିଯାଏ।

ଏହି ଅଗ୍ନ୍ୟୁତ୍ପାତକୁ ପ୍ରତିହତ କରିବା ପାଇଁ ଜଙ୍ଗଲକୁ ସଫା ରଖିବା ନିହାତି ଆବଶ୍ୟକ। ଛେଳିର ସ୍ୱଭାବକୁ ଏହା ଖୁବ୍ ସୁହାଇବ। ସେ ବୁଲି ବୁଲି ବହୁ ଜାଗାକୁ ମାଡ଼ି ଚାଲେ। ଗଛ ଶିଖର ଯାଏ ଚଢ଼ିଯାଏ। ମୁହଁରେ ଯାହା ପଡେ ଖାଏ। ଘାସ ହେଉ ବୁଦା ବା ଗଛ– ସବୁ ତା' ପାଇଁ ଲୋଡ଼ା। ତା'ର ହଜମ ଶକ୍ତି ମଧ୍ୟ ପ୍ରବଳ। ତା'ର ଏହି ଗୁଣ ପାଇଁ ଅନେକ ବ୍ୟକ୍ତି ଯନ୍ତ୍ର ବଦଳରେ ତାକୁ ଲନ୍–ମୋଏର୍ ଭାବେ ଉପଯୋଗ କରନ୍ତି ଘର ପାଖରେ ଥିବା ବଗିଚାର ଘାସକୁ ଛୋଟ ଛୋଟ କରି ଆଚ୍ଛାଦିତ କରିବା ସକାଶେ।

ନେଦରଲାଣ୍ଡସ୍ଥିତ ୱାଗେନିଜେନ ବିଶ୍ୱବିଦ୍ୟାଳୟର ପରିବେଶବିଜ୍ଞାନୀ ପ୍ରଫେସର କାଥେଲିନେ ଷ୍ଟୁଫ ପର୍ତ୍ତୁଗାଲର କ୍ରମବର୍ଦ୍ଧିଷ୍ଣୁ ଅଗ୍ନିକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରି ପ୍ରକାଶ କରିଛନ୍ତି ଯେ, ପୂର୍ବେ ସେଠାକାର ଗାଁଗୁଡ଼ିକର ଜନସଂଖ୍ୟା ସ୍ୱାଭାବିକ ଥିଲା। ସେମାନଙ୍କ ଗୃହପାଳିତ ପଶୁ ବଣ–ଜଙ୍ଗଲରେ ଚରି ଗଛ, ପତ୍ର, ଘାସ ଇତ୍ୟାଦି ଖାଇ ସଫା କରୁଥିଲେ। ତେଣୁ ବଣରେ ନିଆଁ ଲାଗିଲେ ତାହା ଗାଁ ଆଡକୁ ବ୍ୟାପି ନ ଯାଇ ଜଙ୍ଗଲ ଭିତରେ ହିଁ ସୀମିତ ରହୁଥିଲା। କିନ୍ତୁ ବର୍ତ୍ତମାନ ଗ୍ରାମୀଣ ଅଞ୍ଚଳ ଜନଶୂନ୍ୟ ହେଲାଣି। ଲୋକମାନେ ଚାକିରି, ଉଚ୍ଚଶିକ୍ଷା ଓ ଉନ୍ନତ ଜୀବନଯାପନ ପାଇଁ ସହରମୁହାଁ। ତେଣୁ ଶୁଷ୍କ ପତ୍ର ଓ ଅନାବନା ଘାସ, ଗଛ ଇତ୍ୟାଦି ପରିପାର୍ଶ୍ୱରେ ଏତେ ବଢ଼ିଗଲାଣି ଯେ ଗାଁ ଓ ଜଙ୍ଗଲ ମଧ୍ୟରେ ଖାଲି ବା ସଫା ଅନ୍ତର୍ବର୍ତ୍ତୀ ସ୍ଥାନ ରହୁନାହିଁ, ଯାହାକି ଫାୟାରବ୍ରେକ ଭାବେ କାର୍ଯ୍ୟ କରିଥାନ୍ତା। ଫଳରେ ବଣ–ନିଆଁ ଗାଁରେ ପଶି ପ୍ରଭୂତ କ୍ଷତି ଘଟାଉଛି। ଗ୍ରାମଗୁଡ଼ିକୁ ଅଧିକ ଶ୍ରୀହୀନ କରିଦେଉଛି। ଏହି ଅଭାବନୀୟ ସ୍ଥିତିର ସମାଧାନ ପାଇଁ ସେଠାକାର ଅଗ୍ନିଶମ ବିଭାଗ ଛେଳିପଲ ନିଜ ତରଫରୁ ସଂଗଠିତ କରିଛି। ମେଷପାଳକମାନଙ୍କୁ ନିଜ ବିଭାଗରେ ନିଯୁକ୍ତ କରିଛି।

ଅଗ୍ନିଯୁଦ୍ଧରେ ବିଜୟ ପାଇଁ ଛେଳିଗୁଡ଼ିକ ନିରଳସ ପଦାତିକ ସୈନିକ ପରି କାର୍ଯ୍ୟ କରୁଛନ୍ତି। ତେଣୁ ପଡ଼ୋଶୀ ସ୍ପେନର ଗିରୋନା ଅଞ୍ଚଳରେ ଏଇ ଛେଳିଗୁଡ଼ିକୁ 'ଗୋଟ୍–ଫାୟାର ବ୍ରିଗେଡ଼'ର ଆଖ୍ୟା ଦିଆଯାଇଛି।

ବାସ୍ତବିକ ଏହି ଛେଳିଗୁଡ଼ିକ ଡଗ୍ ସ୍କ୍ୱାଡ୍ ପରି ଗୋଟ୍–ସ୍କ୍ୱାଡ୍‌ର ସଦସ୍ୟ। ସେମାନେ ଯୋଦ୍ଧା। ଯୁଦ୍ଧରେ ପ୍ରାଣ ହରାଇଲେ ସେମାନେ ଶହୀଦ ହେବା ପାଇଁ ଯୋଗ୍ୟ। ଆମେ ସାଧାରଣତଃ ଛେଳିମାଂସରେ ବ୍ୟଞ୍ଜନ କରି ଜିହ୍ୱାଲାଳସା ମେଣ୍ଟାଉଛୁ। କିନ୍ତୁ ଏବେ ତ ସେ ହେବ ଶହୀଦ। ସେ ବଣନିଆଁରେ ପୋଡ଼ି ମଲେ, ତାକୁ ମର୍ଯ୍ୟାଦାର ସହ କବର ଦେଇ, ତା'ର ପ୍ରତିମୂର୍ତ୍ତି ସ୍ଥାପନ କରିବା ଦରକାର। ଏହା ସ୍ମାରକୀ ହୋଇ ରହୁ। ଆମେ ତାକୁ ବିଭିନ୍ନ ଅବସରରେ ସଲାମ ଦେବା ଠିକ୍ ହେବ, ଯେମିତି ଯୁଦ୍ଧରେ ପ୍ରାଣବଳି ଦେଇ ମୃତ୍ୟୁବରଣ କରୁଥିବା ମାନବ–ସୈନ୍ୟଙ୍କୁ ସମ୍ମାନ ଦିଆଯାଉଛି।

ଆମେ ଛେଳିର ଗୁଣାବଳୀ ବିଷୟରେ ଊଣାଅଧିକେ ବେଶ୍ ଅବଗତ। କିନ୍ତୁ ଛେଳି ଯେ ବିନା ଜଳରେ ଅଗ୍ନିକାଣ୍ଡକୁ (ପରୋକ୍ଷ ଭାବେ) ପ୍ରତିହତ କରିପାରେ, ଏହା ବିଚିତ୍ର ମନେ ହେଲେ ମଧ୍ୟ ସତ କଥା।

ମୋ–୯୪୩୭୦୨୬୬୫୧

## ଏଇ ଭାରତରେ

କ୍ଲିନିକ୍ ଶବ୍ଦ ଶୁଣିବା ମାତ୍ରେ ଚିକିତ୍ସା ସମ୍ବନ୍ଧିତ ଚିନ୍ତା ତଥା ଧଳା କୋଟ ପିନ୍ଧିଥିବା ଡାକ୍ତରଙ୍କ ଛବି ଆଗକୁ ଆସିଯାଏ। କିନ୍ତୁ ଏହା ଏମିତି ଏକ କ୍ଲିନିକ୍, ଯେଉଁଠି କଳା କୋଟ୍ ପିନ୍ଧିଥିବା ଓକିଲ ହିଁ ସାମ୍ନାକୁ ଆସିଥା'ନ୍ତି। ଏଠାରେ କୌଣସି ଔଷଧ ନୁହେଁ, ବରଂ ମାଗଣାରେ ମିଳୁଛି ଆଇନ ସହାୟତା। ଇନ୍ଦୋର ସହରର ମଧ୍ୟଭାଗରେ ଥିବା ରାଧାନଗର କଲୋନୀରେ ଏହି ଲିଗାଲ କ୍ଲିନିକ୍ ଚାଲୁଛି। ଯୁବ ଓକିଲ ତଥା ସିଭିଲ ଜଜ୍ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ୪୦ରୁ ଊର୍ଦ୍ଧ୍ୱ ଯୁବକ ଏହାକୁ ଚଳାଉଛନ୍ତି। ୨୦୧୬ ରେ ନ୍ୟାୟାଶ୍ରୟ ସଂସ୍ଥା ଗଠନ କରାଯିବା ପରେ ଲୋକମାନେ ଟଙ୍କା ଅଭାବରୁ ଆଇନ ପରାମର୍ଶ ନେବାକୁ ଅସମର୍ଥ ହେଉଛନ୍ତି ବୋଲି ଜଣାପଡିଥିଲା। ପରେ ନ୍ୟାୟାଶ୍ରୟ ବ୍ୟାନରରେ ଏହି କ୍ଲିନିକ୍ ଦୁଇମାସ ତଳେ ଆରମ୍ଭ କରାଯାଇଛି। ଏବେ ୧୦୦ରୁ ଅଧିକ ଲୋକଙ୍କୁ ସାହାଯ୍ୟ ମଧ୍ୟ ମିଳିସାରିଲାଣି। ପ୍ରତି ଶନିବାର ସନ୍ଧ୍ୟାରେ ଏଠାରେ ଗରିବ ଲୋକମାନେ ପହଞ୍ଚୁଛନ୍ତି ଓ ସେମାନଙ୍କୁ ମାଗଣାରେ ଆଇନ ପରାମର୍ଶ ଦିଆଯାଉଛି। ଏହି କ୍ଲିନିକ୍‌ରେ ବରିଷ୍ଠ ଓକିଲମାନେ ବି ସାମିଲ ହୋଇ ଯୁବ ଓକିଲମାନଙ୍କ କାର୍ଯ୍ୟକୁ ତଦାରଖ କରୁଛନ୍ତି।

## ଚିରନ୍ତନୀ

''ଯୁଦ୍ଧାୟ କୃତନିଶ୍ଚୟ, ଶୁଣ ଡାକ କେ ଦିଏ
ପ୍ରାଚୀନ ଗ୍ରନ୍ଥ ଛିଡ଼ିଗଲା ଏବେ ବିପ୍ଳବୀ ହେ !''
ବିଶ୍ୱ ବିରାଟ ବକ୍ଷଥଳରେ ବାଜିଲା ଗୁଳି
ଖସିଲା ଉଲ୍‌କା ଜଳିଉଠେ ମହା ଚିତାର ଚୁଲୀ।

(ରକ୍ତ–ସ୍ରୋତ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଡିସେମ୍ବର ୧୯୯୪

- ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ନାମିବିଆର ସ୍ୱାଧୀନତା ପରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ରାଷ୍ଟ୍ରପତି ସାମ୍ ନୁଜୋମାଙ୍କ ଶାସକ ଦଳ ଦକ୍ଷିଣ ପଶ୍ଚିମ ପିପୁଲ୍ସ ସଙ୍ଗଠନ (ସ୍ୱାପୋ) ଦଳ ବିପୁଳ ଭୋଟ ପାଇଁ ବିଜୟୀ ହୋଇଛି।
- ବିଧାନସଭା ନିର୍ବାଚନରେ ଆନ୍ଧ୍ରପ୍ରଦେଶରେ ତେଲୁଗୁ ଦେଶମ ପାର୍ଟି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବେଳେ କର୍ଣ୍ଣାଟକରେ ଜନତା ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି।
- ପ୍ରଖ୍ୟାତ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା, ପ୍ରଯୋଜକ ତଥା ନିର୍ଦ୍ଦେଶକ ଗୌରପ୍ରସାଦ ଘୋଷଙ୍କ ପରଲୋକ।

## sudoku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | D | | B | 2 | | | | | | | 7 | | |
| | 4 | | | | 7 | | A | | | B | | E | 8 | C |
| | 3 | | | | E | 8 | 2 | 1 | | 0 | | | | |
| | | | | 1 | | | | 4 | | | | | B | 9 |
| | 7 | 1 | | 9 | | | | | | C | 8 | 2 | | 5 |
| 4 | | | | 8 | 9 | | | 2 | | | 1 | | | |
| | 5 | | | | | | D | B | | 3 | | | 2 | 7 |
| 8 | | | | | | | | C | 6 | 4 | A | | | 0 |
| | | | | 2 | 6 | | | E | C | | 5 | | | 4 |
| C | | | 5 | | 3 | A | | | | | | 6 | | |
| | A | | 6 | | | D | | | | | | 0 | | |
| | | | | D | | 9 | 4 | | | | 0 | | 3 | |
| 3 | | | 7 | | 1 | | | | | | C | | A | E |
| | | | | 0 | | | 7 | 3 | A | | 6 | B | 4 | 1 |
| | | | | | | C | 1 | | | D | 7 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 6 | 0 | 8 | 7 | E | 1 | B | 5 | 9 | D | 3 | C | 2 |
| 8 | 7 | C | D | B | 5 | A | 4 | 3 | 1 | 0 | 2 | 9 | 6 | E |
| 0 | 1 | 2 | 4 | A | 6 | 7 | D | 9 | 3 | C | E | 8 | 5 | B |
| 3 | D | 5 | 2 | 9 | E | 0 | C | 6 | 8 | A | B | 7 | 1 | 4 |
| B | 9 | E | 3 | 1 | C | 5 | 2 | 8 | 7 | 6 | 4 | A | 0 | D |
| A | 6 | 0 | C | 4 | 9 | B | 5 | 2 | D | 7 | 3 | 1 | E | 8 |
| 9 | E | 3 | B | D | 0 | 8 | A | 1 | 4 | 2 | 5 | 6 | 7 | C |
| 7 | 5 | 1 | 8 | E | 3 | 4 | 6 | C | 9 | B | 0 | D | 2 | A |
| D | C | 4 | A | 5 | 2 | 3 | 7 | E | 6 | 8 | 1 | 0 | B | 9 |
| 2 | 8 | B | 6 | 7 | 1 | 9 | 0 | D | A | E | C | 4 | 3 | 5 |
| 6 | B | 7 | 9 | 3 | 4 | D | E | 5 | C | 1 | A | 2 | 8 | 0 |
| 1 | 3 | 9 | E | 0 | A | 6 | B | 4 | 2 | 5 | 8 | C | D | 7 |
| E | 4 | D | 7 | 2 | B | C | 8 | A | 0 | 3 | 6 | 5 | 9 | 1 |
| C | 2 | 8 | 5 | 6 | D | 1 | 9 | 0 | B | 4 | 7 | E | A | 3 |
| 5 | 0 | A | 1 | C | 8 | 2 | 3 | 7 | E | D | 9 | B | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅସ୍ଥିମଜ୍ଜାଗତ ଅନ୍ଧବିଶ୍ୱାସ

ମହାଶୟ,

ଗଞ୍ଜାମ ଜିଲାପାଳ ଭୂତ ପ୍ରମାଣ ପାଇଁ ୫୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିବା ଖବର ପ୍ରକାଶ ପାଇଛି। ଓଡ଼ିଶାର ଅନେକ ଅଞ୍ଚଳରେ ଲୋକେ ଆଜି ପର୍ଯ୍ୟନ୍ତ ଗୁଣିଗାରେଡିରେ ବିଶ୍ୱାସ ରଖିଛନ୍ତି। ଏବେ ମଧ୍ୟ ଚୋରି ଅପରାଧୀଙ୍କୁ ଧରିବା ପାଇଁ ଖଟବୁଲା ପ୍ରକାଶ୍ୟରେ ହେଉଛି। ମାନସିକ ପୂରଣ ପାଇଁ କଳାହାଣ୍ଡି ଛତର ଯାତ୍ରାରେ ହଜାର ହଜାର ପଶୁପକ୍ଷୀ ବଳି ନ୍ୟାୟାଳୟଙ୍କ ବାରଣ ସତ୍ତ୍ୱେ ଚାଲିଛି। ଏବେ ମଧ୍ୟ ଶିଶୁ ଉପରେ ଡାହାଣୀ ନଜର ନ ପଡ଼ିବା ପାଇଁ ମନ୍ତୁରା ଲୁଣରେ ଝାଡି ଦିଆଯାଉଛି। ତେବେ ଏ ସବୁର ପ୍ରତିକାର ସମ୍ଭବ ନ ହେଲେ ମଧ୍ୟ ଜନସଚେତନତା ସୃଷ୍ଟି ପାଇଁ ଜିଲାପାଳଙ୍କ ଉଦ୍ୟମ ପ୍ରଶଂସନୀୟ। ଅସ୍ଥିମଜ୍ଜାଗତ ଅନ୍ଧବିଶ୍ୱାସ କ'ଣ ସହଜରେ ହଟିବ ? କେବଳ ଶିକ୍ଷା ହିଁ ଏହାକୁ ଦୂର କରିପାରିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଆମେ ଗରିବକୁ ଠକୁ

ଗଲା ଦୀପାବଳିର ପୂର୍ବ ଦିନ ଗୋଟିଏ ବୁଢ଼ୀ ପାଖରେ ଅନେକ ଲୋକ ଜମା ହୋଇଥିଲେ। ଦୀପ ଶହ ୪୦ ଟଙ୍କାରେ ଅନ୍ୟତ୍ର ବିକ୍ରି ହେଉଥିବା ବେଳେ ସେ ୨୫ ଟଙ୍କାରେ ବିକୁଥିଲା। ଲୋକେ ମୂଲଚାଲ କରି ତାକୁ ୨୦ ଟଙ୍କାରେ କିଣିନେଲେ। ତା' ଭିତରେ ଜଣେ ଦୁଇଜଣ ପଇସା ନ ଦେଇ ନେଇଗଲେ। ମୁଁ ମନେମନେ ଭାବିଲି ବୁଢୀଟି ସତରେ କେତେ ଦୁଃଖୀ। ଆମେ ବଡ଼ ବଡ଼ ଦୋକାନକୁ ଗଲେ ସେମାନେ ଯେଉଁ ଦାମ୍ କହନ୍ତି ଆମେ ଦେଇଦେଉ। ମୂଲଚାଲ କରିବାକୁ ସାହସ କରି ନ ଥାଉ। ଅଥଚ ଗରିବ ବୁଢୀଟି ସହିତ ମୂଲଚାଲ କରି ଲୋକେ ତା' ଦାରିଦ୍ର୍ୟର ଫାଇଦା ଉଠେଇଲେ। ପ୍ରକୃତରେ ଆମେ ଗରିବ ଲୋକଙ୍କୁ ଠକିଥାଉ, ତାଙ୍କ ଅଗୋଚରରେ ତାଙ୍କ ଜିନିଷକୁ ମାଗଣାରେ ଉଠେଇ ନେଉ। ଆମର ମାନବିକତାବୋଲି କିଛି ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୧ ଡିସେମ୍ବର, ୨୦୧୯



ଉନ୍ନାଓ ବଳାତ୍କାର ମାମଲାରେ ଦିଲ୍ଲୀ କୋର୍ଟ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଭାଜପାର ପୂର୍ବତନ ବିଧାୟକ କୁଳଦୀପ ସିଂ ସେନ୍‌ଗାର ଏହି ମାମଲାରେ ଅଭିଯୁକ୍ତ ଥିବାବେଳେ କୋର୍ଟ ଶୁଣାଣି ୧୬ରେ କରାଯିବ ବୋଲି ଜିଲା ଜଜ୍ ଧର୍ମେଶ ଶର୍ମା କହିଛନ୍ତି। ୨୦୧୭ରେ ଉନ୍ନାଓ ପୀଡ଼ିତା ନାବାଳିକା ଥିବାବେଳେ ତାଙ୍କୁ ସେନ୍‌ଗାର ଅପହରଣ ଓ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।



# ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ଶିକ୍ଷା ବିକାଶ ଯାତ୍ରା

ଭୁବନେଶ୍ୱର,୧୦।୧୨

ପିଲାମାନଙ୍କୁ ବିଦ୍ୟାଳୟ ଚାରିକାନ୍ଥ ଭିତରୁ ବାହାର କରି ବାହାର ଦୁନିଆ ବିଷୟରେ ଜ୍ଞାନ ପ୍ରଦାନ କରିବା ଲକ୍ଷ୍ୟରେ ପୁରୀ ଜିଲା ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ମଙ୍ଗଳବାର ୧୫ତମ ଶିକ୍ଷା ବିକାଶ ଯାତ୍ରା ଅନୁଷ୍ଠିତ ହୋଇଛି। ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ଏକ ଶିଶୁ ପ୍ରତିନିଧି ଦଳ ଅପରାହ୍ନରେ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପିଲାମାନଙ୍କ ସହ ଭାବବିନିମୟ କରିଥିଲେ। ଏହି ଅବସରରେ ପିଲାମାନେ ଛାପା ଗଣମାଧ୍ୟମ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ପୂର୍ବାହ୍ନରେ ଏହି ଶିଶୁ ପ୍ରତିନିଧି ଦଳ ଭୁବନେଶ୍ୱର ସୂର୍ଯ୍ୟନଗରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ବିଦୁସ୍ମିତା, ଟ୍ୱିଙ୍କଲ୍, ନଟିଆ କମେଡିଆନ ସ୍ମୃତିରଞ୍ଜନ ମହାନ୍ତି ପ୍ରମୁଖ ପିଲାମାନଙ୍କ ସହ ଭାବବିନିମୟ କରିବା ସହ ପିଲାବେଳର ସ୍ମୃତି ସାଉଁଟିଥିଲେ। ପରେ ପିଲାମାନେ ଆଦିବାସୀ ସଂଗ୍ରହାଳୟ, ଜୈବ ପ୍ରାକୃତିକ ବିଜ୍ଞାନ କେନ୍ଦ୍ର, କଳିଙ୍ଗ ଟିଭି ଆଦି ବିଭିନ୍ନ ଅନୁଷ୍ଠାନ ବୁଲି ସେଠାରୁ ଜ୍ଞାନ ଆହରଣ କରିଥିଲେ। ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ସୁବ୍ରତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ରାଉତ, ଗୌରୀପ୍ରିୟା ନନ୍ଦ, ଦୀପକ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବା ନିମାପଡ଼ାର ଲିଟିଲ୍ ଷ୍ଟାର ଗ୍ରୁପ୍‌ର ଏକ ଶିଶୁ ପ୍ରତିନିଧି ଦଳ।

# ୭ମ ରାଜ୍ୟ ଟେଲି ପୁରସ୍କାର

## 'ରହିଛି ରହିବି ତୋରି ପାଇଁ' ଶ୍ରେଷ୍ଠ ଧାରାବାହିକ

- ଜୟନ୍ତ ସାନ୍ତରା ଶ୍ରେଷ୍ଠ ଅଭିନେତା
- ସୋଫିଆ, ସୋନାଲି ଶ୍ରେଷ୍ଠ ଅଭିନେତ୍ରୀ
- 'ପେନ୍‌ସନ' ଶ୍ରେଷ୍ଠ ଟେଲିଫିଲ୍ମ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

୨୦୧୮ ମସିହା ଲାଗି ମଙ୍ଗଳବାର ୭ମ ରାଜ୍ୟ ଟେଲି ପୁରସ୍କାର ଘୋଷଣା ହୋଇଛି। ଏଥର ଶ୍ରେଷ୍ଠ ଟେଲି ଧାରାବାହିକ ଭାବେ ପ୍ରଦ୍ୟୁମ୍ନ କୁମାର ଲେଙ୍କାଙ୍କ 'ରହିଛି ରହିବି ତୋରି ପାଇଁ' ମନୋନୀତ ହୋଇଛି। ସେହିଭଳି ଏହି ଧାରାବାହିକର ହରିଶ ମହାନ୍ତିଙ୍କୁ 'ଶ୍ରେଷ୍ଠ ନିର୍ଦ୍ଦେଶକ' ଭାବେ ପୁରସ୍କୃତ କରାଯିବ। 'ପେନ୍‌ସନ୍'ର ଜୟନ୍ତ ସାନ୍ତରାଙ୍କୁ 'ଶ୍ରେଷ୍ଠ ଅଭିନେତା' ଏବଂ 'ଶ୍ରେଷ୍ଠ ଅଭିନେତ୍ରୀ' ଭାବେ 'ରହିଛି ରହିବି ତୋରି ପାଇଁ'ର ସୋଫିଆ ସିକନ୍ଦର ଓ 'କମଲି'ର ସୋନାଲି ନାୟକଙ୍କୁ ମିଳିତଭାବେ ପୁରସ୍କାର ପ୍ରଦାନ କରାଯିବ। 'ଶ୍ରେଷ୍ଠ ଟେଲି ଫିଲ୍ମ' ଭାବେ 'ପେନ୍‌ସନ୍' ରାଜ୍ୟ ଟେଲି ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାବେଳେ ଏହାର ପ୍ରଯୋଜକ ମାଥ୍ୟୁ ଜେନି ଜୋସେଫ୍ ଓ ଶିଲ୍ପାକ୍ରିଷ୍ଟା ଶୁକ୍ଳା ପୁରସ୍କୃତ ହେବେ। ସେହିଭଳି 'ଶ୍ରେଷ୍ଠ ଟେଲି ଫିଲ୍ମ ନିର୍ଦ୍ଦେଶକ' ଭାବେ 'ପାଇକ ବିଦ୍ରୋହ'ର ଅନୁଜ ତ୍ୟାଗୀ ଓ ନିଶ୍ଚୟ ରାଉତ ଏହି ପୁରସ୍କାର ଗ୍ରହଣ କରିବେ।

ଟେଲି ଧାରାବାହିକ 'କମଲି'ର ମହମ୍ମଦ ବବଲୁଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା', 'ରହିଛି ରହିବି ତୋରି ପାଇଁ'ର ପ୍ରିୟଙ୍କା ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ଅଭିନେତ୍ରୀ', 'ରୂପା ଜହ୍ନ'ର ଗୋପାଳ ଶର୍ମାଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଖଳନାୟକ' ଓ 'ତୋ ପାଇଁ ମୁଁ'ର ନିର୍ଝରଣୀ ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଖଳନାୟିକା', କିଶୋର ରଥଙ୍କୁ 'ଶ୍ରେଷ୍ଠ ହାସ୍ୟ ଅଭିନେତା', ସାଇସ୍ୱରୂପ ମିଶ୍ରଙ୍କୁ 'ଶ୍ରେଷ୍ଠ ଶିଶୁ କଳାକାର', 'ପେନ୍‌ସନ୍'ର ବିଶାଳ ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ସଂଳାପ ଲେଖକ', ପ୍ରସନ୍ନ କରଙ୍କୁ 'ଶ୍ରେଷ୍ଠ ଡାଏଲଗ୍ ଲେଖକ', 'କମଲି'ର ଆତ୍ମାନନ୍ଦ ନାୟକଙ୍କୁ 'ଶ୍ରେଷ୍ଠ ସ୍କ୍ରିନ୍ ପ୍ଲେ', 'ପାଇକ ବିଦ୍ରୋହ' ପାଇଁ ଅର୍ଜିତ ଡି. ରସ୍ତୋଗୀଙ୍କୁ 'ଶ୍ରେଷ୍ଠ ସମ୍ପାଦନା' ନିମନ୍ତେ ପୁରସ୍କୃତ କରାଯିବ। 'ପାଇକ ବିଦ୍ରୋହ' ପାଇଁ ପ୍ରତାପ ରାଉତଙ୍କୁ 'ଶ୍ରେଷ୍ଠ ଚିତ୍ରଗ୍ରହଣକାରୀ', 'କମଲି' ପାଇଁ ଶରତଙ୍କୁ 'ଶ୍ରେଷ୍ଠ ଶବ୍ଦଗ୍ରହଣକାରୀ'ଭାବେ ପୁରସ୍କୃତ କରାଯିବ। ସେହିପରି ଟେଲି ଧାରାବାହିକ ପାଇକ ବିଦ୍ରୋହ ପାଇଁ ଅକ୍ଷୟ କୁମାର ପରିଜାଙ୍କୁ 'ସ୍ୱତନ୍ତ୍ର ଜୁରି ସମ୍ମାନ', ଚିନ୍ତାମଣି ବେହେରାଙ୍କ 'କମଲି'କୁ 'ଓଡ଼ିଶା ଆଦିବାସୀ ଭାଷାରେ ଶ୍ରେଷ୍ଠ ଟେଲି ଫିଲ୍ମ' ଓ ସୁନୀଲ କୁମାର ଦାସଙ୍କ 'ଗାନ୍ଧୀ ଆସୁଛନ୍ତି'କୁ 'ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର' ଭାବେ ପୁରସ୍କୃତ କରାଯିବ। ଡିସେମ୍ବର ୨୦ରେ ଉତ୍କଳ ମଣ୍ଡପଠାରେ ସ୍ୱତନ୍ତ୍ର ପୁରସ୍କାର ଉତ୍ସବର ଆୟୋଜନ କରାଯାଇ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି।

## ମହିଳା, ଶିଶୁ ନିର୍ଯାତନା ଚିନ୍ତା

# ରାଜ୍ୟରେ ସ୍ଥାପନ ହେବ ୪୫ ନୂତନ ଫାଷ୍ଟଟ୍ରାକ୍ କୋର୍ଟ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ମହିଳା ଓ ଶିଶୁ ନିର୍ଯାତନାର ଦ୍ୱରିତ ବିଚାର ପାଇଁ ରାଜ୍ୟରେ ୪୫ଟି ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ କରାଯିବ। ଏ ନେଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। ମଙ୍ଗଳବାର ଏହି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପ୍ରତାପ ଜେନା। ସେଥିରୁ ୨୧ଟି କୋର୍ଟ ସ୍ୱତନ୍ତ୍ର ଭାବେ ମହିଳାଙ୍କୁ ବଳାତ୍କାର ଓ ଯୌନ ନିର୍ଯାତନା ମାମଲାର ବିଚାର କରିବ। ମହିଳା ନିର୍ଯାତନା ସଂକ୍ରାନ୍ତ ମାମଲାରେ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଇ ଆସୁଛନ୍ତି। ସେହି ଅନୁଯାୟୀ ୪୫ଟି ନୂତନ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ସେଥିରୁ ୨୪ଟି କୋର୍ଟ ସ୍ୱତନ୍ତ୍ର ଭାବେ ଶିଶୁ ଯୌନ ନିର୍ଯାତନା ସୁରକ୍ଷା ଆଇନ (ପୋକ୍‌ସୋ)-୨୦୧୨ ମାମଲାଗୁଡ଼ିକର ବିଚାର ପାଇଁ କାର୍ଯ୍ୟ କରିବ। ରାଜ୍ୟରେ ମହିଳାଙ୍କ ବିରୋଧରେ ହେଉଥିବା ନିର୍ଯାତନା ମାମଲା ବେଳକୁ ବେଳ ବଢ଼ି ଚାଲିଛି। ମିଳିଥିବା ସୂଚନା ଅନୁଯାୟୀ ୨୦୦୭ରେ ମହିଳାଙ୍କ ବିରୋଧରେ ସମଗ୍ର ରାଜ୍ୟରେ ୧,୮୫,୩୧୨ ନିର୍ଯାତନ ମାମଲା ହୋଇଥିବାବେଳେ ୨୦୧୧ରେ ୨,୨୮,୬୫୦ ମାମଲା ରୁଜୁ ହୋଇଛି। ସେହିପରି ଶିଶୁମାନଙ୍କ କ୍ଷେତ୍ରରେ ମଧ୍ୟ ନିର୍ଯାତନା ବଢ଼ି ଚାଲିଛି। ଏସବୁ ମାମଲାର ଦ୍ୱରିତ ନ୍ୟାୟ ପାଇଁ ସରକାର ଅଧିକ ଫାଷ୍ଟ ଟ୍ରାକ୍ କୋର୍ଟ ଉପରେ ଗୁରୁତ୍ୱ ଦେଉଛନ୍ତି।





ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦୂର ହୋଇଛି। ସଂସ୍କୃତ ପ୍ରଫେସର ଫେରୋଜ ଖାନ୍ ନିଜ ପଦରୁ ଇସ୍ତଫା ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ସଂସ୍କୃତ ବିଦ୍ୟା ଧର୍ମ ବିଜ୍ଞାନ ବିଭାଗ ଡିନ୍ ବିନ୍ଧେଶ୍ୱରୀ ପ୍ରସାଦ ମିଶ୍ର ଏନେଇ ସୂଚନା ଦେଉଥିବାବେଳେ ପ୍ରଫେସର ଖାନ୍ ବିଶ୍ୱବିଦ୍ୟାଳୟର ଆର୍ଟ୍ସ ବିଭାଗରେ ଯୋଗଦେଇଥିବା କହିଛନ୍ତି। କେବଳ ହିନ୍ଦୁ ହିଁ ସଂସ୍କୃତ ପଢ଼ାଇବ ବୋଲି ଛାତ୍ରୀଛାତ୍ରମାନେ ଦାବି କରିଆସୁଥିଲେ।



## ଜିଲା ଚିଠି
## ଜଗତ୍ସିଂହପୁର

## କ୍ରୀଡ଼ା ଭିତ୍ତିଭୂମି

କ୍ରୀଡ଼ା ଭିତ୍ତିଭୂମି ଅଭାବରୁ ଏ କ୍ଷେତ୍ରରେ ଆମେ ଆଶାଜନକ ସଫଳତା ପାଇପାରୁନାହୁଁ। ଅର୍ଥାତ୍ ଆମ ପିଲାମାନେ ଖେଳିବାକୁ ପଡିଆ ନ ପାଇ ସଙ୍କୁଚିତ ହୋଇଯାଉଛନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନରେ ଖେଳ ପଡିଆର ଅଭାବ ସରକାରୀ ଉଦାସୀନତାର ପ୍ରମାଣ ଦେଉଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ବାଛିଲା ପରି ଜଗତ୍ସିଂହପୁର ଜିଲା କଥା ଆଲୋଚନା ପରିସରକୁ ନିଆଯାଇପାରେ। ଏହି ଜିଲାରେ ମୋଟ ଉପରେ ୧୭୧୪ଟି ସରକାରୀ, ଅନୁଦାନପ୍ରାପ୍ତ, ବେସରକାରୀ ଓ ଅନ୍ୟାନ୍ୟ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ସରକାରୀ ବିଦ୍ୟାଳୟ ସଂଖ୍ୟା ହେଉଛି ୧୨୫୩। ସେହିପରି ଅନୁଦାନପ୍ରାପ୍ତ ୧୯୪ ଓ ବେସରକାରୀ ଆଦି ୨୬୭ଟି ସ୍କୁଲ ରହିଛି। ତେବେ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୬୬ଟିରେ ଖେଳ ପଡିଆ ନ ଥିବା ଦର୍ଶାଯାଉଛି। ଆଶ୍ଚର୍ଯ୍ୟର କଥା ହେଲା ଏହିସବୁ ବିଦ୍ୟାଳୟରେ ଖେଳ ଶିକ୍ଷକ ଅର୍ଥାତ୍ ପିଇଟି ନିଯୁକ୍ତ ହୋଇଥିବା କୁହାଯାଉଛି। ଯଦି ଖେଳ ଶିକ୍ଷକ ଅଛନ୍ତି ଆଉ ପଡିଆ ନାହିଁ ତେବେ ପିଲାମାନଙ୍କ ପ୍ରତି ସରକାର କେତେ ଦରଦୀ ତାହା ସହଜରେ ଅନୁମେୟ। ଏନେଇ ଅନେକ ସମୟରେ ପ୍ରଶ୍ନ ଉଠୁଥିଲେ ସୁଦ୍ଧା ସମାଧାନ ନ ହେବା ଚିନ୍ତାର କାରଣ ହୋଇଛି। କେବଳ ଉଚ୍ଚ ବିଦ୍ୟାଳୟ ନୁହେଁ, ୧୦୦ରୁ ଅଧିକ ପିଲା ଥିବା ଉଚ୍ଚ ପ୍ରାଥମିକ (ୟୁପି) ବିଦ୍ୟାଳୟରେ ମଧ୍ୟ ପାର୍ଟ ଟାଇମ୍ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ଦିଆଯାଉଛି। ଏହି ଅନୁଯାୟୀ ଜଗତ୍ସିଂହପୁର ଜିଲାରେ ପାଖାପାଖି ୮୦ ଜଣ ପାର୍ଟ ଟାଇମ୍ କ୍ରୀଡ଼ା ଶିକ୍ଷକ ନିଯୁକ୍ତ ହୋଇଛନ୍ତି। କିନ୍ତୁ ଜିଲାରେ ଥିବା ମୋଟ ୟୁପି ସ୍କୁଲଗୁଡ଼ିକ ମଧ୍ୟରୁ ପାଖାପାଖି ୮୦%ରେ ପଡିଆ ନାହିଁ। ଯଦି ପଡିଆ ନାହିଁ ତେବେ ଏହି କ୍ରୀଡ଼ା ଶିକ୍ଷକମାନେ ପିଲାଙ୍କୁ କେଉଁଠି ଏବଂ କିପରି କ୍ରୀଡ଼ା ଶିକ୍ଷା ଦେଉଥିବେ ତାହା ମଧ୍ୟ ଆଲୋଚନାର ବିଷୟ ହୋଇଛି। ଚଳିତବର୍ଷ ରାଜ୍ୟ ସରକାର ପ୍ରଥମ ଥର ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକୁ କ୍ରୀଡ଼ା ସାମଗ୍ରୀ କିଣିବା ବାବଦରେ ବିଦ୍ୟାଳୟ ଛାତ୍ରୀଛାତ୍ର ହାରରେ ଅନୁଦାନ ଯୋଗାଇଛନ୍ତି। ଏହି ଅନୁଯାୟୀ ଜିଲାର ସମସ୍ତ ସରକାରୀ ବିଦ୍ୟାଳୟରେ ଅନୁଦାନ ପହଞ୍ଚିଛି। କିନ୍ତୁ କ୍ରୀଡ଼ା ସାମଗ୍ରୀ କିଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କଠାରୁ କ୍ରୀଡ଼ା ସାମଗ୍ରୀ କ୍ରୟ କରିବା ପାଇଁ କୁଆଡ଼େ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ପରୋକ୍ଷ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବାଦ୍ ଯେଉଁ ସାମଗ୍ରୀ କିଣାଗଲା ତାହାର ମାନକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏକଥା କୁହାଯାଉଛି, ଯେଉଁଠି ଖେଳ ପଡିଆ ନାହିଁ ସେଠି ସାମଗ୍ରୀର ମାନ ଭଲ ରହିବ କିପରି? ଅର୍ଥାତ୍ ଯେନେତେନ ପ୍ରକାରେ ଶସ୍ତା ସାମଗ୍ରୀ କିଣି ପ୍ରଦର୍ଶନୀ କରି ରଖିବା। ଏଭଳି ଅଭିଯୋଗ ଉପରେ କେବଳ ଉପରଠାଉରିଆ ତଦନ୍ତ କରି ପ୍ରସଙ୍ଗକୁ ଚାପି ଦେବାକୁ ଅପଚେଷ୍ଟା କଲେ ହେବ ନାହିଁ। ମୂଳ ପ୍ରସଙ୍ଗକୁ ଯିବାକୁ ପଡିବ। ଯେଉଁଠି କ୍ରୀଡ଼ା ଭିତ୍ତିଭୂମି ନାହିଁ, ଖେଳ ନ ଥାଇ କ୍ରୀଡ଼ା ଶିକ୍ଷକ ନିଯୁକ୍ତ ହେଉଛନ୍ତି ସେ କ୍ଷେତ୍ରରେ ସରକାର ଅନୁଦାନ ଦେଇ ଦୁର୍ନୀତି ପାଇଁ ସୁଯୋଗ ସୃଷ୍ଟି କରୁନାହାନ୍ତି ତ ?

– ପ୍ରମୋଦ କୁମାର ନାୟକ

# ବିଧାନ ପରିଷଦ ପାଇଁ ବାଟ ଫିଟୁଛି

- ଅନୁମୋଦନ ହେବା ଆବଶ୍ୟକ: ପିନାକୀ
- କେନ୍ଦ୍ର ନିଷ୍ପତ୍ତି ନେବ: ପ୍ରତାପ
- ରାଜ୍ୟ ସ୍ୱାର୍ଥ ବାଧାପ୍ରାପ୍ତ: ସପ୍ତଗିରି

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ଓଡ଼ିଶାରେ ବିଧାନ ପରିଷଦ ପ୍ରତିଷ୍ଠା ନେଇ ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଯାଇଛି। ଏଥିପାଇଁ କେବଳ କେନ୍ଦ୍ରର ଅନୁମତି ଆବଶ୍ୟକ। ତେଣୁ ଆସନ୍ତା ବଜେଟ ଅଧିବେଶନରେ ଓଡ଼ିଶାରେ ବିଧାନ ପରିଷଦ ସଂକ୍ରାନ୍ତ ବିଲ୍ ଆସିବା ନେଇ ବିଜେଡି ଆଶାବାଦୀ ରହିଛି। ୨୦୧୯ ନିର୍ବାଚନ ଫଳାଫଳ ପରେ କେନ୍ଦ୍ର-ରାଜ୍ୟ ସମ୍ପର୍କରେ ପରିବର୍ତ୍ତନ ଆସିଛି। ବିଭିନ୍ନ ପ୍ରସଙ୍ଗ ଉଭୟେ ପରସ୍ପରକୁ ସହଯୋଗ କରୁଥିବା ଦେଖାଦେଇଛି। ଲୋକ ସଭାରେ ସୋମବାର ଆଗତ ହୋଇଥିବା ବହୁ ଚର୍ଚ୍ଚିତ ନାଗରିକତ୍ୱ ସଂଶୋଧନ ବିଧେୟକ-୨୦୧୯କୁ ବିଜେଡି ସମର୍ଥନ କରିଛି। କେନ୍ଦ୍ରକୁ ବିଜେଡିର ଏପରି ସମର୍ଥନ ଆଗାମୀ ଦିନରେ ବିଧାନ ପରିଷଦ ଅନୁମୋଦନ ପାଇଁ ବାଟ ଫିଟାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ବିଜେଡିର ୨ ବରିଷ୍ଠ ଲୋକ ସଭା ଏମ୍ପି ଏବଂ ୨ ରାଜ୍ୟ ସଭା ସଦସ୍ୟ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିବା ଜଣାପଡିଛି। କେନ୍ଦ୍ର ଉପରେ ବକେୟା ରହିଥିବା ଅନୁଦାନ, ଜିଏସ୍ଟି ବାବଦ ଅନୁଦାନ ଏବଂ କୋଇଲା ରୟାଲ୍ଟି ସଂଶୋଧନ ନେଇ ଆଲୋଚନା ହୋଇଥିଲା। ଏହି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ସଭାପତି ଶାହାଙ୍କ ସହ ବିଧାନ ପରିଷଦ ନେଇ କଥାବାର୍ତ୍ତା ହୋଇଥିବା ଜଣାପଡିଛି।

ଏହି ପ୍ରସଙ୍ଗରେ ବିଜେଡି ସଂସଦୀୟ ଦଳ ନେତା (ଲୋକ ସଭା) ପିନାକୀ ମିଶ୍ର ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି ଯେ, ରାଜ୍ୟରେ ବିଧାନ ପରିଷଦ ନେଇ ଓଡ଼ିଶା ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଯାଇଛି। ତେଣୁ ଏହି ସମ୍ପର୍କିତ ବିଧେୟକ ଆଗାମୀ ଅଧିବେଶନରେ ଆସିଯିବା ଉଚିତ ବୋଲି ପିନାକୀ ମତ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ପ୍ରତାପ ଷଡଙ୍ଗୀ କହିଛନ୍ତି ଯେ, ବିଧାନ ପରିଷଦ ବ୍ୟବସ୍ଥାକୁ କେନ୍ଦ୍ର ସରକାର ଅନୁମୋଦନ କରିବେ। ଏ ସମ୍ପର୍କରେ ସେ ମତାମତ ଦେବା ଉଚିତ ହେବ ନାହିଁ ବୋଲି ପ୍ରତାପ କହିଛନ୍ତି। ଅପରପକ୍ଷରେ ରାଜ୍ୟରୁ ଲୋକ ସଭାରେ କଂଗ୍ରେସର ଏକମାତ୍ର ଏମ୍ପି ସପ୍ତଗିରି ଉଲ୍ଲାକା ଉଭୟ ବିଜେଡି-ଭାଜପାକୁ ସମାଲୋଚନା କରିଛନ୍ତି। ସପ୍ତଗିରି କହିଛନ୍ତି ଯେ, ଜାତୀୟସ୍ତରରେ ଭାଜପାକୁ ବିଭିନ୍ନ ପରିସ୍ଥିତିରେ ବିଜେଡି ଖୋଲାଖୋଲି ସହଯୋଗ କରିଆସୁଛି। ଅନୁରୂପ ଭାବେ ଭାଜପା ମଧ୍ୟ ରାଜ୍ୟ ସମ୍ପର୍କିତ ସମସ୍ୟା ସଂସଦରେ ଉଠାଉନାହିଁ, ଯାହା ବିଜେଡିକୁ ସୁହାଉଛି। ଏହା ଦ୍ୱାରା ରାଜ୍ୟ ସ୍ୱାର୍ଥ ବହୁଳଭାବେ ପ୍ରଭାବିତ ହେଉଥିବା ସପ୍ତଗିରି ଉଲ୍ଲେଖ କରିଛନ୍ତି। ଯଦି କେନ୍ଦ୍ର-ରାଜ୍ୟ ମଧ୍ୟରେ ସବୁକିଛି ଠିକ୍ ରୁହେ, ତେବେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶା ବିଧାନ ପରିଷଦ ଦାବିକୁ ଅନୁମୋଦନ ମିଳିଯାଇପାରେ ବୋଲି କୁହାଯାଉଛି।

## ■ ବୌଦ୍ଧ ପୁସ୍ତକମେଳା ଉଦ୍ଯାପିତ
# ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ପୁସ୍ତକମେଳା ଗୁରୁତ୍ୱପୂର୍ଣ୍ଣ

ବୌଦ୍ଧ, ୧୦।୧୨(ସ୍ୱ.ପ୍ର)



ବୌଦ୍ଧ ପୁସ୍ତକ ମେଳାର ଉଦ୍ଯାପନୀ ସନ୍ଧ୍ୟାରେ ଗଣମାଧ୍ୟମ ଓ ଲୋକସମ୍ପର୍କ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡଃ ଲେନିନ ମହାନ୍ତିଙ୍କୁ 'ବାର୍ତ୍ତାବହ ସମ୍ମାନ-୨୦୦୯'ରେ ସମ୍ମାନିତ କରାଯାଉଛି।

ବୌଦ୍ଧ ଜିଲା ସଦର ମହକୁମା କଚେରି ପଡିଆଠାରେ ଡିସେମ୍ବର ୩ ତାରିଖରୁ ଆରମ୍ଭ ହୋଇଥିବା ୭ ଦିନିଆ 'ପଞ୍ଚଦଶ ବୌଦ୍ଧ ପୁସ୍ତକମେଳା' ସୋମବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଗଣମାଧ୍ୟମ ଓ ଲୋକ ସମ୍ପର୍କ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜ ମୁଖ୍ୟଅତିଥି, ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡଃ ଲେନିନ ମହାନ୍ତି, ବୌଦ୍ଧ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ ଓ ସମ୍ବାଦର ଉପମହାପ୍ରବନ୍ଧକ ଦେବେନ୍ଦ୍ର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ଏବଂ ଓଡ଼ିଆ ପୁସ୍ତକର ଆଦୃତି ବଢାଇବାରେ ପୁସ୍ତକମେଳା ଆୟୋଜନର ଯଥାର୍ଥତା ରହିଛି ବୋଲି ମତପ୍ରକାଶ କରିଥିଲେ। ବିଭିନ୍ନ ସ୍ଥାନରେ ପୁସ୍ତକମେଳା ଆୟୋଜନ କରାଯିବା ଫଳରେ ପାଠିକପାଠକଙ୍କ ନିକଟରେ ରୁଚି ଅନୁଯାୟୀ ପୁସ୍ତକ ଉପଲବ୍ଧ ହୋଇପାରୁଛି। ଆୟୋଜକ ଅନୁଷ୍ଠାନମାନଙ୍କର ଆନ୍ତରିକତା ଓ ନିଷ୍ଠାପରତା ଯୋଗୁ ଏହା ସମ୍ଭବ ହୋଇପାରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁସ୍ତକମେଳା ଆୟୋଜକଙ୍କ ପକ୍ଷରୁ ବୌଦ୍ଧ ଜିଲାପାଳ ଲଳାଟେନ୍ଦୁ ମିଶ୍ରଙ୍କ ଉପସ୍ଥିତିରେ ଗଣମାଧ୍ୟମ ଓ ଲୋକସମ୍ପର୍କ ଉପଦେଷ୍ଟା ମଙ୍ଗରାଜ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡଃ ମହାନ୍ତିଙ୍କୁ 'ବାର୍ତ୍ତାବହ ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଥିଲା।

# ଟୋକନ ବ୍ୟବସ୍ଥାରେ ଅସୁବିଧା ଭୋଗୁଛନ୍ତି ଚାଷୀ: କଂଗ୍ରେସ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ରାଜ୍ୟ ସରକାର ଚଳିତବର୍ଷ ଧାନ ବିକ୍ରି ପାଇଁ ଟୋକନ୍ ବ୍ୟବସ୍ଥା କରିଥିବାରୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥର ଧାନ କ୍ରୟ ବ୍ୟବସ୍ଥାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଏକ ତଥ୍ୟ ଅନୁଧ୍ୟାନକାରୀ କମିଟି ଗଠନ ହୋଇଥିଲା। ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ଆବାହକତ୍ୱରେ ଗଠିତ ଏହି ୫ଜଣିଆ ଟିମ୍ ଇତିମଧ୍ୟରେ ସୁବର୍ଣ୍ଣପୁର, ବଲାଙ୍ଗୀର ଓ ବରଗଡ଼ ଜିଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ମଣ୍ଡି ପରିଦର୍ଶନ ସମୟରେ ଏହି ଟିମ୍ ଚାଷୀଙ୍କଠାରୁ ଟୋକନ୍ ପ୍ରକ୍ରିୟାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଛନ୍ତି ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ ବୋଲେ ରାଉ ରାଉ;**
**କଥାଏ ଦି' କଥା କହି ଥାଆନ୍ତି,**
**ବଣା କଲା ଭାଇ ବୋହୂ।**

ସମୟ ସୁବିଧା ଦେଖି ମଣିଷ ନିଜ ମନର କଥା ଅନ୍ୟ ସହ ବାଣ୍ଟିଥାଏ। ତେବେ ପାଖରେ ଯଦି କେହି ନିଜ ଲୋକ ରହିଥାଏ ତା'ହେଲେ ଗୋପନ କଥା ଗୋପନରେ ରହିଯାଇଥାଏ। କାଳେ କିଛି ଜଣା ପଡ଼ିଯିବ ସେ ନେଇ ମନରେ ଭୟ ସୃଷ୍ଟି ହୋଇଥାଏ। ନିଜର ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ନେଇ ଆତ୍ମୀୟ ପ୍ରତିବନ୍ଧକ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କବି ତୁଣ୍ଡ,**
**ମେଣ୍ଢା ମୁଣ୍ଡ।**

ମେଣ୍ଢା ମୁଣ୍ଡ ଭାରି ଟାଣ। ସେ ତାଳ ପକେଇ ଲଢ଼େଇ କଲାବେଳେ ଠୋ ଠୋ ଶବ୍ଦ ଶୁଭେ। ମେଣ୍ଢା ମୁଣ୍ଡ ଟାଣ ହେଲା ଭଳି କବିଙ୍କର ଲେଖା ମଧ୍ୟ ଟାଣ। ତାଙ୍କ ଲେଖା ଭାରି ଅର୍ଥପୂର୍ଣ୍ଣ, ଟାଣୁଆ ଭାଷା। ସର୍ବୋପରି କବିଙ୍କ ଲେଖା ଗଭୀର ଅର୍ଥ ବିଶିଷ୍ଟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସ୍ମାର୍ଟ ୱାଟର୍ ଡିସ୍ପେନସର୍'ପ୍ରକଳ୍ପ
# ବିଶ୍ୱନାଥଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର ଅଫିସ୍,୧୦।୧୨




ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ବିଶ୍ୱନାଥଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ପି.ବିଶ୍ୱନାଥ ପାତ୍ର ତାଙ୍କର ଉଦ୍ଭାବନ 'ସ୍ମାର୍ଟ ୱାଟର୍ ଡିସ୍ପେନସର୍'କୁ ନେଇ ଏବେ ଚର୍ଚ୍ଚାରେ ରହିଛନ୍ତି। ଜଳ ଅପଚୟ ରୋକିବାରେ ସହାୟକ ଏହି ପ୍ରକଳ୍ପକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ପ୍ରଶଂସା କରିଛନ୍ତି। ଏହା ପରଠୁ ବିଶ୍ୱନାଥଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ମଙ୍ଗଳବାର ଏନେଇ 'ଧରିତ୍ରୀ'ରେ 'ଜଳ ଅପଚୟ ରୋକିବ ସ୍ମାର୍ଟ ୱାଟର୍ ଡିସ୍ପେନସର୍, ବ୍ରହ୍ମପୁର ଛାତ୍ରଙ୍କ ପ୍ରକଳ୍ପକୁ ରୁଷିଆ ରାଷ୍ଟ୍ରପତିଙ୍କ ପ୍ରଶଂସା' ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା। ଅନ୍ୟପଟେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ବିଶ୍ୱନାଥଙ୍କୁ ପ୍ରଶଂସା କରିଛନ୍ତି। ଉଭୟ ଟୁଇଟର୍ ଏବଂ ଫେସ୍ବୁକ୍ରେ ମୁଖ୍ୟମନ୍ତ୍ରୀ ବିଶ୍ୱନାଥଙ୍କ ପାଇଁ ଶୁଭେଚ୍ଛା ବାର୍ତ୍ତା ଲେଖିଛନ୍ତି। ବିଶ୍ୱନାଥଙ୍କ ପ୍ରକଳ୍ପ କିଭଳି ରୁଷିଆ ରାଷ୍ଟ୍ରପତିଙ୍କୁ ପ୍ରଭାବିତ କରିଥିଲା, ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି। ସେହିଭଳି ବିଶ୍ୱନାଥଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ବିଘ୍ନେଶ୍ୱର ପଟ୍ଟନାୟକ ଏବଂ ଆସିଷ୍ଟାଣ୍ଟ କମିଶନର୍ ଜ୍ୟୋତି କୁମାରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ଆଜିଠାରୁ ବିଧାୟକ କଲୋନୀ ଭଙ୍ଗାହେବ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ): ବିଧାୟକଙ୍କ ସରକାରୀ କ୍ୱାର୍ଟର୍ସ ବୁଧବାର ଠାରୁ ଭଙ୍ଗା ଆରମ୍ଭ ହେବ ବୋଲି ଜଣାପଡିଛି। ୨୪ ଜଣ ବିଧାୟକ କ୍ୱାଟର୍ସ ଛାଡି ସାରିଲେଣି। ୪୨ଟି କ୍ୱାଟର୍ସ ଭାଙ୍ଗି ୧୦ ମହଲା ବିଶିଷ୍ଟ ବହୁତଳ ଅଟ୍ଟାଳିକା ନିର୍ମାଣ କରାଯିବ। ଏ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ମଙ୍ଗଳବାର ବିଧାନସଭା ପରିସରର ନିଜ ପ୍ରକୋଷ୍ଠରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଆପାର୍ଟମେଣ୍ଟ ନିର୍ମାଣ ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ନୂତନ ଆପାର୍ଟମେଣ୍ଟରେ ୧୪୦ ବିଧାୟକଙ୍କୁ ଘର ଯୋଗାଇ ଦିଆଯିବ। ଏଥିପାଇଁ ୪୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଘର ଖାଲି କରିବାକୁ ବାଚସ୍ପତି ପୂର୍ବରୁ ଉଭୟ ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ନୋଟିସ ଜାରି କରିଥିଲେ।

# କଂଗ୍ରେସର ଭାରତ ବଞ୍ଚାଓ ସମାବେଶ
# ଆଜି ଦିଲ୍ଲୀ ଯିବେ ଓଡ଼ିଶା ନେତା, କର୍ମୀ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଦଳର ଗୋଟିଏ ବଡ଼ ଗୋଷ୍ଠୀ ବର୍ତ୍ତମାନ ସକ୍ରିୟ ହୋଇଯାଇଥିବା ଜଣାପଡ଼ିଛି। ସୋମବାର ଗୋଟିଏ ବଡ଼ ଗୋଷ୍ଠୀ ସୋନିଆଙ୍କୁ ଭେଟି ପିସିସି ସଭାପତି ବିରୋଧୀ ମନ୍ତବ୍ୟ ରଖିଥିବା ଜଣାପଡିଛି। ନିଜ ଆସନକୁ ସୁରକ୍ଷିତ ରଖିବା ପାଇଁ ନିରଞ୍ଜନ ମଧ୍ୟ ପ୍ରସ୍ତୁତ ହେଉଥିବା କୁହାଯାଉଛି। ଏ ପରିସ୍ଥିତିରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଦିଲ୍ଲୀର ରାମଲୀଳା ମଇଦାନରେ ଭାରତ ବଞ୍ଚାଓ ସମାବେଶ ଆସନ୍ତା ୧୪ ତାରିଖରେ ଆୟୋଜନ ହେବାକୁ ଯାଉଛି। ଏହି ସମାବେଶରେ ପ୍ରାୟ ୧୦୦୦ରୁ ଅଧିକ ଲୋକଙ୍କୁ ସାଙ୍ଗରେ ନେବା ପାଇଁ ନିରଞ୍ଜନ ଯୋଜନା ରଖିଛନ୍ତି। ହେଲେ ନିଜ ହାତରୁ ଯିବାଆସିବା ଭଡ଼ା ଦେଇ ଦିଲ୍ଲୀ ଯିବା ସକାଶେ ପିସିସି ସଭାପତି ଏକ ବ୍ୟବସ୍ଥା କରିଛନ୍ତି। ୧ ହଜାର ଟଙ୍କା ଲେଖାଁଏ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବା ଲାଗି ଦଳୀୟ ନେତା ଓ କର୍ମୀଙ୍କୁ କୁହାଯାଇଛି। ଏହି ଟଙ୍କା ଆଦାୟ ପଦ୍ଧତିକୁ କଂଗ୍ରେସ ନେତା ଓ କର୍ମୀ ନିନ୍ଦା କରୁଛନ୍ତି। ଅପରପକ୍ଷରେ ବୁଧବାର ଓଡ଼ିଶାରୁ ନେତାମାନେ ନିଜ ନିଜ କର୍ମୀଙ୍କୁ ସାଙ୍ଗରେ ଧରି ଦିଲ୍ଲୀ ଗସ୍ତ କରିବେ। ଆଗୁଆ ପିସିସି ସଭାପତି ଦିଲ୍ଲୀ ଯାଇ ନିଜ କର୍ମୀଙ୍କ ରହିବା ବ୍ୟବସ୍ଥା କରୁଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ଏହି ମଉକାରେ ନିରଞ୍ଜନ ନିଜର ଗୋଟିଏ ଗୋଷ୍ଠୀକୁ ସାଙ୍ଗରେ ଧରି ତାଙ୍କ ବିରୋଧରେ ଯାଇଥିବା ଗୋଷ୍ଠୀର କାଉଣ୍ଟର ଦେବେ ବୋଲି ଚାରିଆଡ଼େ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ASTROLOGY

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ନବବର୍ଷ ଧମାକା
ଗୋଟିଏ କଲ୍ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ତିନି ଧରଣର ଲୋକଙ୍କ ପାଇଁ ଏ ପୃଥିବୀ ସୁବର୍ଣ୍ଣ ପୃଷ୍ଠରେ ମଣ୍ଡିତ ହୋଇଥାଏ। ସେମାନେ ହେଲେ ସାହସୀ, ବିଦ୍ୱାନ ଓ କର୍ମୀ।
- ଲାଲ୍‌ବାହାଦୁର ଶାସ୍ତ୍ରୀ



## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ପ୍ରଦ୍ୟୁମ୍ନ



ପଲ୍ଲବ



ପ୍ରିୟରଞ୍ଜନ



କାହ୍ନୁ



ପବିତ୍ର



ଅଶ୍ୱିନୀ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

'ମିସେସ୍ ଇଣ୍ଡିଆ ୟୁନିଭର୍ସ ୨୦୧୯'

# ପ୍ଲାଟିନମ୍ ବର୍ଗରେ ୱାର୍ଲ୍ଡ ଟାଇଟଲ ଜିତିଲେ ସୋନାଲୀ

ଭୁବନେଶ୍ୱର, ୧୦।୧୨ (ବ୍ୟୁରୋ)

'ମିସେସ ଇଣ୍ଡିଆ ୟୁନିଭର୍ସ ୨୦୧୯' ଗ୍ରାଣ୍ଡ୍ ଫିନାଲେର ପ୍ଲାଟିନମ୍ ବର୍ଗରେ ଓଡ଼ିଆ ମହିଳା ସୋନାଲୀ ରାଜ୍ ମହାନ୍ତି 'ମିସେସ ଇଣ୍ଡିଆ ୟୁନିଭର୍ସ ୨୦୧୯' ୱାର୍ଲ୍ଡ୍ ଟାଇଟଲ ହେତେଇଛନ୍ତି। ତୁଷାର ଧଲିୱାଲ ଏବଂ ଅର୍ଚ୍ଚନା ତୋମାରଙ୍କ ଦ୍ୱାରା ମରିସସ୍‌ଠାରେ ଆୟୋଜିତ ଏହି ଜାତୀୟସ୍ତରୀୟ ପାଜେଣ୍ଟର ଟ୍ୟାଲେଣ୍ଟ ରାଉଣ୍ଡରେ ସୋନାଲୀ 'ମିସେସ୍ ଟ୍ୟାଲେଣ୍ଟ' ଟାଇଟଲ ମଧ୍ୟ ହାସଲ କରିଛନ୍ତି। 'ମିସେସ୍ ଇଣ୍ଡିଆ ୟୁନିଭର୍ସ ୨୦୧୯'ର ଭୁବନେଶ୍ୱର ଅଡିଶନ୍‌ରେ ରାଜ୍ୟର ବିଭିନ୍ନ ସହରରୁ ପ୍ରାୟ ୬୦ ମହିଳା ଭାଗ ନେଇଥିଲେ। ତନ୍ମଧ୍ୟରୁ ୯ ଜଣଙ୍କୁ ଜାତୀୟସ୍ତରକୁ ଚୟନ କରାଯାଇଥିଲା। ମରିସସ୍‌ଠାରେ ଆୟୋଜିତ ଜାତୀୟସ୍ତର ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ପ୍ରାୟ ୪୦ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ 'ମିସେସ ଇଣ୍ଡିଆ ୟୁନିଭର୍ସ ଗୋଲ୍ଡ' ଏବଂ 'ମିସେସ ଇଣ୍ଡିଆ ୟୁନିଭର୍ସ ପ୍ଲାଟିନମ୍' ଦୁଇଟି ଶ୍ରେଣୀଭୁକ୍ତ କରାଯାଇଥିଲା। ଗୋଲ୍ଡ ଶ୍ରେଣୀରେ ୨୦-୩୫ ବର୍ଷୀୟା ମହିଳାମାନେ ଭାଗ ନେଇଥିବାବେଳେ ପ୍ଲାଟିନମ୍ ବର୍ଗରେ ୩୫-୫୦ ବର୍ଷୀୟା ମହିଳାମାନେ ଭାଗ ନେଇଥିଲେ। ମରିସସ୍‌ରେ ୧୧ ଦିନର ରହଣି ମଧ୍ୟରେ ପ୍ରତିଯୋଗୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ ଏବଂ ବିଭିନ୍ନ ବର୍ଗରେ ପ୍ରତିଯୋଗୀଙ୍କ ଦକ୍ଷତା ବଲିଉଡ଼ ତଥା ଫ୍ୟାଶନ୍ ଜଗତର ପ୍ରତିଷ୍ଠିତ ବିଚାରକ ମଣ୍ଡଳୀ ବିଚାର କରିଥିଲେ। ସୋନାଲି କହିଛନ୍ତି ଯେ, ମୋର ଦୃଢ଼ତା ଏବଂ ପ୍ରତିବଦ୍ଧତା ସର୍ବଦା ମୋର ସଫଳତାର ଏକ ସ୍ତମ୍ଭ ଭାବେ ଛିଡ଼ା ହୋଇଛି। ଭୁବନେଶ୍ୱରର ଜଣେ ଉଦ୍ୟୋଗପତି ତଥା ସୌନ୍ଦର୍ଯ୍ୟ ବିଶେଷଜ୍ଞ ବା ବିୟୁଟିସିଆନ୍ ଭାବେ ୩୭ ବର୍ଷୀୟା ସୋନାଲୀ ପିଲାଟି ଦିନରୁ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାଗନେବା ଲାଗି ବେଶ୍ ଆଗ୍ରହୀ ଥିଲେ। ଆଗାମୀ ଦିନରେ ସେ ଅନ୍ତର୍ଜାତୀୟ ସ୍ତରରେ ମିସେସ୍ ଇଣ୍ଡିଆ ୟୁନିଭର୍ସରେ ଭାଗ ନେବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।




ସୋନାଲୀ

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮

# ପୁରସ୍କାର ଦୌଡ଼ରେ ୨୦ ଫିଲ୍ମ

ଭୁବନେଶ୍ୱର, ୧୦।୧୨ (ବ୍ୟୁରୋ)

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ପାଇଁ ମୋଟ ୨୦ଟି ଫିଲ୍ମ ଆବେଦନ କରିଥିବାବେଳେ ବିଭିନ୍ନ ବିଭାଗରେ ଏହି ଫିଲ୍ମଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଓଡ଼ିଆ ଫିଲ୍ମର ମୌଳିକତାକୁ ନେଇ ଏଥର ମଧ୍ୟ ପ୍ରଶ୍ନ ଉଠିଥିବାବେଳେ ଶ୍ରେଷ୍ଠ ଚଳଚ୍ଚିତ୍ର, ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଡାଏଲଗ୍ ଓ ଶ୍ରେଷ୍ଠ କାହାଣୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନକଲ ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଥିଲା। ଏହି ବିଭାଗଗୁଡ଼ିକରେ ଓଡ଼ିଆ ସଂସ୍କୃତିର ଝଲକ ଥିବା ନିଛକ ଓଡ଼ିଆ ଚଳଚ୍ଚିତ୍ରକୁ ଗୁରୁତ୍ୱ ଦିଆଯାଇଥିବା ଚଳଚ୍ଚିତ୍ର ଜୁରି କମିଟି ଅଧ୍ୟକ୍ଷ ତଥା ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ସୂଚନା ଦେଇଛନ୍ତି। ଚଳିତବର୍ଷ ପ୍ରତିଯୋଗିତାରେ ବିଭିନ୍ନ ପ୍ରକାରର ଫିଲ୍ମ ସାମିଲ ହୋଇଥିବାବେଳେ ସେଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଥିଲା। ଯେପରି କାହା ପ୍ରତି ଅନ୍ୟାୟ ନ ହେବ, ତାହାକୁ ଦୃଷ୍ଟିରେ ରଖି ଜୁରି କମିଟିରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ନକଲ ଫିଲ୍ମରେ କଳାକାର ଓ ଟେକ୍ନିସିଆନ୍‌ମାନଙ୍କ କୌଣସି ଦୋଷ ନ ଥିବାରୁ ସେମାନଙ୍କୁ ସେମାନଙ୍କ ପ୍ରତିଭା ଅନୁଯାୟୀ ମନୋନୀତ କରାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ କୌଣସି ଚାପ ପଡ଼ି ନ ଥିବା ମହାପାତ୍ର କହିଛନ୍ତି।

### ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ରରେ ଆବେଦନ ନାହିଁ

ଲଗାତର ଗତ କିଛିବର୍ଷ ହେଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରର ନିର୍ଦ୍ଦିଷ୍ଟ କିଛି ବିଭାଗରେ କୌଣସି ଆବେଦନ ହେଉନାହିଁ। ୨୦୧୬ରେ 'ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର', 'ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ନିର୍ଦ୍ଦେଶକ' ତଥା 'ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର' ପାଇଁ ପୁରସ୍କାର ପାଇବାକୁ କେହି ମନୋନୀତ ହୋଇ ନ ଥିଲେ। ସେହିଭଳି ଓଡ଼ିଶାର ଆଦିବାସୀ ଭାଷାରେ ପ୍ରସ୍ତୁତ ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ କେହି ଆବେଦନ କରି ନ ଥିବାରୁ ଏହି ବିଭାଗରେ କୌଣସି ସମ୍ମାନ ପ୍ରଦାନ କରାଯାଇ ନ ଥିଲା। ୨୦୧୭ରେ ମଧ୍ୟ 'ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର' ଓ 'ଶ୍ରେଷ୍ଠ ଆଦିବାସୀ ଭାଷାର ଚଳଚ୍ଚିତ୍ର' ପାଇଁ କୌଣସି ଆବେଦନ ଆସି ନ ଥିଲା। ବିଶେଷତଃ ୨୦୧୮ରେ 'ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର' ବିଭାଗରେ କୌଣସି ଆବେଦନ ହୋଇ ନ ଥିବାରୁ ଏହି ବିଭାଗରେ ପୁରସ୍କାର ଦିଆଯିବନାହିଁ। ଏଭଳି ଚଳଚ୍ଚିତ୍ର ନିର୍ମାଣ କରି କ୍ଷତି ସହୁଥିବାରୁ ପ୍ରଯୋଜକମାନେ ଏଥିପ୍ରତି ଆଗ୍ରହ ଦେଖାଉ ନ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଏନେଇ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉନାହିଁ, ଯେଉଁଥିପାଇଁ ଏଭଳି ସ୍ଥିତି ଉପୁଜୁଥିବା କୁହାଯାଇଛି।

### ଧାରାବାହିକରେ ବି ନକଲ ଟ୍ରେଣ୍ଡ୍

କେବଳ ଚଳଚ୍ଚିତ୍ର ନୁହେଁ, ଓଡ଼ିଆ ଧାରାବାହିକରେ ମଧ୍ୟ ଆଜିକାଲି ନକଲ ଟ୍ରେଣ୍ଡ୍ ବହୁଳଭାବେ ଦେଖିବାକୁ ମିଳୁଛି। ହିନ୍ଦୀ ଧାରାବାହିକରୁ ଅଧିକ ନକଲ କରାଯାଉଥିବାବେଳେ ମୌଳିକଧର୍ମୀ ଓଡ଼ିଆ ଘରର କାହାଣୀ ଆଉ ଦେଖିବାକୁ ମିଳୁନି। ଏପରି କି ରୋଷେଇ ଘରେ ଭାରି ଚିକ୍‌ମିକ୍ ଶାଢ଼ି ଓ ଗହଣା ପିନ୍ଧି ଲୋକ କାମ କରୁଛନ୍ତି, ଯାହାକି ଆଦୌ ବାସ୍ତବ ନୁହେଁ। କେବଳ ଏତିକି ନୁହେଁ, ଧାରାବାହିକ ନାମରେ ମଧ୍ୟ ହିନ୍ଦୀ ଓ ଇଂଲିଶ ଶବ୍ଦ ବ୍ୟବହାର କରାଯାଉଛି ବୋଲି ସ୍ୱୀକାର କରିଛନ୍ତି ରାଜ୍ୟ ଟେଲି ପୁରସ୍କାର ଜୁରି କମିଟି ସଦସ୍ୟ। କମିଟି ଅଧ୍ୟକ୍ଷ ଶୈଳେଶ୍ୱର ନନ୍ଦ ଏନେଇ କହିଛନ୍ତି, ଚଳିତବର୍ଷ ପ୍ରଥମଥର ପାଇଁ ସମସ୍ତ ୨୦ ବିଭାଗରେ ପୁରସ୍କାର ଦିଆଯାଇଛି। ଟେଲି ଫିଲ୍ମଗୁଡ଼ିକ ଉଚ୍ଚକୋଟୀର ହୋଇଥିବାବେଳେ ଧାରାବାହିକରେ ନକଲ ଧାରା ଦେଖିବାକୁ ମିଳୁଛି। ତେବେ ଯେଉଁଥିରେ ଓଡ଼ିଶା ସଂସ୍କୃତି, ଆମ ସାମାଜିକ ଚାଲିଚଳଣି ଓ ରୀତିନୀତିକୁ ଦର୍ଶାଯାଇଛି, ତାହାକୁ ଆମେ ଅଗ୍ରାଧିକାର ଦେଇଛୁ ବୋଲି ନନ୍ଦ କହିଛନ୍ତି।

# ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ଅଧିକାର ମିଳିଛି

ଭୁବନେଶ୍ୱର, ୧୦।୧୨ (ବ୍ୟୁରୋ)




## ବିଶ୍ୱ ମାନବାଧିକାର ଦିବସ ପାଳିତ

ସମଗ୍ର ବିଶ୍ୱରେ ମାନବିକ ଅଧିକାରର ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ଆଜି ପୁରୁଷମାନଙ୍କ ଭଳି ମହିଳାଙ୍କୁ ମଧ୍ୟ ସମାନ ଅଧିକାର ମିଳିପାରିଛି। ମାନବିକ ଅଧିକାର କର୍ମୀମାନେ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ରାଜ୍ୟ ମାନବାଧିକାର ଆୟୋଗ ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ବିଶ୍ୱ ମାନବାଧିକାର ଦିବସ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, ମୋ ସରକାର ମହିଳା, ଶିଶୁ ଓ ଜନସାଧାରଣଙ୍କ ସୁରକ୍ଷା, ଅଧିକାର ଏବଂ ସମ୍ମାନ ରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସଚେତନତାଠାରୁ ଆରମ୍ଭ କରି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଥିଲେ।

ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୋପାଳବଲ୍ଲଭ ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ନାଗରିକଙ୍କ ସମସ୍ତ ପ୍ରକାର ଅଧିକାରର ସୁରକ୍ଷା ସମାଜର ମୁଖ୍ୟ ଦାୟିତ୍ୱ ବୋଲି କହିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଆଇନ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଲେ, ମାନବିକ ଅଧିକାର ଆୟୋଗ ଦୀର୍ଘ ୧୬ବର୍ଷ ଧରି ରହିଥିବା ଆଇନର ପ୍ରୟୋଗ ଓ ଅଧିକାର ପ୍ରଦାନରେ ନିରପେକ୍ଷତା ଜାରି ରଖିଛି। ରାଜ୍ୟରେ ଜନସାଧାରଣଙ୍କ ସ୍ୱାଧୀନ ମୌଳିକ ଅଧିକାର ଓ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ବିକାଶ ଘଟିଛି। ଓଡିଶା ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି) ଅଧ୍ୟକ୍ଷ ବିମଳ ପ୍ରସାଦ ଦାସ ସରକାରଙ୍କ ୫-ଟି ଯୋଜନା ମାଧ୍ୟମରେ ନାଗରିକଙ୍କ ଅଧିକାର ପ୍ରକୃତରେ ସୁରକ୍ଷିତ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓଏଚ୍‌ଆର୍‌ସିର ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଧାଂଶୁ ମୋହନ ପଟ୍ଟନାୟକ, ଆର୍. ଏନ୍. ବହିଦାର, ଜଷ୍ଟିସ ବୀର କିଶୋର ମିଶ୍ର ଓ ପୂର୍ବତନ ପ୍ରଶାସକ ତଥା ଆୟୋଗ ସଦସ୍ୟ ବିଜୟ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଏଚ୍‌ଆର୍‌ସି ସଦସ୍ୟ ଜଷ୍ଟିସ ଅସୀମ ଅମିତାଭ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନ୍ୟତମ ସଦସ୍ୟ ଜଷ୍ଟିସ ରଘୁବୀର ଦାସ, ସୂଚନା ଲୋକସମ୍ପର୍କ ବିଭାଗ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ମାନବାଧିକାର ଆୟୋଗ ସଚିବ ସୁନୀଲ କୁମାର ନାୟକ, ଅତିରିକ୍ତ ଡିଜି ବିନୟାନନ୍ଦ ଝା, ରେଜିଷ୍ଟ୍ରାର ଶେଖ୍ ମହମ୍ମଦ କ୍ୟୁସି, ଯୁଗ୍ମ ସଚିବ ଜ୍ୟୋତି ଏମ୍. ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ବ୍ୟାଙ୍କ ଅଫ୍ ଇଣ୍ଡିଆ
ବୈଂକ ऑफ़ इंडिया Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ:କେନ୍ଦୁଝର, ଲାବଣ୍ୟ ଛକ, ମାଇନିଂ ରୋଡ, କେନ୍ଦୁଝର-୭୫୮୦୦୧, ଓଡିଶା।

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ [ ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ବରଗଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ବରଗଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା- **ଶ୍ରୀମତୀ ଝୁନିଲତା ସେଠୀ**, ସ୍ୱା: କାହ୍ନୁ ଚରଣ ସେଠୀ, ଠିକଣା: ୱାର୍ଡ ନଂ.-୧୯, ରେଲୱେ ଷ୍ଟେସନ ପାରା, ଜିଲ୍ଲା-ବରଗଡ, ଓଡିଶା-୭୬୮୦୨୮। | ତା.୩୧.୦୫.୨୦୧୯ ସୁଦ୍ଧା **ଟ.୧୫,୪୬,୯୧୨.୨୫** + ସେବାବଦସୁଧ ଏବଂ ଖର୍ଚ୍ଚ | ୨୫.୦୬.୨୦୧୯ / ୦୯.୧୨.୨୦୧୯ | **ଶ୍ରୀମତୀ ଝୁନିଲତା ସେଠୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଏମ୍‌ଏସ ଖାତା ନଂ.-୨୪୧୪/୬୮୨୪, ପ୍ଲଟ ନଂ.- ୧୫୨୯୫/୨୦୫୨/୧୬୪୭୬, ଏରିଆ- ଏକର୦.୦୪୦ ଡିସିମିଲି, କିସମ: ଘରବାରୀ-୧, ମୌଜା/ଥାନା/ତହସିଲି/ଜିଲ୍ଲା-ବରଗଡ, ଚଉହଦି: ଉତର- ୧୦ଫୁଟ ରାସ୍ତା,ଦକ୍ଷିଣ- ୧୩ ଫୁଟ ରାସ୍ତା, ପୂର୍ବ- ପୁଷ୍ପଲତା ବାରିକଙ୍କ ଜମି, ପଶ୍ଚିମ- ଲଖନଲାଲ୍ ସାହୁଙ୍କ ଜମି । |

ସ୍ଥାନ-କେନ୍ଦୁଝର, ତାରିଖ-୧୦.୧୨.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



ପୁରୀ ମୁକାମ ଆଡିସନାଲ ସିଭିଲି ଜଜ୍, ସିନିୟର ଡିଭିଜନ, ପୁରୀ

**ନୋଟିସ୍**

ଅର୍ଡର-୫, ରୁଲ୍-୨୦ ସି.ପି.ସି.
ବିକେଜି.ପି (ଏମ୍.ଏସ୍) ନଂ. ୩୦୩/୨୦୧୦

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡଶଙ୍ଖ ଶାଖା, ପୁରୀ .... ବାଦୀ
ବନାମ
ସୁଦର୍ଶନ ସ୍ୱାଇଁ ଓଗେର .... ପ୍ରତିବାଦୀ

ଶ୍ରୀ ସୁଦର୍ଶନ ସ୍ୱାଇଁ, ବୟସ ୫୩ବର୍ଷ, ପିତା:୰ ଜୟ ସ୍ୱାଇଁ, ସାକିନି: ସର୍ବୋଦୟ ନଗର, ଥାନା: କୁମ୍ଭାରପଡା, ପୋଷ୍ଟ ଓ ଜିଲ୍ଲା: ପୁରୀ-୨ .... ପ୍ରତିବାଦୀ ନଂ.୧

ଯେହେତୁ ଉପରୋକ୍ତ ବାଦୀ ତୁମ୍ଭ ନାମରେ **ଟ.୫,୭୪,୪୬୧/- ଙ୍କା (ପାଂଚଲକ୍ଷ ଚଉସ୍ତରୀ ହଜାର ଚାରିଶତ ଏକଷଠି ଟଙ୍କା)** ଆଦାୟ ପାଇବା ପାଇଁ ଉପରୋକ୍ତ ମୋକଦ୍ଦମା ତୁମ୍ଭ ସହିତ ଅନ୍ୟାନ୍ୟ ପ୍ରତିବାଦୀମାନଙ୍କ ନାମରେ ଦାଖଲ କରି ବାରମ୍ବାର ତୁମ୍ଭ ନାମରେ ସମନ ପଠାଉଥିଲେ ମଧ୍ୟ ଓ ତୁମ୍ଭେ ବାସସ୍ଥାନରେ ଉପସ୍ଥିତ ରହୁଥିଲେ ମଧ୍ୟ ସମନ ଜାଣିଶୁଣି ଗ୍ରହଣ କରୁନାହଁ । ତେଣୁ ଅତ୍ର ନୋଟିସ ଦ୍ୱାରା ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛି ଯେ ତୁମ୍ଭେ **ତା୬.୧.୨୦୨୦ରିଖେ ଦିବା ୧୦ ଘଂଟା ୩୦ ମିନିଟ** ସମୟରେ ଅତ୍ର କୋର୍ଟରେ ହାଜର ହୋଇ ବିହିତ ତଦବିର କରିବ। ତୃଟି କଲେ ଆଇନ ଅନୁସାରେ କାର୍ଯ୍ୟ କରାଯିବ।

ସ୍ୱା/- ଆଡିସନାଲ ସିଭିଲି ଜଜ୍ (ସିନିୟର ଡିଭିଜନ), ପୁରୀ












ସଲମାନ୍‌ଙ୍କୁ ଅଭିନୟ ଆରମ୍ଭ କରିବା ପୂର୍ବରୁ ଜାଣିଛି। ତାଙ୍କ ସହ ମୋ ସମ୍ପର୍କ ବହୁତ୍ ଭଲ। ଉଭୟଙ୍କ ପରିବାର ମଧ୍ୟରେ ଭଲ ସମ୍ପର୍କ ରହିଆସିଛି।
-ସୋନାକ୍ଷୀ ସିହ୍ନା,
ବଲିଉଡ୍ ଅଭିନେତ୍ରୀ



# ଭୁଲରେ ଅପରିଚିତଙ୍କୁ କୁଣ୍ଢାଇ ଅଡୁଆରେ ପଡ଼ିଥିଲେ

## ଆମେରିକୀୟ ବ୍ଲଗରଙ୍କ ଭିଡିଓକୁ ୩୨ ମିଲିୟନ ଭ୍ୟୁ



ଆମେରିକୀୟ ବ୍ଲଗର ମେରି କ୍ୟାଥେରିନ ବ୍ୟାକ୍‌ଷ୍ଟ୍ରମଙ୍କ ସହ ଘଟିଥିବା ଏକ ମଜାଦାର ଘଟଣା ସମ୍ପର୍କିତ ଭିଡିଓ ସମ୍ପ୍ରତି ଫେସ୍‌ବୁକ୍‌ରେ ଭାଇରାଲ ହୋଇଛି। ସେ କିଭଳି ଭୁଲରେ ଜଣେ ଅପରିଚିତଙ୍କୁ କୁଣ୍ଢାଇ ପକାଇଥିଲେ ତାହା ଭିଡିଓରେ ବର୍ଣ୍ଣନା କରିଛନ୍ତି। ଗତ ୬ ତାରିଖରେ ପୋଷ୍ଟ ହୋଇଥିବା ଉକ୍ତ ଭିଡିଓ ମଙ୍ଗଳବାର ସୁଦ୍ଧା ୩୨ ମିଲିୟନ ଭ୍ୟୁ ହୋଇସାରିଛି। ଏହାକୁ ନେଇ ଅନେକ ମଜାଳିଆ କମେଣ୍ଟ ମଧ୍ୟ ମିଳିଛି। ଫ୍ଲୋରିଡାରେ ରହୁଥିବା ମେରି ଗତ ଶୁକ୍ରବାର 'ୱାୱା' ନାମକ ଏକ ଗ୍ୟାସ୍ ଷ୍ଟେଶନ କନଭିନିଏନ୍ସ ଷ୍ଟୋରରେ ଥିବାବେଳେ ଏକ ପୁସ୍ତକ ପଢୁଥିଲେ, ଯାହାର ବିଷୟବସ୍ତୁ ଥିଲା ଫେଷ୍ଟିଭ୍ ସିଜନରେ ଉଦାର ରହିବା ଉଚିତ। ତାହା ତାଙ୍କୁ ଅନୁପ୍ରାଣିତ କରିଥିଲା। ଫଳରେ ସେ ସେଠାରେ ଥିବା ଜଣେ ମହିଳାଙ୍କ ପାନୀୟ ବିଲ୍ ପୈଠ କରିଥିଲେ। ହେଲେ ଉକ୍ତ ଷ୍ଟୋରରୁ ବାହାରିବା ପରେ ଦେଖିଲେ ଯେ, ତାଙ୍କ କାର କାଚକୁ ଜଣେ ବ୍ୟକ୍ତି ସଫା କରୁଛନ୍ତି। ଏହାକୁ ସେ ଖ୍ରୀଷ୍ଟମାସ୍ ମ୍ୟାଜିକ୍ ଭାବିଲେ। ଖ୍ରୀଷ୍ଟମାସ୍ ସମୟ ହୋଇଥିବାରୁ ଉକ୍ତ ବ୍ୟକ୍ତିଜଣକ ଉଦାର ଭାବନାରେ ପ୍ରେରିତ ହୋଇ ଏଭଳି କରୁଥିବା ମେରି ଭାବିନେଲେ। କୃତଜ୍ଞତା ଜଣାଇବା ପାଇଁ ମେରି ଉକ୍ତ ବ୍ୟକ୍ତିଙ୍କ ପାଖକୁ ଯାଇ ତାଙ୍କୁ କୁଣ୍ଢାଇ ପକାଇଥିଲେ ଏବଂ କହିଥିଲେ, 'ଏଭଳି ମାନବିକତା ଭାବନାକୁ ମୁଁ ପସନ୍ଦ କରେ। ଖ୍ରୀଷ୍ଟମାସ୍‌କୁ ବହୁତ ଭଲ ପାଏ। ଏଭଳି କାର୍ଯ୍ୟ କରିଥିବାରୁ ଧନ୍ୟବାଦ'। କିନ୍ତୁ ଏହାର କିଛି କ୍ଷଣ ଭିତରେ ସେ ନିଜକୁ ଅଡୁଆ ଅନୁଭବ କଲେ, ଯେତେବେଳେ ସେ ଜାଣିବାକୁ ପାଇଲେ ଯେ ଉକ୍ତ କାର ତାଙ୍କର ନୁହେଁ। ବ୍ୟକ୍ତିଜଣକ ନିଜ କାରର କାଚକୁ ସଫା କରୁଥିଲେ। ମେରି ଉକ୍ତ ଘଟଣାକୁ ବର୍ଣ୍ଣନା କରି ଯେଉଁ ଭିଡିଓ ପୋଷ୍ଟ କଲେ ତାହାକୁ ଅନେକେ ପସନ୍ଦ କରିଛନ୍ତି। ଜଣେ ବ୍ୟକ୍ତି କମେଣ୍ଟ କରିଛନ୍ତି ଯେ, ଏଭଳି ଘଟଣା ତାଙ୍କ ଜୀବନରେ ସବୁଠୁ ମଜାଳିଆ। ସେହିପରି ଆଉ ଜଣେ କହିଛନ୍ତି 'ହେ ଭଗବାନ୍! ଖ୍ରୀଷ୍ଟମାସ ମ୍ୟାଜିକ୍ ସେହି ବ୍ୟକ୍ତିଙ୍କ ପାଇଁ କାମ କଲା। ସେ ମାଗଣାରେ ଆଲିଙ୍ଗନ ସ୍ନେହ ପାଇଲେ।' ମେରି କହିଛନ୍ତି ଯେ, ଏହି ଘଟଣାରେ ତାଙ୍କୁ ବହୁତ ଖୁସି ମିଳିଛି।

# 'ଛପାକ୍' ଟ୍ରେଲର୍ ରିଲିଜ୍

## ଭାବୁକ କରୁଛି ଦୀପିକାଙ୍କ ଅଭିନୟ



**ମୁମ୍ବାଇ:** ବହୁ ପ୍ରତୀକ୍ଷିତ ବଲିଉଡ୍ ଫିଲ୍ମ 'ଛପାକ୍'ର ଟ୍ରେଲର୍ ଆସିଯାଇଛି। ହୃଦୟ ବିଦାରକ ଏକ ସତ୍ୟ କାହାଣୀ ଉପରେ ଆଧାରିତ ଏହି ଫିଲ୍ମ ଘୋଷଣା ହେବା ଦିନରୁ ହିଁ ଚର୍ଚ୍ଚାରେ ରହିଥିଲା। ଏବେ ଫିଲ୍ମର ଟ୍ରେଲର୍ ରିଲିଜ୍ ପରେ, ଦର୍ଶକ ଯେତିକି ଉତ୍ସାହିତ ସେତିକି ଭାବୁକ ମଧ୍ୟ ହୋଇପଡ଼ିଛନ୍ତି।

ତେବେ ଅନେକ ଦିନ ପରେ ବଲିଉଡ୍ ମସ୍ତାନୀ ଦୀପିକା ପାଦୁକୋନ୍‌ଙ୍କୁ ଫିଲ୍ମରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ।

ମେଘନା ଗୁଲ୍‌ଜାରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଛପାକ୍'ର ଟ୍ରେଲରକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଫିଲ୍ମଟି ଏସିଡ୍ ଆଟାକ୍ ପୀଡ଼ିତା ଲକ୍ଷ୍ମୀ ଅଗ୍ରୱାଲଙ୍କ କାହାଣୀ ଉପରେ ଆଧାରିତ। ଲକ୍ଷ୍ମୀଙ୍କ ଭୂମିକାରେ ଦୀପିକା ଅଭିନୟ କରିଛନ୍ତି। ତେବେ ଫିଲ୍ମରେ ଦୀପିକାଙ୍କ ନାଁ ମାଳତୀ ରହିଛି। କେବଳ ଟ୍ରେଲର୍‌ରେ ମାଳତୀ ଭୂମିକାରେ ଦୀପିକାଙ୍କ ଅଭିନୟ ସାରା ବଲିଉଡ୍ ସମେତ ଅଗଣିତ ସିନେପ୍ରେମୀଙ୍କ ହୃତ୍‌ସ୍ପନ୍ଦନ ବଢ଼ାଇଦେଇଛି। ଟ୍ରେଲର୍ ରିଲିଜ୍ ପରଠାରୁ ହିଁ ସୋସିଆଲ ମିଡିଆରେ ଆଲୋଚନା ଚାଲିଛି। ଲୋକେ ଟ୍ରେଲର୍ ଦେଖି ଭାବୁକ ହୋଇଉଠିଛନ୍ତି ଓ ନିଜ ନିଜର ଭାବନା ବ୍ୟକ୍ତ ମଧ୍ୟ କରୁଛନ୍ତି। ଏପରି କି ଅନେକେ ଦୀପିକାଙ୍କୁ 'ଆକ୍ଟିଂ କୁଇନ୍' କହିବା ସହ ଫିଲ୍ମକୁ 'ମାଷ୍ଟରପିସ୍' ବୋଲି ମଧ୍ୟ ମତବ୍ୟକ୍ତ କରୁଛନ୍ତି।

ଫିଲ୍ମରେ ଏସିଡ୍ ଆଟାକ୍ ପୀଡ଼ିତା ଲକ୍ଷ୍ମୀଙ୍କ କାହାଣୀ ଦେଖିବାକୁ ମିଳିବ। ସାଧାରଣ ଜୀବନ ବିତାଉଥିବା ଜଣେ ଯୁବତୀଙ୍କ ଜୀବନ ହଠାତ୍ ଏକ ଦୁର୍ଘଟଣା ପରେ କିଭଳି ବଦଳିଯାଏ। ଆଖିରେ ଆଖିଏ ନିରୀହ ସ୍ୱପ୍ନ ଦେଖିଥିବା ଲକ୍ଷ୍ମୀ ଯେତେବେଳେ ଜୀବନର ସବୁଠାରୁ ବଡ଼ ପରୀକ୍ଷା ଦେଉଥାଆନ୍ତି, ସେତେବେଳେ ଏ ସମାଜ ତଥା ପାରିପାର୍ଶ୍ୱିକ ସ୍ଥିତି ତାଙ୍କୁ କିଭଳି ପ୍ରତିକ୍ରିୟା ଦେଇଛି ଏବଂ କେତେ ଦୂର ଗ୍ରହଣ କରିଛି। କିଛି ଏଭଳି ହୃଦୟସ୍ପର୍ଶୀ ତଥା ଲୋମହର୍ଷକ କାହାଣୀକୁ ନେଇ ନିଜ ଚମତ୍କାର ଅଭିନୟ ଦ୍ୱାରା ଅତି ବାସ୍ତବିକ ଭାବରେ ପରଦାରେ ପରଷିବେ ଦୀପିକା, ଯାହାକୁ ଦେଖିବାକୁ ଆଉ ଜଣେ ଏସିଡ୍ ଆଟାକ୍ ପୀଡ଼ିତାଙ୍କ ଭାବନାକୁ ଆହୁରି ନିକଟରୁ ଜାଣିବାକୁ ଅପେକ୍ଷା କରିଛନ୍ତି ଦର୍ଶକ। ଦୀପିକାଙ୍କ ସହ ଫିଲ୍ମରେ ବିକ୍ରାନ୍ତ ମାସୀ ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମ 'ଛପାକ୍' ୨୦୨୦ ଜାନୁୟାରୀ ୧୦ରେ ରିଲିଜ୍ ହେବ।

# ପୋଲିସ ହେବ ତ ଏମିତି

**ଜୟପୁର:** ରାଜସ୍ଥାନ ପୋଲିସର ସହାୟକ ପୋଲିସ ନିରୀକ୍ଷକ(ଏଏସ୍ଆଇ)ପଦମ୍ ସିଂଙ୍କ କାର୍ଯ୍ୟ ନିଶ୍ଚୟ ପ୍ରେରଣାଦାୟକ। ସେ ୩୦୦ରୁ ଊର୍ଦ୍ଧ୍ୱ ଝିଅଙ୍କୁ ଉଦ୍ଧାର କରିଛନ୍ତି। ଏହା ଦ୍ୱାରା ଅନେକ ପରିବାରକୁ ଖୁସି ଫେରାଇ ଦେବାରେ ସକ୍ଷମ ହୋଇଛନ୍ତି। ଜୟପୁର ପୋଲିସ କମିଶନରେଟର ଖୋଟବାଡା ଥାନାରେ ଏବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ମୁଖ୍ୟତଃ ଅପହୃତ ଓ ନିଖୋଜ ହେଉଥିବା ଝିଅମାନଙ୍କ କେସ୍‌କୁ ଗ୍ରହଣ କରି କେବଳ ଜୟପୁର ସହରରେ ଏଭଳି ୧୭୫ ଝିଅଙ୍କୁ ଉଦ୍ଧାର କରିଛନ୍ତି। ରାଜ୍ୟର ଅନ୍ୟ ଜିଲାରେ ଅପହୃତ ହୋଇଥିବା ୧୫୦ ଝିଅଙ୍କୁ ମଧ୍ୟ ଉଦ୍ଧାର କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ୧୯୭୮ରେ ସେ ୧୯ ବର୍ଷ ବୟସରେ ରାଜସ୍ଥାନ ପୋଲିସରେ ଯୋଗ ଦେଇଥିଲେ। ସେ ଇଞ୍ଜିନିୟରିଂ ଡିପ୍ଲୋମା କରିଥିଲେ ମଧ୍ୟ ପୋଲିସରେ ଯୋଗ ଦେଇଥିଲେ। ସେ ୩୧ ଡିସେମ୍ବର ୨୦୧୯ରେ ଅବସର ନେବେ। ଦେଶର ବିଭିନ୍ନ ସହରକୁ ଯାଇ ସେ ଝିଅମାନଙ୍କ ଅପହରଣ ଘଟଣାରେ ସାମିଲ ଅପରାଧୀଙ୍କୁ ଧରିଛନ୍ତି। ଏଥିପାଇଁ ନେପାଳ ଓ କଶ୍ମୀର ଯାଏ ବି ଯାଇଛନ୍ତି। ଅବସର ନେବା ପରେ ଝିଅମାନେ ହଜିଗଲେ କି ଅପହୃତ ହେଲେ ସେମାନଙ୍କୁ ଖୋଜିବାରେ ପୋଲିସ ବିଭାଗକୁ ସାହାଯ୍ୟ କରିବେ ବୋଲି କହିଛନ୍ତି ପଦମ୍।



# ପାହାଡ଼ ହିଁ ଜୀବନ

## ଆନ୍ତର୍ଜାତିକ ପର୍ବତ ଦିବସ

**ପାହାଡ଼ ସୁରକ୍ଷା ଜୀବନ ରକ୍ଷା**



ବିଶ୍ୱରେ ପ୍ରତିବର୍ଷ ୧୧ ଡିସେମ୍ବରରେ ପାଳନ କରାଯାଉଛି 'ଆନ୍ତର୍ଜାତିକ ପର୍ବତ ଦିବସ'। ଅନ୍ତଃରାଷ୍ଟ୍ରୀୟ ସମୁଦାୟ ପାର୍ବତୀୟ କ୍ଷେତ୍ରର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଏହାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ପାର୍ବତ୍ୟାଞ୍ଚଳ ପ୍ରତି ସମସ୍ତଙ୍କର ଦାୟିତ୍ୱ ସମ୍ପର୍କରେ ଏହି ଦିବସରେ ସଚେତନ କରାଯାଇଥାଏ।

ପୃଥିବୀର ପାଖାପାଖି ୨୨ ପ୍ରତିଶତରେ ପାହାଡ଼ ରହିଛି ଯେଉଁଠି ବିଶ୍ୱ ଜନସଂଖ୍ୟାର ୧୩ ପ୍ରତିଶତରୁ ଊର୍ଦ୍ଧ୍ୱ ବା ୯୧୫ ମିଲିୟନରୁ ଅଧିକ ଲୋକ ବାସ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ୧୯୯୨ରେ ଜାତିସଂଘ ଏହା ଉପରେ ଗୁରୁତ୍ୱ ଦେଇ ଏକ ପ୍ରସ୍ତାବ ଆଗତ କରିଥିଲା। ଏହି ପ୍ରସ୍ତାବ କ୍ରମେ ପାର୍ବତ୍ୟାଞ୍ଚଳରେ ରହୁଥିବା ଲୋକମାନଙ୍କ ବିକାଶ ଓ ସୁରକ୍ଷା ଉପରେ ଧ୍ୟାନ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରାଯାଇଥିଲା। ଏହାକୁ ଆଗକୁ ବଢାଇବା ଲାଗି ୨୦୦୩ରେ ଏହି ଦିବସ ପାଳନ କରାଯିବା ଲାଗି ସ୍ଥିର କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ୍ ନେଇ ଏହି ଦିବସ ପାଳନ କରାଯାଉଛି। ପୃଥିବୀର ଅଧିକାଂଶ ନଦୀ ଓ ଝରଣା ପାହାଡ଼ରୁ ବାହାରିଛି। କୃଷିର ବିକାଶ ତଥା ପାନୀୟଜଳ ଯୋଗାଇବାରେ ପାହାଡର ଭୂମିକା ରହିଛି। କିନ୍ତୁ ଦୁଃଖର କଥା ଏବେ ବିକାଶ ନାଁରେ ପାହାଡ଼କୁ ଧ୍ୱଂସ କରାଯାଉଛି। ମୁଖ୍ୟତଃ ବିକାଶଶୀଳ ଦେଶଗୁଡିକରେ ପାହାଡିଆ ଅଞ୍ଚଳରେ ରହୁଥିବା ଲୋକମାନେ ଅଧିକ ପ୍ରଭାବିତ ହେଉଛନ୍ତି। ପାହାଡ ଧ୍ୱଂସ କରାଯାଉଥିବାରୁ ଏହାର ପ୍ରଭାବ ମଧ୍ୟ ଜଳବାୟୁ ଉପରେ ପଡୁଛି। ଏବେ ବୃଦ୍ଧି ପାଉଥିବା ଅନାହାର,ପ୍ରଦୂଷଣ ଓ ପାନୀୟ ଜଳ ଅଭାବର ସମ୍ବନ୍ଧ କେଉଁଠି ନା କେଉଁଠି ପାହାଡ ସହ ରହିଛି। ପାହାଡ଼ରୁ ଶକ୍ତି ଓ ଖାଦ୍ୟ ବି ମିଳୁଛି। ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତି କ୍ଷେତ୍ରରେ ପାହାଡ଼ର ଗୁରୁତ୍ୱ ରହିଆସିଛି। ଅନ୍ୟ ପକ୍ଷରେ ମାନବକୃତ ପ୍ରଦୂଷଣ ଓ ବିଶ୍ୱତାପନ ବୃଦ୍ଧିର ପ୍ରଭାବ ପାହାଡ ଉପରେ ପଡୁଛି। ଯାହାର ପ୍ରମାଣ ହେଉଛି ମେରୁ ଅଞ୍ଚଳର ବରଫ ପାହାଡ଼ ଓ ହିମାଳୟ। ଏଣୁ ବିଶ୍ୱତାପନ ହ୍ରାସ କରି ପାହାଡର ସୁରକ୍ଷା କରାଯାଇପାରିବ। ପାହାଡ଼ର ସୁରକ୍ଷା ପ୍ରତି ଧ୍ୟାନ ଦେଲେ ପରିବେଶ ସୁରକ୍ଷିତ ରହିବ ଓ ଜୀବନ ରକ୍ଷା ମଧ୍ୟ ହୋଇପାରିବ । ପାହାଡର ସୁରକ୍ଷା ଲାଗି ଯୁବପିଢି ଉପରେ ଗୁରୁତ୍ୱ ଦେଇ ଚଳିତ ବର୍ଷ ଏହି ଦିବସର ସ୍ଲୋଗାନ୍ ରଖାଯାଇଛି 'ମାଉଣ୍ଟେନ୍ସ ମ୍ୟାଟର ଫର୍ ୟୁଥ'।

# ବରେଲି ବଜାରରେ ୩୦ ଫୁଟର ଝୁମ୍‌କା

**ଲକ୍ଷ୍ନୌ:** ବଲିଉଡ୍ ମୁଭି 'ମେରା ଶାୟା' କେହି ଦେଖନ୍ତୁ ଅବା ନ ଦେଖନ୍ତୁ ହେଲେ ଏହାର ଗୀତ 'ଝୁମ୍‌କା ଗିରା ରେ ବରେଲି କେ ବାଜାର ମେଁ' ସମସ୍ତେ ଶୁଣିଥିବେ। ଏବେ ଏହି ଝୁମ୍‌କାକୁ ନେଇ ପୁଣିଥରେ ଚର୍ଚ୍ଚାକୁ ଆସିଛି ବରେଲି। ଏଠାରେ ନିର୍ମାଣ କରାଯାଉଥିବା ୩୦ ଫୁଟର ଝୁମ୍‌କା ଏବେ ଦର୍ଶକଙ୍କୁ ଆକର୍ଷିତ କରୁଛି। ଝୁମକା ପାଇଁ ବରେଲି ପରିଚିତ ଥିବାରୁ ଏବେ ସେଠାରେ ଝୁମ୍‌କା ସ୍କୋୟାର ତିଆରି କରାଯାଉଛି। ବିଡିଏର ବିଦ୍ୟା ମିତ୍ତଲ ଓ ଡାକ୍ତର କେଶବ ଅଗ୍ରୱାଲଙ୍କ ମିଳିତ ଉଦ୍ୟମରେ ଜିରୋ ପଏଣ୍ଟର ପରସାଖେଡାରେ ଝୁମ୍‌କା ସ୍କୋୟାର ନିର୍ମାଣ କରାଯାଉଛି। ଏହାର ଉଚ୍ଚତା ପାଖାପାଖି ୩୦ ଫୁଟ ଥିବା ବେଳେ ଏଥିପାଇଁ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି ଓ ଏହା ପିତ୍ତଳରେ ନିର୍ମାଣ କରାଯାଇଛି ବୋଲି କୁହାଯାଉଛି। ଏହାକୁ ନିର୍ମାଣ କରିବା ପାଇଁ ବହୁ ଆଗରୁ କାମ ଆରମ୍ଭ କରାଯାଇଛି। ଏତେବଡ ଝୁମ୍‌କାର ଡିଜାଇନ ଗୁରୁଗ୍ରାମରେ କରାଯାଇଛି। ଏବେ ଏହା ଶେଷ ପର୍ଯ୍ୟାୟରେ ଥିବା ବେଳେ ଏହା ଦିଲ୍ଲୀ ଆଡକୁ ଯାଉଥିବା ରାସ୍ତା ଜିରୋ ପଏଣ୍ଟରେ ଲଗାଯାଇଛି।



## ଲୋକପ୍ରିୟତା ସାଉଁଟୁଛି

# ଷ୍ଟାଚ୍ୟୁ ଅଫ୍ ୟୁନିଟି

**ନୂଆଦିଲ୍ଲୀ:** ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିରେ ଗୁଜରାଟଠାରେ ତିଆରି ହୋଇଛି ଷ୍ଟାଚ୍ୟୁ ଅଫ୍ ୟୁନିଟି। ଏହା ଦୁନିଆର ସବୁଠୁ ଉଚ୍ଚ ପ୍ରତିମୂର୍ତ୍ତି। ୧୮୨ ମିଟର ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତିକୁ ଦେଖିବା ପାଇଁ ପ୍ରତିଦିନ ଦେଶବିଦେଶରୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବର୍ଷକ ପୂର୍ବେ ଅନାବରଣ କରାଯାଇଥିବା ଏହି ମୂର୍ତ୍ତି ଆମେରିକାର ୧୩୩ ବର୍ଷ ପୁରୁଣା ଷ୍ଟାଚ୍ୟୁ ଅଫ୍ ଲିବର୍ଟିଠାରୁ ଅଧିକ ଲୋକପ୍ରିୟ ହେବାରେ ଲାଗିଛି। ଦୈନିକ ଏଠାକୁ ପାଖାପାଖି ୧୫ ହଜାର ପର୍ଯ୍ୟଟକ ଆସୁଛନ୍ତି। ୧ ନଭେମ୍ବର ୨୦୧୮ରୁ ୩୧ ଅକ୍ଟୋବର ୨୦୧୯ ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ୭୪ ପ୍ରତିଶତ ବୃଦ୍ଧି ପାଇଥିଲା। ଏବେ ପ୍ରତିଦିନ ପ୍ରାୟ ୧୫,୦୩୬ ଜଣ ପର୍ଯ୍ୟଟକ ଷ୍ଟାଚ୍ୟୁ ଅଫ୍ ୟୁନିଟି ଦେଖିବାକୁ ଆସୁଛନ୍ତି ବୋଲି ସର୍ଦ୍ଦାର ସରୋବର ନର୍ମଦା ନିଗମ ଲିମିଟେଡ ପକ୍ଷରୁ କୁହାଯାଇଛି। ଏଥିସହ ସପ୍ତାହ ଶେଷ ବେଳକୁ ପର୍ଯ୍ୟଟକଙ୍କ ସଂଖ୍ୟା ୨୨,୪୩୦ରେ ପହଞ୍ଚୁଛି। ନ୍ୟୁୟର୍କର ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଦେଖିବା ପାଇଁ ପ୍ରତିଦିନ ପ୍ରାୟ ୧୦ହଜାର ପର୍ଯ୍ୟଟକ ଆସିଥାନ୍ତି।





# ବିବାହ ବାର୍ଷିକୀ ପୂର୍ବରୁ ପିତା ହେଲେ କପିଲ

**ମୁମ୍ବାଇ:** କମେଡି କିଙ୍ଗ୍ କପିଲ ଶର୍ମା ଏବେ ପିତା ହୋଇଯାଇଛନ୍ତି। ତାଙ୍କ ସ୍ତ୍ରୀ ଗିନି ଛତରାଥ ମଙ୍ଗଳବାର ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଏନେଇ ନିଜେ କପିଲ ଟୁଇଟ୍ କରି ଜଣାଇଛନ୍ତି। ଏହି ଖବର ଜାଣିବା ପରେ କପିଲଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ବଲିଉଡ୍ ଗାୟକ ଗୁରୁ ରନ୍ଧାୱା କପିଲଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ ନିଜେ ଚାଚା ହୋଇଯାଇଛନ୍ତି ବୋଲି ଲେଖିଛନ୍ତି। ସୂଚନାଯୋଗ୍ୟ, କପିଲ ଓ ଗିନି କଲେଜ ମେଟ୍ ହୋଇଥିବା ବେଳେ ୨୦୧୮ ଡିସେମ୍ବର ୧୨ରେ ଜଳନ୍ଧରରେ ବିବାହ କରିଥିଲେ।

# ବଲିଉଡ୍‌ରେ ୯ ବର୍ଷ ପୂରଣ କଲେ ରଣବୀର୍

**ମୁମ୍ବାଇ:** ବଲିଉଡ୍ ନାୟକ ରଣବୀର ସିଂ ବଲିଉଡ୍‌ରେ ମଙ୍ଗଳବାର ୯ ବର୍ଷ ପୂରଣ କରିଛନ୍ତି। ଏହାକୁ ନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଏଥିରେ ସେ ତାଙ୍କ ବ୍ଲକ୍‌ବୁଷ୍ଟର ଫିଲ୍ମ 'ବ୍ୟାଣ୍ଡ୍ ବାଜା ବାରାତ୍'ର ଏକ ଫଟୋ ସହ କ୍ୟାପ୍‌ଶନ ଲେଖିଛନ୍ତି, ବଲିଉଡ୍‌ରେ ୯ ବର୍ଷ ପୂରଣ କରିବା ତାଙ୍କର ଏକ ସ୍ୱପ୍ନ। ୟଶ୍ ରାଜ ବ୍ୟାନରେ ପ୍ରସ୍ତୁତ ଫିଲ୍ମ 'ବ୍ୟାଣ୍ଡ୍ ବାଜା ବାରାତ୍'ରେ ରଣବୀରଙ୍କ ଅପୋଜିଟ୍‌ର ନାୟିକା ଥିଲେ ଅନୁଷ୍କା ଶର୍ମା। ଆଉ ଏହି ଫିଲ୍ମ ବେଶ୍ ଦର୍ଶକୀୟ ସ୍ୱୀକୃତି ପାଇଥିଲା। ଥରେ ବଲିଉଡ୍‌ରେ ନାଁ କମାଇବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ ରଣବୀର। ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଭେଟିଦେଇ କେତେବେଳେ ସେ ଦର୍ଶକଙ୍କର ପ୍ରିୟ ଅଭିନେତା ପାଲଟି ଯାଇଥିଲେ ତାହା ମଧ୍ୟ ଜାଣି ପାରି ନ ଥିଲେ। ଶେଷ ଥର ପାଇଁ ତାଙ୍କୁ 'ଗଲି ବୟ'ରେ ଦେଖିବାକୁ ମିଳିଥିବା ବେଳେ ଏବେ ତାଙ୍କ ହାତରେ କିଛି ଅଫର୍ ମଧ୍ୟ ରହିଛି।





ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାର ରାଜ୍ୟପାଳ ଜଗଦୀପ ଧନ୍‌ଖାରଙ୍କ କ୍ଷମତା କମାଇ ଦେଇଛନ୍ତି। ବିଧାନସଭାରେ କେତେକ ଆଇନ ଆଣିବା ପରେ ଏନେଇ ଏକ ଗେଜେଟ୍ ଜାରି କରାଯାଇଛି। ରାଜ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳାଧିପତି(ରାଜ୍ୟପାଳ)ଙ୍କ କ୍ଷମତା କମାଇ ଦିଆଯାଇଛି। କୁଳପତି ବାଛିବାରେ ଆଉ କୁଳାଧିପତିଙ୍କ ସେଭଳି କ୍ଷମତା ରହିବ ନାହିଁ ବୋଲି ଜଣାପଡ଼ିଛି।

# ୩ ମାସର ସମସ୍ୟା ୩ ଘଣ୍ଟାରେ ସମାଧାନ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନ ମଙ୍ଗଳବାର ଭଦ୍ରକ ଜିଲା ଗସ୍ତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହି ଗସ୍ତ ପରେ ୫-ଟି ସଚିବ ଅଚାନକ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରକୁ ଗସ୍ତ କରି ଅନ୍ତେବାସୀଙ୍କ ସୁବିଧାଅସୁବିଧା ପଚାରି ବୁଝିଥିଲେ। ସେଠାରେ ଅନ୍ତେବାସୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ୫-ଟି ସଚିବଙ୍କୁ ଅବଗତ କରିଥିଲେ। ପ୍ରାୟ ୩ ମାସ ହେବ ସେମାନଙ୍କ ସହାୟତା ରାଶି ପ୍ରଦାନ କରା ଯାଇ ନ ଥିବା ଜଣାପଡିଥିଲା। ଏହାର ତୁରନ୍ତ ସମାଧାନ ପାଇଁ ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଭଦ୍ରକ ଗସ୍ତରୁ ଫେରିବା ପରେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମ୍ପୃକ୍ତ ବିଭାଗୀୟ ସଚିବଙ୍କୁ ଡକାଇ ସମୀକ୍ଷା କରିବା ସହ ବିଳମ୍ବ ସମ୍ପର୍କରେ ପଚାରି ବୁଝିଥିଲେ। ଅର୍ଥ ପ୍ରଦାନରେ ବିଳମ୍ବ ପାଇଁ ଦାୟୀ ଥିବା ସମସ୍ତ ଅଧିକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିବା ଜଣାପଡିଛି। ୫-ଟି ସଚିବଙ୍କ ଗସ୍ତର ମାତ୍ର ୩ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ ହୋଇଥିବାରୁ ସବୁ ମହଲରେ ଏହାକୁ ସ୍ୱାଗତ କରାଯାଇଛି। କେବଳ ଭଦ୍ରକ ନୁହେଁ, ପୁରୀ ଏବଂ ଅନୁଗୋଳ ଜିଲାର ଗୋଟିଏ ଲେଖାଏ ସଂସ୍ଥା ମଧ୍ୟ ସହାୟତା ରାଶି ପାଇଛନ୍ତି।



୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ନେତୃତ୍ୱରେ ଆସିଥିବା ଟିମ୍ ଭଦ୍ରକ ଜିଲା ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

ଏହି କ୍ରମରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଭାଗିତାରେ କାର୍ଯ୍ୟରତ ୩ ସଂସ୍ଥା ପାଇଁ ୩୩ ଲକ୍ଷ ଟଙ୍କାର ଅନୁଦାନ ମଙ୍ଗଳବାର ପ୍ରଦାନ କରାଯାଇଛି। ଏହି ୩ ସଂସ୍ଥା(ଏନ୍‌ଜିଓ)ଗୁଡିକ ହେଉଛି- ଭଦ୍ରକ ଜିଲା ଚରମ୍ପା ଅନ୍ତର୍ଗତ ପଥରଡିସ୍ଥିତ ସେଣ୍ଟର ଫର୍ ରିହାବିଲିଟେଶନ ସର୍ଭିସ ଆଣ୍ଡ ରିସର୍ଚ୍ଚ(ସିଆରଏସ୍‌ଆର), ପୁରୀ ପଣସପଦା ଅନ୍ତର୍ଗତ ପଣ୍ଡାପୋଖରୀସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସେଲ୍ଫ ଏମ୍ପ୍ଲୟମେଣ୍ଟ ଆଣ୍ଡ ରୁରାଲ ଡେଭଲପମେଣ୍ଟ ଏବଂ ଅନୁଗୋଳ ଜିଲାର ହାକିମପଡା ଅନ୍ତର୍ଗତ ଶିବାଙ୍ଗୀ ଅଞ୍ଚଳର ଚାଉଳିଆ ନିବାସର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାଇଲ୍ଡ ଡେଭଲପମେଣ୍ଟ (ଆଇସିଡି)। ଏହି ସଂସ୍ଥାଗୁଡିକ ସରକାରଙ୍କ ଦ୍ୱାରା କରାଯାଉଥିବା 'ରିହାବିଲିଟେଶନ ଅଫ୍ ଫିଜିକାଲି ଆଣ୍ଡ ମେଣ୍ଟାଲି ଚ୍ୟାଲେଞ୍ଜଡ ସୋସିଆଲି ଡିସ୍‌ଆଡ୍‌ଭାନ୍‌ଟେଜ୍ ପର୍ସନ' କାର୍ଯ୍ୟକ୍ରମରେ ସହଭାଗିତା କରୁଛନ୍ତି।

**୫-ଟି ପ୍ରଭାବ**
- ପୂର୍ବାହ୍ନରେ ୫-ଟି ସଚିବ କରିଥିଲେ ଗସ୍ତ
- ୩ ସଂସ୍ଥାକୁ ମିଳିଲା ବକେୟା ସହାୟତା ରାଶି
- ବିଳମ୍ବ କାରଣ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ପ୍ରଶାସନରେ ସ୍ୱଚ୍ଛତା ସହ ଅଧିକ ଲୋକକେନ୍ଦ୍ରିକ କରିବା ପାଇଁ ପ୍ରତିଟି କାର୍ଯ୍ୟକ୍ରମରେ ୫-ଟିକୁ ଗୁରୁତ୍ୱ ଦିଆଯାଉଛି। ଯାହା ଦ୍ୱାରା କୌଣସି ଜନକଲ୍ୟାଣକାରୀ ପ୍ରସ୍ତାବ ଆସିଲେ ତାହା ସରକାର ତୁରନ୍ତ କାର୍ଯ୍ୟକାରୀ କରୁଛନ୍ତି। ଏହି ୩ଟି ସଂସ୍ଥାରେ ମୋଟ ୧୬୫ ହିତାଧିକାରୀ ଲାଭ ପାଉଛନ୍ତି। ତନ୍ମଧ୍ୟରେ ୫୫ ଜଣ ଆବାସିକ ଏବଂ ୧୧୦ ଜଣ ଅଣଆବାସିକ ହିତାଧିକାରୀ ରହିଛନ୍ତି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତି ପାଇଁ ଅର୍ଥ ଅନୁମୋଦନ ହୋଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଯୁଗ୍ମ ସଚିବ ପ୍ରଭାତ କୁମାର ମହାପାତ୍ରଙ୍କ ପକ୍ଷରୁ ଏସ୍‌ଆଇଡିଆର ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖାଯାଇଛି। ଅନୁମୋଦିତ ଅର୍ଥ ଅନ୍ୟ କୌଣସି କାର୍ଯ୍ୟରେ ଯେପରି ବ୍ୟବହୃତ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ଅନୁମୋଦିତ ଅର୍ଥ କିପରି, କେଉଁ ଦିଗରେ ବ୍ୟବହୃତ ହେଉଛି, ତାହାର ରେକର୍ଡ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଟଙ୍କା ନେଣଦେଣରେ ସ୍ୱଚ୍ଛତା ପାଇଁ ବେସରକାରୀ ସଂସ୍ଥା(ଏନ୍‌ଜିଏ)ଗୁଡିକର ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ମଧ୍ୟ ପ୍ରଦାନ କରାଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଭାରତୀ ବାରିକ



ଦୀପକ ବିଶ୍ୱାଳ



ରତନ ପଟ୍ଟନାୟକ



ସୁଜାତା ଦଣ୍ଡସେନା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ୨ୟ ବୈଠକ

# ଅତ୍ୟାଧୁନିକ ଗବେଷଣା ଉପରେ ଗୁରୁତ୍ୱ



ବୈଠକରେ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ।

**ସମସ୍ତ ଶିକ୍ଷାନୁଷ୍ଠାନର ୱେବ୍‌ସାଇଟ୍‌କୁ ଅପ୍‌ଡେଟ୍ କରାଯିବ**

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ଏଣିକି ଉଚ୍ଚ ଶିକ୍ଷାନୁଷ୍ଠାନରେ ଅତ୍ୟାଧୁନିକ ଗବେଷଣା ସୁବିଧା ରହିବ। ସମସ୍ତ ଶିକ୍ଷାନୁଷ୍ଠାନର ୱେବ୍‌ସାଇଟ୍‌କୁ ଅପଡେଟ୍ କରାଯିବ। ମଙ୍ଗଳବାର ଇମେଜ୍‌ଠାରେ ଆୟୋଜିତ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଦ୍ୱିତୀୟ ବୈଠକରେ ଏନେଇ ଆଲୋଚନା ହୋଇଛି। ବୈଠକରେ ସ୍ନାତକୋତ୍ତର ବିଭାଗରେ ନାମଲେଖା, ପ୍ରଶ୍ନପତ୍ର ବ୍ୟାଙ୍କ ପ୍ରତିଷ୍ଠା ଓ ଏହାର ପରିଚାଳନା, ସିଲାବସ୍ ପ୍ରସ୍ତୁତି, ବିଶ୍ୱବିଦ୍ୟାଳୟଗୁଡ଼ିକୁ ଡିଜିଟାଲାଇଜ୍ କରିବା, ମହାବିଦ୍ୟାଳୟଗୁଡ଼ିକୁ ନାକ୍ ମାନ୍ୟତା ପ୍ରଦାନ ପାଇଁ ଓଡ଼ିଶା ହାୟର ଏଜୁକେଶନ ପ୍ରୋଗ୍ରାମ ଫର୍ ଏକ୍ସିଲେନ୍ସି ଆଣ୍ଡ ଇକ୍ୟୁଟି (ଓଏଚ୍‌ଇପିଇଇ) ସହିତ ମିଳିତ ତାଲିମ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। ଏହାସହ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ଗୁଡ଼ିକରେ ନିୟମିତ ବିଭିନ୍ନ ବିଷୟକୁ ଅପଲୋଡ୍ କରିବା, ବିଭିନ୍ନ ରିସର୍ଚ୍ଚ ପେପର୍ ପ୍ରକାଶନ ପାଇଁ ସହାୟତା, ବିଶ୍ୱବିଦ୍ୟାଳୟ କାର୍ଯ୍ୟର ସମୀକ୍ଷା, ତ୍ୱରିତ ପାଣ୍ଠି ଲାଗି ମନିଟରିଂ ବ୍ୟବସ୍ଥା, ରିସର୍ଚ୍ଚ ଫେଲୋଶିପ୍ ଆଦି ସଂକ୍ରାନ୍ତରେ ଉପସ୍ଥିତ କୁଳପତି ଓ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ମତ ରଖିଛନ୍ତି।

ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଗବେଷଣା ଏବଂ ଅଭିନବ ପ୍ରୋତ୍ସାହନ ଯୋଜନା (ଓୟୁଆରଆଇଆଇପି)ର ଆଧୁନିକୀକରଣ ସହ ଦ୍ୱିତୀୟ ବର୍ଷ ପାଇଁ ଏହାକୁ କାର୍ଯ୍ୟକାରୀ କରାଯିବା ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅତ୍ୟାଧୁନିକ ଗବେଷଣା ସହ ଅଭିନବ ଯୋଜନା ପ୍ରସ୍ତୁତ ହେବ। ଏହାଛଡ଼ା ଇଣ୍ଟରନେଟ୍ ସଂଯୋଗ ସହିତ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଥିବା ପାଠାଗାରଗୁଡ଼ିକୁ ଅଧିକ ଉପଯୋଗୀ କରିବା, କାଉନସିଲ୍ ଦ୍ୱାରା ୟୁଜି ସିଲାବସ ପ୍ରସ୍ତୁତ ନିମନ୍ତେ ଇ-କାଉଣ୍ଟର ବିକାଶ କରିବା ସହ ଓଡ଼ିଶା ଟେକ୍ସଟ ବୁକ୍ ପ୍ରେସ୍‌ରେ ସିଲାବସ୍ ଓ ପାଠ୍ୟପୁସ୍ତକଗୁଡ଼ିକୁ ଛପାଇବା ଉପରେ ବୈଠକରେ ଆଲୋଚନା ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦର ଉପଦେଷ୍ଟା ପ୍ରଫେସର ଅଶୋକ ଦାସଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଯୋଗଦେଇଥିଲେ।

# ପିଜି ପାଠ୍ୟକ୍ରମ ପାଇଁ ଏକକ ପ୍ରବେଶିକା ପରୀକ୍ଷା

- ଜୁନ୍ ୧୫ ସୁଦ୍ଧା ପରୀକ୍ଷାଫଳ
- ଅନ୍‌ଲାଇନ୍‌ରେ ମିଳିବ ସାର୍ଟିଫିକେଟ୍

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ଏଣିକି ପିଜି ପାଠ୍ୟକ୍ରମରେ ନାମ ଲେଖାଇବାକୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୃଥକ୍ ଭାବେ ପ୍ରବେଶିକା ପରୀକ୍ଷା ବଦଳରେ ଏକକ ପ୍ରବେଶିକା ପରୀକ୍ଷା କରାଯିବ। ଏହି ପ୍ରବେଶିକା ପରୀକ୍ଷାର ମେଧା ତାଲିକା ଅନୁଯାୟୀ ପ୍ରାର୍ଥୀମାନେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇପାରିବେ। ଏହାସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଡେଲ୍ ପ୍ରଶ୍ନ ବ୍ୟାଙ୍କ୍ ପ୍ରସ୍ତୁତ କରାଯିବ। ମଙ୍ଗଳବାର ଇମେଜ୍‌ଠାରେ ଆୟୋଜିତ ବିଶ୍ୱବିଦ୍ୟାଳୟ କୁଳପତି ସମ୍ମିଳନୀରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ପରିପ୍ରେକ୍ଷୀରେ ସମସ୍ତ ପରୀକ୍ଷା ଠିକ୍ ସମୟରେ କରାଯାଇ ଧାର୍ଯ୍ୟ ସମୟ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରାଯିବ। ବିଶ୍ୱବିଦ୍ୟାଳୟଗୁଡ଼ିକ ଯୁକ୍ତ୩ ପରୀକ୍ଷା ନିର୍ଘଣ୍ଟ ପ୍ରସ୍ତୁତ କରି ପରୀକ୍ଷାଫଳ ପ୍ରକାଶ କରିବା ତାରିଖ ଚୂଡ଼ାନ୍ତ କରି ଆସନ୍ତା ୭ ଦିନ ମଧ୍ୟରେ ବିଭାଗକୁ ଜଣାଇବେ। ଏହି କ୍ରମରେ ସମସ୍ତ ଯୁକ୍ତ୩ ପରୀକ୍ଷାଫଳ ଜୁନ୍ ୧୫ ସୁଦ୍ଧା ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଖୁବ୍‌ଶୀଘ୍ର ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ କରାଯିବ। ଏଥିପାଇଁ ଷ୍ଟାଫ୍ ସିଲେକ୍ସନ ବୋର୍ଡକୁ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଥିବା ମନ୍ତ୍ରୀ କହିଛନ୍ତି।

ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଯେପରି ଅଧିକରୁ ଅଧିକ ପିଏଚ୍‌ଡି ରେଜିଷ୍ଟ୍ରେଶନ୍ ଓ ଗବେଷଣାତ୍ମକ ଲେଖା ପ୍ରକାଶ ପାଇବ ସେ ଦିଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଥିଲେ। ଏବେ ସବୁ ମହାବିଦ୍ୟାଳୟରେ ପ୍ରୋକ୍ଟରିଆଲ୍ କ୍ଲାସ୍ ଆରମ୍ଭ କରାଯାଇଥିବା ବେଳେ ଅଧ୍ୟାପକମାନେ ମେଣ୍ଟର୍ ଭାବେ ଛାତ୍ରୀଛାତ୍ରଙ୍କ ଦାୟିତ୍ୱରେ ରହିବେ। ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ସମସ୍ତ ପରୀକ୍ଷା ଖାତାକୁ କୋଡ଼ିଂ କରାଯିବ ବୋଲି ସେ କହିଛନ୍ତି। ଏବେ ସାର୍ଟିଫିକେଟ୍‌ଗୁଡ଼ିକ ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉପଲବ୍ଧ କରାଇବା ନିମନ୍ତେ ବିହିତ ପଦକ୍ଷେପ ନିଆଯାଉଛି। ଏହାସହ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକମାନଙ୍କ ଡାଟାବେସ୍‌କୁ ଡିଜିଟାଲ୍ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି। ଏହାବ୍ୟତୀତ ବୈଠକରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି ନିମନ୍ତେ ରୁସା ପାଣ୍ଠିର ବିନିଯୋଗ କରି ଧାର୍ଯ୍ୟ ସମୟ ମଧ୍ୟରେ ୟୁସି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ, ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ପରୀକ୍ଷା ନିୟନ୍ତ୍ରକ ଓ ବିତ୍ତ ନିୟନ୍ତ୍ରକମାନେ ବୈଠକରେ ଯୋଗଦେଇଥିଲେ।

DSPL-190

ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଭୁବନେଶ୍ୱର

ଉଦ୍ୟାନ କୃଷିର ବିକାଶ ପାଇଁ ସରକାରଙ୍କ ତରଫରୁ ନିମ୍ନଲିଖିତ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ବିଭିନ୍ନ ପରିପ୍ରେକ୍ଷୀରେ ଶତକଡା ୩୫ ରୁ ୯୦ ଭାଗ ସହାୟତା ପ୍ରଦାନ କରାଯାଉଛି ।

୧.ଉଦ୍ୟାନ କୃଷି ମିଶନ ଯୋଜନା
କ. ଆମ୍ବ, କଦଳୀ, ଅମୃତଭଣ୍ଡା ଚାଷ
ଖ. ଗୋଲାପ, ଗ୍ଲାଡିଓଲି, ରଜନୀଗନ୍ଧା, ଝୁରାଫୁଲ ଚାଷ
ଗ. ଅଦା,ହଳଦୀ ଚାଷ
ଘ. ନର୍ସରୀ ଉନ୍ନତିକରଣ
ଙ. ସମନ୍ୱିତ ରୋଗପୋକ / ଖାଦ୍ୟସାର ପରିଚାଳନା
ଚ. ପୁରୁଣା ବଗିଚାର ପୁନଃଉଦ୍ଧାର
ଛ. ଶିକ୍ଷାମୂଳକ ଗସ୍ତ ଏବଂ ପ୍ରଶିକ୍ଷଣ
ଜ. ଉଦ୍ୟାନ କୃଷି ଯନ୍ତ୍ରପାତି
ଝ. ଛତୁ ଚାଷ ଓ ମହୁମାଛି ପାଳନ
ଞ. ଅମଳ ପରବର୍ତ୍ତୀ ଯତ୍ନ ପାଇଁ ପ୍ୟାକ୍ ହାଉସ୍, ଶୀତଳୀକରଣ ଗୃହ, ଶୀତଳଭଣ୍ଡାର, ଶୀତଳୀକରଣ ଯାନ, ପିଆଜ ସାଇତାଗୃହ ଇତ୍ୟାଦି ।

୨. ପ୍ରଧାନମନ୍ତ୍ରୀ କୃଷି ସଂଚାଇ ଯୋଜନାରେ ବୁନ୍ଦା ଓ ସିଂଚନ ଜଳସେଚନ ବ୍ୟବସ୍ଥା ।

୩. ରାଜ୍ୟ ଯୋଜନାରେ ପାନ ଚାଷ ଏବଂ ଘରବାଡି ପାଇଁ ରିହାତି ଦରରେ ଫଳ ଚାରା ଯୋଗାଣ ।

୪. ତାଳତେଲ ଚାଷର ବିକାଶ ।

୫. ନଡିଆ ଚାଷର ବିକାଶ ।

୬. କାଜୁ ବାଦାମ ଚାଷ ।

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଉଦ୍ୟାନ କାର୍ଯ୍ୟାଳୟ କିମ୍ବା website:odihort.nic.in ରେ ଯୋଗାଯୋଗ କରନ୍ତୁ ।

01038/13/0010/1920





DSPL-186

ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଯତ୍ନ

ଶୀତଦିନେ ପ୍ରାଣୀପାଳକମାନେ ପ୍ରାଣୀସମ୍ପଦର ସ୍ୱାସ୍ଥ୍ୟରକ୍ଷା ନେଇ ଚିନ୍ତିତ ଥାଆନ୍ତି । ଠିକ୍ ଭାବରେ ଯତ୍ନ ନନେଲେ ପ୍ରାଣୀସମ୍ପଦର ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ହ୍ରାସଘଟି ଚାଷୀମାନେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥାଏ । ଶୀତ ଦାଉରୁ ପ୍ରାଣୀସମ୍ପଦର ସୁରକ୍ଷା ସହିତ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ନିମନ୍ତେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ବିଧେୟ ।

- ଶୀତ ରାତିରେ ଗୃହପାଳିତ ପ୍ରାଣୀଙ୍କୁ ବାହାରେ ଛାଡ଼ନ୍ତୁ ନାହିଁ କିମ୍ବା ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ ।
- ଖୋଲା ଗୁହାଳ ହୋଇଥିଲେ ରାତି ସମୟରେ ଜରି, ପାଲ, ଅଖା ଆଦିରେ ଘୋଡ଼େଇ ରଖନ୍ତୁ ।
- ଶୀତ ଦାଉରୁ ଗର୍ଭବତୀ ପ୍ରାଣୀ ତଥା ସେମାନଙ୍କ ଛୁଆଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ନଡ଼ା ଓ ଶୁଖିଲା ପତ୍ର ଆଦିର ବିଛଣା ପ୍ରସ୍ତୁତ କରି ରଖନ୍ତୁ । ଏହା ଆରାମଦାୟକ ପ୍ରସବ ସାଙ୍ଗକୁ ଆବଶ୍ୟକ ଉଷ୍ମତା ପ୍ରଦାନ କରିଥାଏ ।
- ପ୍ରାଣୀମାନଙ୍କୁ ଯଥେଷ୍ଟ ପରିମାଣର ସୁଷମ ଖାଦ୍ୟ ଓ ସବୁଜ ଘାସ ଖାଇବାକୁ ଦିଅନ୍ତୁ । ଏହା ପ୍ରାଣୀମାନଙ୍କ ଶରୀରର ତାପମାତ୍ରାକୁ ଉତ୍ତମ ରୂପେ ପରିଚାଳନା କରିବା ସହିତ ଉତ୍ପାଦିକା ଶକ୍ତି ବୃଦ୍ଧି କରିଥାଏ ।
- ପ୍ରାଣୀମାନେ ଦୈନିକ ଆବଶ୍ୟକ କରୁଥିବା ଖାଦ୍ୟକୁ ଏକ ସମୟରେ ନ ଦେଇ ଭାଗ ଭାଗ କରି ଖାଇବାକୁ ଦିଅନ୍ତୁ । ଏଥି ସହ ଉପଯୁକ୍ତ ପରିମାଣ ଖଣିଜ ଲବଣ ଖାଦ୍ୟରେ ମିଶାଇବାକୁ ଭୁଲନ୍ତୁ ନାହିଁ ।
- ଶୀତଦିନ ହେଲେ ମଧ୍ୟ ପ୍ରାଣୀମାନଙ୍କୁ ଆବଶ୍ୟକ ମୁତାବକ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦିଅନ୍ତୁ ।
- ଶୀତଦିନେ ପ୍ରାଣୀମାନଙ୍କ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ପାଇବା ସହିତ ଅନେକ ରୋଗ ସୃଷ୍ଟିକାରୀ ଜୀବାଣୁ ଓ ଭୁତାଣୁ ର ବଂଶବୃଦ୍ଧି ସହଜ ହେଉଥିବାରୁ ପ୍ରାଣୀମାନେ ଶୀଘ୍ର ସଂକ୍ରମଣର ଶୀକାର ହୋଇ ରୋଗରେ ପୀଡ଼ିତ ହୁଅନ୍ତି । ତେଣୁ ଶୀତ ଋତୁ ଆରମ୍ଭରୁ ବିଭିନ୍ନ ସଂକ୍ରାମକ ରୋଗର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ପ୍ରାଣୀମାନଙ୍କ ଟିକାକରଣ କରାଇନିଅନ୍ତୁ ।
- ଶୀତଋତୁରେ ବିଶେଷକରି ଗାଈଗୋରୁମାନଙ୍କ ଠାରେ ଫାଟୁଆ ରୋଗର ପ୍ରାଦୁର୍ଭାବ ଅଧିକ ଦେଖାଯାଇଥାଏ । ତେଣୁ ଏଥିପାଇଁ ବିଶେଷ ଧ୍ୟାନ ଦେଇ ଆରମ୍ଭରୁ ଫାଟୁଆ ରୋଗର ଟିକାକରଣ କରାଇନେବା ଉଚିତ୍ ଏବଂ ପ୍ରତି ୬ ମାସରେ ଥରେ ଗୋରୁଙ୍କୁ ଫାଟୁଆ ଟିକା ପ୍ରଦାନ କରନ୍ତୁ ।
- ଏହି ଋତୁରେ ପ୍ରାଣୀମାନଙ୍କ ଶରୀରରେ ଅନ୍ତଃକୃମି ଓ ବାହ୍ୟକୃମିର ବଂଶବୃଦ୍ଧି ଘଟୁଥିବାରୁ ପ୍ରାଣୀମାନେ ଦୁର୍ବଳ ହୋଇ ଅନେକ କ୍ଷେତ୍ରରେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ତେଣୁ ସ୍ଥାନୀୟ ପ୍ରାଣୀଚିକିତ୍ସା କେନ୍ଦ୍ରରେ ପ୍ରାଣୀଙ୍କ ମଳ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ କ୍ରମେ କୃମିନାଶକ ଔଷଧ ଦେବାର ବ୍ୟବସ୍ଥା କରନ୍ତୁ ।
- ଶୀତଦିନେ କୁକୁଡ଼ା ମାନଙ୍କୁ ଉଷୁମ ସ୍ଥାନରେ ରଖିବା ସହିତ, ସେମାନଙ୍କ ପାଇଁ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରନ୍ତୁ ।
- ପ୍ରାଣୀମାନଙ୍କ ଶରୀରରେ କୌଣସି ରୋଗର ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ଯୋଗାଯୋଗ କରନ୍ତୁ ।

**ମନେରଖନ୍ତୁ, ଶୀତଋତୁରେ ପ୍ରାଣୀସମ୍ପଦର ଉପଯୁକ୍ତ ପରିଚାଳନା ହିଁ ପଶୁପକ୍ଷୀଙ୍କୁ ମୃତ୍ୟୁମୁଖରୁ ବଂଚାଇବା ସହ ଆପଣଙ୍କ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଆଣିପାରିବ ।**

ନିର୍ଦ୍ଦେଶକ
ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା
ଓଡ଼ିଶା, କଟକ

06014/13/0014/1920

ପୂର୍ବ ତଟ ରେଳପଥ

ଜାନୁଆରୀ-2020 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ

ଇ-ନିଲାମର ଅନୁସୂଚୀ

| ମାସ | ମୁଖ୍ୟାଳୟ / ମଣ୍ଡଳ | ତାରିଖ |
|---|---|---|
| ଜାନୁଆରୀ-2020 | ମଞ୍ଚେଶ୍ୱର ଡିପୋ | 04.01.2020 (ଶନିବାର), 14.01.2020 (ମଙ୍ଗଳବାର), 22.01.2020 (ବୁଧବାର) & 30.01.2020 (ଗୁରୁବାର) |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 06.01.2020 (ସୋମବାର), 13.01.2020 (ସୋମବାର), 17.01.2020 (ଶୁକ୍ରବାର), 24.01.2020 (ଶୁକ୍ରବାର) & 31.01.2020 (ଶୁକ୍ରବାର) |
| | ୱାଲ୍ଟିୟର ମଣ୍ଡଳ | 02.01.2020 (ଗୁରୁବାର), 09.01.2020 (ଗୁରୁବାର), 16.01.2020 (ଗୁରୁବାର), 22.01.2020 (ବୁଧବାର) & 29.01.2020 (ବୁଧବାର) |
| | ସମ୍ବଲପୁର ମଣ୍ଡଳ | 03.01.2020 (ଶୁକ୍ରବାର), 10.01.2020 (ଶୁକ୍ରବାର), 16.01.2020 (ଗୁରୁବାର), 24.01.2020 (ଶୁକ୍ରବାର) & 30.01.2020 (ଗୁରୁବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସଞ୍ଚାଳନ ସମ୍ପର୍କିତ ଅଧିକାରୀ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ହେବ ।

PR - 576/K/19-20
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ସାମଗ୍ରୀ ପ୍ରବନ୍ଧନ ବିଭାଗ

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୧୯/୧୧, ତାରିଖ: ୦୬-ଡିସେମ୍ବର-୨୦୧୯

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫର୍‌କୁ ପ୍ରଶ୍ରୟ ଦିଆଯିବ ନାହିଁ । ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧. | ୦୩୧୯୧୬୪୦ଏ | ଡିଓଏମ୍ ଆରେଞ୍ଜମେଣ୍ଟର ଏୟାର୍ ସିଲିଣ୍ଡର | ୨୭।୧୨।୨୦୧୯ | ୨୮ ଗୋଟି |
| ୨. | ୦୫୧୯୫୦୫୬ | କେବୁଲ ପିଭିସି ଇନସୁଲେଟେଡ୍ ଆର୍ମର୍ଡ | ୨୭।୧୨।୨୦୧୯ | ୩୪ କିମି |
| ୩. | ୦୭୧୯୧୫୨୭ | ସିଟିଆର୍‌ବି ପାଇଁ ଡବଲ୍ କପ୍ | ୨୭।୧୨।୨୦୧୯ | ୪୭୫ ଗୋଟି |
| ୪. | ୦୭୧୯୧୫୨୮ | ସିଟିଆର୍‌ବି ପାଇଁ ଡବଲ୍ କପ୍ | ୨୭।୧୨।୨୦୧୯ | ୪୭୫ ଗୋଟି |
| ୫. | ୦୨୧୮୩୮୯ବି | ଏଓଏଚ୍/ଆଇଓଏଚ୍/ପିଓଏଚ୍ ବିପିଏସ୍ | ୩୦।୧୨।୨୦୧୯ | ୧୪୦ ସେଟ୍ |
| ୬. | ୦୩୧୯୧୪୧୦ଏ | ସ୍ଲାକ୍ ଆଡଜଷ୍ଟର | ୩୦।୧୨।୨୦୧୯ | ୬୧୬ ଗୋଟି |
| ୭. | ୦୩୧୯୨୦୫୬ସି | ରିଟ୍ରାକ୍ଟେବଲ୍ ଆଙ୍କରେଜ୍ ଲକ୍ | ୩୦।୧୨।୨୦୧୯ | ୨୩ ଗୋଟି |
| ୮. | ୦୩୧୯୨୮୪୫ଏ | ବିଓଏକ୍ସଏନ୍‌ଏଚ୍‌ଏଲ୍ ପାଇଁ ଡୋର୍ ହ୍ୟାଣ୍ଡହୋଲ୍ଡ | ୦୨।୦୧।୨୦୨୦ | ୨୩,୩୦୩ ଗୋଟି |

ଟେଣ୍ଡର ସମାପ୍ତି/ଖୋଲାଯିବା ସମୟ: ୧୦.୩୦ ଘଟିକାରେ। ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ବିକ୍ରେତାମାନଙ୍କ ପାଇଁ ଶୁଦ୍ଧିପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ନୋଟିସ www.ireps.gov.inରେ ଦେଖାଯାଇପାରିବ।

CPR/10/350
ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକଙ୍କ ପାଇଁ

South East Central Railway @secrail

GOVERNMENT OF ODISHA
"e" PROCUREMENT NOTICE
OFFICE OF THE
NOTIFIED AREA COUNCIL, DASPALLA
TENDER CALL NOTICE
E-mail: nacdaspalla@gmail.com
Bid Identification No. NAC-Daspalla/03/2019-20

The Executive Officer, NAC, Daspalla, Dist.- Nayagarh inviting percentage rate bid in online mode for the works as detailed in the table from eligible contractors for construction of civil works as detailed in the table below:

1. Nature of Work : As per DTCN
2. No. of Work : 1 No.
3. Tender Cost : To be remitted online throug a process as mentioned in DTCN
4. Class of Contractor : As mentioned in DTCN
5. Available of Bid Document in : From Dt.11.12.2019 11.00 A.M. to Dt.20.12.2019 upto 5.00 P.M. in the website.
6. Date & time of Opening Technical Bid : Dt.21.12.2019 at 11.00 A.M.
7. Date & time of Opening Financial Bid : Dt.23.12.2019 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/Corrigendum/ Cancellation of tender can also be seen in the said website.

Sd./- Executive Officer
NAC, Daspalla

## ମେଧାବୀ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,(ବ୍ୟୁରୋ)- ବ୍ରହ୍ମପୁର ନବମ ଶ୍ରେଣୀର ଛାତ୍ର ପି. ବିଶ୍ୱନାଥ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପ୍ରଶଂସା କରିଛନ୍ତି। ବିଶ୍ୱନାଥ ରୁଷିଆସ୍ଥିତ ସୋଚି ସହରରେ ଡିପ୍ ଟେକ୍ନୋଲୋଜି ଏଜୁକେଶନ୍ ପ୍ରୋଗ୍ରାମରେ ଅଂଶଗ୍ରହଣ କରିଥିଲେ। ଜଳ ସଙ୍କଟ ଦୂର କରିବା ପାଇଁ ବିଶ୍ୱନାଥ ଏକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଯାହାକୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ପ୍ରଶଂସା କରିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ଟୁଇଟ୍ ଜରିଆରେ ପାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସଂକ୍ଷେପରେ

### ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ନିଆଁ

ବାରଙ୍ଗ,୧୦।୧୨(ଡି.ଏନ.ଏ.): ବହୁଦିନର ବ୍ୟବଧାନ ପରେ ଦାରୁଠେଙ୍ଗ ଗ୍ରାମ ମୁଣ୍ଡରେ ଥିବା ଡମ୍ପିଂୟାର୍ଡରେ ମଙ୍ଗଳବାର ରାତି ପ୍ରାୟ ୭ଟାରେ ନିଆଁ ଲାଗିଯାଇଛି। ୮ଟା ସମୟରେ ନିଆଁର ପରିମାଣ ବଢ଼ିବା ସହ ପାଖାପାଖି ୨ ଏକର ପରିମିତ ଅଳିଆଗଦା ପୋଡିଯିବାର ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନ ଥିବାର ଜଣାପଡିଛି। ଏହି ନିଆଁ ଲାଗିବା ଘଟଣା ଦାରୁଠେଙ୍ଗ ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ,୧୦।୧୨(ଡି.ଏନ.ଏ.): ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମମୁଣ୍ଡ ରାସ୍ତାକଡ଼ ଥିବା ପଡ଼ିଆରୁ ପରିତ୍ୟକ୍ତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକଙ୍କ ପରିଚୟ ଅସ୍ପଷ୍ଟ ଥିବାବେଳେ ପୋଲିସ ନଂ. ୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ପଡିଆ ରାସ୍ତାରେ ଆସୁଥିବାବେଳେ ଉକ୍ତ ମୃତଦେହ ପଡିଥିବାର ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିବାବେଳେ ବୟସ ପାଖାପାଖି ୩୨ ହେବ ବୋଲି ଅନୁମାନ କରାଯାଉଛି। ଯୁବକ ଜଣକ ଗତ କିଛିଦିନ ହେବ ପାଖ ଅଞ୍ଚଳରେ ବୁଲାବୁଲି କରୁଥିବାର ପ୍ରାଥମିକ ତଦନ୍ତରେ ପୋଲିସ ଜାଣିଛି।

### ଖବରଦାତାଙ୍କୁ ଆକ୍ରମଣ କରି ଲୁଟ୍

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ): ରାତିରେ ରାଜଧାନୀ ଅସୁରକ୍ଷିତ ହୋଇପଡ଼ିଛି। ରାତି ବଢ଼ିଲେ ଲୁଟେରାମାନଙ୍କ ଉତ୍ପାତ ବଢ଼ିଯାଉଛି। ଫଳରେ ସାଧାରଣ ଲୋକେ ରାତିରେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ସୋମବାର ବିଳମ୍ବିତ ରାତିରେ ଶହୀଦନଗର ଥାନା ଭିଏସ୍ଏସ୍ ନଗର ଲେଭଲ କ୍ରସିଂ ନିକଟରେ ଲୁଟର ଶିକାର ହୋଇଛନ୍ତି ଖବରଦାତା ନଳିନୀ ରାଉତ ଓରଫ ଦିଲ୍ଲୁ। ଏନେଇ ସେ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହାର ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ଦିଲ୍ଲୁ ରାତି ପ୍ରାୟ ୧୨ଟା ସମୟରେ ମଞ୍ଚେଶ୍ୱରସ୍ଥିତ ଅଫିସରୁ ଘରକୁ ଫେରୁଥିଲେ। ଭିଏସ୍ଏସ୍ ନଗର ଲେଭଲ କ୍ରସିଂ ନିକଟରେ ୩ଜଣ ଯୁବକ ଏକ ବାଇକରେ ଆସି ହଠାତ୍ ତାଙ୍କୁ ପଛରୁ ଧକ୍କା ମାରିଥିଲେ। ସେ ତଳେ ପଡିଯିବାରୁ ଦୁଇଜଣ ଲୁଟେରା ତାଙ୍କ ନିକଟକୁ ଆସି ଧମକାଇ ମୋବାଇଲ ଏବଂ ପର୍ସ ଲୁଟ୍ କରିଥିଲେ। ଦିଲ୍ଲୁ ଏହାର ପ୍ରତିବାଦ କରିବା ସହ ଜଣଙ୍କୁ କାବୁ କରିଥିଲେ। ଧରାପଡିଯିବା ଭୟରେ ଦୁର୍ବୃତ୍ତମାନେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଲୁଟେରାମାନେ ଗାଡି ଚାବି ଛଡାଇ ଫିଙ୍ଗି ଦେବା ସହ ଜାତୀୟ ରାଜପଥ ଅଭିମୁଖେ ପଳାଇଯାଇଥିଲେ।

### ସୁନ୍ଦରପଦା ହତ୍ୟାକାଣ୍ଡକୁ ନେଇ ସଂଘବଦ୍ଧ ଆକ୍ରମଣ
### କଲେଜ ଛାତ୍ର ଗୁରୁତର

ଯାଁଳା,୧୦।୧୨(ଡି.ଏନ.ଏ.): ସଂଘବଦ୍ଧ ଆକ୍ରମଣରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଜଣେ କଲେଜ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆହତ ଛାତ୍ରଙ୍କ ନାମ ଜଗତଜିତ୍ ଗଜେନ୍ଦ୍ର(୧୯)। ତାଙ୍କ ଘର ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳରେ। ଭୁବନେଶ୍ୱର ଉପକଣ୍ଠ ଯାଁଳା ଫାଣ୍ଡି ଅନ୍ତର୍ଗତ ମଦନପୁର ଗ୍ରାମସ୍ଥିତ ଏକ ଘରୋଇ କଲେଜରେ ସେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। ମୁହଁରେ ମୁଖା ପିନ୍ଧିଥିବା ୬ରୁ ୭ ଜଣ ଯୁବକ ଏହି କଲେଜ ନିକଟକୁ ଆସି ଜଗତଜିତ୍‌ଙ୍କୁ ଘେରି ଯାଇ ଆତର୍କିତ ଭାବେ ଚାପଡ଼ରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଜଂଘ, ବାମହାତ, କାନ୍ଧ ଓ ଶରୀରର ଅନ୍ୟ ସ୍ଥାନରେ ଗଭୀର ଆଘାତ ଲାଗିଛି। ମୁମୂର୍ଷୁ ଅବସ୍ଥାରେ ଜଗତଜିତ୍ ତଳେ ପଡିଥିବା ବେଳେ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଜଗତଜିତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍‌ସରେ ଭର୍ତ୍ତି କରିଥିଲେ। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ସୁନ୍ଦରପଦା ଅଞ୍ଚଳର କେତେଜଣ ଯୁବକ ଏହି ଆକ୍ରମଣ କରିଥିବା ପୋଲିସ ଅନୁମାନ କରୁଛି। ଦୀପାବଳି ରାତିରେ ସୁନ୍ଦରପଦା ଅଞ୍ଚଳରେ ହୋଇଥିବା ଅମରେଶ ହତ୍ୟାକାଣ୍ଡକୁ ନେଇ ଜଗତଜିତ୍‌ଙ୍କ ଉପରେ ଆକ୍ରମଣର ସଂଯୋଗ ଥିବା ପୋଲିସ ସନ୍ଦେହ କରୁଛି। କାରଣ ଅମରେଶଙ୍କ ଜନ୍ମଦିନ ମଙ୍ଗଳବାର ଥିବାରୁ ତାଙ୍କ ସହଯୋଗୀମାନେ ଏହି ଆକ୍ରମଣ କରି ଥାଇ ପାରନ୍ତି। ଏହାର ତଦନ୍ତ ଚାଲିଥିବା ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି।

## ■ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ହଟିବା ପ୍ରସଙ୍ଗ

# ତୀବ୍ର ବିରୋଧ, ଉଚ୍ଛେଦ ସ୍ଥଗିତ



- ■ ଏକାଠି ହେଲେ ରାଜନୈତିକ ଦଳ ଓ ବ୍ୟବସାୟୀ ସଂଘ
- ■ ଥାନା ଘେରିଲେ, ଧାରଣା ଦେଲେ, ଡୋଜର ତଳେ ଶୋଇବାକୁ ଧମକ ଦେଲେ
- ■ ଆଜି ବିଡିଏ ମୁଖ୍ୟାଳୟରେ ଆଲୋଚନା

ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ) ୧୦।୧୨

କ୍ଷୁଦ୍ର ବ୍ୟବସାୟୀ ଓ ଉଠା ଦୋକାନୀଙ୍କୁ ପ୍ରଥମେ ଥଇଥାନ କର। ଏଥିପାଇଁ ଯେଉଁ ନକ୍ସା ପ୍ରସ୍ତୁତ ହୋଇଛି ତାହାକୁ ସର୍ବସାଧାରଣରେ ପ୍ରକାଶ କର। ବିନା ନକ୍ସାରେ ଉଚ୍ଛେଦ ହୋଇପାରିବ ନାହିଁ। ଡ୍ରୋଜର ଦୋକାନ ଉପରେ ନୁହେଁ, ଆମ ଉପରେ ଚଲାଅ। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦକୁ ବିରୋଧ କରି ମଙ୍ଗଳବାର ଏପରି ନାନା ନାରା ଦେବା ସହ ଦାବି ରଖିଥିଲେ ବ୍ୟବସାୟୀ। ସେମାନଙ୍କୁ ସମର୍ଥନ ଜଣାଇ ବିଭିନ୍ନ ରାଜନୈତିକ ଦଳ ଓ ସ୍ଥାନୀୟ ଲୋକେ ଲିଙ୍ଗରାଜ ମନ୍ଦିର ସମ୍ମୁଖ ଓ ଥାନା ପରିସରରେ ଧାରଣାରେ ବସିଥିଲେ। ଫଳରେ ଦ୍ୱିତୀୟ ଦିନରେ ଉଚ୍ଛେଦ ହୋଇପାରି ନ ଥିଲା। ତୀବ୍ର ବିରୋଧ ଓ ମେଳିକୁ ଦେଖି ପ୍ରଶାସନ ପକ୍ଷରୁ ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ବୁଧବାର ୧୦ ଜଣିଆ ପ୍ରତିନିଧିଦଳ ସହ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କାର୍ଯ୍ୟାଳୟରେ ବୈଠକ ବସି ଏନେଇ ଆଲୋଚନା ହେବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଏ ପକ୍ଷରୁ ସୂଚନା ମିଳିଛି।

ପ୍ରଥମ ଦିନ ସୋମବାର ଲିଙ୍ଗରାଜ ମନ୍ଦିରର ସମ୍ମୁଖ ତଥା ପୂର୍ବପାର୍ଶ୍ୱରୁ ଜବରଦଖଲ ହଟାଯାଇଥିଲା। ୧୮ କ୍ୟାବିନ୍, ୧୧ ଫାଷ୍ଟଫୁଡ୍ ଦୋକାନ, ୧୮ ଉଠା ଦୋକାନ, ୪ ଅସ୍ଥାୟୀ ଘର, ୫ ଘରର ଆଜ୍‌ବେଷ୍ଟ, ୨ ପିଣ୍ଡି, ଭଜନ ମଣ୍ଡପକୁ ଲାଗି ରହିଥିବା ଛୋଟ ମନ୍ଦିରକୁ ଭଙ୍ଗା ଯାଇଥିଲା। ମଙ୍ଗଳବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଉଚ୍ଛେଦ ଅଧିକାରୀ ଟିମ୍ ଓ ପୋଲିସ୍ ଫୋର୍ସ ସହ ଉଚ୍ଛେଦ ପାଇଁ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେତେବେଳକୁ ବିରୋଧ ଆରମ୍ଭ ହୋଇସାରିଥିଲା। ସକାଳ ୮ଟାରୁ ଏକାମ୍ର ନିର୍ବାଚନ ମଣ୍ଡଳୀର ଭାଜପା ଓ କଂଗ୍ରେସ ଦଳର ନେତା ଓ କର୍ମୀ, ସ୍ଥାନୀୟ ଲୋକ, ବ୍ୟବସାୟୀ ଏବଂ ସାମାଜିକ ସଂଗଠନ କର୍ମକର୍ତ୍ତା ଏକାଠି ହୋଇ ଲିଙ୍ଗରାଜ ଥାନା ଘେରାଉ କରି ରଖିଥିଲେ। ଉଚ୍ଛେଦ ଟିମ୍ ପହଞ୍ଚିବା ଦେଖି ତୀବ୍ର ପ୍ରତିବାଦ କରିବା ସହ ଧାରଣାରେ ବସିଥିଲେ। ଛୋଟମୋଟ ବେପାର କରି ପରିବାର ଚଳାଉଥିବା ଉଠାଦୋକାନୀଙ୍କୁ କେଉଁଠି ଓ କେବେ ଥଇଥାନ କରାଯିବ ସେନେଇ ଅଧିକାରଙ୍କୁ ନାନା ପ୍ରଶ୍ନ କରିଥିଲେ। ଉଚ୍ଛେଦ କଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ଓ ଡ୍ରୋଜର ତଳେ ସମୂହ ଶୋଇପଡ଼ିବେ ବୋଲି ଧମକ ଦେଇଥିଲେ। ତେବେ ବହୁ ଚେଷ୍ଟା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ପ୍ରଶାସନ ଆଲୋଚନା ପ୍ରତିଶ୍ରୁତି ଦେଇଥିଲେ। ପୂର୍ବାହ୍ନ ୧୧ଟା ପରେ ଧାରଣା ଓ ଆନ୍ଦୋଳନ ହଟିଥିଲା।

ଏନେଇ ବିଡିଏର ଜନୈକ ଅଧିକାରୀ କହିଛନ୍ତି, ମଙ୍ଗଳବାର ବିନ୍ଦୁ ସାଗରରୁ ବଢ଼େଇବାଙ୍କ ଛକ ଯାଏ ଉଚ୍ଛେଦ କରାଯାଇଥାନ୍ତା। ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ବିରୋଧ ଯୋଗୁ ଏହାକୁ ସାମୟିକ ସ୍ଥଗିତ ରଖାଯାଇଛି। କିନ୍ତୁ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ନିଶ୍ଚୟ ଜବରଦଖଲ ହଟିବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ଘୁଞ୍ଚିଲା ଯୁକ୍ତ ୩ ସେମିଷ୍ଟର ପରୀକ୍ଷା



ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ସେମିଷ୍ଟର ପରୀକ୍ଷା ତାରିଖ ଘୁଞ୍ଚାଇବା ଦାବି ନେଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ପରେ ପରୀକ୍ଷା ତାରିଖକୁ ପରିବର୍ତ୍ତନ କରାଯାଇଛି। ବର୍ଷକ ମଧ୍ୟରେ ୩ଟି ସେମିଷ୍ଟରକୁ ବିରୋଧ କରି ଗତ ୫ତାରିଖରେ ଛାତ୍ରୀଛାତ୍ର କୁଳପତିଙ୍କ କାର୍ଯ୍ୟାଳୟକୁ ଘେରିଥିଲେ। ମଙ୍ଗଳବାର ପୁଣି କୁଳପତିଙ୍କ କାର୍ଯ୍ୟାଳୟକୁ ସେମାନେ ଘେରିଥିଲେ। ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଶରତ ଚନ୍ଦ୍ର ମାଝି ପରୀକ୍ଷା ତାରିଖ ପରିବର୍ତ୍ତନ ନେଇ ଘୋଷଣା କରିଥିଲେ। ଡିସେମ୍ବର ୨୬, ୨୭ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ବାତିଲ କରାଯାଇଛି। ଏହି ପରୀକ୍ଷା ଆସନ୍ତା ୩୦ ଓ ୩୧ ତାରିଖରେ କରାଯିବାକୁ ସ୍ଥିର ହୋଇଛି।

## ■ବିଏମ୍‌ସି ସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ମେଳା ଉଦ୍‌ଯାପିତ

# ପ୍ରଦର୍ଶିତ ହେଲା ୨୯୫ ପ୍ରକଳ୍ପ



ଛାତ୍ରୀମାନେ ଏକ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର, (ବ୍ୟୁରୋ)୧୦।୧୨

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ମଙ୍ଗଳବାର ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ମେଳାର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ମେଳାରେ ମୋଟ ୨୯୫ଟି ପ୍ରକଳ୍ପ ପ୍ରର୍ଶିତ ହୋଇଥିଲା। ୧୮୨ଟି ପ୍ରକଳ୍ପ ସରକାରୀ ବିଦ୍ୟାଳୟରୁ ଆସିଥିବାବେଳେ ୧୧୩ଟି ପ୍ରକଳ୍ପ ଘରୋଇ ବିଦ୍ୟାଳୟରୁ ଆସିଥିଲା। ବିଏମ୍‌ସିର ସମସ୍ତ ସିଆରସିସି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ କେଦାରନାଥ ଆଚାର୍ଯ୍ୟ, ଜିଲା ଶିକ୍ଷା ଅଧିକାରୀ ସସ୍ମିତା ମାଳି, ସହକାରୀ ଶିକ୍ଷା ଅଧିକାରୀ କଲ୍ୟାଣୀ ମିଶ୍ର, ତୃପ୍ତିମୟୀ ଭଞ୍ଜ, ରବୀନ୍ଦ୍ରକୁମାର ସାହୁ, ଚୈତନ୍ୟ ଜେନାଙ୍କ ସମେତ ୟୁନିଟ ୧ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାତା ସାମନ୍ତରାୟ ଓ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ପଣ୍ଡା, ପୂର୍ବତନ କର୍ପୋରେଟର ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ■କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ବିଏମ୍‌ସିର କଡ଼ା ଚେତାବନୀ

# ଏମ୍‌ସିସିକୁ ବିରୋଧକଲେ ଅଳିଆ ଉଠିବନି

ଭୁବନେଶ୍ୱର (ବ୍ୟୁରୋ) ୧୦।୧୨

ସହରକୁ ସ୍ୱଚ୍ଛ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ନିର୍ମାଣ କରୁଛି। ସହରରେ ମୋଟ ୪୩ ଏମ୍‌ସିସି କରିବାକୁ ବର୍ତ୍ତମାନଯାଏ ସ୍ଥିର ହୋଇଥିବାବେଳେ ବିଭିନ୍ନ କାର୍ଯ୍ୟ ଆଗେଇ ଚାଲିଛି। କିନ୍ତୁ କେତେକ ସ୍ଥାନରେ ଲୋକେ ଏମ୍‌ସିସିକୁ ବିରୋଧ କରୁଥିବାରୁ ବିଏମ୍‌ସି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏଣିକି ଏମ୍‌ସିସିକୁ ବିରୋଧ କଲେ ଉକ୍ତ ୱାର୍ଡରୁ ଅଳିଆ ଉଠାଯିବ ନାହିଁ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ମଙ୍ଗଳବାର ଚେତାବନୀ ଦେଇଛନ୍ତି। କମିଶନର ଚୌଧାରୀ କହିଛନ୍ତି, ଗୋଟିଏ ୱାର୍ଡର ବର୍ଜ୍ୟକୁ ଉକ୍ତ ୱାର୍ଡରେ ହିଁ କମ୍ପୋଷ୍ଟ କରାଯିବାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଉକ୍ତ ୱାର୍ଡରେ ସ୍ଥାନ ନ ଥିଲେ ନିକଟ ୱାର୍ଡରେ ହିଁ ବର୍ଜ୍ୟବସ୍ତୁ ପରିଚାଳନା କରାଯିବ। ଭୁବନେଶ୍ୱରର ବିଭିନ୍ନ ୱାର୍ଡରେ ବର୍ଜ୍ୟ ପରିଚାଳନା ପାଇଁ ନିର୍ମାଣ ହେଉଥିବା ଏମ୍‌ସିସି ପାଇଁ ଲୋକେ ବିରୋଧ କରୁଥିବାରୁ ବିଏମ୍‌ସି ଏପରି ନିୟମ ଜାରି କରିବ ବୋଲି ସେ କହିଛନ୍ତି। ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ଭୁବନେଶ୍ୱରର ୧୪ ସ୍ଥାନରେ ନିର୍ମାଣଧୀନ ୧୮ ଏମ୍‌ସିସିକୁ ଲୋକେ ବିରୋଧ କରୁଛନ୍ତି। ସେଗୁଡିକ ହେଲା ୱାର୍ଡ ନଂ.୨୨ ଭରତପୁର, ୱାର୍ଡ ନଂ. ୨୩ ଘାଟିକିଆ, ୱାର୍ଡ ନଂ. ୨୫, ୨୦, ୧୬ ଜୟଦେବ ବିହାର, ୱାର୍ଡ ନଂ. ୩୯ ନୟାପଲ୍ଲୀ, ୱାର୍ଡ ନଂ.୩ ପଟିଆ, ୱାର୍ଡ ନଂ. ୮, ୧୪ ଚନ୍ଦ୍ରଶେଖରପୁର, ୱାର୍ଡ ନଂ. ୪ ନହରକଣ୍ଟା, ୱାର୍ଡ ନଂ. ୧୮ ପାଣ୍ଡରା, ୱାର୍ଡ ନଂ. ୪୦ ବାପୁଜୀ ନଗର, ୱାର୍ଡ ନଂ. ୪୧ ଅଶୋକ ନଗର, ୱାର୍ଡ ନଂ. ୩୨ ଲକ୍ଷ୍ମୀସାଗର-୨ ଓ ୱାର୍ଡ ନଂ.୫୬ ବିଜେବି ନଗର। ବର୍ଜ୍ୟବସ୍ତୁ ପରିଚାଳନା ସୁଚାରୁ ରୂପେ ହେବ।

## ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କଲେ ଡିଜିପି

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଅଭୟ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଅପରାହ୍ନ ୫ଟା ୧୫ରେ ଲୋକସେବା ଭବନରେ ଅଭୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ଜଣାପଡିଛି। ନୂତନ ଭାବେ ଡିଜି ଦାୟିତ୍ୱ ନେଇଥିବା ଅଭୟଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ଏହା ବ୍ୟତୀତ ଅଭୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଧିକାରୀଙ୍କୁ ଭେଟି ସୌଜନ୍ୟମୂଳକ ଆଲୋଚନା କରିଥିବା ଜଣାପଡିଛି। ଖୁବ୍‌ଶୀଘ୍ର ରାଜ୍ୟ ଆଇନ ଶୃଙ୍ଖଳା ସହ ଜଡ଼ିତ ଉଚ୍ଚପଦାଧିକାରୀଙ୍କୁ ନେଇ ଏକ ବୈଠକ ଡକାଯିବାର ସମ୍ଭାବନା ରହିଥିବା ସୂତ୍ରରୁ ପ୍ରକାଶ।

## ■ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ୫ମ ସନ୍ଧ୍ୟା

# ପୁସ୍ତକର ଚିରନ୍ତନ ଆବେଦନ ସର୍ବଦା ସ୍ୱୀକାର୍ଯ୍ୟ




ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର (ବ୍ୟୁରୋ) ୧୦।୧୨

ପୁସ୍ତକ ହେଉଛି ବିଶ୍ୱର ଗବାକ୍ଷ। ବିଭିନ୍ନ ବହି ପଢି ବିଶ୍ୱ ବ୍ରହ୍ମାଣ୍ଡ ଭ୍ରମଣର ଅନୁଭବ ମିଳେ। ପୁସ୍ତକର ଚିରନ୍ତନ ଆବେଦନ ଚିରକାଳ ସ୍ୱୀକାର୍ଯ୍ୟ ବୋଲି ବିଶିଷ୍ଟ କଥାକାର ତଥା ଭିଜିଲାନ୍ସ ଡିଜି ଦେବାଶିଷ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ୫ମ ସନ୍ଧ୍ୟାରେ ଅତିଥି ଭାବେ ପାଣିଗ୍ରାହୀ ଯୋଗଦେଇ ପୁସ୍ତକ ମେଳା ଆୟୋଜନ ଅନେକ ଆହ୍ୱାନ ସୃଷ୍ଟି କରିଛି ବୋଲି ଦର୍ଶାଇଥିଲେ। ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଉପେନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ପୁସ୍ତକ ଶ୍ରେଷ୍ଠ ବନ୍ଧୁ ବୋଲି କହିଥିଲେ। ଏଥିରେ ୫ଟି ପୁସ୍ତକ ଲୋକାର୍ପିତ ହୋଇଥିବାବେଳେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶିକା ସଂଘମିତ୍ରା ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ସୁନୀତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁଚିସ୍ମିତା ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବହୁ ବିଶିଷ୍ଟ ସାହିତ୍ୟିକ, ଗବେଷକ, ପାଠକ ଉପସ୍ଥିତ ଥିଲେ।

## ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରଖିଲା ବୈଷୟିକ କମିଟି

ବାରଙ୍ଗ,୧୦।୧୨(ଡି.ଏନ.ଏ.)

ନନ୍ଦନକାନନକୁ ମଙ୍ଗଳବାର ଜାତୀୟ ବୈଷୟିକ କମିଟିର ସଦସ୍ୟମାନେ ଦିନିକିଆ ଗସ୍ତରେ ଆସି ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରଖି ଫେରିଛନ୍ତି। ନୂଆ କରି ପୁନଃଗଠନ ହୋଇଥିବା ଏହି କମିଟିର ଏହା ଥିଲା ପ୍ରଥମଗସ୍ତ। କମିଟିର ଚେୟାରମ୍ୟାନ ଡ.ଏସ୍.କେ.ରାୟଙ୍କ ନେତୃତ୍ୱରେ ଆସାମ ଭେଟେରିନାରୀ କଲେଜର ଡ. କେ.କେ. ଶର୍ମା, ହାଇଦ୍ରାବାଦ ଭେଟେରିନାରୀ ମୁଖ୍ୟ ନବୀନ କୁମାରଙ୍କୁ ନେଇ ଗଠିତ ୧୧ଜଣିଆ ସଦସ୍ୟ ଏହି ଟିମରେ ଥିଲେ। ନନ୍ଦନକାନନ ସଭାଗୃହରେ ଏହି ଟିମ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ରୋଗଗ୍ରସ୍ତ ହୋଇ ମୃତ୍ୟୁ କରିଥିବା ଓ ବର୍ତ୍ତମାନ ପୀଡ଼ିତ ଥିବା ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ହୋଇଥିବା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ବୈଠକରେ ନନ୍ଦନକାନନ ନିର୍ଦ୍ଦେଶକ ଶଶିପଲ, ଉପନିର୍ଦ୍ଦେଶକ ଜୟନ୍ତ ଦାଶ, ଏପିଏଫ ଅମୂଲ୍ୟ ପରିଡ଼ା, ଶିକ୍ଷାଧିକାରୀ ମିଳନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ■ଫ୍ଲାଟ୍ ଦେବା ନାଁରେ ୧.୫ କୋଟି ଠକେଇ

# ସଂସ୍ଥାର ଏମ୍‌ଡି, ତାଙ୍କ ସ୍ୱାମୀ ଗିରଫ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ରାଜଧାନୀରେ ଫ୍ଲାଟ୍ ଦେବାକୁ କହି ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ବି.ଏନ୍. ଇନ୍‌ଫ୍ରା ସର୍ଭିସେସ୍ ବିଲ୍ଡର ସଂସ୍ଥାର ଏମ୍‌ଡି ମହେଶ୍ୱେତା ବିଶ୍ୱାଳ ଓ ତାଙ୍କ ସ୍ୱାମୀ ବିଶ୍ୱଭୂଷଣ ବିଶ୍ୱାଳ। ମଙ୍ଗଳବାର ଇଓଡବ୍ଲ୍ୟୁ ଆଇପିସି ଦଫା ୪୦୬,୪୨୦,୧୨୦(ବି)ରେ ମାମଲା (ନଂ. ୨୧/୧୯) ରୁଜୁ କରି କଟକ ଓପିଆଇଡି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ୍ ହାତକୁ ପଠାଇ ଦିଆଯାଇଛି। ଇଓଡବ୍ଲ୍ୟୁର ସୂଚନାନୁସାରେ, ବିଶ୍ୱଭୂଷଣ ମଧୁସୂଦନ ଦାସ ରିଜିଓନାଲ ଏକାଡେମୀର ଯୁଗ୍ମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ବି.ଏନ୍. ଇନ୍‌ଫ୍ରା ସର୍ଭିସେସ୍ ବିଲ୍ଡର ସଂସ୍ଥାର ଏମ୍‌ଡି ମହେଶ୍ୱେତା ସୁଲଭ ମୂଲ୍ୟରେ ଜମି ଓ ଫ୍ଲାଟ୍ ଯୋଗାଇ ଦେବାକୁ କହି ଲୋକଙ୍କଠାରୁ ବିପୁଳ ଟଙ୍କା ନେଇଥିଲେ। ଚନ୍ଦ୍ରଶେଖରପୁରରେ ରହୁଥିବା ଦେବାଶିଷ ଡଗରଙ୍କୁ ରାଜଧାନୀରେ ୫ ଫ୍ଲାଟ୍ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଦେବାଶିଷଙ୍କଠାରୁ ମହେଶ୍ୱେତା ୧.୮୯ କୋଟି ଟଙ୍କା ନେଇଥିଲେ। ୧.୪ କୋଟି ଟଙ୍କା ଅନ୍‌ଲାଇନରେ ଓ ବାକି ଟଙ୍କା ନଗଦ ଆକାରରେ ନେଇଥିଲେ। ଏବାବଦକୁ ମଧ୍ୟ ଚୁକ୍ତି ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ସଂସ୍ଥା ଘର ଯୋଗାଇ ନ ପାରି ଆଇଆର୍‌ସି ଭିଲେଜରେ ଥିବା ଏକ ଫ୍ଲାଟ୍ ଦେବାକୁ କହିଥିଲା। ପରେ ମହେଶ୍ୱେତାଙ୍କ ସ୍ୱାମୀ ବିଶ୍ୱଭୂଷଣ ଓ ଦେବାଶିଷଙ୍କ ମଧ୍ୟରେ ପୁଣି ଏକ ଚୁକ୍ତି ହୋଇଥିଲା। ଉକ୍ତ ଚୁକ୍ତି ମଧ୍ୟ ଖିଲାପ ହୋଇଥିଲା। ଶେଷରେ ୧.୭୬ କୋଟି ଟଙ୍କା ଫେରାଇବାକୁ କହି ଅଭିଯୋଗକାରୀ ଦେବାଶିଷଙ୍କ ସହ ସଂସ୍ଥାର ଏମ୍‌ଡି ମହେଶ୍ୱେତା ଓ ସ୍ୱାମୀ ବିଶ୍ୱଭୂଷଣ ଚୁକ୍ତି କରିଥିଲେ। ୧ଲକ୍ଷ ଫେରାଇ ଅବଶିଷ୍ଟ ଟଙ୍କା ୨୦୦୭ ମଧ୍ୟରେ ଦେବାକୁ ଚୁକ୍ତିରେ ଉଲ୍ଲେଖ ଥିଲା। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଟଙ୍କା ଫେରସ୍ତ ନ ପାଇବାରୁ ଦେବାଶିଷ ଇଓଡବ୍ଲ୍ୟୁରେ ଠକେଇ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏକ ମାମଲା କରି ତଦନ୍ତ ଆରମ୍ଭ କରିଥିଲା। ଶହୀଦନଗରସ୍ଥିତ ଘରେ ଚଢ଼ାଉ କରି ଉକ୍ତ ଦମ୍ପତିଙ୍କୁ ଗିରଫ କରିବା ସହ ସେଠାରୁ ଏକାଧିକ ଜମି ଏଗ୍ରିମେଣ୍ଟ ଓ ବାଉନ୍ସ ଚେକ୍‌କୁ ଜବତ କରିଥିଲା। ତେବେ ତଦନ୍ତବେଳେ ମୋଟ ୧କୋଟି ୫୧ ଲକ୍ଷ ୩୦ହଜାର ଟଙ୍କାର ଠକେଇ ହୋଇଥିବା ନେଇ ପ୍ରମାଣ ମିଳିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Urgently Required
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact : 9871421149 / 8144146705

Cuttack Office କାମପାଇଁ
Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

OFFICIALLYJOB
Qualification 10th above
Salary up to Rs. 25,000/-
For BBSR, Cuttack, Puri, Berhampur.
M-9938699963

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705
6372600373

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ।
Contact Immediately
7978427621

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

BACK OFFICE EXECUTIVE
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :- recruitments@elmechindia.in

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଳ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

WANTED
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary: 30,000/-
Qual: 7th to 10th & above
Contact: 8339922964

DIRECT JOIN JOB
JOB LOCATION BBSR+CTC
• CUSTOMER SERVICE
• DATA ENTRY
• RECEPTION (Back/Office)
• SECURITY GUARD
Mob : 9114090108

WANTED ... WANTED
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

VIGEN INDIA REQUIRED
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ନିଜର ସାମର୍ଥ୍ୟକୁ ଜଣେ ଯେତେବେଳେ ସନ୍ଦେହ କରେ, ସେ ଆଉ ପ୍ରଗତି ପଥରେ ଆଗେଇପାରେ ନାହିଁ।
- କନ୍‌ଫୁସିୟସ୍



# ପ୍ରାକୃତିକ ବିପର୍ଯ୍ୟୟ ମୃତ୍ୟୁଠାରୁ ଡାହାଣୀ ସନ୍ଦେହରେ ହତ୍ୟା ଅଧିକ




ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

■ ଦେଶରେ ଡାହାଣୀ ଓ ଗୁଣିଆ ସନ୍ଦେହରେ ବାର୍ଷିକ ୫୩ ଜଣଙ୍କୁ ହତ୍ୟା
■ ରାଜ୍ୟରେ ମୟୂରଭଞ୍ଜ ଜିଲା ଆଗରେ

ଦେଶରେ ଡାହାଣୀ ଓ ଗୁଣିଆ ସନ୍ଦେହରେ ବାର୍ଷିକ ହାରାହାରି ୫୩ଜଣଙ୍କୁ ହତ୍ୟା କରାଯାଉଛି। ୨୦୧୦ରୁ ଏ ପର୍ଯ୍ୟନ୍ତ ଡାହାଣୀ ଓ ଗୁଣିଆ ସନ୍ଦେହଜନିତ ହତ୍ୟା ସଂଖ୍ୟା ୫୩୩ରେ ପହଞ୍ଚିଛି। ମୋଟ ହତ୍ୟା ଘଟଣା ମଧ୍ୟରୁ ୧୯୫ ଜଣ ମହିଳା ଥିବାବେଳେ ୨୫୪ ଜଣ ପୁରୁଷ ଏବଂ ୮୪ ଜଣ ଶିଶୁ ଅଟନ୍ତି। ଆମ ରାଜ୍ୟରେ ମଧ୍ୟ ଗୁଣିଆ ଓ ଡାହାଣୀ ସନ୍ଦେହରେ ହତ୍ୟା ଓ ଅତ୍ୟାଚାର ଘଟଣା କିଛି କମ୍ ନୁହେଁ। ଏହି କ୍ଷେତ୍ରରେ ମୟୂରଭଞ୍ଜ ଜିଲା ସବୁଠୁ ଆଗରେ ରହିଛି। ଏହା ପରେ କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ ଓ ରାୟଗଡ଼ା ଜିଲା ଅଛନ୍ତି। ଆମ ରାଜ୍ୟରେ ଗୁଣିଗାରେଡ଼ି ପ୍ରତିକାର ଆଇନ ୨୦୧୩ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଏହା କେବଳ ମହିଳା ପୀଡ଼ିତାଙ୍କ ପାଇଁ ଉଦ୍ଦିଷ୍ଟ। ଏହି ଆଇନରେ ତୁରନ୍ତ ସଂଶୋଧନ କରାଯାଇ ଗୁଣିଆ ସନ୍ଦେହରେ ହତ୍ୟା କରାଯାଉଥିବା ପୁରୁଷମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ରହିଛି। ସେହିପରି ଏହି ଆଇନରେ ଥିବା ଜରିମାନାକୁ ବୃଦ୍ଧି କରିବା ଓ ଦଣ୍ଡ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ଲାଗୁ କରିବା ଦରକାର ବୋଲି 'ଗୁଣିଗାରେଡି ଓ କୁସଂସ୍କାର ଦୂରୀକରଣ' ସମ୍ପର୍କିତ ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି।

'ମମତା' ପକ୍ଷରୁ ମଙ୍ଗଳବାର ସିୱାଇଏସ୍‌ଡିଠାରେ ଆୟୋଜିତ ଏକ କର୍ମଶାଳାରେ ରାଜ୍ୟ ସୂଚନା କମିଶନର ଶଶୀ ବିନ୍ଧାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରୁଥିବା ଲୋକମାନେ ଆଇନ ପରିସରକୁ ଆସିପାରୁ ନାହାନ୍ତି। ତେଣୁ ଏଥି ନିମନ୍ତେ ତ୍ୱରିତ ପଦକ୍ଷେପ ନିହାତି ଆବଶ୍ୟକ ଏବଂ ଏହି ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା ଦରକାର ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ନୃବିଜ୍ଞାନ ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ପାଣ୍ଡେ, ସିୱାଇଏସ୍‌ଡିର ମାର୍ଗଦର୍ଶକ ଜଗଦାନନ୍ଦ, ନିର୍ବାଚନ କମିଶନଙ୍କ ପୂର୍ବତନ ଉପଦେଷ୍ଟା ଡ. ଭଗବାନ ପ୍ରକାଶ, ବୈଜ୍ଞାନିକ ଚର୍ଚ୍ଚାର ସମ୍ପାଦକ ଦେବେନ୍ଦ୍ର ସୂତାର ପ୍ରମୁଖ ଯୋଗଦେଇ ଏହାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ବିଜୟ ସାହୁ, ମମତାର ଡ. ତରୁଲତା ଦ୍ୱିବେଦୀ ଓ ଡ. ଶ୍ରୀ ମିଶ୍ର, ବିଶିଷ୍ଟ ନୃବିଜ୍ଞାନୀ ଡ. ଲୋନା ନାୟକ, ଏନ୍‌ସିଇଆର୍‌ଟିର ଡ. ଜ୍ୟୋତ୍ସ୍ନା ମହାପାତ୍ର, ପିଆଇବିର ପୂର୍ବତନ ଅଧିକାରୀ ସୁଧାଂଶୁ ଶେଖର ଧଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

'ପ୍ରମେୟ' ଓ 'ନ୍ୟୁଜ୍ ୭'ର ଜନ୍ମବାର୍ଷିକ ସମାରୋହ

# 'ସକାରାତ୍ମକ ଖବରକୁ ଗଣମାଧ୍ୟମ ଗୁରୁତ୍ୱ ଦିଅନ୍ତୁ'




ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ପ୍ରମେୟ' ଓ 'ନ୍ୟୁଜ୍-୭'ର ଗ୍ରୁପ୍ ଏଡିଟର ଗୋପାଳକୃଷ୍ଣ ମହାପାତ୍ର ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ଲେଖକ ଚେତନ ଭଗତ, ପିଆଇବିର ପୂର୍ବତନ ପ୍ରମୁଖ ମହାନିର୍ଦ୍ଦେଶକ ସୀତାଂଶୁ କର ଓ ନ୍ୟୁଜ୍-୭ କାର୍ଯ୍ୟକାରୀ ସମ୍ପାଦକ ଦେବ ନାରାୟଣ ସେଠୀ।

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ସମାଜ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଗଣମାଧ୍ୟମ। ସମାଜରେ ଅନେକ ଭଲ ଘଟଣା ଘଟୁଥିବାବେଳେ ଗଣମାଧ୍ୟମ ସକାରାତ୍ମକ ଖବରକୁ ଭଲ ଭାବେ ପରିବେଷଣ କରିବା ଆବଶ୍ୟକ। କାରଣ ଭଲ ଖବର ସମାଜକୁ ଭଲ ଦିଗରେ ଗତିଶୀଳ କରାଇବା ସହ ଲୋକଙ୍କୁ ଭଲ ବାଟରେ ଯିବାକୁ ପ୍ରେରଣା ଯୋଗାଇବ। ତେଣୁ ବୈଦ୍ୟୁତିକ ହେଉ କି ଛାପା ଗଣମାଧ୍ୟମ ସବୁବେଳେ ସକାରାତ୍ମକ ଖବର ଉପରେ ସର୍ବାଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ(ସୋଆ) କ୍ୟାମ୍ପସ୍-୨ ଅଡିଟୋରିୟମରେ ମଙ୍ଗଳବାର ଆୟୋଜିତ 'ପ୍ରମେୟ' ଓ 'ନ୍ୟୁଜ୍ ୭'ର ଜନ୍ମବାର୍ଷିକ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ଜଣାଶୁଣା ଲେଖକ ଚେତନ ଭଗତ ଯୋଗଦେଇ ଜୀବନରେ ସଫଳତା ପାଇଁ ସଂଘର୍ଷ କରିବାକୁ ଆହ୍ୱାନ ଦେଇଥିଲେ। ସେ କହିଲେ, କେବଳ ସ୍ୱପ୍ନ ଦେଖିଲେ ଲକ୍ଷ୍ୟ ପୂରଣ ହେବନି। ଏଥିପାଇଁ ଧାର୍ଯ୍ୟ ସମୟ ଭିତରେ ଆନୁଷଙ୍ଗିକ କାମ କରିବାକୁ ହେବ। ନିଜ ସଫଳତାକୁ ଅନ୍ୟ କାହାସହ ତୁଳନା ନ କରି କଠିନ ପରିଶ୍ରମ କରିବାକୁ ହେବ। ଯୁବପିଢ଼ିଙ୍କ ସଫଳତା ପଥରେ ଏବେ ମୋବାଇଲ ଫୋନ୍ ଏକ ବଡ଼ ବାଧକ ସାଜିଛି। ପ୍ରତିଦିନ ଏଥିରେ ଆମେ ଘଣ୍ଟା ଘଣ୍ଟା ସମୟ ନଷ୍ଟ କରୁଛୁ। ସେହି ମୂଲ୍ୟବାନ ସମୟକୁ ନିଜ ଲକ୍ଷ୍ୟ ପୂରଣ ଦିଗରେ ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପିଆଇବିର ପୂର୍ବତନ ପ୍ରମୁଖ ମହାନିର୍ଦ୍ଦେଶକ ସୀତାଂଶୁ କର ଯୋଗଦେଇ ବର୍ତ୍ତମାନ ସମୟରେ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମ ତିଷ୍ଠି ରହିବା ପାଇଁ କିପରି ସଂଘର୍ଷ କରୁଛନ୍ତି ସେ ସମ୍ପର୍କରେ କହିଥିଲେ। 'ପ୍ରମେୟ' ଓ 'ନ୍ୟୁଜ୍-୭'ର ଗ୍ରୁପ୍ ଏଡିଟର ଗୋପାଳକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ନ୍ୟୁଜ୍-୭ କାର୍ଯ୍ୟକାରୀ ସମ୍ପାଦକ ଦେବ ନାରାୟଣ ସେଠୀ ମଞ୍ଚାସୀନ ଥିଲେ। ପ୍ରମେୟର ଭୁବନେଶ୍ୱର ବ୍ୟୁରୋ ମୁଖ୍ୟ ଦେବେନ୍ଦ୍ର ସୁଆର ସ୍ୱାଗତଭାଷଣ ଓ ଦୀକ୍ଷା ତିୱାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କେସିଙ୍ଗା ରେଞ୍ଜ ଅଫିସରଙ୍କ କ୍ୱାର୍ଟର୍ସ ସମେତ ୩ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

**କଟକ ଅଫିସ, ୧୦।୧୨:** କଳାହାଣ୍ଡି ଜିଲା କେସିଙ୍ଗା ଫରେଷ୍ଟ ରେଞ୍ଜର ରେଞ୍ଜ ଅଫିସର ଦୀନବନ୍ଧୁ ମେହେରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଛି। ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ମଙ୍ଗଳବାର ତାଙ୍କ ବଲାଙ୍ଗୀର ଟାଉନସ୍ଥିତ ଆବାସିକ ଘର, କେସିଙ୍ଗାସ୍ଥିତ ସରକାରୀ କ୍ୱାର୍ଟର୍ସ ଓ ରେଞ୍ଜ ଅଫିସରେ ତଲାସି କରାଯାଇଛି। ଏଥିରେ ମୋଟ ୭୮ ଲକ୍ଷ ୮୬ହଜାର ୭୧୦ ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏସବୁ ସମ୍ପତ୍ତି ରେଞ୍ଜର ମେହେର ଓ ତାଙ୍କ ପରିବାର ବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ବିଭାଗ ସୂଚନା ଦେଇଛି।

omfed
www.omfed.com
THE ODISHA STATE CO-OPERATIVE MILK PRODUCERS' FEDERATION LIMITED
D-2, Sahinagar, Bhubaneswar - 751007
Ph.No. 0674-2546030, 2540273, 2540417
Fax No : 0674-2540974, Email ID : omfed@yahoo.com
No. CAD-673

TENDER NOTICE FOR ENGAGEMENT OF LABOUR CONTRACTOR AT SAMABLPUR DIARY

Sealed tenders are invited from registered and experienced Labour Contractors for engagement as Labour Contractor to perform different works on Job Contract Basis & Mandays Basis at Omfed Sambalpur Dairy, Goshala, Sambalpur for a period of 3(three) years. Filled in tenders shall be accepted up to 1400 Hours dtd. 27.12.2019 & shall be opened on the same day at 1500 Hours. For details, please visit our website : www.omfed.com. Interested bidders may visit our website for addendum, corrigendum etc. if any from time to time as it will appear in the official website only. OMFED reserves the right to accept or reject any or all the Tenders without assigning any reason thereof.

06063/11/0002/1920 — Plant Manager, OMFED Sambalpur Dairy

ODISHA TRIBAL EMPOWERMENT & LIVELIHOODS PROGRAMME PLUS (OTELP PLUS)
ST & SC DEVELOPMENT DEPARTMENT
PROGRAMME SUPPORT UNIT (PSU)
2nd Floor, TDCCOL Building, Rupalli Square, Bhubaneswar-751022, Tel : (91) 674-2542709, Telefax : 2541772, Email : support@otelp.org

EMPANELMENT OF PO (L&NRM - AGRICULTURE) FOR PSU OTELP PLUS, BHUBANESWAR

No. CAD-676: Programme Director, OTELP Plus invites walk in interview from eligible candidates on 26.12.2019 at 10.00 AM for empanelment of PO (L&NRM-Agril.) to be positioned in PSU, OTELP Plus purely on contractual basis. Application form alongwith the detail ToR can be downloaded from the Website i.e. www.otelp.org.
Programme Director, OTELP Plus reserves the right to accept or reject the applications without assigning any reason thereof.

26024/11/0008/1920 — Sd./- Programme Director

# ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ଅନୁଗୋଳ
## (କାର୍ଯ୍ୟକ୍ଷମ ପ୍ରାଧିକାରୀ ଓ ଭୂ-ଅର୍ଜନ ଉପବିଭାଗ)
## ସର୍ବସାଧାରଣ ବିଜ୍ଞାପନ

ନୋଟିସ ନଂ. ୧୧୨୬ — ତା. ୨୫।୧୧।୨୦୧୯

**No.XXIX-1:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜାତୀୟ ରାଜପଥ ପ୍ରାଧିକରଣ (୫୫) ଅନୁଗୋଳ-ସମ୍ବଲପୁର ଶାଖା (P.D., NHAI), ସମ୍ବଲପୁର ନିମ୍ନ ତଫସିଲରେ ଦର୍ଶିତ ରୟତି ସ୍ୱତ୍ୱ ଜମିକୁ ରାସ୍ତା ନିର୍ମାଣ ପାଇଁ ଜମି ରୟତଙ୍କ ଠାରୁ ଓଡ଼ିଶା ସରକାର ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୨୮୪୬ ତା ୨୭।୦୧।୨୦୧୬ ଓ ୧୦୮୧୧ ତା୦୫।୦୪।୨୦୧୬ ମୁତାବକ ସିଧାସଳଖ ଭାବେ ଭାରତୀୟ ନିବନ୍ଧନ ଆଇନ ୧୯୨୮ (Indian Registration Act, 1928) ମୁତାବକ ଓ ଚିଠି ନଂ. ୧୩୭୯ ତା୨୦।୦୯।୨୦୧୯ ଅନୁକ୍ରମେ ଜମି କ୍ରୟ କରିବା ପାଇଁ ଚାହୁଁଛନ୍ତି। ଉକ୍ତ ରୟତି ସ୍ୱତ୍ୱ ଜମିକୁ କ୍ରୟ କରିବା ନିମନ୍ତେ ଜିଲ୍ଲାପାଳ, ଅନୁଗୋଳ ଓ P.D., NHAI, ସମ୍ବଲପୁରଙ୍କ ଦ୍ୱାରା ଅନୁମୋଦିତ ହୋଇଅଛି। ଏହି ଜମିର ମାଲିକାନା/ଉତ୍ତରାଧିକାରୀ ସମ୍ପର୍କିତ ବାବଦରେ ଆପତ୍ତି ଦରଖାସ୍ତ (ଆବଶ୍ୟକୀୟ କାଗଜାତ ସହିତ) ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ ନିକଟରେ ଏହି ସର୍ବସାଧାରଣ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଦରଖାସ୍ତ ଦାଏର କରିପାରିବେ, ଯାହା ବିଚାରକୁ ନିଆଯିବ, ପ୍ରୋକ୍ତ ୧୫ ଦିନ ଅବଧି ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

**ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ-୪୨ (୫୫), ଅନୁଗୋଳ**

ତଫସିଲ

| କ୍ରମିକ ସଂଖ୍ୟା | ତହସିଲ | ମୌଜା ନାମ | ଖାତା ନଂ | ପ୍ଲଟ୍ ନଂ | କିସମ | ଅଧିଗ୍ରହୀତ ଜମିର ପରିମାଣ (ହେକ୍ଟର) | ପ୍ରଜାର ନାମ (ଖତିଆନ ମୁତାବକ) |
|---|---|---|---|---|---|---|---|
| ବି.ଦ୍ର.- ବିବରଣୀ ସଂଲଗ୍ନ କରାଗଲା | | | | | | | |

**SCHEDULE**

**Brief description of the land to be acquired with or without structure falling within the stretch of land from Km.112.000 to Km. 185.450 (Angul - Sambalpur Section) of the National Highway No 42 (New NH No – 55) in the state of Odisha.**

| Sl. No | Name of the District | Name of the Taluk/ Tahasil | Name of the village | Khata | Survey number | Type of land | Nature of land | Area (in Hect.) | Name of the land owner / Interested persons |
|---|---|---|---|---|---|---|---|---|---|
| 1 | Angul | Angul | Rantalai | 465 | 3288 | Private | Taila-I | 0.020 | Srikant Kumar Pattanaik S/o- Dibakar Pattanaik Caste:Karan , Village:Angul Town |
| 2 | Angul | Angul | Rantalai | 465 | 3289 | Private | Patita | 0.1093 | Srikant Kumar Pattanaik S/o- Dibakar Pattanaik Caste:Karan , Village:Angul Town |
| 3 | Angul | Angul | Rantalai | 505/261 | 3288/4301 | Private | Taila-I | 0.004 | Narottam Mishra S/o- Bhaskar Mishra Caste:Brahamin , Village:Hulursinga |
| 4 | Angul | Angul | Rantalai | 505/261 | 3289/4302 | Private | Patita | 0.008 | Narottam Mishra S/o- Bhaskar Mishra Caste:Brahamin , Village:Hulursinga |
| 5 | Angul | Angul | Rantalai | 505/574 | 3288/4456 | Private | Taila-I | 0.0024 | Narottam Mishra S/o- Bhaskar Mishra Caste:Brahamin , Village:Hulursinga , Samir ranjan Das S/o- Mrutyunjaya Das Caste:Karan ,Village Angul Town, Amalapada |
| 6 | Angul | Angul | Rantalai | 505/574 | 3289/4457 | Private | Patita | 0.004 | Narottam Mishra S/o- Bhaskar Mishra Caste:Brahamin , Village:Hulursinga , Samir ranjan Das S/o- Mrutyunjaya Das Caste:Karan ,Village Angul Town, Amalapada |
| 7 | Angul | Angul | Rantalai | 505/718 | 3288/4456/4548 | Private | Taila-I | 0.0016 | Mahesh Kumar Modi S/o- Shyam Sundar Modi Caste:Baishya, Village:Bazar Chaka,Angul Town |
| 8 | Angul | Angul | Rantalai | 505/718 | 3289/4457/4549 | Private | Patita | 0.004 | Mahesh Kumar Modi S/o- Shyam Sundar Modi Caste:Baishya, Village:Bazar Chaka,Angul Town |
| 9 | Angul | Angul | Rantalai | 505/8 | 3289/4129 | Private | Patita | 0.012 | Rajesh Kumar Choudry,Kanhaiyalal Choudry,Narayan Choudry S/o- Giridharilal Choudry Caste:Baishya,Village:Angul Town |
| 10 | Angul | Angul | Rantalai | 505/115 | 3289/4130 | Private | Patita | 0.008 | Rajesh Kumar Choudry S/o- Giridharilal Choudry Caste:Baishya,Village:Angul Town(Sankar Cinema Road) |
| 11 | Angul | Angul | Rantalai | 505/249 | 3289/4148 | Private | Patita | 0.020 | Bidyutlata Dalabehera,W/o-Satyananda Dalabehera Caste:Khytriya,Village:Hemasurapada,Angul |
| 12 | Angul | Angul | Rantalai | 505/88 | 3289/4159 | Private | Patita | 0.012 | Srimati Santirani Sureka W/o- Dwarika Prasad Sureka Caste:Baishya Bania,Village:Hulursinga |
| 13 | Angul | Angul | Chandrabahal | 243/219 | 59/1706/1883 | Private | Bajefasal-II | 0.008 | Nanda Kishor Rout S/o- Dibakar Rout Caste:Gauda,Village:Chandrabahala |
| 14 | Angul | Banarapal | Maratira | 338/341 | 2464/2760 | Private | Sarad-II | 0.036 | Gatikrushna Sahu S/o- Gagan bihari Sahu Caste:Chasa ,Village:Maratira |
| 15 | Angul | Banarapal | Maratira | 338/313 | 2465/2758/3056 | Private | Sarad-III | 0.040 | Pabana Sahu S/o- Jatia Sahu Caste:Chasa ,Village:Maratira |
| 16 | Angul | Banarapal | Maratira | 148 | 1907 | Private | Taila-I | 0.004 | Narindra Sahu,Akarma Sahu S/o- Paikira Sahu Caste: Chasa,Village: Maratira |
| 17 | Angul | Banarapal | Maratira | 329 | 2294 | Private | Taila-I | 0.008 | Subudhi Sahu, & Suniyna Sahu S/o- Sansara Sahu Caste:Chasa,Village:Maratira |
| 18 | Angul | Banarapal | Tubey | 468/938 | 2444 | Private | Taila-I | 0.016 | Pradeep Kumar Pradhan,S/o-Prafulla Kumar Pradhan.Caste:Chasa,Village:Tubey |
| 19 | Angul | Banarapal | Tubey | 468/718 | 2418/5613 | Private | Taila-I | 0.004 | Pranati Sahu W/o- Rabindranath Sahu.Caste:Chasa,Village:Tubey |
| 20 | Angul | Banarapal | Tubey | 468/718 | 2417/5610 | Private | Taila-I | 0.004 | Pranati Sahu W/o- Rabindranath Sahu.Caste:Chasa,Village:Tubey |
| 21 | Angul | Banarapal | Tubey | 468/1178 | 2427/6002 | Private | Taila-I | 0.012 | Digambara Pradhan S/o- Sudarshan Pradhan.Caste:Chasa,Village:Tubey |
| 22 | Angul | Banarapal | Tubey | 468/2 | 2892/5071 | Private | Gharabari | 0.0072 | Banamali Maharana,Madana Maharana,S/o- Rama Maharana.Caste:Kansari,Village:Tubey |
| 23 | Angul | Banarapal | Tubey | 82 | 2892/5072 | Private | Gharabari | 0.0072 | Dinabandhu Burugi S/o- Lochan Burugi,Duari Burugi,Hari Burugi S/o- Lochan Burugi,Sudhakar Burugi,Endra Burugi S/o- Huguru Burugi,Rama Burugi S/o- Kanduru Burugi,Kanak Dai,Budhai Dai S/o-Khetra Burugi.Caste:Keuta ,Village:Tubey |
| 24 | Angul | Banarapal | Tubey | 82 | 2892/5053 | Private | Gharabari | 0.007 | Dinabandhu Burugi S/o- Lochan Burugi,Duari Burugi,Hari Burugi S/o- Lochan Burugi,Sudhakar Burugi,Endra Burugi S/o- Huguru Burugi,Rama Burugi S/o- Kanduru Burugi,Kanak Dai,Budhai Dai S/o-Khetra Burugi.Caste:Keuta ,Village:Tubey |
| 25 | Angul | Banarapal | Tubey | 468/1442 | 2892/5406 | Private | Gharabari | 0.007 | Ranjan Kumar Maharana S/o-Banamali Maharana,Hiren Maharana S/o-Basanta Maharana.Caste:Kansari,Village:Tubey,Jarapada, Angul |
| 26 | Angul | Banarapal | Amantpur | 180 | 733 | Private | Sarada Anjalasechita-I | 0.033 | Srimati Satyabati Majhi W/o- Pramod Kumar Majhi,Caste:Khyatriya,Village:Amantapur |
| 27 | Angul | Banarapal | Amantpur | 44 | 735 | Private | Sarada Anjalasechita-I | 0.027 | Kamini Panda,Chaya Bhanja,Damani Sahu S/D/o- Nuhura Jena,Daitari Jena,Adhikari Jena,Chini Jena,Mena Jena,Kanchana Jena,Chaila Jena,Pramila Jena S/D/o-Jayakrushna Jena,Gunja Jena W/o- Jayakrushna Jena ,Caste:Suda,Village Amantapur |
| 28 | Angul | Banarapal | Amantpur | 150 | 712 | Private | Sarada Anjalasechita-II | 0.004 | Mayadhar Das,Dushmanta Kumar Das,Dwitikrushna Das S/o- Pramod Chandra Das,Caste:Khytriya,Village:Jarada |
| 29 | Angul | Banarapal | Bimalbeda | 110 | 787 | Private | Sarada Anjalasechita-I | 0.0197 | Rambha Sahu,Sabitri Sahu,Mukta Pusti S/o- Sadashiba Sahu,Kapila Sahu,Dhapi Sahu,Jai Sahu,S/D/o- Kulamani Sahu,Ghanti Sahu W/o- Kulamani Sahu,Bimala Sahu,Tuani Sahu D/o- Niladri Sahu,Antaryami Sahu,Sara Sahu,S/D/o- Jayakrishna Sahu,Bhama Sahu W/o- Jaya Krishna Sahu,Jaganath Sahu,Somanath Sahu S/o- Janardan Sahu,Caste: Chasa,Village:Bimalbeda |
| 30 | Angul | Banarapal | Bimalbeda | 87 | 788 | Private | Sarada Anjalasechita-I | 0.010 | Banambara Sahu,Uma Sahu,Hema Sahu S/o- Damburu Sahu,Surendra Sahu,Mala Sahu,Shaila Sahu,Ujjala Sahu S/o- Maheswar Sahu,Prahallad Sahu,Michha Sahu,Pramila Sahu,Bilash Sahu,Bani Sahu S/o- Laxmidhara Sahu,Bhaskar Sahu S/o- Bida Sahu,Shukuru Sahu S/o- Brunda Sahu,Caste:Chasa,Village:Bimalbeda |
| 31 | Angul | Chendipada | Tukuda | 136 | 3056 | Private | Sarad-I | 0.040 | Kalia Sahu, Balia Sahu,Ratnakar Sahu S/o- Baji Sahu,Caste:Chasa,Village:Para |
| 32 | Angul | Chendipada | Tukuda | 677/735 | 3167/4803 | Private | Sarad-I | 0.056 | Pramoda Kumar Behera S/o- Raghunath Behera,Benudhara Sahu S/o- Ganeswar Sahu,Caste:Chasa,Village:Tukuda |
| 33 | Angul | Chendipada | Tukuda | 677/452 | 2594/5008 | Private | Gharabari | 0.012 | Usharani Dash W/o- Aswani Ku. Dash,Caste:Brahmin,Village:Jarapada |
| 34 | Angul | Chendipada | Jarapada | 258 | 1164 | Private | Bajefasal | 0.008 | Rushi Pradhan, S/o. Kulamani Pradhan,Indramani Pradhan S/o-Jayakrushna Pradhan, Chandal Pradhan, S/o. Sunia Pradhan,Jadumani PradhanS/o-Ananda Pradhan,Caste :Chasa,Villge:Jarapada |
| 35 | Angul | Chendipada | Jarapada | 303/235 | 1164/3323 | Private | Bajefasal | 0.012 | Basanti Sahu W/o- Ekadasia Sahu,Caste :Chasa,Villge:Kumursing |
| 36 | Angul | Chendipada | Kumursinga | 62 | 692 | Private | Anajalasechita-II | 0.010 | Chandala Sahu,Kulamani Sahu S/o-Mangulu Sahu,Joginath Sahu,Kamar Sahu,Akhari Sahu S/o-Mahi Sahu,Lochan Sahu,Bhuban Sahu,Aibana Sahu,Jiban Sahu,Nekuri Sahu,Kairi Sahu S/o-Gopi Sahu,Kalia Sahu,Kastu Sahu S/o- Punia Sahu,Hrusikesh Sahu S/o- Somanath Sahu,Krupa Sahu,Damburu Sahu,Dina Sahu S/o- Srinibash Sahu,Nanda Sahu S/o- Makuru Sahu,Caste:Teli,Village:Jarapada |
| 37 | Angul | Chendipada | Kumursinga | 62 | 693/1453 | Private | Anajalasechita-II | 0.006 | Chandala Sahu,Kulamani Sahu S/o-Mangulu Sahu,Joginath Sahu,Kamar Sahu,Akhari Sahu S/o-Mahi Sahu,Lochan Sahu,Bhuban Sahu,Aibana Sahu,Jiban Sahu,Nekuri Sahu,Kairi Sahu S/o-Gopi Sahu,Kalia Sahu,Kastu Sahu S/o- Punia Sahu,Hrusikesh Sahu S/o- Somanath Sahu,Krupa Sahu,Damburu Sahu,Dina Sahu S/o- Srinibash Sahu,Nanda Sahu S/o- Makuru Sahu,Caste:Teli,Village:Jarapada |
| 38 | Angul | Chendipada | Jerang Dehurysahi | 271 | 1495 | Private | Taila-I | 0.012 | Sukur Naik S/o- Baisakha Naik,Caste:Pana,Village:Laxmidharapur |
| 39 | Angul | Chendipada | Jerang Dehurysahi | 159 | 1779 | Private | Harafasal | 0.016 | Balakrushna Majhi,Batakrushna Majhi S/o-Damodar Majhi,Caste:Chasa,Village:Jerang Dehurysahi |
| 40 | Angul | Chendipada | Jerang Dehurysahi | 88 | 1790 | Private | Gharabari | 0.016 | Damburu Dehury,Bichitra Dehury,Balaram Dehury,Panchu Dehury S/o- Chakra Dehury,Saila Sahu W/o- Gokulanda Sahu Caste:Chasa,Village:Durgapur, Mangulu Dehury S/o- Gobari Dehury,Caste:Chasa,Village:Jerang Dehurysahi |
| 41 | Angul | Chendipada | Jerang Dehurysahi | 285 | 1731/2223 | Private | Sarada-III | 0.012 | Hrushi Sahu,Dasa Sahu S/o- Kamal Sahu,Caste:Chasa,Village:Jerang Dehurysahi. |
| 42 | Angul | Chendipada | Jerang Dehurysahi | 285/103 | 1731/2223/2356 | Private | Sarada-III | 0.012 | Netrananda Sahu S/o- Achyuta Nanda Sahu,Caste:Teli,Village:Jerang Dehurysahi |
| 43 | Angul | Chendipada | Jerang Dehurysahi | 285/2 | 1731/2222 | Private | Sarada-III | 0.008 | Sudarshan Sahu S/o-Bidhia Sahu,Caste:Teli,Village:Jerang Dehurysahi |
| 44 | Angul | Chendipada | Jerang Dehurysahi | 109 | 1997 | Private | Baje fasal | 0.012 | Narahari Sahu S/o-Krupa Sahu.Caste:Chasa,Village:Jerang Dehurysahi |
| 45 | Angul | Chendipada | Jerang Dehurysahi | 193 | 1860 | Private | Ghara | 0.012 | Bhagirathi Sahu,Mohan Sahu S/o- Panu Sahu,Gobari Sahu & Kathi Sahu S/o- Dama Sahu,Caste:Chasa,Village:Jerang Dehurysahi |
| 46 | Angul | Kishornagar | Jamunali | 86 | 1215 | Private | Taila-II | 0.060 | Seshadev Pradhan S/o- Rama Ch. Pradhan ,Baidyanatha Pradhan,Nilambara Pradhan,Panchu Pradhan,Antaryami Pradhan,S/o-Laxman pradhan,Rangabati Pradhan W/o- Laxman Pradhan,Ghanashyam Pradhan S/o- Jagat Pradhan,Caste:Chasa,village:Jamunali |
| 47 | Angul | Kishornagar | Kadalimunda | 1 | 207 | Private | Sarad-II | 0.0526 | Anirudha Behera S/o- Kanhu Charana Behera,Caste:Gudia,Village:Kadalimunda |
| 48 | Angul | Kishornagar | Kadalimunda | 28 | 508 | Private | Sarad-I | 0.028 | Chabisa Sahu S/o- Krushna Sahu,Caste:Chasa,Village:Kadalimunda |
| 49 | Angul | Kishornagar | Nunukapasi | 114/206 | 503/1468 | Private | Gharabari | 0.004 | Santoh Kumar Behera S/o- Madan Mohan Behera,Caste:Gudia,Village:Nunukapasi |
| 50 | Angul | Kishornagar | Nunukapasi | 114/35 | 506/1277 | Private | Gharabari | 0.010 | Birakishora Satapathy,S/o- Uchhata Satpathy,Caste:Brahmni,Village:Nunukapasi |
| 51 | Angul | Kishornagar | Nunukapasi | 2 | 474 | Private | Sarad-III | 0.008 | Anirudha Behera S/o- Kanhu charan Behera,Caste:Gudia,Village:Nunukapasi |
| 52 | Angul | Kishornagar | Nunukapasi | 40 | 474/1148 | Private | Sarad-III | 0.004 | Trilochan Sahu S/o- Lingaraj Sahu, Caste:Gudia,Village:Nunukapasi |
| 53 | Angul | Kishornagar | Handapa | 176/108 | 2135/3232 | Private | Gharabari | 0.008 | Ghasinath Sahu,Banshidhara Sahu,Chakradhara Sahu S/o-Bhikari Charan Sahu,Caste:Teli,Village:Handapa |
| 54 | Angul | Kishornagar | Handapa | 176/155 | 2135/3306 | Private | Sarad-III | 0.008 | Chanda Charan Behea S/o- Anitha Behera,Caste:Kaibarta,Village:Handapa |
| Total Area of Land Proposed to be Acquired. | | | | | | | | 0.890 | |

24012/14/0004/1920

With Best Compliments From :
इंडियनऑयल IndianOil
M/s. BARIPADA FUELS
Authorised Dealer :
Indian Oil Corporation Ltd.
Murgabadi Golei, Baripada, Mayurbhanj



ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ଉପଲକ୍ଷେ ଶୁଭେଚ୍ଛା।
ଯତୀନ୍ଦ୍ର କୁମାର ସ୍ୱାଇଁ
ଅଧକ୍ଷ ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ, ଜବାହରଲାଲ ନେହରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲିଅନ୍ତା



ମୁଁ
ଶ୍ରୀମତୀ ନମିତା ଦାଶ,
ପ୍ରଧାନ ଶିକ୍ଷୟିତ୍ରୀ ଭାବରେ ସରକାରୀ ଉଚ୍ଚ ବିଦ୍ୟାଳୟ କୋଣାର୍କରେ ଅବସ୍ଥାପିତା 'ଧରିତ୍ରୀ' ପତ୍ରିକାର ଜଣେ ନିୟମିତ ପାଠକ ରୂପେ ପରିଚିତା ସେଣୁ ଉକ୍ତ ପତ୍ରିକାର ଜନ୍ମବାର୍ଷିକୀରେ ମୁଁ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ସରକାରୀ ଉଚ୍ଚ ବିଦ୍ୟାଳୟ, କୋଣାର୍କ
ପୋଷ୍ଟ କୋଣାର୍କ, ପୁରୀ

ଧରିତ୍ରୀର ୪୬ତମ ଜନ୍ମ ଦିବସ ଉପଲକ୍ଷେ ଏହାର ଅଗଣିତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଡ.ଶଶୀଧର ବିଶ୍ୱାଳ
କୃତୀ ଶିକ୍ଷକ, ଏମ୍‌କେସି ହାଇସ୍କୁଲ, ବାରିପଦା



ସ୍ମାର୍ଟସିଟି ଭୁବନେଶ୍ୱରର ସମସ୍ତ ଜନସାଧାରଣଙ୍କୁ ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ଉପଲକ୍ଷେ ଅଭିକ୍ଷା ଟ୍ରଷ୍ଟି ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ମାନସୀ ଶତପଥୀ
ମ୍ୟାନେଜିଂ ଟ୍ରଷ୍ଟି, ଅଭିକ୍ଷା



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ଜନ୍ମବାର୍ଷିକୀରେ ଓଡ଼ିଶାବାସୀ ବିଶେଷକରି ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
Sd./- Principal
R.P. Science Residential Higher Secondary School
At- Bidharpur, PO- Abhimanpur, Via- Nuapatna, Dist.- Cuttack-754035



M. S. STONE CRUSHER
Baradaprasad Nanda
Special Class Contractor
94373 78036
94380 06341
baradananda16@gmail.com
Amalapada, Dhenkanal
Odisha - 759001



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
- Home Loan
- Mortgage Loan (LAP)
- House Renovation Loan
- Plot Purchase Loan
- Flat Purchase Loan
- Personal Loan
- Business Loan

Biranchi Narayan Biswal
Proprietor, Cell : 9438601113
NMR SERVICES
Office Ph.: 06758-236166, 9861981074
E-mail : n.m.rservices2@gmail.com
New Market Complex, Plot No. 108, Behind Kalashreemukha, Konark, Puri - 752111

ଅଧିକ ଅମଳ ପାଇଁ ଫସଲକୁ ଧାଡିରେ ଲଗାନ୍ତୁ।
ସରକାରୀ ରିହାତିରେ ମିଳୁଥିବା ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି କ୍ରୟ କରନ୍ତୁ।
ବିହନ ବୁଣିବା ପୂର୍ବରୁ ମଞ୍ଜିକୁ ବିଶୋଧନ କରି ବୁଣନ୍ତୁ।
ପ୍ରାକୃତିକ ଦୁର୍ବିପାକରୁ ଫସଲକୁ ସୁରକ୍ଷା ପାଇଁ ଧାର୍ଯ୍ୟ ପ୍ରିମିୟମ ଦେଇ ଫସଲକୁ ବୀମାଭୁକ୍ତ କରନ୍ତୁ।
ଆବାହକ – 'ଆତ୍ମା'
ବାଲିଅନ୍ତା,
ସରକାରୀ କୃଷି ଅଧିକାରୀ, ଭିଙ୍ଗାରପୁର



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ଜନ୍ମବାର୍ଷିକୀରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ରଘୁନନ୍ଦନ ଦାସ
ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

30
Felicitations
To
M. S. Swaminathan Research Foundation
Biju Patnaik Tribal Agro-biodiversity Centre, Jeypore
On their 25 years of dedicated service to tribal and agrarian communities of Koraput region for their Nutritional Security.

ମୟୂରଭଞ୍ଜ ଜିଲ୍ଲାର ସମସ୍ତ କୃଷକ ଭାଇ ଓ ଭଉଣୀମାନେ ଜୈବିକ କୃଷି ଉତ୍ପାଦନ ପ୍ରଣାଳୀରେ ଡିକମ୍ପୋଜ ପ୍ରୟୋଗକରି ବିଷମୁକ୍ତ ଫସଲ ଅମଳ କରିବା ପାଇଁ ଅନୁରୋଧ ।
ଇଂ ପ୍ରଦୀପ କୁମାର ବେହେରା
ନିର୍ବାହୀ ଯନ୍ତ୍ରୀ (କୃଷି),
ବାରିପଦା



M/s. B.C. Mohanty & Sons Pvt. Ltd.
Duburi, Jajpur

ପୋକତୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବନ୍ତଳା, ଅନୁଗୋଳ
ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନଂ ANG/EDN 080
ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମ ବାର୍ଷିକ ଉପଲକ୍ଷେ ବନ୍ତଳା ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ।
ଉକ୍ତ ବିଦ୍ୟାଳୟଟି ୯ ବର୍ଷ ପୂରିଥିବା ବେଳେ ଅଞ୍ଚଳରେ ଏକ ଅନନ୍ୟା, ଆଦର୍ଶ, ଶୃଙ୍ଖଳିତ ଭାବେ ପରିଚିତ ସୃଷ୍ଟି କରିଛି।
ବିଦ୍ୟାଳୟରେ ଅରୁଣ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୨୫୦ ଛାତ୍ରଛାତ୍ରୀ ପଠନ କରୁଛନ୍ତି। ପ୍ରତିବର୍ଷ ଗୁରୁଜୀ ଗୁରୁମାମାନଙ୍କର ଅଦ୍ୟମ ଚେଷ୍ଟା ଫଳରେ ସଫଳତାର ସିଡି ଅତିକ୍ରମ କରୁଅଛି। ଚଳିତ ବର୍ଷ ତୃତୀୟ ଶ୍ରେଣୀରୁ ୨ ଜଣ, ପଞ୍ଚମ ଶ୍ରେଣୀରୁ ଏକ ଜଣ ମେଧାବୃତ୍ତି ଓ ୨ ଜଣ ନବୋଦୟ ପାଇ ବିଦ୍ୟାଳୟକୁ ଗୌରବ ଆଣିଛନ୍ତି।



ତାପସ କୁମାର ଦେହୁରୀ
ସମ୍ପାଦକ
ମୋବାଇଲ୍ ନଂ : ୯୯୩୮୦୫୪୩୭୭, ୭୯୭୮୦୭୨୨୫୯
ssvmpokatunga@gmail.com

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା।



Ray Fuel Point
Benupur, Balianta, Khurda
ଏଠାରେ Online Pollution Testing କରାଯାଏ।

ଦୈନିକ ନିରପେକ୍ଷ ଖବରକାଗଜ 'ଧରିତ୍ରୀ'ର ୪୬ତମ ଜନ୍ମବାର୍ଷିକୀରେ ସମସ୍ତ କର୍ମକର୍ତ୍ତା ଓ ପାଠକ/ପାଠିକାମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
PRASANTI REAL ESTATE & BUILDERS PVT. LTD.
Alok Mohanty, Director
Bank Street, Jajpur Road, Jajpur
Mob: 9438111885, 9337770273



THE TURMERIC HOTEL
A Well Furnished Room With Multi Cuisine Restaurant
In Front of Lalbahadur Vidya Pitha School, Daringbadi, Kandhamal, Odisha
7852904213, 7978032341

## ପନିପରିବା

ଆଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ଲାଗି ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଜରୁରୀ ।

- କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



-ଶୀତ ଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରା. ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

## ଚିନାବାଦମ



-ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ ।

-ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୩ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୨.୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

-ଖରାଦିନିଆ ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।

# ମୁଗ ଫସଲର ଉତ୍ପାଦନ ବଢ଼ାଇବେ କିପରି





ଲକ୍ଷ୍ମୀନାରାୟଣ ଦାଶ

ମୁଗ ଏକ ଲାଭଦାୟକ ଫସଲ। ଆମ ରାଜ୍ୟରେ ଏହା ଉଭୟ ଖରିଫ ଏବଂ ରବି ଋତୁରେ ଚାଷ ହେଉଥିଲେ ମଧ୍ୟ ରବି ଋତୁରେ ଏହାକୁ ବ୍ୟାପକ ଭାବରେ ଚାଷ କରାଯାଏ। ରବି ଋତୁରେ ସାଧାରଣତଃ ନଭେମ୍ବର ମାସରୁ ଜାନୁୟାରୀ ମାସ ମଧ୍ୟରେ ଧାନ ଫସଲ ପରେ ଜମିରେ ବତର ଥିବା ଅବସ୍ଥାରେ ଏବଂ ଫେବୃୟାରୀ ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଜଳସେଚିତ ଜମିରେ ମୁଗ ଚାଷ କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ଜଣେ ବୟସ୍କ ବ୍ୟକ୍ତି ଦୈନିକ ୫୦ ଗ୍ରାମ ଡାଲି ଆବଶ୍ୟକ କରିଥାଏ। ଆମ ରାଜ୍ୟରେ ବିଭିନ୍ନ ଡାଲି ଜାତୀୟ ଫସଲ ମଧ୍ୟରେ ମୁଗ ଚାଷ ପ୍ରଧାନ ଓ ଅତି ଲୋକପ୍ରିୟ । ଆମ ସାମାଜିକ ତଥା ସାଂସ୍କୃତିକ ପରମ୍ପରା ଏବଂ ବିଭିନ୍ନ ପୂଜା ପାର୍ବଣରେ ମୁଗ ଡାଲିର ଚାହିଦା ଢେର୍ ଯଥେଷ୍ଟ। ମୁଗ ଡାଲିରୁ ୨୪.୫ ଶତକଡା ପୁଷ୍ଟିସାର ମିଳୁଥିବା ଯୋଗୁ ଏହାକୁ ମଧ୍ୟ ଗରିବର ମାଂସ ହିସାବରେ ବିବେଚନା କରାଯାଏ। ତେଣୁ ମୁଗ ଫସଲର ଉତ୍ପାଦନ ବୃଦ୍ଧି ଅପରିହାର୍ଯ୍ୟ। ଏଥିପାଇଁ ଆମର ଚାଷୀମାନେ ମଧ୍ୟ ଅନ୍ୟ ଫସଲ ପରି ଜମି ପ୍ରସ୍ତୁତିଠାରୁ ଆରମ୍ଭ ଅମଳ ପର୍ଯ୍ୟନ୍ତ ମୁଗ ଚାଷରେ ବିଭିନ୍ନ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନ କୌଶଳ ପ୍ରୟୋଗ କରିବା ଜରୁରୀ। ତେବେ ମୁଗ ଫସଲର ଉତ୍ପାଦନ ବଢାଇବା ପାଇଁ ନିମ୍ନଲିଖିତ କେତୋଟି କୌଶଳକୁ ଚାଷୀମାନେ ନିଶ୍ଚିତ ଭାବରେ ଅବଲମ୍ବନ କରିବା ଆବଶ୍ୟକ।

**ବିହନ ବିଶୋଧନ:** ଝାଉଁଳା ଏବଂ ମୂଳ ଶଢା ରୋଗ ଯୋଗୁ ମୁଗ ଫସଲର ଉତ୍ପାଦନ ହ୍ରାସ ହୋଇଥାଏ। ତେଣୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ପ୍ରତି ୧ କେ.ଜି. ବିହନ ପିଛା ୩ ଗ୍ରାମ୍ ଭିଟାଭାକ୍ସ ପାଉଡର ବା କାର୍ବୋକ୍ସିନ ୩୭.୫ ଶତକଡା + ଥିରାମ ୩୭.୫ ଶତକଡା ଡି.ଏସ. ସହିତ ଗୋଳାଇ ବୁଣନ୍ତୁ।

**ରାଇଜୋବିୟମ ଜୀବାଣୁ କଲଚର ଉପଚାର:** ଏକର ପ୍ରତି ୧୦ କେ.ଜି. ବିହନ ଆବଶ୍ୟକ ହୋଇଥାଏ। ତେଣୁ ଏକର ପ୍ରତି ୨୦୦ ଗ୍ରାମ ରାଇଜୋବିୟମ ଜୀବାଣୁ କଲଚରରେ ୪୦୦ ମି.ଲି. ପାଣି ମିଶାଇ ମଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ମଣ୍ଡରେ ଏକ ଏକର ପାଇଁ ଉଦ୍ଦିଷ୍ଟ ୧୦ କେ.ଜି. ବିହନକୁ ଭଲ ଭାବରେ ଗୋଳାଇ ଛାଇରେ ଶୁଖାଇ ଉପରବେଳା ଜମିରେ ବୁଣନ୍ତୁ। ବିହନ ବିଶୋଧନ କରାଯାଇଥିଲେ ୭ ଦିନ ପରେ ଜୀବାଣୁ କଲଚର ଉପଚାର କରନ୍ତୁ। ନଚେତ ରାଇଜୋବିୟମ ବ୍ୟାକ୍‌ଟେରିଆ ଜୀବାଣୁଗୁଡିକ ନିଷ୍କ୍ରିୟ ହୋଇଯିବେ। ଏହି କଲଚରରେ ଉପଚାର ଯୋଗୁ ମୁଗ ଫସଲର ଚେରରେ ଅସଂଖ୍ୟ ପରିମାଣର ନୋଡୁଲ୍‌ସ ବା ଗଣ୍ଠି ସୃଷ୍ଟି ହେବ ଏବଂ ଏହି ଗଣ୍ଠି ବା ନୋଡୁଲ୍‌ସଗୁଡିକ ବାୟୁମଣ୍ଡଳରୁ ଯବକ୍ଷାରଯାନ ସଂଗ୍ରହ କରି ଗଛକୁ ଯୋଗାଇବା ଯୋଗୁ ଫସଲର ଉତ୍ପାଦନ ବୃଦ୍ଧି ହେବ।

**ଯନ୍ତା ଫସଲ:** ଚେର ଗଣ୍ଠି ନିମାଟୋଡ ବା ସୂତ୍ରକୃମି ଯୋଗୁ ଫସଲର ଉତ୍ପାଦନ ବାଧାପ୍ରାପ୍ତ ହୋଇଥାଏ। ତେଣୁ ସୂତ୍ରକୃମିର ପ୍ରଭାବରୁ ମୁକ୍ତି ପାଇବା ପାଇଁ ଗେଣ୍ଡୁ ଫୁଲକୁ ଯନ୍ତା ଫସଲ ଭାବରେ ବ୍ୟବହାର କରନ୍ତୁ। ସାଧାରଣତଃ ୨୦ ଧାଡି ମୁଗ ଗଛ ପରେ ଏକ ଧାଡି ଗେଣ୍ଡୁ ଫୁଲ ଗଛ ଲଗାଇ ମୁଗ ଫସଲର ଚେର ଗଣ୍ଠି ଜନିତ ଝାଉଁଳାକୁ ସୁବିଧାରେ ନିୟନ୍ତ୍ରଣ କରାଯାଇପାରେ।

**ଡି.ଏ.ପି. ସାର ଓ ଜଳ ଦ୍ରବଣର ପତ୍ର ସିଞ୍ଚନ:** ପ୍ରତି ଏକ ଲିଟର ପାଣି ପିଛା ୨୦ ଗ୍ରାମ ଡି.ଏ.ପି. ସାର ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ ଏବଂ ଏହି ଦ୍ରବଣକୁ ମୁଗ ବୁଣିବାର ୨୫-୩୦ ଦିନ ମଧ୍ୟରେ ପତ୍ର ସିଞ୍ଚନ କରନ୍ତୁ। ଏହା ଦ୍ୱାରା ଗଛ ଭଲ ଭାବରେ ବୃଦ୍ଧି ହେବ ଏବଂ ଗଛରେ ପର୍ଯ୍ୟାପ୍ତ ପରିମାଣର ଫୁଲ କଢ ଆସିବା ଯୋଗୁ ଉତ୍ପାଦନ ବୃଦ୍ଧି ହେବ। ସାଧାରଣତଃ ଏକର ପ୍ରତି ୨୦୦ ଲିଟର ପାଣି ଏବଂ ମାତ୍ର ୪(ଚାରି) କେ.ଜି. ଡିଏପି ସାର ଆବଶ୍ୟକ ପଡିଥାଏ।

**ଜଳସେଚନ:** ଜଳସେଚନର ସୁବିଧା ଥିଲେ ଫୁଲ ଆସିବା ସମୟରେ ଥରେ ଏବଂ ଦାନା ପାକଳ ଅବସ୍ଥାରେ ଥରେ ଏମିତି ସର୍ବନିମ୍ନ ଦୁଇଥର ନିଶ୍ଚିତ ଭାବରେ ଜଳସେଚନ କରନ୍ତୁ । କିନ୍ତୁ ଧ୍ୟାନ ରଖିବା ଦରକାର, ମୁଗ ଫସଲ ବୁଡା ପାଣି ଆବଶ୍ୟକ କରେ ନାହିଁ। ବରଂ ସିଞ୍ଚନ ଯନ୍ତ୍ର ମାଧ୍ୟମରେ ଭିଜା ପାଣି ବା ସିଞ୍ଚା ପାଣି ଅତି ହାଲୁକା ଭାବରେ ପ୍ରୟୋଗ କରନ୍ତୁ।

**ଫସଲ ସଂରକ୍ଷଣ:** ଜଉପୋକ, ଧଳାମାଛି, ଛୁଇଁବିନ୍ଧାପୋକ, ପତ୍ର ଡିଆଁ ପୋକ ଇତ୍ୟାଦିର ଅନୁମୋଦିତ ସଂରକ୍ଷଣ ବ୍ୟବସ୍ଥା ପ୍ରବର୍ତ୍ତନ କରନ୍ତୁ। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ମୁଗ ବୁଣିବାର ୨୫-୩୦ ଦିନ ମଧ୍ୟରେ ଏକର ପିଛା ୨୦୦ ଲିଟର ପାଣି ସହିତ ୬୦୦ ମି.ଲି. ନିମ୍ବ ଆଧାରିତ ବିଷ ଏବଂ ୨୦୦ ଗ୍ରାମ ଡିଟରଜେଣ୍ଟ ଦ୍ରବଣ ପତ୍ର ସିଞ୍ଚନ କଲେ ପୋକ ନିୟନ୍ତ୍ରଣ ହୋଇଥାଏ। ପ୍ରାକୃତିକ ପରିବେଶରେ ଉପଲବ୍ଧ ହେଉଥିବା ନିମ୍ବତେଲ, ନିମ୍ବପତ୍ର ରସ, ନିମ ଶସ ଦ୍ରବଣ, ନିମ୍ବ ପିଡିଆ ବତୁରାପାଣି, ନିମ୍ବ ଛେଲି ବତୁରା ପାମଇ, ନିମ୍ କର୍‌ନେଲ ଏକ୍ସଟ୍ରାକ୍ଟ ବା ନିମ ମଞ୍ଜି ନିର୍ଯାସକୁ ପତ୍ର ସିଞ୍ଚନ କରି ସୁବିଧାରେ, ନିରାପଦରେ ଏବଂ କମ ଖର୍ଚ୍ଚରେ ପୋକ ନିୟନ୍ତ୍ରଣ କରାଯାଇପାରିବ।

**ଅମଳ:** ମୁଗ ଗଛର ଚେରରେ ବ୍ୟାକ୍‌ଟେରିଆଜନିତ ନୋଡୁଲସ ବା ଗଣ୍ଠି ଥାଏ। ଏହା ସାଧାରଣତଃ ଭାତୁଡି ସଦୃଶ। ଏହି ନୋଡୁଲସ ବା ଭାତୁଡିଗୁଡିକ ବାକ୍‌ଟେରିଆ ଜୀବାଣୁ ମାଧ୍ୟମରେ ନାଇଟ୍ରୋଜିନେଜ ଏନଜାଇମକୁ ଉପଯୋଗ କରି ବାୟୁମଣ୍ଡଳରେ ଥିବା ଯବକ୍ଷାରଜାନକୁ ସଂଗ୍ରହ କରି ଗଛକୁ ଖାଦ୍ୟ ଯୋଗାଇବା ସହିତ ମାଟିର ଉର୍ବରତା ମଧ୍ୟ ବଢାଇଥାନ୍ତି। କାରଣ ଏହି ଭାତୁଡି ବା ନୋଡୁଲସଗୁଡିକ ଗୋଟିଏ ଗୋଟିଏ ପ୍ରାକୃତିକ ଯବକ୍ଷାରଜାନ ସାର ସୃଷ୍ଟି କାରଖାନା। ତେଣୁ ଚାଷୀମାନଙ୍କୁ ଅନୁରୋଧ ମୁଗ ଫସଲକୁ ଉପାଡନ୍ତୁ ନାହିଁ। ବରଂ ମାଟି ଉପରେ ଥିବା ମୂଳ ଅଂଶକୁ କାଟି ଅମଳ କରନ୍ତୁ। ଏହାଦ୍ୱାରା ଭାତୁଡି ବା ନୋଡୁଲସଗୁଡିକ ମାଟି ଭିତରେ ସୁରକ୍ଷିତ ହୋଇରହିବେ ଏବଂ ମାଟିର ଉର୍ବରତା ନଷ୍ଟ ହେବ ନାହିଁ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଡାଲି ଫସଲର ଉତ୍ପାଦନ ବୃଦ୍ଧିରେ ଏହା ସହାୟକ ହେବ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ନିମ୍ନ ଠିକଣାରେ ଯୋଗାଯୋଗ ପାଇଁ ଅନୁରୋଧ।



*-କୃଷି ଜିଲା ଅଧିକାରୀ, ଦଶପଲ୍ଲା, ନୟାଗଡ, ମୋ:୯୯୩୭୬୫୨୬୮୬*

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ କୁଶିଆପାଳ ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।

ପ୍ରଭାତୀ ସାହୁ
ସରପଂଚ
କୁଶିଆପାଳ ଗ୍ରାମ ପଂଚାୟତ
ଡେରାବିଶ

ସତ୍ୟ ଓ ନିର୍ଭୀକ ଖବର ପରିବେଶଣ ପାଇଁ ଦୀର୍ଘ ୪୬ ବର୍ଷ ଧରି ସଂଗ୍ରାମ କରି ଆସୁଥିବା ଦୈନିକ ଓଡିଆ ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ କୃଷି ପ୍ରଧାନ କେନ୍ଦ୍ରାପଡା ଜିଲାର ଅଧିବାସୀଙ୍କୁ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ ଅଶେଷ କୃପା ବରଷନ୍ତୁ।

ରବି ସାମଲ
ରାଜ୍ୟ ସାଧାରଣ ସମ୍ପାଦକ
ବିଜୁ ଜନତା ଦଳ

ସତ୍ୟ ଓ ନିର୍ଭୀକ ଖବର ପରିବେଶନ ପାଇଁ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଡେରାବିଶ ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ଅଭିନନ୍ଦନ । ପୁଣିଥରେ ଏହି ପଂଚାୟତ ସମିତିକୁ ରାଜ୍ୟରେ ସର୍ବଶ୍ରେଷ୍ଠ ସମିତି ମାନ୍ୟତା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛି ।

ସରୋଜକାନ୍ତ ସାହୁ
ଅଧ୍ୟକ୍ଷ
ଡେରାବିଶ ପଂଚାୟତ ସମିତି


ଦୈନିକ ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ପାଳନ ଅବସରରେ ଅଞ୍ଚଳବାସୀଙ୍କ ଶୁଭକାମନା କରୁଛି।
ନବକିଶୋର ପରିଡା
ଶିଳିପୁର, ଅବସର ପ୍ରାପ୍ତ ଶିକ୍ଷକ


ଧରିତ୍ରୀର ୪୬ତମ ଜନ୍ମୋତ୍ସବ ପାଳନ ଅବସରରେ ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।
ମୋନାଲିସା ପ୍ରଧାନ
ସରପଞ୍ଚ, ଯମପଡା


ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ପାଳନ ଅବସରରେ ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ।
ଯୁଗଳ କିଶୋର ଦାସ
ସରପଞ୍ଚ, ଶିଳିପୁର


ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ସମସ୍ତ ଗ୍ରାହକମାନଙ୍କୁ ଶୁଭେଚ୍ଛା ଜଣାଉଛି।
ପ୍ରଶାନ୍ତ କୁମାର ନାୟକ
ପରିଚାଳନା ନିର୍ଦ୍ଦେଶକ, ଜ୍ୟୋତି ମୋଟର୍ସ, ମାର୍ଶାଘାଇ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଜୋନର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭ କାମନା ।
ପ୍ରଦୀପ୍ତ କୁମାର ମାହାଣ
ନଂ.୨୫ ଜିଲ୍ଲା ପରିଷଦ


ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ଉତ୍ସବ ଅବସରରେ ମୁଁ ପଞ୍ଚାୟତ ବାସୀଙ୍କୁ ଶୁଭକାମନା ଜଣାଉଛି ।
ବିକ୍ରମ କେଶରୀ ଦାଶ
ସରପଞ୍ଚ, ଦଶିପୁର


ଧରିତ୍ରୀର ୪୬ତମ ଜନ୍ମ ଉତ୍ସବ ପାଳନ ଅବସରରେ ପଞ୍ଚାୟତବାସୀଙ୍କ ଶୁଭ କାମନା କରୁଛି ।
ପ୍ରଦୀପ୍ତ କୁମାର ସ୍ୱାଇଁ
ସରପଞ୍ଚ, ମଙ୍ଗରାଜପୁର


ଧରିତ୍ରୀର ୪୬ତମ ଜନ୍ମୋତ୍ସବ ପାଳନ ଅବସରରେ ପଞ୍ଚାୟତବାସୀଙ୍କ ଶୁଭକାମନା କରୁଛି ।
ଉଷାରାଣୀ ଦାସ
ସରପଞ୍ଚ, ପରକୁଳା ପଞ୍ଚାୟତ
ମାର୍ଶାଘାଇ

ଧରିତ୍ରୀର ୪୬ତମ ଜନ୍ମଦିବସ ଅବସରରେ ଆମ କଲେଜ୍‌ର ଛାତ୍ରୀଛାତ୍ରମାନଙ୍କର ଉତ୍ତରୋତ୍ତର ଶୁଭକାମନା କରୁଛୁ ।

ତାପସ ପାଲ
ନିର୍ଦ୍ଦେଶକ, ଡଲଫିନ +୨ ବିଜ୍ଞାନ କଲେଜ୍


ଧରିତ୍ରୀର ୪୬ତମ ଜନ୍ମୋତ୍ସବ ଅବସରରେ ପଞ୍ଚାୟତବାସୀଙ୍କୁ ଶୁଭକାମନା ଜଣାଉଛି ।
ସତ୍ୟ ନାରାୟଣ ନାୟକ
ସରପଞ୍ଚ, ଦୁମୁକା


ଧରିତ୍ରୀର ୪୬ତମ ଜନ୍ମ ଉତ୍ସବ ଉପଲକ୍ଷେ ଅଞ୍ଚଳବାସୀଙ୍କୁ ଶୁଭକାମନା ।
ରଞ୍ଜିତ କୁମାର ଦାସ
କାନପୁର, ଅବସର ପ୍ରାପ୍ତ ଅଧ୍ୟକ୍ଷ, ମାର୍ଶାଘାଇ କଲେଜ୍


ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ପାଳନ ଅବସରରେ ମୁଁ ମୋ ପଞ୍ଚାୟତବାସୀଙ୍କୁ ଶୁଭକାମନା ଜଣାଉଛି ।
ଗୌରୀ ରାଣୀ ପ୍ରଧାନ
ସରପଞ୍ଚ, ବଚ୍ଛରାଇ ଗ୍ରାମପଞ୍ଚାୟତ



ଏସ୍‌ବିଆଇ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ଜାରି କରିବା ନେଇ ରିଜର୍ଭ ବ୍ୟାଙ୍କର କୌଣସି ଆପତ୍ତି ନ ଥିଲା।
– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



ଦେଶ ମଧ୍ୟରେ ଔଦ୍ୟୋଗିକ ମନୋବୃତ୍ତି ଏବଂ ଉତ୍ପାଦନ ବୃଦ୍ଧି କରିବା ଲାଗି ଆବଶ୍ୟକୀୟ ସଂସ୍କାର ଧାରା ଉପରେ କାର୍ଯ୍ୟକରିବା ଉଚିତ।
– କେ.ଭି. ସୁବ୍ରମଣ୍ୟନ, ସିଇଏ

## ସଂକ୍ଷେପରେ

### ତ୍ୱରିତ ହେବ ମୋବାଇଲ ନମ୍ବର ପୋର୍ଟେବିଲିଟି

**ନୂଆଦିଲ୍ଲୀ,୧୦-୧୨:** ସାରା ଦେଶରେ ମୋବାଇଲ ନମ୍ବର ପୋର୍ଟେବିଲିଟି (ଏମ୍‌ଏନ୍‌ପି) କୁ ତ୍ୱରିତ ଏବଂ ସରଳ କରିବା ଲାଗି ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ ( ଟ୍ରାଇ) ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିଲାଗି ଟ୍ରାଇ ପରିବର୍ତ୍ତିତ ଏମ୍‌ଏନ୍‌ପି ଧାରା ନେଇ ଏକ ପବ୍ଲିକ ନୋଟିସ ଜାରି କରିଛି। ନୂଆ ନିୟମ ଚଳିତ ମାସ ୧୬ରୁ ଲାଗୁ ହେବ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି। ନୂଆ ଧାରାରେ ପୋର୍ଟ ଆଉଟ ଲାଗି ସର୍ଭିସ ଭିତରେ ୩ ଦିନ ଏବଂ ଅନ୍ୟ ସର୍କଲରେ ହେଲେ ଏହା ୫ ଦିନ ସମୟ ଲାଗିବ ବୋଲି କୁହାଯାଇଛି। ଏହି ସମୟ ମଧ୍ୟରେ ୟୁନିକ ପୋର୍ଟିଂ କୋଡ୍(ୟୁପିସି) ଆସିପାରିବ। କର୍ପୋରେଟ ମୋବାଇଲ କମ୍ୟୁନିକେଶନ ଲାଗି ସମୟ ସୀମାରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ଟ୍ରାଇ ପକ୍ଷରୁ କୁହାଯାଇଛି।

# ନଭେମ୍ବରରେ ପୁଣି ପାସେଞ୍ଜର ଯାନ ବିକ୍ରି ହ୍ରାସ

**ନୂଆଦିଲ୍ଲୀ,୧୦-୧୨**



ଚଳିତ ବର୍ଷ ନଭେମ୍ବରରେ ପାସେଞ୍ଜର ଯାନ ବିକ୍ରି ପୁଣି ଥରେ ନକାରାତ୍ମକ ସ୍ଥିତିରେ ରହିଛି। ଅକ୍ଟୋବରରେ ଚାହିଦା ଉନ୍ନତ ହେବା ଯୋଗୁ ଗାଡି ବିକ୍ରି ସାମାନ୍ୟ ବଢିଥିବା ବେଳେ ଏଥିରେ ପୁଣି ଥରେ ହ୍ରାସ ହୋଇଥିବା ଜଣାପଡିଛି। ମାତ୍ର ଚାହିଦା ଖସିବା ଫଳରେ କମ୍ପାନୀଗୁଡିକର ଡିଲରଙ୍କୁ ଗାଡି ଯୋଗାଣ କମିଛି। ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍‌ଚରର୍ସ(ସିଆମ୍) ଡାଟା ମୁତାବକ ନଭେମ୍ବରରେ ପାସେଞ୍ଜର ଯାନ ବିକ୍ରି ୦.୮୪% ହ୍ରାସ ଘଟି ୨.୬୩ ଲକ୍ଷ ୟୁନିଟକୁ ଖସିଛି। ଏହା ଗତ ବର୍ଷ ସମାନ ସମୟରେ ୨.୬୬ ଲକ୍ଷ ୟୁନିଟ ରହିଥିଲା। ଅପରପକ୍ଷରେ ୟୁଟିଲିଟି ଯାନ ବିକ୍ରି ନଭେମ୍ବରରେ ୩୨.୭% ବୃଦ୍ଧି ଘଟି ୯୨,୭୩୯ ୟୁନିଟ ରହିଛି। ଗତ ବର୍ଷ ଏହି ସମୟରେ ୟୁଟିଲିଟି ଯାନ ବିକ୍ରି ୬୯,୮୪୪ ୟୁନିଟ ଥିଲା।

ଏହି ସମୟ ମଧ୍ୟରେ ଘରୋଇ ବଜାରରେ କାର ବିକ୍ରି ୧୦.୩୮% ହ୍ରାସ ଘଟି ୧.୬୦ ଲକ୍ଷ ୟୁନିଟ ରହିଛି। ଯାହା ଗତ ବର୍ଷ ନଭେମ୍ବରରେ ୧.୭୯ ଲକ୍ଷ ୟୁନିଟ ରହିଥିଲା। ସେହିଭଳି ଭ୍ୟାନ ବିକ୍ରି ନଭେମ୍ବରରେ ୩୪.୩୨% କମିଛି। ଏହା ଗତ ବର୍ଷ ନଭେମ୍ବରରେ ୧୬,୩୩୩ ୟୁନିଟ ଥିବା ବେଳେ ଚଳିତ ବର୍ଷ ସମାନ ସମୟରେ ୧୦,୭୨୮ ୟୁନିଟକୁ ଖସିଛି। ଏବେ ମଧ୍ୟ ପାସେଞ୍ଜର ଯାନ ବିକ୍ରି ଏକ ଚ୍ୟାଲେଞ୍ଜି ସ୍ଥିତି ଦେଇ ଗତି କରୁଥିବା ସିଆମର ମହାନିର୍ଦ୍ଦେଶକ ରାଜେଶ ମେନନ କହିଛନ୍ତି। ୟୁଟିଲିଟି ଯାନ ବର୍ଗରେ ନୂଆ ଯାନ ବଜାରକୁ ଆସିଥିବାରୁ ଅକ୍ଟୋବର ଏବଂ ନଭେମ୍ବରରେ ବିକ୍ରି ଉନ୍ନତ ରହିଛି। ପାର୍ବଣ ଏବଂ ନୂଆ ମଡେଲ ଯୋଗୁ ଅକ୍ଟୋବରରେ ପାସେଞ୍ଜର ଯାନ ବିକ୍ରି ସାମାନ୍ୟ ବଢିଥିଲା। ମାତ୍ର ସବୁ ବର୍ଗକୁ ବିଚାର କଲେ ବିକ୍ରି ଖସିଥିବା ଜଣାପଡିଛି।

ଏହାବାଦ ନଭେମ୍ବରରେ ୨ ଚକିଆ ଯାନ ବିକ୍ରି ୧୪.୨୭% ଖସିଛି। ସେହିଭଳି ସ୍କୁଟର ବିକ୍ରି ୧୧.୮୩%, ବାଣିଜ୍ୟିକ ଯାନ ୧୪.୮୯% ବିକ୍ରି କମିଛି। ଦୁଇଚକିଆ ଏବଂ ବାଣିଜ୍ୟିକ ଯାନ ବିକ୍ରି ଲଗାତର ଭାବେ କମିଥିବାରୁ ଏହା ଚିନ୍ତାର କାରଣ ପାଲଟିଛି। ଗ୍ରାମାଞ୍ଚଳ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଚାହିଦା ହ୍ରାସ ହେବା ଯୋଗୁ ଉକ୍ତ ବର୍ଗଗୁଡିକରେ ଯାନ ବିକ୍ରି ହ୍ରାସ ଘଟିଛି।

## ଜୟ ପୀ ହୋଣ୍ଡା ଶୋ'ରୁମ୍ ଶୁଭାରମ୍ଭ



ନୂଆ ଶୋ'ରୁମ୍ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

**କଟକ,୧୦-୧୨**

କଟକ-ପାରାଦୀପ ରାଜପଥ ପାର୍ଶ୍ୱ କନ୍ଦରପୁରରେ ଜୟ ପୀ ହୋଣ୍ଡା ଶୋ'ରୁମ୍ ମଙ୍ଗଳବାର ଶୁଭାରମ୍ଭ ହୋଇଛି। କଟକର ଦୁର୍ଗା ହୋଣ୍ଡା ଶୋ'ରୁମ୍ ସ୍ୱତ୍ତ୍ୱାଧିକାରୀ ଶୁଭେନ୍ଦୁ ମହାନ୍ତି, ଏରିଆ ସେଲ୍‌ସ ମ୍ୟାନେଜର ଦ୍ୱିବେନ୍ଦୁ ଭୌମିକ, କୁମାର ଶୁଭେନ୍ଦୁ, ବିଶ୍ୱଜିତ ରାଏ ନୂଆ ଶୋ'ରମକୁ ଉନ୍ମୋଚନ କରିଥିଲେ। ଗ୍ରାହକମାନେ ଏଠାରେ ହୋଣ୍ଡାର ମୋଟର ସାଇକେଲ ଏବଂ ସ୍କୁଟର ଲାଭ କରିପାରିବେ। ସେହିଭଳି ଗ୍ରାହକଙ୍କୁ ବିକ୍ରି ପରବର୍ତ୍ତୀ ସେବା ଏଠାରେ ଯୋଗାଇ ଦିଆଯିବ ବୋଲି ଶୋ'ରୁମ୍‌ର ସ୍ୱତ୍ତ୍ୱାଧିକାରୀ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ଏଲ୍‌ଆଇସି ନୂଆ ମଣ୍ଡଳ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ




**ଭୁବନେଶ୍ୱର,୧୦-୧୨**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ମଣ୍ଡଳ କାର୍ଯ୍ୟାଳୟର ନୂତନ କାର୍ଯ୍ୟାଳୟ ନିମନ୍ତେ ସ୍ଥାନୀୟ ପୋଖରୀପୁଟଠାରେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଲ୍‌ଆଇସିର ପରିଚାଳନା ନିର୍ଦ୍ଦେଶକ ରାଜକୁମାର ଏହି ଅବସରରେ ଉପସ୍ଥିତ ରହି ଶିଳାନ୍ୟାସ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଭୂମିପୂଜା ଏବଂ ଶିଳାନ୍ୟାସ କାର୍ଯ୍ୟର ସମାପନ ପରେ ରାଜକୁମାର ଶିଳାନ୍ୟାସ ଫଳକର ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ ଏଲ୍‌ଆଇସିର ଯାନ୍ତ୍ରିକ ନିର୍ବାହୀ ନିର୍ଦ୍ଦେଶକ ଡି.କେ. ବାନାର୍ଜୀ, ପୂର୍ବ ମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ମହେନ୍ଦ୍ର କୁମାର, ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅକ୍ଷୟ କୁମାର ସାହୁ ଏହି ଅବସରରେ ଉପସ୍ଥିତ ଥିଲେ। ମଣ୍ଡଳ କାର୍ଯ୍ୟାଳୟ ନିମନ୍ତେ ଉଦ୍ଦିଷ୍ଟ ପରିସର ମଧ୍ୟରେ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

## ଏସ୍‌ଆର୍‌ଏମ୍‌କୁ ସ୍ୱଚ୍ଛତା ର୍‍ୟାଙ୍କିଙ୍ଗ୍ ଆୱାର୍ଡ



**ନୂଆଦିଲ୍ଲୀ,୧୦-୧୨**

ଏସ୍‌ଆର୍‌ଏମ୍ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, କଟନକୁଲଥରକୁ ସ୍ୱଚ୍ଛତା ର୍‍ୟାଙ୍କିଙ୍ଗ ଆୱାର୍ଡ ଏବଂ ଅନ୍ୟ ୨ ସମ୍ମାନ ପ୍ରଦାନ କରାଯାଇଛି। ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ) ପକ୍ଷରୁ ରେସିଡେନସିଆଲ ୟୁନିଭର୍ସିଟି ବର୍ଗରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୟୁନିଭର୍ସିଟି ଏଭଳି ପୁରସ୍କାର ହାସଲ କରିଛି। ଏସ୍‌ଆର୍‌ଏମ୍‌ରେ ରେଜିଷ୍ଟ୍ରାର ଏନ୍.ସେଥୁରାମନ, ଡିନ୍ ପ୍ରଫେସର ଜି.ଅଗଷ୍ଟାଇନ ମଣିରାଜ ପାଣ୍ଡିଆନ, ଦିଲ୍ଲୀ ଏନ୍‌ସିଆର୍ କ୍ୟାମ୍ପସ ଡେପୁଟି ରେଜିଷ୍ଟ୍ରାର ଡ.ଏସ୍. ବିଶ୍ୱନାଥନ, ଉଚ୍ଚ ଶିକ୍ଷା ବିଭାଗ ସଚିବ ଆର୍. ସୁବ୍ରମଣ୍ୟନଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

## ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ହେବନି

**ନୂଆଦିଲ୍ଲୀ,୧୦-୧୨**

୨୦୦୦ ଟଙ୍କିଆ ନୋଟ୍ ବଜାରରୁ ପ୍ରତ୍ୟାହାର ନେଇ ରହିଥିବା ଖବରକୁ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଖାରଜ କରିଦେଇଛନ୍ତି। ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ସମାଜବାଦୀ ପାର୍ଟି ଏମ୍‌ପି ବିଶ୍ୱମ୍ଭର ପ୍ରସାଦ ନିଷାଦଙ୍କ ୨୦୦୦ ଟଙ୍କିଆ ବନ୍ଦ କରି ନୂଆ ୧୦୦୦ ଟଙ୍କିଆ ଆଣିବା ନେଇ ଏକ ପ୍ରଶ୍ନ କରିଥିଲେ। ରାଜ୍ୟ ସଭାରେ ତାର ଉତ୍ତର ରଖି ଅର୍ଥରାଷ୍ଟ୍ରମନ୍ତ୍ରୀ ଠାକୁର କହିଛନ୍ତି ଯେ, ସରକାର ବିମୁଦ୍ରୀକରଣ ଦ୍ୱାରା କଳା ଟଙ୍କାକୁ ହଟାଇବା ଦିଗରେ ପଦକ୍ଷେପ ନେଇଥିଲେ। ଏହା ବାଦ ନକଲି ନୋଟ କାରବାର ଏବଂ ଟେରର ଫଣ୍ଡିଂର ହ୍ରାସ ଏବଂ ଡିଜିଟାଲ କାରବାର ବୃଦ୍ଧି ଭଳି ପ୍ରସଙ୍ଗକୁ ବିଚାର କରାଯାଇଥିଲା। ବିମୁଦ୍ରୀକରଣ ଏବଂ ପରେ ପରେ ଲାଗୁ ହୋଇଥିବା ଡିଜିଟାଲ ନେଣଦେଣ ଦ୍ୱାରା ନୋଟ ବ୍ୟବହାର ବୃଦ୍ଧିକୁ କମାଯାଇ ପାରିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର କହିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ୩ ଲକ୍ଷ କୋଟି ଟଙ୍କାର ନୋଟ ପ୍ରଚଳନ କମାଯାଇଛି।







































କାନୁୟାରୀରେ ସୌଦି ଆରବରେ ହେବାକୁଥିବା ୟୁରୋପିଆନ ଟୁର୍ ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ମୋର ଆଗ୍ରହ ନାହିଁ।
–ରୋରି ମ୍ୟାକଲରୟ, ବିଶିଷ୍ଟ ଗଲ୍ଫ ଖେଳାଳି



ପ୍ରେସିଡେଣ୍ଟ କପ୍‌ରେ ଖେଳବେଳେ ମୁଁ ଜାଲିଆତି କରିଛି ବୋଲି ଯାହା କୁହାଯାଉଛି ତାହା ଆଦୌ ଠିକ୍ ନୁହେଁ।
–ପ୍ୟାଟ୍ରିକ୍ ରିଡ୍, ଆମେରିକା ଗଲ୍ଫ ଖେଳାଳି

## ସଂକ୍ଷେପରେ

### ଇଷ୍ଟବେଙ୍ଗଲର ପ୍ରଥମ ବିଜୟ

**ଇମ୍ଫାଲ, ୧୦।୧୨ (ପି.ଟି.):** ଚଳିତ ଆଇ-ଲିଗ୍ ସିଜନରେ ଇଷ୍ଟ ବେଙ୍ଗଲ ଏହାର ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ଖୁମାନ ଲାମ୍ପାକ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ନେରୋକା ବିପକ୍ଷ ମ୍ୟାଚରେ ଦଳ ୪-୧ ଗୋଲରେ ବିଜୟ ହାସଲ କରି ଘରୋଇ ଦର୍ଶକଙ୍କୁ ହତାଶ କରିଛି। ଇଷ୍ଟବେଙ୍ଗଲ ତରଫରୁ ଜେମି କୋଲାଡୋ (୨୧ ଓ ୫୨ତମ ମିନିଟ୍) ପେନାଲ୍ଟି ସ୍ପଟ୍‌ରୁ ଦୁଟି ଗୋଲ ସ୍କୋର କରିଥିଲେ। ଦଳ ପକ୍ଷରୁ ଅନ୍ୟ ଦୁଇଟି ଗୋଲ୍ ଜୁଆନ୍ ମେରା (୩୩ତମ) ଏବଂ ମାର୍କସ ଏସ୍ୱାଡା (୬୫ତମ) ଗୋଲ ସ୍କୋର କରିଥିଲେ। ନେରୋକା ତରଫରୁ ବୋଉ ବାକାରା ଡିଆରା ୩୧ତମ ମିନିଟ୍‌ରେ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ। ମଙ୍ଗଳବାର ଏହି ବିଜୟ ଦ୍ୱାରା ଇଷ୍ଟବେଙ୍ଗଲ ୩ଟି ମ୍ୟାଚରୁ ୫ ପଏଣ୍ଟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ନେରୋକା ୩ ପଏଣ୍ଟ ସହ ପୂର୍ବଭଳି ୭ମ ସ୍ଥାନରେ ରହିଛି।

### ୧୧ ହକି ଖେଳାଳି ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୧୦।୧୨ (ପି.ଟି.):** ପଞ୍ଜାବ ଆର୍ମଡ୍ ପୋଲିସ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମଧ୍ୟରେ ୫୬ ତମ ନେହେରୁ କପ୍ ଫାଇନାଲ ବେଳେ ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ହକି ଇଣ୍ଡିଆର ଶୃଙ୍ଖଳା କମିଟି ମଙ୍ଗଳବାର ୧୧ ଜଣ ଖେଳାଳି ଏବଂ ଦୁଇ ଟିମ୍ ଅଫିସିଆଲଙ୍କୁ ସସ୍‌ପେଣ୍ଡ କରିଛି। ଗତ ମାସରେ ଏହି ମ୍ୟାଚ ସମୟରେ ଉତ୍ତେଜନା ଦେଖାଦେଇଥିଲା। ଦୁଇ ଦଳର ଖେଳାଳିଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏପରିକି ସେମାନେ ହକି ଷ୍ଟିକ୍ ବ୍ୟବହାର କରିଥିଲେ। ହକି ଇଣ୍ଡିଆ ଏଥିରେ ହସ୍ତକ୍ଷେପ କରିବାକୁ ବାଧ ହୋଇଥିଲା। ଆୟୋଜକଙ୍କଠାରୁ ସଂଗ୍ରହ କରାଯାଇଥିବା ରିପୋର୍ଟ ଓ ଭିଡିଓ ପ୍ରମାଣ ସମୀକ୍ଷା କରାଯାଇଥିଲା। ହକି ଇଣ୍ଡିଆ ଉପସଭାପତି ଭୋଳାନାଥ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଶୃଙ୍ଖଳା କମିଟି ସର୍ବସମ୍ମତି ନିଷ୍ପତ୍ତିକ୍ରମେ ପଞ୍ଜାବ ଆର୍ମଡ ପୋଲିସ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଟିମ୍‌କୁ ଯଥାକ୍ରମେ ୧୨ରୁ ୧୮ ମାସ ଏବଂ ୬ରୁ ୧୨ ମାସ ସସ୍‌ପେଣ୍ଡ କରିଛି। କମିଟି ପଞ୍ଜାବ ଆର୍ମଡ ପୋଲିସ ଖେଳାଳି ହରଦୀପ ସିଂ ଓ ଯଶକରନ ସିଂଙ୍କୁ ୧୮ମାସ ଲେଖାଏଁ ଏବଂ ଦୃପିନ୍ଦରଦୀପ୍ ସିଂ, ଜଗମିତ ସିଂ, ସୁଖପ୍ରୀତ ସିଂ, ସର୍ବନଜିତ୍ ସିଂ ଏବଂ ବଲ୍‌ବିନ୍ଦର ସିଂଙ୍କୁ ୧୨ ମାସ ଲେଖାଏଁ ସସ୍‌ପେଣ୍ଡ କରିଛି। ଏହା ବୁଧବାରଠାରୁ ଲାଗୁ ହେବ। ଅନ୍ୟପକ୍ଷରେ କମିଟି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ ଖେଳାଳି ସୁଖଜିତ୍ ସିଂ ଗୁରସିମରନ ସିଂ ଏବଂ ସୁମିତ ଟୋପ୍ପୋ ପ୍ରମୁଖଙ୍କୁ ୧୨ମାସ ଲେଖାଏଁ ସସ୍‌ପେଣ୍ଡ କରିଥିବାବେଳେ ଅଧିନାୟକ ଯଶପ୍ରୀତ ସିଂ ୬ ମାସ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି।

# ସୁଜିତଙ୍କ ଅର୍ଦ୍ଧଶତକ: ଓଡ଼ିଶା ଇନିଂସ ଅଗ୍ରଣୀ

**କଟକ ଅଫିସ,୧୦।୧୨**

## ରଣଜୀ ଟ୍ରଫି

ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଛତିଶଗଡ଼ ବିପକ୍ଷରେ ଚାଲିଥିବା ରଣ୍‌ଜୀ ଟ୍ରଫି ଏଲିଟ୍ ଗ୍ରୁପ–ସି'ର ଏକ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସ୍ ଅଗ୍ରଣୀ ହାସଲ କରିଛି। ଛତିଶଗଡ଼ର ପ୍ରଥମ ଇନିଂସ ୧୩୪ ରନ ଜବାବରେ ଓଡ଼ିଶା ୨୧୫ ରନରେ ଅଲଆଉଟ ହୋଇଥିଲା। ଉଇକେଟକିପର ସୁଜିତ ଲେଙ୍କା ଓଡ଼ିଶା ନିମନ୍ତେ ସର୍ବାଧିକ ୫୬ ରନ କରିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଏହା ତାଙ୍କର ପ୍ରଥମ ଅର୍ଦ୍ଧଶତକ ରହିଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ଛତିଶଗଡ଼ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ଗୋଟିଏ ଉଇକେଟ ହରାଇ ୪୫ ରନ କରିଛି।

ଓଡ଼ିଶାର ଅସମାପ୍ତ ପ୍ରଥମ ଇନିଂସ୍ ୪୮/୩ରୁ ଦ୍ୱିତୀୟ ଦିବସର ଖେଳ ଆରମ୍ଭ ହୋଇଥିଲା। ଦୁଇ ଅଭିଜ୍ଞ ଖେଳାଳି ବିପ୍ଲବ ସାମନ୍ତରାୟ(୪ ରନ) ଓ ଗୋବିନ୍ଦ ପୋଦ୍ଦାର(୦) ଅପରାଜିତ ଥିଲେ।





ସୁଜିତ ଲେଙ୍କା

ଗୋବିନ୍ଦ ପୋଦ୍ଦାର ୨ ରନ କରିବା ପରେ ପୁନୀତ ଦତ୍ତେଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ବିପ୍ଲବ ଓ ଅଲରାଉଣ୍ଡର ଅଭିଶେକ ରାଉତ ୫ମ ଉଇକେଟରେ ୨୯ ରନ ଯୋଡ଼ିଥିଲେ ମଧ୍ୟ ଦୀର୍ଘ ସମୟ କ୍ରିଜରେ ତିଷ୍ଠି ରହିଥିଲେ। ଅଭିଶେକ ୬୮ ବଲରୁ ୧୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବିପ୍ଲବ ଓ ସୁଜିତ ୬ଷ୍ଠ ଉଇକେଟରେ ୪୩ ରନର ଭାଗୀଦାରି ସୃଷ୍ଟି କରିଥିଲେ। ବିପ୍ଲବ ୧୦୦ ବଲ ସାମ୍ନା କରି ୩୦ ରନରେ ଆଉଟ ହୋଇଥିଲେ। ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ସହ ଭାଗୀଦାରି ସୃଷ୍ଟି କରି ସୁଜିତ ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ୨୩ ବଲରୁ ୩୩ ରନ୍ ଦ୍ରୁତ ଇନିଂସ ଖେଳିଥିବା ବେଳେ ରାଜେଶ ମହାନ୍ତି ୧୭ ରନ କରିଛନ୍ତି। ୧୧୭ ବଲରୁ ୧୦ଟି ଚୌକା ବଳରେ ସୁଜିତ ୫୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ବସନ୍ତ ୩ରନରେ ଅପରାଜିତ ଥିଲେ। ଛତିଶଗଡ଼ ପକ୍ଷରୁ ପୁନୀତ ଦତ୍ତେ ସର୍ବାଧିକ ୪ଟି ଏବଂ ଶଶାଙ୍କ ସିଂ ୨ଟି, ପଙ୍କଜ ରାଓ ଓ ବୀରପ୍ରତାପ ସିଂ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି। ପ୍ରଥମ ଇନିଂସରେ ଓଡ଼ିଶା ୭୨ ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଛତିଶଗଡ଼ ୧୩ ରନରେ ଓପନର ଅବିନାଶ ଧାଲିୱାଲଙ୍କ ଉଇକେଟ ହରାଇଛି। ଅବିନାଶ ୫ ରନରେ ବସନ୍ତଙ୍କ ଶିକାର ହୋଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଜୀବନଜ୍ୟୋତ୍ ସିଂ ୧୨ ରନରେ ଓ ଆଶୁତୋଷ ସିଂ ୨୬ ରନରେ ଅପରାଜିତ ଅଛନ୍ତି।

# ରେକର୍ଡ ପଦକ ଜିତିଲା ଭାରତ

**କାଠମାଣ୍ଡୁ, ୧୦।୧୨ (ପି.ଟି.)**

ସାଉଥ୍ ଏସିଆନ ଗେମ୍ସ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଆଞ୍ଚଳିକ ବହୁବିଧ ସ୍ପୋର୍ଟିଂ ଇଭେଣ୍ଟରେ ଭାରତ ସର୍ବାଧିକ ମୋଟ ୩୧୨ ପଦକ ଜିତି ରେକର୍ଡ ପ୍ରତିଷ୍ଠା କରିଛି। ଦେଶ କ୍ରମାଗତ ୧୩ଥର ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛି। ୧୦ ଦିନ ଧରି ଚାଲିଥିବା ସାଉଥ ଏସିଆନ ଗେମ୍ସର ୧୩ତମ ସଂସ୍କରଣରେ ଭାରତ ୧୭୪ ସ୍ୱର୍ଣ୍ଣ, ୯୩ ରୌପ୍ୟ ଏବଂ ୪୫ ବ୍ରୋଞ୍ଜ ପଦକ ଲାଭ କରିଛି। ୨୦୧୬ ଗୁଆହାଟୀ ଓ ଶିଲଂରେ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ୩୦୯ (୧୮୯ ସ୍ୱର୍ଣ୍ଣ, ୯୦ରୌପ୍ୟ ଓ ୩୦ ବ୍ରୋଞ୍ଜ) ପଦକ ଲାଭ କରି ରେକର୍ଡ କରିଥିଲା। ୨୦୧୬ ତୁଳନାରେ ଏଥର କିନ୍ତୁ ଭାରତ ୧୫ଟି କମ୍ ସ୍ୱର୍ଣ୍ଣ ପଦକ ଜିତିଛି। ଚଳିତ ସଂସ୍କରଣ ପାଇଁ ଭାରତ ୪୮୭ ଆଥଲେଟ ପଠାଇଥିଲା। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଆୟୋଜକ ନେପାଳ ମୋଟ ୨୦୬ ପଦକ(୫୧ ସ୍ୱର୍ଣ୍ଣ, ୬୦ ରୌପ୍ୟ ଓ ୯୫ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ତୃତୀୟ ସ୍ଥାନରେ ରହିଥିବା ଶ୍ରୀଲଙ୍କା ୨୧୫ ପଦକ (୪୦ ସ୍ୱର୍ଣ୍ଣ, ୮୩ ରୌପ୍ୟ ଓ ୧୨୮ ବ୍ରୋଞ୍ଜ) ଜିତିଛି। ୧୯୮୪ରେ ସାଉଥ୍ ଏସିଆନ ଗେମ୍ସ ଆରମ୍ଭ ହେବାପରଠାରୁ ଭାରତ ପ୍ରଥମ ସ୍ଥାନ ଅଧିକାର କରିଆସୁଛି। ମଙ୍ଗଳବାର ଅନ୍ତିମ ଦିବସରେ ଭାରତ ୧୮ ପଦକ (୧୫ ସ୍ୱର୍ଣ୍ଣ, ୨ରୌପ୍ୟ ଓ ୧ ବ୍ରୋଞ୍ଜ) ହାସଲ କରିଛି। ବକ୍ସରମାନେ ୬ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପାଇଛନ୍ତି। ପୁରୁଷ ଓ ମହିଳା ବାସ୍କେଟବଲ୍ ଫାଇନାଲରେ ଭାରତ ଯଥାକ୍ରମେ ଶ୍ରୀଲଙ୍କା





(୧୦୧–୬୨) ଓ ଆୟୋଜକ ନେପାଳ (୧୨୭–୪୬)କୁ ପରାସ୍ତ କରି ଉଭୟ ବିଭାଗରେ ସ୍ୱର୍ଣ୍ଣ ଜିତିଛି। ସ୍କ୍ୱାସ୍‌ରେ ଯଥାକ୍ରମେ ମହିଳା ଓ ପୁରୁଷ ଇଭେଣ୍ଟରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ବକ୍ସରମାନେ ପ୍ରଭାବୀ ପ୍ରଦର୍ଶନ ସହ ଦେଶ ପାଇଁ ୧୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି।

# ଆଜି ହାଇଦ୍ରାବାଦ୍‌କୁ ଭେଟିବ ଓଡ଼ିଶା ଏଫ୍‌ସି

**ପୁଣେ, ୧୦।୧୨ (ପି.ଟି.)**

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଖେଳାଯିବାକୁ ଥିବା ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ସିଜନରେ ପଦାର୍ପଣ କରିଥିବା ଓଡ଼ିଶା ଏଫ୍‌ସି ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ସେଭଳି ପ୍ରଭାବୀ ପ୍ରଦର୍ଶନର ଛାପ ଛାଡ଼ିପାରି ନାହିଁ। ଦଳ ୭ ମ୍ୟାଚରୁ ଗୋଟିଏ ବିଜୟ ଓ ୩ଟି ଲେଖାଏ ଡ୍ର ଓ ପରାଜୟ ସହ ୬ ପଏଣ୍ଟ ପାଇ ଟେବୁଲ ତାଲିକାର ୭ମ ସ୍ଥାନରେ ରହିଛି। ଅପରପକ୍ଷରେ ହାଇଦ୍ରାବାଦ ମଧ୍ୟ ଅନୁରୂପ ଭାବେ ୭ ମ୍ୟାଚ୍‌ରୁ ୫ ପରାଜୟ ସହ ୪ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲ ତାଲିକାର ସର୍ବନିମ୍ନ ସ୍ଥାନ ଲାଭ କରିଛି। ତେଣୁ ଉଭୟ ଦଳ ଏହି ମ୍ୟାଚ୍ ଜିତି ପଏଣ୍ଟ ଟେବୁଲରେ ସ୍ଥାନ ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛନ୍ତି।

ଓଡ଼ିଶା ଏଫ୍‌ସି ଏହାର ଶେଷ ୪ ମ୍ୟାଚ୍‌ରୁ ମାତ୍ର ୧ ପଏଣ୍ଟ ହାସଲ କରିଛି। ଚେନ୍ନାଇ ଏଫ୍‌ସି ବିପକ୍ଷ ମ୍ୟାଚ୍‌ରୁ ଓଡ଼ିଶା ଏହି ପଏଣ୍ଟ ଲାଭ କରିଥିଲା। କୋଚ୍ ଜୋସେପ୍ ଗୋମ୍ବାଉ ବର୍ତ୍ତମାନ ମଧ୍ୟ ଫଳାଫଳକୁ ଗୁରୁତ୍ୱ ଦେଉନାହାନ୍ତି। 'ବୁଧବାର ମ୍ୟାଚ୍ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଏକ ବଡ଼ ମ୍ୟାଚ୍। ଆମ ପାଖରେ ୯ ପଏଣ୍ଟ ହାସଲ କରିବା ସହ ପ୍ଲେ–ଅଫ୍ ଖେଳିବାର ବଡ଼ ସୁଯୋଗ ରହିଛି। ମାନସିକସ୍ତରରେ ସୁଦୃଢ଼ ରହି ନିଜ ଉପରେ ଚାପ ନ ପକାଇବା ଦରକାର' ବୋଲି ମଙ୍ଗଳବାର ଗୋମ୍ବାଉ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅପରପକ୍ଷରେ ହାଇଦ୍ରାବାଦ୍ କୋଚ୍ ଫିଲ୍ ବ୍ରାଉନ ପୂର୍ବ ମ୍ୟାଚ୍‌ରେ ଏଫ୍‌ସି ଗୋଆଠାରୁ ମିଳିଥିବା ପରାଜୟକୁ ପଛରେ ଛାଡ଼ି ଆଗକୁ ଯିବାକୁ କହିଛନ୍ତି। ତେବେ ଦଳର ଷ୍ଟାର୍ ଖେଳାଳି ମାର୍ସେଲିନୋ ନିଲମ୍ବନ କାରଣରୁ ଏହି ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ବର୍ତ୍ତମାନ ସୁଦ୍ଧା ସେ ୪ଟି ହଳଦିଆ କାର୍ଡ ହାସଲ କରିସାରିଲେଣି।

# ମୁଖ୍ୟମନ୍ତ୍ରୀ କିଣିଲେ ଗ୍ୟାଲେରି ନଂ.୧ ଟିକେଟ

**କଟକ ଅଫିସ,୧୦।୧୨:** ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଦିନିକିଆ ମ୍ୟାଚ୍ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଅଫଲାଇନ୍ ଟିକେଟ୍ କିଣିଛନ୍ତି। ଅଫ୍‌ଲାଇନ୍ ଟିକେଟ୍ ଉନ୍ମୋଚନ କରାଯିବା ଅବସରରେ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମ୍ୟାଚ୍ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ବିଧାୟକ ଚନ୍ଦ୍ରସାରଥି ବେହେରା, ଏଚ୍‌ଡିଏଫସି ବ୍ୟାଙ୍କର ବରିଷ୍ଠ ଅଧିକାରୀ ଅବିନାଶ ବେହେରା ଏହି ଅବସରରେ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ ୭୦୮ ଟଙ୍କା ଦେଇ ଗ୍ୟାଲେରି ନଂ–୧ର ଟିକେଟ କିଣିଥିବା ଜଣାପଡ଼ିଛି। ଏଥିସହିତ ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ଟିକେଟ୍ ଉନ୍ମୋଚିତ ହୋଇଛି। ଆସନ୍ତା ୧୯ ଓ ୨୦ରେ କ୍ରିକେଟପ୍ରେମୀମାନଙ୍କ ନିମନ୍ତେ କାଉଣ୍ଟରରେ ଟିକେଟ ବିକ୍ରି ହେବ। କାଉଣ୍ଟରରେ ବିଭିନ୍ନ ଗ୍ୟାଲେରିର ମୋଟ୍ ୧୦,୫୦୦ ଟିକେଟ ଉପଲବ୍ଧ ରହିବ। ଏ ନେଇ ଚଳିତବର୍ଷ ୧୨ଟି କାଉଣ୍ଟର ଖୋଲାଯିବାର ବ୍ୟବସ୍ଥା ହୋଇଛି। ହର୍ସଗେଟ୍ ନିକଟରେ ଖୋଲିବାକୁ ଥିବା ୨ଟି କାଉଣ୍ଟରରେ ସ୍ପେଶାଲ ଏନକ୍ଲୋଜର, ନ୍ୟୁ ପ୍ୟାଭିଲିୟନ, କର୍ପୋରେଟ ବକ୍ସ ଓ ଏସି ବକ୍ସ ଟିକେଟ ବିକ୍ରି କରାଯିବାର ବ୍ୟବସ୍ଥା ରହିଥିବାବେଳେ ଅନ୍ୟ ୧୦ଟି କାଉଣ୍ଟରରେ ବିଭିନ୍ନ ଗ୍ୟାଲେରିଗୁଡ଼ିକର ଟିକେଟ୍ ବିକ୍ରି କରାଯିବ।

**ବାରବାଟୀ ଦିନିକିଆ ଆଉ ୧୧ ଦିନ**





ଓସିଏ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମ୍ୟାଚ୍ ଟିକେଟ୍ ପ୍ରଦାନ କରୁଛନ୍ତି।



**ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି**

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ଦିନିକିଆ ମ୍ୟାଚ୍ ଲାଗି ପ୍ରସ୍ତୁତି ପଥେ ବାରବାଟୀ ଷ୍ଟାଡିୟମ୍। ଫଟୋ: ରାଜକିଶୋର ମହାନ୍ତି

# ସେମିରେ କିସ୍, ଏଲ୍‌ଆର୍ ଡିଏଭି

**କଟକ ଅଫିସ, ୧୦।୧୨:** ବୋଷ ଗ୍ରାଉଣ୍ଡରେ ଚାଲିଥିବା ୧୪ତମ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର କିସ୍ ଓ ଏଲ୍‌ଆର୍ ଡିଏଭି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ଅନୁଷ୍ଠିତ ଦୁଇ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ କିସ୍ ୬୯ ରନରେ ପିଏମ୍ ଏକାଡେମୀକୁ ଓ ଏଲ୍‌ଆର୍ ଡିଏଭି ୪୯ ରନରେ ଏସ୍‌ସିବି ମେଡ଼ିକାଲ ପବ୍ଲିକ ସ୍କୁଲକୁ ପରାସ୍ତ କରିଥିଲା। କିସ୍ ପ୍ରଥମେ ବ୍ୟାଟିଂ କରି ୧୦୬ ରନରେ ଅଲଆଉଟ ହୋଇଥିଲା। ନଭିଦତ୍ୟ ମଲ୍ଲିକ ସର୍ବାଧିକ ୩୫ ରନ କରିଥିଲେ। ପିଏମ୍ ଏକାଡେମୀ ପକ୍ଷରୁ ସାହିଲ ଖାନ୍ ଓ ନିଜାମ ଖାନ୍ ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଜବାବରେ ପିଏମ୍ ଏକାଡେମୀ ୩୭ ରନରେ ଅଲଆଉଟ ହୋଇଥିଲା। କିସ୍‌ର ଶଙ୍କର ମାଡକାମି ସର୍ବାଧିକ ୫ଟି ଉଇକେଟ ଅକ୍ତିଆର କରିଥିଲେ। ଶଙ୍କରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି। ଅନ୍ୟ ଏକ ମ୍ୟାଚରେ ଏଲଆର୍ ଡିଏଭି ପ୍ରଥମେ ବ୍ୟାଟିଂ କରି ୮୫ ରନରେ ଅଲଆଉଟ ହୋଇଥିଲା। ବଲ୍‌ଜିନ୍ଦର ସିଂ ଡିଏଭି ପକ୍ଷରୁ ସର୍ବାଧିକ ୨୩ ରନ କରିଥିବା ବେଳେ ବିପକ୍ଷ ଏସସିବି ଦଳର ପ୍ରୀତମ କୁମାର ଦାସ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୮୬ ରନର ବିଜୟ ଲକ୍ଷ୍ୟ ପିଛା କରି ଏସ୍‌ସିବି ମାତ୍ର ୩୬ ରନରେ ଅଲ୍‌ଆଉଟ ହୋଇଥିଲା। ବଲଜିନ୍ଦର ୪ଟି ଉଇକେଟ ଅକ୍ତିଆର କରିବା ସହ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ।

# ବିଦେଶୀ ଖେଳାଳିଙ୍କ ପ୍ରଭାବ ରହିବ

**ବାଇଚୁଙ୍ଗ୍ ଭୂଟିଆ**

ଦେଶର ସର୍ବବୃହତ୍ ଫୁଟବଲ ଲିଗ୍ ହିରୋ ଇଣ୍ଡିଆ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ କେତେଜଣ ବିଦେଶୀ ଖେଳାଳିଙ୍କ ବିଭିନ୍ନ ଦଳରେ ସାମିଲ ହୋଇଛନ୍ତି। ଫଳରେ ଏହି ଦଳଗୁଡିକ ପ୍ରଦର୍ଶନରେ ବିଶେଷ ଫରକ ଆସିବ ବୋଲି ଆଶା କରାଯାଉଛି। ଏପର୍ଯ୍ୟନ୍ତ ଲିଗ୍‌ରେ ୫ଜଣ ବିଦେଶୀ ଖେଳାଳି ସାମିଲ ହୋଇଛନ୍ତି। ଏହି ବିଦେଶୀ ଖେଳାଳିମାନେ ଆଗକୁ ପ୍ରଭାବୀ ସାବ୍ୟସ୍ତ ହେବେ। ସେମାନଙ୍କର ତାଲିକା ନିମ୍ନରେ ଦିଆଗଲା

**ଟିରି (ଜାମ୍‌ସେଦପୁର ଏଫ୍‌ସି):** ସ୍ପେନ୍‌ର ଏହି ତାରକା ଡିଫେଣ୍ଡର ଜାମସେଦପୁରର ମେରୁଦଣ୍ଡ ବୋଲି କୁହାଯାଉଛି। ଡିଫେନ୍ସରେ ଟିରିଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ସାରା ଦଳକୁ ସାଙ୍ଗରେ ନେଇ ଆଗକୁ ଯିବାର କ୍ଷମତା ତାଙ୍କ ପାଖରେ ରହିଛି। ଭାରତରେ ପହଞ୍ଚିବା ପରେ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଛି ଓ ସେ ଏଥିରେ ସ୍ଥିରତା ବଜାୟ ରଖିଆସିଛନ୍ତି।

**ରୟ କ୍ରିଷ୍ଣା (ଏଟିକେ):** ଫିଜି ଜାତୀୟ ଦଳର ଅଧିନାୟକ କ୍ରିଷ୍ଣା ଏଟିକେର ମଧ୍ୟ ନେତୃତ୍ୱ ନେଉଛନ୍ତି। ତାଙ୍କର ଦୃଷ୍ଟି ଶକ୍ତି ପ୍ରଖର ଓ ସେ ମ୍ୟାଚ୍‌ର ସ୍ଥିତିକୁ ଭଲଭାବେ ଅନୁଧ୍ୟାନ କରିବାରେ ସିଦ୍ଧହସ୍ତ। ଜଣେ ଷ୍ଟ୍ରାଇକର ହିସାବରେ ତାଙ୍କ ବିଶ୍ୱସ୍ତରୀୟ ଦକ୍ଷତା ରହିଛି। ତେବେ ତାଙ୍କୁ ଉପଯୁକ୍ତ ସହଯୋଗ ଆବଶ୍ୟକ।

**ଆସାମୋହା ଜ୍ଞାନ (ଏନ୍‌ଇୟୁଏଫ୍‌ସି):** ଘାନାର ଏହି ପେସାଦାର ଫୁଟବଲର ଜଣେ ଷ୍ଟ୍ରାଇକର ହିସାବରେ ନର୍ଥଇଷ୍ଟ ୟୁନାଇଟେଡ ତରଫରୁ ଖେଳୁଛନ୍ତି। ନେତୃତ୍ୱ ନେବାର କଳା ତାଙ୍କ ପାଖରେ ରହିଛି। ନିଜ ଦଳରେ ଖେଳାଳିଙ୍କୁ ସବୁବେଳେ ବଡ଼ ଭାଇ ହିସାବରେ ସେ ଉତ୍ସାହିତ କରିଥାନ୍ତି। ଡ୍ରେସିଂ ରୁମ୍‌ରେ ମଧ୍ୟ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ପଡିଆରେ ସେ ଦ୍ରୁତ ଗତିରେ ଦୌଡ଼ିବା ସହିତ ଡ୍ରିବଲ, ହେଡ୍, ପାସରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥନ୍ତି।

**ରାଫେଲ ଅଗୁଷ୍ଟୋ (ବେଙ୍ଗାଲୁରୁ ଏଫ୍‌ସି):** ବ୍ରାଜିଲର ଏହି ପେସାଦାର ଫୁଟବଲର ଜଣେ ମନୋରଞ୍ଜକ ଖେଳାଳିଭାବେ ପରିଚିତ। ସେ ଜଣେ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ଖେଳାଳି। ବୈଷୟିକ ଭାବେ ସେ ଅତ୍ୟନ୍ତ ଚତୁର। ମିଡ୍‌ଫିଲ୍ଡରରୁ ସେ ଜଣେ ସଫଳ ଷ୍ଟ୍ରାଇକର ବନିପାରିଛନ୍ତି। ପ୍ରତିପକ୍ଷ ଖେଳାଳିଙ୍କୁ ଚକ୍‌ମା ଦେବାରେ ସେ ବେଶ୍ ମାହିର।

**ଫେରାନ କୋରୋମିନାସ (ଏଫ୍‌ସି ଗୋଆ):** ସ୍ପେନର ଏହି ପେସାଦାର ଫୁଟବଲର ଗୋଆ ତରଫରୁ ଜଣେ ଫରୱାର୍ଡ ଭାବେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଗୋଲ ସ୍କୋର ନ କରିବା ପର୍ଯ୍ୟନ୍ତ ସେ ଶାନ୍ତିରେ ଶୋଇ ପାରି ନ ଥାନ୍ତି। ସେ ଜଣେ ବଡ଼ ଫିନିଶର ମଧ୍ୟ। ଗତ ସଂସ୍କରଣରେ ସେ ନିଜ ଦକ୍ଷତା ବଳରେ ଏକାଏକା ଗୋଆକୁ ଫାଇନାଲରେ ପହଞ୍ଚାଇଥିଲେ। –(ଗେମ୍‌ପ୍ଲାନ)

#WhatDrivesYou
EXIDE

# ଲାଞ୍ଚ ନେବା ମାନିଲେ ଜାମ୍‌ସେଦ

**ଲଣ୍ଡନ,୧୦।୧୨(ଏଏଫ୍‌ପି):** ପାକିସ୍ତାନ ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ନାସିର ଜାମସେଦ ଫିକ୍ସିଂ ଷଡଯନ୍ତ୍ରରେ ସାମିଲ ଥିବା ସ୍ୱୀକାର କରିଛନ୍ତି। ଏଥିପାଇଁ ଲାଞ୍ଚ ମଧ୍ୟ ନେଇଛନ୍ତି ବୋଲି ସେ ସୋମବାର ମାନିଛନ୍ତି। ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ର ଏକ ଟି୨୦ ମ୍ୟାଚ୍‌ରେ ସ୍ପଟ୍ ଫିକ୍ସିଂ ନେଇ ଚାଲିଥିବା ଶୁଣାଣି ଅବସରରେ ସେ ଏହା କହିଛନ୍ତି। ୩୩ ବର୍ଷୀୟ ଜାମସେଦ ପିଏସ୍‌ଏଲ ଉପରେ ଫୋକସ କରିବା କାରଣରୁ ପ୍ରଥମେ ଏହା ସ୍ୱୀକାର କରୁ ନ ଥିଲେ। ତେବେ ମାଞ୍ଚେଷ୍ଟରରେ ଏ ନେଇ ଚାଲିଥିବା ଶୁଣାଣିରେ ଏବେ ସେ ବୟାନ ବଦଳାଇଛନ୍ତି।

ପୂର୍ବରୁ ୟୁସୁଫ୍ ଅନୱର ଓ ମହମ୍ମଦ ଇଜଜା ନାମକ ଦୁଇ ବ୍ୟକ୍ତି ଗତ ସପ୍ତାହରେ ପିଏସ୍‌ଏଲ୍ ଖେଳାଳିଙ୍କୁ ଲାଞ୍ଚ ଯାଚିବା କଥା କରିଥିଲେ। ଆସନ୍ତା ଫେବୃୟାରୀରେ ଏହି ୩ଜଣଙ୍କୁ ଦଣ୍ଡିତ କରାଯିବ। ପୋଲିସ୍ ପାଖରେ ମଧ୍ୟ ଏ ନେଇ ଯଥେଷ୍ଟ ପ୍ରମାଣ ରହିଛି ବୋଲି କୁହାଯାଇଛି। ୨୦୧୬ ଶେଷ ଆଡକୁ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍)ରେ ମଧ୍ୟ ଫିକ୍ସିଂ ପାଇଁ ପ୍ରୟାସ ହୋଇଥିଲା। ଦୁଇଟି ଯାକ ମାମଲାରେ ଓପନିଂ ବ୍ୟାଟ୍ସମ୍ୟାନ ଏକ ଓଭରର ପ୍ରଥମ ଦୁଇଟି ବଲ୍‌ରେ ରନ୍ ସ୍କୋର ନ କରିବା ଓ ପ୍ରତିବଦଳରେ ଅର୍ଥ ନେବାକୁ ରାଜି ହୋଇଥିଲେ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଜାମ୍‌ସେଦ ପାକିସ୍ତାନ ପାଇଁ ଟେଷ୍ଟ, ଦିନିକିଆ ଓ ଟି୨୦ ଖେଳିଛନ୍ତି।



ଓ୍ୱାଙ୍ଖଡେରେ କିରନ ପୋଲାର୍ଡଙ୍କ ଅଭିଜ୍ଞତାରୁ ଭାରତ ବିପକ୍ଷ ତୃତୀୟ ଟି୨୦ରେ ୱେଷ୍ଟଇଣ୍ଡିଜ ବୋଲରମାନେ ଫାଇଦା ଉଠାଇବେ ।

–ଫିଲ୍ ସିମନ୍ସ, ୱେଷ୍ଟଇଣ୍ଡିଜ କ୍ରିକେଟ କୋଚ୍



ମହେନ୍ଦ୍ର ସିଂ ଧୋନୀ ଜଣେ କିମ୍ବଦନ୍ତୀ ଖେଳାଳି। ଖେଳ ଜାରି ରଖିବେ କି ନା ଏ ସମ୍ପର୍କରେ ତାହା ନିଜେ ସ୍ଥିର କରିବେ ।

–ରବି ଶାସ୍ତ୍ରୀ, ଭାରତ କ୍ରିକେଟ କୋଚ୍

## ସଂକ୍ଷେପରେ

### ଇଣ୍ଡିଆନ ଓମେନ୍ସ ଲିଗ୍ ଅଂଶଗ୍ରହଣ ପାଇଁ ୧୦୦ରୁ ଊର୍ଦ୍ଧ୍ୱ କ୍ଲବ ଆଗ୍ରହୀ

**ନୂଆଦିଲ୍ଲୀ, ୧୦।୧୨ (ପି.ଟି.):** ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଅଂଶଗ୍ରହଣ ଲାଗି ୧୦୦ରୁ ଊର୍ଦ୍ଧ୍ୱ କ୍ଲବ ଆଗ୍ରହ ପ୍ରକାଶ କରିଛନ୍ତି। ସର୍ବଭାରତୀୟ ଫୁଟବଲ ସଂଘ (ଏଆଇଏଫ୍‌ଏଫ୍)ର କାର୍ଯ୍ୟନିର୍ବାହୀ କମିଟି ଏ ବିଷୟରେ ସୂଚନା ଦେଇଛି। ମଙ୍ଗଳବାର ଏଠାରେ ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ବୈଠକ ସଭାପତି ପ୍ରଫୁଲ ପଟେଲଙ୍କ ଅଧକ୍ଷତାରେ ବସିଥିଲା। ହିରୋ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଖେଳିବା ଲାଗି ୧୪ଟି ରାଜ୍ୟରୁ ୧୦୮ଟି କ୍ଲବ ଖେଳିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ମ୍ୟାଚ ସଂଖ୍ୟା ବୃଦ୍ଧି କରିବା ଆମର ଲକ୍ଷ୍ୟ ବୋଲି ଆଇ-ଲିଗ୍ ସିଇଓ ସୁନନ୍ଦୋ ଧର୍ ପ୍ରକାଶ କରିଛନ୍ତି। ଦ୍ୱିତୀୟ ଡିଭିଜନ ଲିଗ୍‌ରେ ୨୦ଟି ଦଳ ଭାଗ ନେବେ। ଏହା ଜାନୁୟାରୀରୁ ମେ ମାସ ପର୍ଯ୍ୟନ୍ତ ଚାଲିବ। ହିରୋ ସନ୍ତୋଷ ଟ୍ରଫି ପାଇଁ ଏଥିରେ ମଧ୍ୟାନ୍ତର ରହିବ। ଧର୍ ପୁଣି ସୂଚନା ଦେଇ କହିଛନ୍ତି, ଏଏଫ୍‌ସି କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଗୃହୀତ ପ୍ରସ୍ତାବ ଅନୁସାରେ ୨୦୧୯-୨୦ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ର ବିଜେତା ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨୦୨୧ରେ ସିଧାସଳଖ ସ୍ଥାନ ପାଇବ। ଅନ୍ୟପକ୍ଷରେ ୨୦୧୯-୨୦ ଆଇ-ଲିଗ୍ ଚାମ୍ପିୟନ ଏଏଫ୍‌ସି କପ୍ ୨୦୨୧ ପାଇଁ ଯୋଗ୍ୟତା ଅର୍ଜନ କରିବ। ନେପାଳରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ସିନିୟର ମହିଳା ଦଳ ଏବଂ ଅର୍ଜୁନ ପୁରସ୍କାର ବିଜେତା ଗୁରୁପ୍ରୀତ ସିଂ ସାନ୍ଧୁଙ୍କୁ କମିଟି ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଭାରତରେ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ଦାର ଚାଲିଛି। ଖେଳାଳିମାନେ ନୂଆ ମୁଖ୍ୟ କୋଚ୍ ଥୋମାସ ଡେନର୍ବିଙ୍କ ଅଧୀନରେ ଟ୍ରେନିଂ ନେଉଥିବା ଧର୍ ପ୍ରକାଶ କରିଛନ୍ତି।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ମୁମ୍ବାଇ, ୧୦।୧୨ (ପି.ଟି.)**

ନିର୍ଣ୍ଣାୟକ ତୃତୀୟ ଟି୨୦ ମ୍ୟାଚ୍‌ରେ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବୁଧବାର ମୁହାଁମୁହିଁ ହେବେ। ସ୍ଥାନୀୟ ଓ୍ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯିବାକୁ ଥିବା ସିରିଜର ଏହି ଅନ୍ତିମ ମ୍ୟାଚ୍ ଜିତି ଉଭୟ ଦଳ ସିରିଜ ହାତେଇବାକୁ ଚେଷ୍ଟା କରିବେ। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୧ ସମାନ ସ୍ତରରେ ରହିଥିବା ବେଳେ ଏହି ମ୍ୟାଚ୍ ଜିତିବାକୁ ଭାରତ ଆଗରେ ଏକାଧିକ ଚ୍ୟାଲେଞ୍ଜ ରହିଛି। ହାଇଦ୍ରାବାଦ୍‌ରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୮ଟି ବଲ ବାକି ରଖି ୬ ଉଇକେଟରେ ବିଜୟୀ ହୋଇଥିଲା। ତେବେ ଥିରୁଭାନନ୍ତପୁରମରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରି ୱେଷ୍ଟଇଣ୍ଡିଜ ୯ଟି ବଲ ବାକି ରଖି ୮ ଉଇକେଟରେ ବିଜୟ ହାସଲ କରି ସିରିଜକୁ ସମାନ ସ୍ଥିତିକୁ ଆଣିଥିଲା।

ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଏକ ଦୃଢ଼ ତଥା ସନ୍ତୁଳିତ ଦଳ ଗଠନ ନେଇ ଭାରତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛି। ଯୁବ ଅଫ୍ ସ୍ପିନର ଓ୍ୱାଶିଂଟନ ସୁନ୍ଦର ଓ କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଉଭୟ କିପିଂ ଓ ବ୍ୟାଟିଂରେ ଆଶାନୁରୂପ ପ୍ରଦର୍ଶନ କରିବାରେ ପନ୍ତ ସେତେଟା ସଫଳତା ହାସଲ କରିପାରି ନାହାନ୍ତି। ଟିମ୍ ମ୍ୟାନେଜମେଣ୍ଟ ଏହି ମ୍ୟାଚ୍‌ରେ ସୁନ୍ଦରଙ୍କୁ କିମ୍ବା ଚାଇନାମ୍ୟାନ ବୋଲର କୁଲଦୀପ ଯାଦବଙ୍କୁ ଖେଳାଇବେ ତାହା ଦେଖିବାକୁ ବାକି ରହିଲା। ଗତ ୫ଟି ଟି୨୦ରେ ସୁନ୍ଦର ମାତ୍ର ୩ଟି ଉଇକେଟ ହାସଲ କରିଛନ୍ତି। ୨ଟି ୱେଷ୍ଟଇଣ୍ଡିଜ୍ ଓ ୩ଟି ବାଂଲାଦେଶ ବିପକ୍ଷରେ। ମୋଟ ଉପରେ ୨୩ ଓଭର ବୋଲିଂ କରି ସେ ୧୪୪ ରନ ବ୍ୟୟ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇଟି ଟି୨୦ରେ ସେ କୌଣସି ଉଇକେଟ ହାସଲ କରି ନ ଥିଲେ। ସେହିପରି ପନ୍ତଙ୍କୁ ମହେନ୍ଦ୍ର ସିଂ ଧୋନୀଙ୍କ ଉତ୍ତରାଧିକାରୀ ବିବେଚନା କରାଯାଉଥିବା ବେଳେ ତାଙ୍କ ଉପରେ ଜବରଦସ୍ତ ଚାପ ରହିଛି। ସେ ତାଙ୍କୁ ପୁରୁଣା ଫର୍ମ ଫେରିପାଇବା ପାଇଁ ପ୍ରୟାସ କରୁଛନ୍ତି। ଗତ ୭ଟି ଟି୨୦ରେ ପନ୍ତ ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସି ଅପରାଜିତ ୩୩, ୧୮, ୬, ୨୭, ୧୯, ୪ ରନ ସଂଗ୍ରହ କରିଛନ୍ତି। ଅନ୍ୟତମ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଭଲ ଫର୍ମରେ ରହିଛନ୍ତି ଓ ସୁଯୋଗ ପାଇବା ଅପେକ୍ଷାରେ ରହିଥିବା ବେଳେ ପନ୍ତଙ୍କୁ ଏବେ ଭଲ ପ୍ରଦର୍ଶନ କରିବା ଛଡ଼ା ଅନ୍ୟ ଉପାୟ ନାହିଁ।

ପ୍ରଥମ ଦୁଇଟି ମ୍ୟାଚ୍‌ରେ ତାରକା ଓପନର ରୋହିତ ବିଫଳ ହୋଇଛନ୍ତି। ହୋମ ଗ୍ରାଉଣ୍ଡରେ ଏହି ମ୍ୟାଚ୍‌ରେ ତାଙ୍କର ଚମକ ପୁଣି ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

ବୋଲିଂ ଭାରତ ପାଇଁ ସାମାନ୍ୟ ଚିନ୍ତା ସୃଷ୍ଟି କରିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦୀପକ ଚହର ଓ ଭୁବନେଶ୍ୱର କୁମାର ରନ ବ୍ୟୟ କରିଛନ୍ତି। ବାଂଲାଦେଶ ବିପକ୍ଷରେ ଚହର ଐତିହାସିକ ପ୍ରଦର୍ଶନ କରିଥିଲେ। ଏବେ ସେ ଏହାକୁ ଦୋହରାଇବାକୁ ଚାହିଁବେ। ଅଭିଜ୍ଞ ମହମ୍ମଦ ସାମିଙ୍କ ସହ ସେ ପୁଣି ପ୍ରଭାବୀ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଭାରତର ଫିଲ୍ଡିଂ ଆଶାନୁରୂପ ହୋଇ ପାରିନାହିଁ। ଫିଲ୍ଡରମାନେ କେତୋଟି କ୍ୟାଚ୍ ଡ୍ରପ୍ କରିବା ସହ ମିସ୍‌ଫିଲ୍ଡ ମଧ୍ୟ କରିଛନ୍ତି। ଯଦି ଫିଲ୍ଡିଂରେ ଉନ୍ନତି ନ କରାଯାଏ ତା'ହେଲେ ଯେତେ ବି ବଡ଼ ସ୍କୋର କରାଯାଉ, ତାହା ଯଥେଷ୍ଟ ହେବ ନାହିଁ। ଭାରତ ଚେଜ୍ ମାଷ୍ଟର ହୋଇଥିବା ବେଳେ ନିଜ ଟାର୍ଗେଟକୁ ଭାରତ ଡିଫେଣ୍ଡର କରିବାର ମଧ୍ୟ ଆବଶ୍ୟକତା ରହିଛି।

ଅପରପକ୍ଷରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ମ୍ୟାଚ୍‌ର ପ୍ରଦର୍ଶନକୁ ଦୋହରାଇ ସିରିଜ ହାତେଇବାକୁ ପ୍ରୟାସ କରିବ। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ସିମନ୍ସ ଜବରଦସ୍ତ ଫର୍ମରେ ରହିଛନ୍ତି। ସେହିପରି ଏଭିନ ଲୁଇସ୍, ନିକୋଲାସ ପୁରନ ଓ ସିମରନ ହେଟମେର ମଧ୍ୟ ଭଲ ଫର୍ମରେ ରହିଛନ୍ତି ଓ ସେ ଏହାକୁ ବଜାୟ ରଖିବାକୁ ଚାହିଁବେ। ସେହିପରି ବ୍ରାଣ୍ଡନ କିଙ୍ଗ୍, ଜାସନ ହୋଲ୍ଡର ଓ ଅଧିନାୟକ କିରନ ପୋଲାର୍ଡ ଯଦି ଦକ୍ଷତା ଅନୁରୂପ ପ୍ରଦର୍ଶନ କରନ୍ତି ତା'ହେଲେ ୱେଷ୍ଟଇଣ୍ଡିଜକୁ ହରାଇବା କଷ୍ଟକର ହେବ। ଶେଲଡନ କଟ୍ରେଲ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। କଟ୍ରେଲଙ୍କ ସମେତ କେସରିକ ୱିଲିୟମ୍ସ, ଲେଗ୍ ସ୍ପିନର ହେଡେନ ଓ୍ୱାଲ୍ସ ଜୁନିୟର, ଜାସନ ହୋଲ୍ଡରଙ୍କୁ ମାପଚୁପ ବୋଲିଂ କରିବାକୁ ହେବ। ଏହି ଗ୍ରାଉଣ୍ଡରେ ୨୦୧୬ ଆଇସିସି ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ୱେଷ୍ଟଇଣ୍ଡିଜ୍ ଆୟୋଜକ ଭାରତକୁ ହରାଇପରେ ଫାଇନାଲରେ ଇଂଲଣ୍ଡକୁ ହରାଇ ଟାଇଟଲ ଜିତିଥିଲା।



ଅଭ୍ୟାସ ଅବସରରେ ତିନି ମୁମ୍ବାଇ ଖେଳାଳି ରୋହିତ ଶର୍ମା, ଶିବମ ଦୁବେ ଓ ଶ୍ରେୟାସ ଆୟର।

### ଆଜି ତୃତୀୟ ଟି୨୦

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ରିଷଭ ପନ୍ତ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, ଓ୍ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଦୀପକ ଚହର, ଭୁବନେଶ୍ୱର କୁମାର, ମହମ୍ମଦ ସାମି ଓ ସଞ୍ଜୁ ସାମସନ।

■ **ୱେଷ୍ଟଇଣ୍ଡିଜ ଦଳ:** କିରନ ପୋଲାର୍ଡ (ଅଧିନାୟକ), ଫାବିଆନ ଆଲେନ, ବ୍ରାଣ୍ଡନ କିଙ୍ଗ୍, ଦୀନେଶ ରାମଦୀନ, ଶେଲଡନ କଟ୍ରେଲ, ଏଭିନ ଲୁଇସ୍, ଶେରଫାନ ରଦରଫୋର୍ଡ, ସିମରନ ହେଟମେର, ଖାରି ପିଏର, ଲେଣ୍ଡେଲ ସିମନ୍ସ, ଜାସନ ହୋଲ୍ଡର, ହେଡେନ ଓ୍ୱାଲ୍ସ ଜୁନିୟର, କିମୋ ପଲ ଓ କେସରିକ ୱିଲିୟମ୍ସ।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ସନ୍ଧ୍ୟା ୭ଟା | ଓ୍ୱାଙ୍ଖଡେ | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ |

### ସ୍ୱତନ୍ତ୍ର କ୍ଲବରେ ସାମିଲ ହେବେ କୋହଲି



**ମୁମ୍ବାଇ, ୧୦।୧୨:** ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍ ବୁଧବାର ସ୍ଥାନୀୟ ଓ୍ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯିବ। ଭାରତ ପ୍ରଥମ ଓ ୱେଷ୍ଟଇଣ୍ଡିଜ ୨ୟ ମ୍ୟାଚ୍ ଜିତିଥିବାରୁ ସିରିଜ ଏବେ ୧-୧ରେ ବରାବର୍ ରହିଛି। ତେଣୁ ଅନ୍ତିମ ମ୍ୟାଚ୍ ଜିତି ଉଭୟ ଦଳ ସିରିଜ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଏହି ଅବସରରେ ଘରୋଇ ଦଳର ଅଧିନାୟକ ବିରାଟ କୋହଲି ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହେବାକୁ ଯାଉଛନ୍ତି। ଯଦି ୩ୟ ମ୍ୟାଚ୍‌ରେ କୋହଲି ଆଉ ୬ ରନ୍ ସଂଗ୍ରହ କରନ୍ତି ତେବେ ଟି୨୦ କ୍ରିକେଟ୍‌ରେ ଘରୋଇ ମାଟିରେ ଏକ ହଜାର ରନ୍ ପୂରଣ କରିବାରେ ସେ ପ୍ରଥମ ଭାରତୀୟ ଓ ବିଶ୍ୱର ୩ୟ କ୍ରିକେଟର୍ ହେବାର ସୌଭାଗ୍ୟ ଲାଭ କରିବେ। ଦୁଇ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ମାର୍ଟିନ ଗୁପ୍‌ଟିଲ (୧୪୩୦ ରନ) ଓ କଲିନ୍ ମୁନ୍‌ରୋ (୧୦୦୦) ଏହିକ୍ରମରେ ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। କୋହଲି ୭୪ ଟି୨୦ ମ୍ୟାଚ୍‌ରୁ ୫୧.୩ ଆଭରେଜରେ ୨୫୬୩ ରନ କରିଛନ୍ତି। ପ୍ରଥମ ଟି୨୦ ମ୍ୟାଚ୍‌ରେ ସଂଗ୍ରହ କରିଥିବା ଅପରାଜିତ ୯୪ ରନ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ। ଦ୍ୱିତୀୟ ମ୍ୟାଚ୍ ଅବସରରେ ରୋହିତ୍ ଶର୍ମାଙ୍କୁ ପଛରେ ପକାଇ ବିରାଟ ଭାରତର ସର୍ବାଧିକ ଟି୨୦ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ହୋଇଛନ୍ତି।


## ମନେ ପଡ଼ନ୍ତି

**୧୩ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନିଧିସୂଦନ ବେହେରା
ପାରାଦୀପଗଡ଼, ପାରାଦୀପ
ଆବିର୍ଭାବ: ୧୪।୧୧।୧୯୫୭
ତିରୋଧାନ: ୧୧।୧୨।୨୦୦୬
ଆଜି ଆପଣଙ୍କର ୧୩ତମ ଶ୍ରାଦ୍ଧବାର୍ଷିକୀରେ ଆମ୍ଭେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଦିଗ୍‌ଦର୍ଶନ ଆମ୍ଭପାଇଁ ପ୍ରେରଣାର ଉତ୍ସ ହେଉ।
ଶୋକସନ୍ତପ୍ତ:
ପତ୍ନୀ: ରମାଦେବୀ ବେହେରା, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୫୬୫୪

**ଏକାଦଶାହ ଉପଲକ୍ଷେ**



୰ଗଜେନ୍ଦ୍ର ବେହେରା
ବରିମୁଣ୍ଡ, ଫୁଲନଖରା
ଆବିର୍ଭାବ : ୦୪.୦୬.୧୯୪୬
ତିରୋଧାନ : ୦୧.୧୨.୨୦୧୯
ତୁମର ପ୍ରେରଣା ତଥା ଧର୍ମବାଣୀ ଆମ୍ଭମାନଙ୍କ ସଂସାର ଜୀବନରେ ପାଥେୟ ହେବ। ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ଯେଉଁଠି ଥାଅ ଭଲରେ ଥାଅ।
ତୁମର ପୁତ୍ର - ଶ୍ୟାମସୁନ୍ଦର ବେହେରା, ବୋହୂ-ସ୍ୱର୍ଣ୍ଣଲତା ବେହେରା, ଭଣଜା-ଗନ୍ଧର୍ବ ବେହେରା, ଝାରପଡ଼ା, ଝିଅ-କାଳନ୍ଦି ବେହେରା, ପାଣ୍ଡରା, ଭ୍ରାତା-ସୁରେନ୍ଦ୍ର ବେହେରା, ପୁରୁଷୋତ୍ତମ ବେହେରା, ବରିମୁଣ୍ଡ ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୫୬୫୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତା ରାଜଶ୍ରୀ କର (ଇରିନା)
ଆବିର୍ଭାବ: ୧୭।୦୬।୧୯୬୮
ତିରୋଧାନ: ୦୩।୧୨।୨୦୧୭
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ତୁମର ସ୍ୱଳ୍ପ ସମୟର ଅଭୁଲା ସ୍ମୃତି, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ନିଷ୍ଠାପରତା, ଦିଗ୍‌ଦର୍ଶନ ଓ ପରୋପକାରିତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବିଶ୍ୱଜିତ୍ କର (ମୁନା), ହତଭାଗ୍ୟ ସ୍ୱାମୀ: ବ୍ରିଜ୍‌ରାଜ୍ କର (କିତ୍), ସୁପୁତ୍ର, ପାର୍ବତୀପୁର, ଲୋକନାଥଘାଟ, ପୁରୀ
ଧ-୬୮୫୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରାଜଲକ୍ଷ୍ମୀ ବେହେରା
ଆଙ୍କୋ, ରୂପସା, ବାଲେଶ୍ୱର
ଆବିର୍ଭାବ: ୩୧।୦୫।୧୯୪୭
ତିରୋଧାନ: ୦୧।୧୨।୨୦୧୯
ଆପଣଙ୍କ ଅମଳିନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ଶ୍ରୀ ସତ୍ୟସାଇଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ।
ଶୋକସନ୍ତପ୍ତ:
ସ୍ୱାମୀ: ଗଗନ ବିହାରୀ ବେହେରା, ପୁତ୍ର: ମନୋଜ ଓ ମାନସ, ପୁତ୍ରବଧୂ: ସୌଭାଗ୍ୟଲକ୍ଷ୍ମୀ ଓ ସତ୍ୟବତୀ, ନାତି: ଶୁଭମ୍, ନାତୁଣୀ: ରୀତୁ ଓ ଶୀତୁ, ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ।
ଧ-୧୫୬୫୩

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସଲିଳ କୁମାର ମହାଜନ (ନାୟକ)
ଶ୍ରୀକ୍ଷେତ୍ର କଲୋନୀ EWS-10(SKC/15) ପୁରୀ-୨
ଆବିର୍ଭାବ: ୧୦।୧୦।୧୯୬୭
ତିରୋଧାନ: ୧୧।୧୨।୨୦୧୧ (ଶ୍ରୀକ୍ଷେତ୍ର)
ଚାହୁଁ ଚାହୁଁ ଆଠବର୍ଷ ବିତିଗଲାଣି। ତୋର ଅଭାବ ପ୍ରତି ମୁହୂର୍ତ୍ତରେ ଉପଲବ୍ଧ ହେଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ କମଳରେ, ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରିବାର ସହିତ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବାପା: ଲକ୍ଷ୍ମୀଧର ନାୟକ ଓ ପରିବାରବର୍ଗ। ଦୁଇଭାଇ: ଜ୍ଞାନପ୍ରକାଶ (ଗୁଲୁ) ଓ ଜ୍ୟୋତିପ୍ରକାଶ (ଲୁଲୁ), ଦୁଇ ଭାଇବୋହୂ: ମୀନତି (ନିତୁ) ଓ ଶୋଭନା (ଶୋନୁ), ଦୁଇ ଭ୍ରାତୃଷ୍ପୁତ୍ର: ନିଶାନ୍ତ (ନିକୁ) ଓ ଏକଲବ୍ୟ (ଚିକୁ), ଭ୍ରାତୃଷ୍ପୁତ୍ରୀ: ଚିତ୍ରୋତ୍ପଳା (ଚିନୁ)
ଧ-୧୫୬୫୧

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଶ୍ରୀଯୁକ୍ତ ଲିଙ୍ଗରାଜ ସାହୁ
ଆବିର୍ଭାବ: ୧୬।୧୧।୧୯୫୪
ତିରୋଧାନ: ୦୧।୧୨।୨୦୧୯
ଆପଣଙ୍କ ଅକାଳ ବିୟୋଗ ଆମ ପାଇଁ ଗ୍ରହଣୀୟ ନ ହେଲେ ବି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୫୮୭


# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ: ଆଡାମାସ ଚାମ୍ପିୟନ

**ଭୁବନେଶ୍ୱର, ୧୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ଥିତ ଭଲିବଲ ଗ୍ରାଉଣ୍ଡରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ମଙ୍ଗଳବାର ଶେଷ ହୋଇଛି। ଏଥିରେ ଆଡାମାସ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ କୋଲକାତା ରନର୍ସଅପ୍ ହୋଇଛି। ରବୀନ୍ଦ୍ର ଭାରତୀ ତୃତୀୟ ସ୍ଥାନରେ ରହିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ପୁରସ୍କାର ବିତରଣ ଉତ୍ସବରେ ସାଇ ରିଜିଓନାଲ ଡାଇରେକ୍ଟର ଶିବ ଶର୍ମା, ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି (ଏଆଇୟୁ)ର କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସମ୍ପାଦକ ବଳଜିତ୍ ସିଂ ଶେଖୋଁ, ଏଆଇୟୁ ଅବଜରଭର ନୀଳକମଳ ରାୟ, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟ ୭ତାରିଖରୁ ଆରମ୍ଭ ହୋଇଥିଲା।

## ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନ ଜାନୁୟାରୀ ୧୨ରେ

# ମୋଟ୍ ପୁରସ୍କାର ରାଶି ୮.୬୪ ଲକ୍ଷ

**ଭୁବନେଶ୍ୱର, ୧୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନ୍‌ର ୫ମ ସଂସ୍କରଣ ଜାନୁୟାରୀ ୧୨ରେ ଅନୁଷ୍ଠିତ ହେବ। ଟାଟା ଷ୍ଟିଲ୍ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ମାରାଥନର ପ୍ରଥମ ସଂସ୍କରଣ ୨୦୧୬ରେ ଆରମ୍ଭ ହୋଇଥିଲା। ଏହାପରଠାରୁ ପ୍ରତିବର୍ଷ ଜାନୁୟାରୀ ୧୨ରେ ନ୍ୟାଶନାଲ ୟୁଥ୍ ଡେ ଉପଲକ୍ଷେ ଟାଟା ଷ୍ଟିଲ୍ ପକ୍ଷରୁ ଏକ ସୁସ୍ଥ ଓ କ୍ରିୟାଶୀଳ ଜୀବନଶୈଳୀର ପ୍ରସାର ପାଇଁ ଏହି ମାରାଥନ ଦେଶର ବିଭିନ୍ନ ସ୍ଥାନର ଲୋକଙ୍କ ପାଇଁ ଏକ ମଞ୍ଚ ପ୍ରଦାନ କରିବ। ଏଥିରେ ମୋଟ୍ ୮.୬୪ ଲକ୍ଷ ଟଙ୍କା ପୁରସ୍କାର ରାଶି ରଖାଯାଇଛି।

ଏହି ଅବସରରେ ଟାଟା ଷ୍ଟିଲ କର୍ପୋରେଟ୍ ସର୍ଭିସେସ୍ ଭାଇସ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ କହିଛନ୍ତି, "ଓଡ଼ିଶା ସରକାରଙ୍କ ସହ ମିଶି ଆଉ ଥରେ ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍ ଆୟୋଜନ କରୁଥିବାରୁ ଆମେ ବହୁତ ଖୁସି। ଭୁବନେଶ୍ୱରକୁ ଦେଶର ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ବିକଶିତ ହେବାର ଦେଖି ବହୁତ ଖୁସି ଲାଗୁଛି"।

ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନକୁ ୩ଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ଦୌଡ଼ ପ୍ରତିଯୋଗିତାରେ ବିଭକ୍ତ କରାଯାଇଛି। ହାଫ୍ ମାରାଥନ (୨୧.୦୯୭୫ କି.ମି), ୧୦ କି.ମି ଓ ୫ କି.ମି. ଦୌଡ଼। ହାଫ୍ ମାରାଥନ୍‌ରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ସେହିଭଳି ୧୫ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ପାଇଁ ୧୦ କି.ମି. ଏବଂ ୧୨ ରୁ ୧୬ ବର୍ଷ ବୟସର ବାଳିକା ଓ ବାଳକଙ୍କ ପାଇଁ ୫ କିଲୋମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଭୁବନେଶ୍ୱର ହାଫ୍ ମାରାଥନ୍‌ର ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ୮୩୦ ପ୍ରତିଯୋଗୀ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିସାରିଛନ୍ତି। ଉତ୍ସାହୀ ପ୍ରତିଯୋଗୀ ହାଫ୍ ମାରାଥନ ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ୱେବସାଇଟ୍ www.tatasteelbbsr-run.com ଜରିଆରେ ଡିସେମ୍ବର ୩୦ ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ। ତେବେ ସର୍ବାଧିକ ୫୦୦୦ ଲୋକ ଏଥିପାଇଁ ପଞ୍ଜୀକରଣ କରିବେ। ପ୍ରଥମେ ପଞ୍ଜୀକରଣ କରିଥିବା ଲୋକମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଟାଟା ଷ୍ଟିଲ୍ ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି। ହାଫ୍ ମାରାଥନ୍ ପାଇଁ ପଞ୍ଜୀକରଣ ମୂଲ୍ୟ ୩୦୦ ଟଙ୍କା ରଖାଯାଇଥିବାବେଳେ ୧୦ କି.ମି. ଓ ୫ କି.ମି. ପାଇଁ ଯଥାକ୍ରମେ ୨୦୦ ଓ ୧୦୦ ଟଙ୍କା ରଖାଯାଇଛି। ସମସ୍ତ ପ୍ରତିଯୋଗୀମାନଙ୍କୁ ଟି-ଶାର୍ଟ, ବି.ଆଇ.ବି. ଚିପ୍ ଓ ସଂଖ୍ୟା ପ୍ରଦାନ କରାଯିବ। ଏଥିସହିତ ଆନ୍ତର୍ଜାତିକ ମାନ୍ୟତା ଅନୁସାରେ ଟାଟା ଷ୍ଟିଲ ହାଫ୍ ମାରାଥନ୍‌ରେ ଦୌଡ଼ ହେଉଥିବା ମାର୍ଗରେ ଟାଇମିଂ ମ୍ୟାଟ୍ସ ଓ ଏହାର ନିୟନ୍ତ୍ରଣ ଶାଖା, ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ୍ (ଆରଏଫ୍‌ଆଇଡି) ଚିପ୍, ଦୌଡ଼ିବା ମାର୍ଗରେ ବିଭାଜିତ ସମୟ ମ୍ୟାଟସ୍, ଟ୍ରାକିଂ କ୍ୟାମେରା ଏବଂ ୱାଇ-ଫାଇ ନେଟ୍‌ୱର୍କ ପରି ଶ୍ରେଷ୍ଠ ପ୍ରଯୁକ୍ତି ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍ ୨୦୨୦ର ଟି-ଶାର୍ଟକୁ ଉନ୍ମୋଚନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଯୁଗ୍ମ ସଚିବ ମନୋଜ କୁମାର ପାଢୀ, ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ୍ ସର୍ଭିସେସ୍ ମହାପ୍ରବନ୍ଧକ ଆର୍. ଆର୍. ଶତପଥୀ, ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ଖବରଦାତା ସମ୍ମିଳନୀରେ ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନ ଜର୍ସି ଉନ୍ମୋଚନ କରାଯାଉଛି।

### ପୁରସ୍କାର ରାଶି (ପୁରୁଷ ଓ ମହିଳାଙ୍କ ଲାଗି ସମାନ)

| ସ୍ଥାନ | ହାଫ୍ ମାରାଥନ | ୧୦ କିମି | ୫ କିମି |
|---|---|---|---|
| ପ୍ରଥମ | ଏକ ଲକ୍ଷ | ୫୧ ହଜାର | ୧୧ ହଜାର |
| ଦ୍ୱିତୀୟ | ୭୫ ହଜାର | ୩୧ ହଜାର | ୮ ହଜାର |
| ତୃତୀୟ | ୫୧ ହଜାର | ୨୧ ହଜାର | ୭ ହଜାର |
| ୪ର୍ଥ | ୩୧ ହଜାର | ୧୫ ହଜାର | ୫ ହଜାର |
| ୫ମ | ୧୧ ହଜାର | ୧୧ ହଜାର | ୪ ହଜାର |




## ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ କାରାଦଣ୍ଡ
### ୨୦ ହଜାର ଟଙ୍କା ଜରିମାନା

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ):** ଜଣେ ୧୨ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ମଙ୍ଗଳବାର ଭୁବନେଶ୍ୱର ଏଡିଜେ-୪ ତଥା ପୋକ୍‌ସୋ କୋର୍ଟ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ ମାସ ଜେଲ୍ ଭୋଗିବାକୁ କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି। ବିଚାରପତି ସତ୍ୟରଞ୍ଜନ ପ୍ରଧାନ ୧୨ଜଣ ସାକ୍ଷୀ ଓ ୨୨ ଡକ୍ୟୁମେଣ୍ଟ ଆଧାରରେ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ନୀଳାଦ୍ରିବିହାର ପଣ୍ଡାପାର୍କର ସଞ୍ଜୟ ନାୟକ। ମାମଲାରୁ ପ୍ରକାଶ ଯେ, ପୀଡିତା ନାବାଳିକା ଜଣକ ପରିବାର ସହ ସ୍ଥାନୀୟ ଅଞ୍ଚଳରେ ରହୁଥିଲେ। ୨୦୧୫ରେ ନାବାଳିକା ଜଣକ ନିଜ ଭାଇଙ୍କ ସହ ଘର ଆଗରେ ଖେଳୁଥିଲେ। ଅଭିଯୁକ୍ତ ସଞ୍ଜୟ ବାହାନା କରି ତାଙ୍କୁ ସାଇକେଲରେ ବସାଇ ବୁଲିବାକୁ ନେଇଥିଲେ। ଘରଠାରୁ କିଛି ଦୂର ଏକ ନିଛାଟିଆ ସ୍ଥାନରେ ତାଙ୍କୁ ବଳାତ୍କାର କରିଥିଲେ। ପୀଡିତା ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ପରେ ଏନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ମହିଳା ଥାନା ପୋଲିସ୍ କେସ୍ ନଂ-୨୫୩/୧୫ ଦଫା ୩୭୬(ଆଇ)(୨) ଲଗାଇ ସଞ୍ଜୟଙ୍କୁ ଗିରଫ କରିଥିଲା।




## ଶ୍ରୀମନ୍ଦିର ସୁରକ୍ଷା ଜୋନ
## ଦିଆଗଲାଣି ୧୯୬ କୋଟି କ୍ଷତିପୂରଣ

**ପୁରୀ ଅଫିସ, ୧୦।୧୨:** ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଜମି ଅଧିଗ୍ରହଣ ଏବଂ ଉଚ୍ଛେଦ କାର୍ଯ୍ୟ ଏକାସଙ୍ଗରେ ଚାଲିଛି। ପ୍ରତ୍ୟକ୍ଷ ଜମି କିଣାର ଯେଉଁ ସମୟ ଅବଧି ରହିଥିଲା ତାହା ସୋମବାର ଶେଷ ହୋଇଛି। ଏହି ସମୟ ମଧ୍ୟରେ ସୁରକ୍ଷା ଜୋନରେ ଥିବା ମୋଟ ୧୭୮ ଘରୋଇ ପ୍ଲଟ ମଧ୍ୟରୁ ୧୩୧ଟିର ସେଲ୍‌ଡିଡ ସରିଛି। ବଳକା ପ୍ଲଟ ମଧ୍ୟରୁ କେତେକ ପ୍ଲଟର ସେଲ୍‌ଡିଡ ପାଇଁ କାଗଜପତ୍ର ପ୍ରସ୍ତୁତ ହୋଇସାରିଛି। ସେମାନଙ୍କର ଖୁବ୍ ଶୀଘ୍ର ବିକ୍ରି କବଲା କରାଯିବ। ଏହାପରେ ଯେଉଁ ବଳକା ଜମି ରହିଛି ତାହାକୁ ସରକାରଙ୍କ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ଅଧିଗ୍ରହଣ କରାଯିବ। ତେବେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ ଏକର ଘରୋଇ ଜମିର ହସ୍ତାନ୍ତର ସରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଯେଉଁମାନେ ମହାପ୍ରଭୁଙ୍କ ପାଇଁ ଜମି ଦେଉଛନ୍ତି ସେମାନଙ୍କୁ କ୍ଷତିପୂରଣ ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ସୁରକ୍ଷା ଜୋନରେ ଜମି ଅଧିଗ୍ରହଣ ପାଇଁ ପ୍ରାୟ ୧୯୬ କୋଟି ଟଙ୍କା କ୍ଷତିପୂରଣ ସହାୟତା ପ୍ରଦାନ କରାଯାଇଥିବା ଶ୍ରୀମନ୍ଦିର ସୁରକ୍ଷା ବଳୟ ଜମି ଅଧିଗ୍ରହଣ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

## ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ

**ପୁରୀ ଅଫିସ, ୧୦।୧୨:** ସମୁଦ୍ରରେ ବୁଡ଼ିଯାଇ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହାରାଷ୍ଟ୍ର ନାସିକର କିଶୋର ଜଗଦଲାଇ। ମଙ୍ଗଳବାର ଅପରାହ୍ନରେ ସେ ଗାନ୍ଧୀଘାଟ ସମ୍ମୁଖରେ ସମୁଦ୍ରରେ ଗାଧୋଉଥିବାବେଳେ ଭାସିଯାଇଥିଲେ। ଲାଇଫଗାର୍ଡମାନେ ତାଙ୍କୁ ଉଦ୍ଧାର କରି ସଦର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମୁଦ୍ରକୂଳ ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ମାମଲା ରୁଜୁ କରିଛି।

## ପଶୁପତିନାଥ ମନ୍ଦିରରେ ଚତୁର୍ଦ୍ଧା ବିଗ୍ରହ



**ଭୁବନେଶ୍ୱର ୧୦।୧୨ (ବ୍ୟୁରୋ):** ନେପାଳ କାଠମାଣ୍ଡୁସ୍ଥିତ ପଶୁପତିନାଥ ମନ୍ଦିରରେ ଏବେ ପୂଜା ପାଉଛନ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ। ଗତ ୭ ଓ ୮ ତାରିଖ ସ୍ୱାମୀ ଦିବ୍ୟାନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ ପୁରୀର ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା। ପୁରୀ ମନ୍ଦିରର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ମହାପାତ୍ର, ମନ୍ଦିର ସେବକ ନୀଳମଣି ଗୁରୁ, ମୁକ୍ତି ମଣ୍ଡପର ପ୍ରମୁଖ ସଦସ୍ୟ ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, ଶ୍ରୀମନ୍ଦିର ପରିଚାଳନା ସମିତି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, ପଣ୍ଡିତ ସୁଧାକର ମହାପାତ୍ର ପ୍ରମୁଖ ଯୋଗଦେଇ ପଶୁପତିନାଥ ମନ୍ଦିର ମୁଖ୍ୟ ପୂଜକଙ୍କ ପୂଜାଗୃହରେ ଚତୁର୍ଦ୍ଧା ବିଗ୍ରହଙ୍କୁ ପ୍ରତିଷ୍ଠା କରାଇଥିଲେ। ନେପାଳ ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ଜଗନ୍ନାଥ ମନ୍ଦିର ପାଇଁ ଜମି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଏକ ଆନ୍ତର୍ଜାତିକ କର୍ମକାଣ୍ଡ କର୍ମଶାଳା ପଶୁପତିନାଥ ମନ୍ଦିରସ୍ଥିତ ଶଙ୍କରାଚାର୍ଯ୍ୟ ମଠ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୪୦ଜଣ ପ୍ରତିନିଧି ଯୋଗଦେଇ ମତ ରଖିଥିଲେ। ଅନ୍ୟପକ୍ଷରେ କାଠମାଣ୍ଡୁର ବସୁନ୍ଧରା ଛକ ନିକଟରେ ଗୁରୁ ଦିବ୍ୟାନନ୍ଦ ସରସ୍ୱତୀଙ୍କ ଆଶ୍ରମ ଉଦ୍‌ଘାଟିତ ହୋଇଥିଲା। ଓଡ଼ିଶାରୁ ଯାଉଥିବା ଭକ୍ତଙ୍କ ପାଇଁ ଏଠାରେ ରହିବାର ବ୍ୟବସ୍ଥା କରାଯାଇଛି।




### ବେଆଇନ ଚିଙ୍ଗୁଡ଼ି ଘେରି ମାମଲା
## କାର୍ଯ୍ୟାନୁଷ୍ଠାନ ନେବେ ସ୍ୱତନ୍ତ୍ର ଅଧିକାରୀ

**କଟକ ଅଫିସ, ୧୦।୧୨:** ବେଆଇନ ଚିଙ୍ଗୁଡ଼ି ଘେରିକୁ ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବେଆଇନ ଭାବେ ଘେରି କରିଥିବା ବ୍ୟକ୍ତିଙ୍କ ବିରୋଧରେ ଏଣିକି ମାମଲା ରୁଜୁ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ସରକାର ନିଯୁକ୍ତ କରିବେ। ଚେନ୍ନାଇସ୍ଥିତ କୋଷ୍ଟାଲ ଆକ୍ୱାକଲ୍‌ଚର କର୍ତ୍ତୃପକ୍ଷଙ୍କୁ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି ନିମନ୍ତେ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି। ଚିଲିକା ଓ ଭିତରକନିକାରେ ବେଆଇନ ଚିଙ୍ଗୁଡ଼ି ଘେରି ସଂକ୍ରାନ୍ତ ମାମଲାରେ ରାଜ୍ୟ ସରକାର ମଙ୍ଗଳବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରି ଉପରୋକ୍ତ ତଥ୍ୟ ରଖିଛନ୍ତି। ସରକାରଙ୍କ ପକ୍ଷରୁ ପରିବେଶ ବିଭାଗ ନିର୍ଦ୍ଦେଶକ କେ. ମୃଗସେନ୍ ଏହି ରିପୋର୍ଟ ଦାଖଲ କରିଥିଲେ। ରିପୋର୍ଟରେ ଦର୍ଶାଯାଇଛି, ବେଆଇନ ଘେରି ଉପରେ ନଜର ରଖିବା ପାଇଁ ଉପଗ୍ରହରୁ ଚିତ୍ର ଉତ୍ତୋଳନ ବ୍ୟବସ୍ଥା କରାଯାଉଛି। ଏଣିକି ଏ ନେଇ ଯେଉଁ ସବୁ ବୈଠକ ବସିବ ସେଥିରେ ସମ୍ପୃକ୍ତ ଜିଲାପାଳମାନେ ଯୋଗ ଦେବେ। ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନିମନ୍ତେ ନିଯୁକ୍ତ ହେବାକୁ ଥିବା ସ୍ୱତନ୍ତ୍ର ଅଧିକାରୀଙ୍କର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଭଳି କ୍ଷମତା ରହିବ। ଏହା ବଳରେ ସ୍ୱତନ୍ତ୍ର ଅଧିକାରୀ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିପାରିବେ। ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ପରେ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ନିମନ୍ତେ ଜାନୁୟାରୀ ୬ ତାରିଖକୁ ଦିନଧାର୍ଯ୍ୟ କରାଯାଇଛି। ସେହିଦିନ ସରକାର ଘେରି ଉଚ୍ଛେଦ ସ୍ଥିତି ସମ୍ପର୍କରେ ରିପୋର୍ଟ ଦାଖଲ କରିବେ।

### ହାଇକୋର୍ଟରେ ପଶ୍ଚିମ ଓଡ଼ିଶା ବନ୍ଦ ମାମଲା
## ଜବାବ ଦାଖଲ କଲେ ସରକାର

**କଟକ ଅଫିସ,୧୦।୧୨:** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସେଠାରେ ଓକିଲମାନେ ଆନ୍ଦୋଳନ ଚଳାଇଥିବାରୁ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ରହୁଛି। ଏ ସମ୍ପର୍କରେ ହାଇକୋର୍ଟ ପୂର୍ବରୁ ସରକାରଙ୍କୁ ରିପୋର୍ଟ ମାଗିଥିଲେ। ପରିସ୍ଥିତି ଠିକ ଥିବା ସରକାର ଦର୍ଶାଇଥିଲେ। ମାତ୍ର ଆନ୍ଦୋଳନ ଯୋଗୁ ସେଠାରେ ଆୟକର କାର୍ଯ୍ୟାଳୟର କାମ ବାଧାପ୍ରାପ୍ତ ହେଉଥିବା ବିଭାଗ କୋର୍ଟଙ୍କୁ ଅବଗତ କରାଇଥିଲା। ବିଭାଗର ଏଭଳି ସତ୍ୟପାଠ ପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରକୃତ ସ୍ଥିତି ସମ୍ପର୍କରେ ଜଣାଇବାକୁ ପୂର୍ବ ଶୁଣାଣିରେ ଆଦେଶ ଦେଇଥିଲେ। ଏହି ଅନୁଯାୟୀ ମଙ୍ଗଳବାର ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ ପରିଜା କୋର୍ଟଙ୍କୁ ଦର୍ଶାଇଥିଲେ ଯେ, ପଶ୍ଚିମ ଓଡ଼ିଶା ଓକିଲଙ୍କ ଆନ୍ଦୋଳନକୁ ନେଇ ସୁପ୍ରିମ୍‌କୋର୍ଟରେ ଏକ ମାମଲା ଚାଲିଛି। ଗତ ୬ତାରିଖରେ ଏହାର ଶୁଣାଣି କରି କୋର୍ଟ କେତେକ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଦୋଳନକାରୀ ଓକିଲଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସଂକ୍ରାନ୍ତରେ ରାଜ୍ୟ ଆଇନଜୀବୀ ପରିଷଦଠାରୁ ଜବାବ ମାଗିଛନ୍ତି। ଆସନ୍ତା ଜାନୁୟାରୀ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ଏହାପରେ ହାଇକୋର୍ଟ ଆସନ୍ତା ଜାନୁୟାରୀ ଶେଷ ସପ୍ତାହକୁ ଆନ୍ଦୋଳନ ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯାଉଛି।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ବନ୍ଧୁକ ଦେଖାଇ କର୍ମଚାରୀଙ୍କ ଠାରୁ ବାଇକ୍ ଲୁଟ୍

ଖୁଣ୍ଟୁଣୀ,୧୦।୧୨(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଦ୍ୱାରାବତୀପୁର ଗ୍ରାମ ହନୁମାନ ମନ୍ଦିର ସମ୍ମୁଖରୁ ଜଣେ କାରଖାନା କର୍ମଚାରୀଙ୍କୁ ୨ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କ ବାଇକ୍ ଲୁଟି ନେଇଛନ୍ତି। ଖବରପାଇ ଖୁଣ୍ଟୁଣୀ ଓ ଘଣ୍ଟଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ଡକାୟତି ଯୋଜନା, ୧୧ ଗିରଫ

ଚୌଦ୍ୱାର,୧୦।୧୨(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତ।

■ପୋଲିସ ପରିଚୟ ଦେଇ ଲୁଟୁଥିଲେ

■ଗୋଟିଏ ଖଣ୍ଡା, କଟୁରି, ୨ଟି ଖୋକା, ୪୦ଗ୍ରାମ ସୁନା ଜବତ

ଡକାୟତି ଯୋଜନା ବେଳେ ଆନ୍ତଃ ରାଜ୍ୟ ଗ୍ୟାଙ୍ଗର ୧୧ ଜଣଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ଜିଲା ଗାନ୍ଧୀନଗର ଥାନା ବସ୍ତି ନଂ-୩ର ଫତେ ସିଂ, ତିନ୍‌ପତି ଥାନା ଅମଲା ଗ୍ରାମର ପୂଜାରୀ ଓ୍ୱାଜା, ଗାନ୍ଧୀନଗର ଥାନା ସିନ୍ଧିମହଲ ଗ୍ରାମର ଦେଓ୍ୱା, ଗୋଦରମୁଣ୍ଡା ଗ୍ରାମର ବନ୍ଟୁ ଗୁଜୁରାଟି, ମହାରାଷ୍ଟ୍ର ଜିଲା ସୁତାରା ଥାନା ନାଥନଗର ଗ୍ରାମର ନିଲେଶ୍ ଦୀପକ କାଲେ, ଗାନ୍ଧୀନଗର ଥାନା ନୟାବସ୍ତି ସେକ୍ଟର-୨ର ବବଲୁ ପାରକ୍ ଚୌହାନ, ପୁରୀ ସମୁଦ୍ରକୂଳ ଥାନା ଅଞ୍ଚଳର ରଘୁବୀର ଅଦ୍ୱାସୀ, ପୁରୀ ରେଲୱେ ଷ୍ଟେଶନ ଅଞ୍ଚଳରେ ରହୁଥିବା ବିରଜୁ ଚନ୍ଦନ ସୋଲାଙ୍କି, କଟକ ଜିଲା ଜଗତପୁର ଥାନା ଷ୍ଟେଶନ ବଜାରର ମନୋଜ ସାହୁ, ମହେନ୍ଦ୍ର କୁମାର ସାହୁ ଓ ଶତ୍ରୁଘ୍ନ ସାହୁ। ସେମାନେ ନିଜକୁ ପୋଲିସ ପରିଚୟ ଦେଇ ଅନେକ ଲୁଟ୍‌ପାଟ୍ କରୁଥିଲେ। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, କଟୁରି, ୨ଟି ଖୋକା, ବିଭିନ୍ନ ପ୍ରକାର ଲକର ଓ ତାଲା ଭାଙ୍ଗିବା ସାମଗ୍ରୀ, ୨ଟି ଟର୍ଚ୍ଚ ଲାଇଟ ସହିତ ୪୦ଗ୍ରାମ ସୁନା ଜବତ କରାଯାଇଛି।

ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଓଟିଏମ୍ ବଜାର ପାଖ ବ୍ୟାଘ୍ରବାହିନୀ ମନ୍ଦିର ନିକଟସ୍ଥ ମୁଣ୍ଡାସାହି ପଡ଼ିଆରେ ସୋମବାର ବିଳମ୍ବିତ ରାତିରେ ପ୍ରାୟ ୧୧ଜଣ ଦୁର୍ବୃତ୍ତ ଏକାଠି ବସି ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇଥିଲେ। ସ୍ପେଶାଲ ସ୍କ୍ୱାଡ୍ ସହିତ ପୋଲିସ ସଦଳବଳ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଦୁର୍ବୃତ୍ତମାନେ ଗୁଳି ଚଳାଇଥିଲେ। ତେବେ କେହି ଆହତ ହୋଇ ନ ଥିବା ଜଣାପଡିଛି। ଅନ୍ଧାରର ସୁଯୋଗ ନେଇ ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ଅନ୍ୟ ୮ଜଣଙ୍କୁ ଧରିଥିଲା। ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉକ୍ତ ୩ଜଣଙ୍କୁ ଧରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୫୦୭/୧୯)ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ଗିରଫ ଅଭିଯୁକ୍ତମାନେ ନିଜକୁ ପୋଲିସର ପରିଚୟ ଦେଇ ଡକାୟତି କରିବା, ଗହଣା ସଫେଇ ଆଳରେ ସୁନା ଅଳଙ୍କାର ଲୁଟ୍ କରିବା ଓ ଅନେକ ସ୍ଥାନରେ ଘର ତାଲା ଭାଙ୍ଗି ଲୁଟ୍ କରିବା ଆଦି ବିଭିନ୍ନ ଅପରାଧରେ ଲିପ୍ତ ଥିବା ସ୍ୱୀକାର କରିଛନ୍ତି।

## ବଜ୍ରକାପ୍ତା ଖୋଜି ବନ କର୍ମଚାରୀ ନାକେଦମ

ଟିଗିରିଆ,୧୦।୧୨(ଡି.ଏନ୍.ଏ.)

ଟିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତର ପାଇକସାହିରୁ ଏକ ବଜ୍ରକାପ୍ତାକୁ ସ୍ଥାନୀୟ ଲୋକ ଧରି ବିକ୍ରି କରିବାକୁ ଯୋଜନା ଚଳାଇଥିଲେ। ଖବରପାଇ ସୋମବାର ଆଠଗଡ଼ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ମାତ୍ର ବନ ବିଭାଗ କର୍ମଚାରୀ ଆସିବା ପୂର୍ବରୁ ସେମାନେ ତାକୁ ଛାଡି ଦେଇଥିବା କହିଛନ୍ତି। ଫଳରେ ଉକ୍ତ ବଜ୍ରକାପ୍ତାକୁ ଖୋଜିବାକୁ ଯାଇ ବନ ବିଭାଗ କର୍ମଚାରୀ ନାକେଦମ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୫ ତାରିଖ ସନ୍ଧ୍ୟାରେ ପାଇକ ସାହିରେ କିଛି ଲୋକ ତାସ୍ ଖେଳୁଥିବାବେଳେ ଏକ ବଜ୍ରକାପ୍ତାକୁ ଦେଖି ତାକୁ ଧରିଥିଲେ । ସେହି ବଜ୍ରକାପ୍ତାଟିକୁ ପାଇକ ସାହିର ଜଣେ ବ୍ୟକ୍ତି ନିଜ ଘରେ ୨ ଦିନ ରଖିବା ପରେ ବିକ୍ରି କରିବା ଉଦ୍ଦେଶ୍ୟରେ ବ୍ୟବସାୟୀଙ୍କ ସହ ଯୋଗାଯୋଗ କରିଥିଲେ । ବିକ୍ରି ଯୋଜନା ସମ୍ପର୍କରେ କୌଣସି ସୂତ୍ରରୁ ଖବରପାଇ ଆଠଗଡ ଡିଏଫଓ ସସ୍ମିତା ଲେଙ୍କାଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀ ପାଇକସାହିରେ ଚଢ଼ାଉ କରି ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କର ଜଣେ ସହଯୋଗୀଙ୍କୁ ଧରିଛନ୍ତି। ମାତ୍ର ଅଭିଯୁକ୍ତମାନେ ବଜ୍ରକାପ୍ତାକୁ ସ୍ଥାନୀୟ ଚନ୍ଦନ ପୋଖରୀ ପାଖରେ ଛାଡିଦେଇଥିବା କହିଥିଲେ। ଫଳରେ ବଜ୍ରକାପ୍ତା ଖୋଜିବାକୁ ଯାଇ ଟିଗିରିଆ ବନପାଳ ରାକେଶ ପ୍ରଧାନଙ୍କ ସମେତ ୧୦ ଜଣ ବନ କର୍ମଚାରୀ ସୋମବାର ସନ୍ଧ୍ୟାରୁ ଉକ୍ତ ଅଞ୍ଚଳରେ ସନ୍ଧାନ ଚଳାଇଛନ୍ତି। ମଙ୍ଗଳବାର ଉକ୍ତ ବଜ୍ରକାପ୍ତାଟି ନିକଟସ୍ଥ ଜେମାଦେଈପୁର ପଞ୍ଚାୟତର ବାସୁଦେବପୁର ଓ ବନମାଳୀପୁର ଅଞ୍ଚଳକୁ ଯାଇଥିବା ସ୍ଥାନୀୟ ଲୋକେ କହିବା ପରେ ବନ କର୍ମଚାରୀମାନେ ସେଠାକୁ ଅନୁସନ୍ଧାନ ଜାରି ରଖିଛନ୍ତି। ଏନେଇ ଡିଏଫଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିଲା।

## ସଂକ୍ଷେପରେ

### ଜିଆର୍‌ଏସ୍ ବଦଳି ମାମଲା ହାଇକୋର୍ଟରେ ପିଡି, ବିଡିଓଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା

କଟକ ଅଫିସ, ୧୦।୧୨: ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ବଦଳିକୁ ନେଇ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଏବଂ ନିଆଳି ବିଡିଓ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଜିଆର୍‌ଏସ୍‌ଙ୍କ ବଦଳି ଉପରେ ହାଇକୋର୍ଟଙ୍କ ରହିତାଦେଶ ରହିଛି। ରହିତାଦେଶ ଅବଧି ମଧ୍ୟରେ ନିଆଳି ବ୍ଲକରେ କାର୍ଯ୍ୟରତ ସୂର୍ଯ୍ୟକାନ୍ତ ସ୍ୱାଇଁ ନାମକ ଗ୍ରାମସେବକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଏହା ବିରୋଧରେ ସ୍ୱାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ପିଡି, ବିଡିଓ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ସହିତ ବଦଳି ଆଦେଶକୁ ପ୍ରତ୍ୟାହାର କରିନେଇଥିବା କୋର୍ଟଙ୍କୁ ଅବଗତ କରିଛନ୍ତି। ସୂଚନାଥାଉ କି, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆଇନ ଅନୁଯାୟୀ ଜିଆର୍‌ଏସ୍‌ମାନଙ୍କୁ ନିଯୁକ୍ତି ଦିଆଯାଇଥାଏ। ଏହି ଆଇନ ଅନୁଯାୟୀ ସରପଞ୍ଚମାନଙ୍କ ହାତରେ ଜିଆର୍‌ଏସ୍‌ଙ୍କ ବଦଳି କ୍ଷମତା ଦିଆଯାଇଥିଲା। ମାତ୍ର ରାଜ୍ୟ ସରକାର ଏହି ଆଇନରେ ପରିବର୍ତ୍ତନ ଆଣି ଜିଆର୍‌ଏସ୍‌ଙ୍କ ନିଯୁକ୍ତି ଓ ବଦଳି କ୍ଷମତା ଜିଲାପାଳଙ୍କ ହାତରେ ନ୍ୟସ୍ତ କରିଥିଲେ। ସରକାରଙ୍କ ଏଭଳି ପଦକ୍ଷେପକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା।

### ଶିଶୁଆ ରାସ୍ତା ଅବସ୍ଥା ଶୋଚନୀୟ

ସାଲେପୁର,୧୦।୧୨(ଡି.ଏନ୍.ଏ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଶିଶୁଆ ପଞ୍ଚାୟତସ୍ଥିତ କଟକ-ଚାନ୍ଦବାଲି ରାସ୍ତାରୁ ଶିଶୁଆ ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ଶିଶୁଆ, ବାହାରପଡା ଓ ରାଘବପୁର ଗ୍ରାମର ଲୋକେ ନିର୍ଭରଶୀଳ। ମାତ୍ର ରାସ୍ତା ଅବସ୍ଥା ଖରାପଥିବାରୁ ସ୍ଥାନୀୟ ଲୋକେ ଯାତାୟାତ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ରାସ୍ତା ମରାମତି କରାଯାଇ ଏହାକୁ କଂକ୍ରିଟକରଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଦେବରାଜ ସେଠୀ କହିଛନ୍ତି, ରାସ୍ତା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରି ରାସ୍ତା ସମସ୍ୟା ଦୂର କରିବା ଲାଗି ପଦକ୍ଷେପ ନିଆଯିବ।

### ୫୦ବୋତଲ ଦେଶୀମଦ ଜବତ, ଜଣେ କୋର୍ଟ ଚାଲାଣ

ସାଲେପୁର, ୧୦।୧୨(ଡି.ଏନ୍.ଏ): ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ କଟରପା ଗ୍ରାମରେ ମଙ୍ଗଳବାର ପୋଲିସ ଚଢ଼ାଉ କରି ୫୦ ବୋତଲ ଦେଶୀମଦ ଜବତ କରିଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କଟରପା ଗ୍ରାମର ସତ୍ପେଶ୍ୱର ବେହେରା ଓରଫ୍ ସପନା (୪୦)। ଗ୍ରାମରେ ଚୋରାମଦ କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣକବାଟଙ୍କ ନେତୃତ୍ୱରେ ଏକ ଟିମ୍ ମିଳିତଭାବେ ସତ୍ପେଶ୍ୱରଙ୍କ ଘର ଉପରେ ଚଢ଼ାଉ କରି ଦେଶୀମଦ ଜବତ କରିଥିଲା। ଏନେଇ ଥାନା ପକ୍ଷରୁ ମାମଲା (ନଂ.୩୫୮/୧୯)ରୁଜୁ କରାଯାଇଛି।

## ଦରଦାମ୍ ବୃଦ୍ଧିର ପ୍ରତିବାଦ
# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ, ପ୍ରତିବାଦ ସଭା




ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବଡ଼ମ୍ବା ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ କରାଯାଉଛି।

ବଡମ୍ବା,୧୦।୧୨(ଡି.ଏନ୍.ଏ.)

ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯଥା ପିଆଜ, ଆଳୁ, ତେଲ ଓ ଡାଲି ଆଦିର ଦରଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି। ଏହାର ପ୍ରତିବାଦରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବଡ଼ମ୍ବା ଆଞ୍ଚଳିକ କମିଟି ତରଫରୁ ମଙ୍ଗଳବାର ବଡମ୍ବା ଗାନ୍ଧିଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ବାରମ୍ବାର ଦରଦାମ ବୃଦ୍ଧିଯୋଗୁ ସାଧାରଣ ଜନତାଙ୍କ ମେରୁଦଣ୍ଡ ଦୋହଲି ଯାଇଛି ବୋଲି ପାର୍ଟି ପକ୍ଷରୁ କୁହାଯାଇଛି। ଦରଦାମ୍ ନିୟନ୍ତ୍ରଣ ଉପରେ ତୁରନ୍ତ ପଦକ୍ଷେପ ନିଆ ନଗଲେ ବଡମ୍ବାରେ ଜାନୁୟାରୀ ୮ ତାରିଖରେ ହରତାଳ କରାଯିବ ବୋଲି ପାର୍ଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାଛଡା ବଡମ୍ବାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକ ପଦବୀ ଓ ବ୍ଲକ୍ କାର୍ଯ୍ୟାଳୟରେ ବହୁ ପଦବୀ ଖାଲି ପଡ଼ିଛି। ବଡମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବ୍ୟାହତ ହେଉଛି ବୋଲି ଏହି ପାର୍ଟିର ଆଞ୍ଚଳିକ କମିଟିର କର୍ମକର୍ତ୍ତାମାନେ କହିଛନ୍ତି। ବରିଷ୍ଠ କର୍ମକର୍ତ୍ତା ଦାମୋଦର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟପରିଷଦ ସଦସ୍ୟ ଅଜୟ କୁମାର ସାମନ୍ତରାୟ, କଟକ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି, ନଗର ସମ୍ପାଦକ ବିନୋଦ ବେହେରା, ରାଜ୍ୟ ପରିଷଦ ସଭ୍ୟ ତ୍ରୈଲୋକ୍ୟ ନାଥ, ଜିଲା ପରିଷଦ ସଭ୍ୟ ରଞ୍ଜନ ଓଝା ଓ ବରିଷ୍ଠ ସଦସ୍ୟ ଗୌରାଙ୍ଗ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ମଶାନରେ ହେଉନି ଶବଦାହ
## ଆନ୍ଦୋଳନ ପାଇଁ ଗ୍ରାମବାସୀଙ୍କ ଚେତାବନୀ

ନରସିଂହପୁର,୧୦।୧୨(ଡି.ଏନ୍.ଏ.)

ନରସିଂହପୁର ବ୍ଲକ ଅନ୍ତର୍ଗତ ଚମ୍ପେଶ୍ୱର ଗ୍ରାମରେ ଶ୍ମଶାନ ପାଇଁ ଜାଗା ଥାଇ ସୁଦ୍ଧା ସେଠାରେ ଶବଦାହ କରିହେଉନି। ଏହି ସ୍ଥାନ କିଛି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସୋମବାର ଗ୍ରାମ ସଭାରେ କ୍ଷୋଭ ପ୍ରକାଶ ପାଇଛି। ଆସନ୍ତା ୧୫ ସୁଦ୍ଧା ଏନେଇ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସଭାରେ ଚମ୍ପେଶ୍ୱରର ଗ୍ରାମ ସଭାପତି ତ୍ରିଲୋଚନ ରାଉଳ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶ୍ମଶାନରେ ଶବଦାହ ନିମନ୍ତେ ଅନୁମତି ଦେବାପାଇଁ ଏକ ଲିଖିତ ଦାବିପତ୍ର ପ୍ରସ୍ତୁତ କରାଯାଇ ବିଧାୟକ, କାନପୁର ଥାନା ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇଥିଲା। ଏଥିରେ ଦର୍ଶାଯାଇଛି ଯେ, ଚମ୍ପେଶ୍ୱର ଏକ ରାଜସ୍ୱ ଗ୍ରାମ ଅଟେ। ଏଠାକାର ଗ୍ରାମବାସୀ ଶ୍ମଶାନରେ ଶବଦାହ କରି ନ ପାରି ଘର ବାଡି ପଟେ ଅବା ରାସ୍ତା କଡ଼ରେ ଶବ ଦାହ କରିବାକୁ ବାଧ ହେଉଛନ୍ତି। ପୂର୍ବରୁ ଗ୍ରାମବାସୀ ଶ୍ମଶାନ ଶବ ଦାହ କରୁଥିଲେ ମଧ୍ୟ ଏବେ ଏହା ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସଭାରେ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ନରସିଂହପୁର- କଟକ ମୁଖ୍ୟ ରାସ୍ତାକୁ ଅବରୋଧ କରାଯାଇ ଚମ୍ପେଶ୍ୱର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣଭାବେ ଗଣ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଧରାପଡ଼ିଲେଣି ୩୩,୫୩୫ ଅଯୋଗ୍ୟ ହିତାଧିକାରୀ

କଟକ ଅଫିସ, ୧୦।୧୨:

**ଫନୀ କେଲେଙ୍କାରୀ**

ଫନୀ ବାତ୍ୟା ପରେ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଫନୀ କ୍ଷତିଗ୍ରସ୍ତ ଓ ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନାରେ ଅଗ୍ରାଧିକାର ତାଲିକାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ଏଥିରେ ନିର୍ଦ୍ଦେଶ ରହିଥିଲା। ଏହି ତାଲିକାକୁ ଆଧାରକରି ସମ୍ପୃକ୍ତ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ଯୋଜନାରେ ସାମିଲ କରାଯିବ। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲାର ବିଭିନ୍ନ ବ୍ଲକରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ବ୍ଲକ ପକ୍ଷରୁ ଏକ ସର୍ଭେ କରାଯାଇ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏହି ଅନୁଯାୟୀ ଜିଲାର ୧୪ଟି ବ୍ଲକରୁ ମୋଟ ୧ ଲକ୍ଷ ୨୮ହଜାର ୫୧୭ ଜଣ ଘର ପାଇବା ପାଇଁ ଆବେଦନ କରିଥିଲେ। ମାତ୍ର ଏଥିରେ ବହୁ ଅଯୋଗ୍ୟ ହିତାଧିକାରୀ ସାମିଲ ହୋଇଥିବା ଅଭିଯୋଗ ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ତାହାର ପୁନଃ ତଦନ୍ତ କରାଯାଉଛି। ଏହି ତଦନ୍ତରୁ ଡିସେମ୍ବର ୧୦ ସୁଦ୍ଧା ୩୩ ହଜାର ୫୩୫ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମାହାଙ୍ଗା ବ୍ଲକରୁ ସର୍ବାଧିକ ୧୫ ହଜାର ୩୩୭ ଜଣ ଥିବାବେଳେ ନିଶ୍ଚିନ୍ତକୋଇଲି ବ୍ଲକରୁ ଦ୍ୱିତୀୟ ସର୍ବାଧିକ ୪ହଜାର ୯୮୬ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କଟକ ସଦରରୁ ୩୦୨୦, ଡମପଡ଼ାରୁ ୧୬୮୭, ନିଆଳିରୁ ୧୬୪୪, ନରସିଂହପୁରରୁ ୧୬୪୧, ବଡ଼ମ୍ବାରୁ ୧୪୧୦, ସାଲେପୁରରୁ ୧୧୬୧, ଆଠଗଡ଼ରୁ ୧୦୨୨, ଟାଙ୍ଗୀ-ଚୌଦ୍ୱାରରୁ ୬୫୨, ବାରଙ୍ଗରୁ ୩୮୩, ବାଙ୍କୀରୁ ୨୬୧, ଟିଗିରିଆରୁ ୧୬୨ ଏବଂ କଣ୍ଟାପଡ଼ାରୁ ୧୫୯ ଜଣ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହିତାଧିକାରୀଙ୍କୁ ନେଇ ତାଲିକା ପ୍ରସ୍ତୁତ ହେଉଛି ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜଣେ ଅଧିକାରୀ କହିଛନ୍ତି। ସୂଚନା ଥାଉ କି, ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଏବେ ଜିଲାରେ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ଓ ଫନୀ ସହାୟତାକୁ ନେଇ ବଡ଼ଧରଣର ବିଭ୍ରାଟ ଉପୁଜିଛି। ବିଶେଷକରି ମାହାଙ୍ଗା ତହସିଲ ଅଞ୍ଚଳରେ ହୋଇଥିବା ମହାଦୁର୍ନୀତି ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତହସିଲ କର୍ମଚାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ଫନୀ ସହାୟତା ବଣ୍ଟନରେ ବ୍ୟାପକ ହେରଫେର ହୋଇଛି। ତହସିଲ ଅଞ୍ଚଳର ଜଣେ ହିତାଧିକାରୀଙ୍କ ଆକାଉଣ୍ଟକୁ ଦୁଇଥର ସହାୟତା ରାଶି ପଠାଯିବା ଘଟଣାର ତଦନ୍ତ ଚାଲିଥିବାବେଳେ ଜଣେ କର୍ମଚାରୀଙ୍କ ଶ୍ୱଶୁର ଓ ଶଳା ଫନୀ ସହାୟତା ରାଶି ନେଇଥିବା ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିଛି। ଏବେ ସେଥିରେ ପୁଣି ଅଯୋଗ୍ୟ ହିତାଧିକାରୀ ଯୋଜନାରୁ ଫାଇଦା ନେବା ପାଇଁ ସରକାରୀ କର୍ମଚାରୀଙ୍କ ଜରିଆରେ ଉଦ୍ୟମ କରିବା ଘଟଣା ଧରାପଡ଼ିଛି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ସ୍କିମ୍) ବିଶ୍ୱରାଜ ବିବେକାନନ୍ଦ ନାୟକ କହିଛନ୍ତି, ଫନୀ ସହାୟତା ରାଶି ସହିତ ଆମର କୌଣସି ସମ୍ପର୍କ ନାହିଁ। ତେବେ ଫନୀ ଘରଭଙ୍ଗା ଓ ଚାଳଘର ଦର୍ଶାଇ ଗୃହ ନିର୍ମାଣ ଯୋଜନାରେ କୌଣସି ଅଯୋଗ୍ୟ ହିତାଧିକାରୀଙ୍କୁ ବରଦାସ୍ତ କରା ନ ଯିବାକୁ ପଦକ୍ଷେପ ନିଆଯାଇଛି।

# ବିଦ୍ୟୁତ୍ ତାର ଲାଗି ଶ୍ରମିକ ମୃତ, ରାସ୍ତାରୋକୋ

ନିଶ୍ଚିନ୍ତକୋଇଲି, ୧୦।୧୨(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ବରାଦ ପଞ୍ଚାୟତ ଅନ୍ତର୍ଗତ ଜହ୍ନିଆ ଛକ ନିକଟ ଏକ ଅର୍ଦ୍ଧ ନିର୍ମିତ ଘରେ ପାଣି ଦେବାକୁ ଆସି ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଲଣପୁର ପଞ୍ଚାୟତର ଯତିନ୍ଦ୍ର ସାମଲଙ୍କ ପୁଅ ଆଲୋକ ସାମଲ(୨୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ କଟକ ଚାନ୍ଦବାଲି ରାସ୍ତାକୁ ଦୀର୍ଘ ୪ ଘଣ୍ଟା ଧରି ଅବରୋଧ କରିଥିଲେ। କଟକ-ଚାନ୍ଦବାଲି ରାସ୍ତାକୁ ଲାଗି ଏହି ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣାଧିନ ଘରେ ଆଲୋକ ମୋଟର ଯୋଗେ ପାଣି ଦେବାକୁ ଆସି ଛାତର ସନ୍ନିକଟରେ ଥିବା ୩୩କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସାଲେପୁର ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ଆଲୋକଙ୍କ ମୃତ୍ୟୁ ହୋଇସାରିଥିଲା। ଏହାପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି କଟକ ଚାନ୍ଦବାଲି ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବର ପାଇ ସାଲେପୁର ଥାନା ଆଇଆଇସି ଦେବେନ୍ଦ୍ର ମଲିକ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ଗୃହମାଲିକ ଆର୍ଥିକ ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏନେଇ ଯତିନ୍ଦ୍ର ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲା (ନଂ.୩୫୭/୧୯)ରୁଜୁ କରାଯାଇଛି।

# ୮୩ ମଣ୍ଡିରୁ କିଣାଯାଉନି ଧାନ, ଚିନ୍ତାରେ ଚାଷୀ

ବାଙ୍କୀ,୧୦।୧୨(ବି.ପ୍ର.)



■ବ୍ୟବସାୟୀଙ୍କୁ ଅଳ୍ପ ଦରରେ ବିକ୍ରି କରୁଛନ୍ତି

■ବାଙ୍କୀର ୪୫ ସେବା ସମବାୟ ସମିତିରେ ଧାନ କିଣା ଠପ୍

ବାଙ୍କୀ ଉପଖଣ୍ଡରରେ ଥିବା ଅନେକ ଧାନ ମଣ୍ଡିରେ ଅଦ୍ୟାବଧି ଧାନ କିଣା ଆରମ୍ଭ ହୋଇନି। ଡମପଡା ବ୍ଲକର ଗୋପାଳପୁର ଓ ତାଳବସ୍ତ ସେବା ସମବାୟ ସମିତିରେ ନଭେମ୍ବର ୨୯ରେ ଜିଲା ଯୋଗାଣ ଅଧିକାରୀ ଓ ସହକାରୀ ନିବନ୍ଧକ ଉପସ୍ଥିତ ରହି ପଞ୍ଜୀକୃତ ଚାଷୀଙ୍କ ଠାରୁ ଟୋକନ ମାଧ୍ୟମରେ ସମିତି ଜରିଆରେ ଖରିଫ ଧାନ କିଣିବା ବ୍ୟବସ୍ଥା ଶୁଭାରମ୍ଭ କରିଥିଲେ । ମାତ୍ର ବିଡମ୍ବନାର ବିଷୟ ଏହି ୨ ସମବାୟ ସମିତି ଛଡା ଅବଶିଷ୍ଟ ୮୩ ସେବା ସମବାୟ ସମିତିର ମଣ୍ଡିରେ ଧାନ କିଣା ହୋଇପାରିନାହିଁ । ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲାସ୍ତରୀୟ କ୍ରୟ କମିଟିର ନିଷ୍ପତ୍ତି କ୍ରମେ ନଭେମ୍ବର ୨୯ରୁ ବାଙ୍କୀର ୪୫ ସେବା ସମବାୟ ସମିତି ପରିଚାଳନାରେ ଏବଂ ବାଙ୍କୀ ନିୟନ୍ତ୍ରିତ ବଜାର କମିଟି ସୌଜନ୍ୟରେ ଧାନ କିଣା ଏବେ ଠପ୍ ହୋଇଯାଇଛି । ଫଳରେ ପଞ୍ଜୀକୃତ ଅଞ୍ଚଳର ଚାଷୀଙ୍କ ସମସ୍ୟା ବଢ଼ିଯାଇଛି। ଏଥିଯୋଗୁ ସେମାନେ ଅଭାବୀ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଚାଷୀ ମାନେ ଧାର କରଜ କରି ଖରିଫ୍ ଧାନ ଚାଷ କରିଥିଲେ । ଚଳିତ ବର୍ଷ ୨ ଥର ଲେଖାଏ ବାତ୍ୟା ଓ ମହାନଦୀ ବନ୍ୟା ହେବା ପରେ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଥିଲା। ଏବେ ଚାଷୀ ମଣ୍ଡିରେ ଧାନ ବିକ୍ରି କରି କରଜ ଶୁଝିବାକୁ ବସିଥିବା ବେଳେ ମଣ୍ଡିରେ ଧାନ କିଣା ଯାଉ ନଥିବାରୁ ସେମାନେ ଚିନ୍ତିତ ହୋଇପଡିଛନ୍ତି। ଶିମିଳିପୁର,ହରିରାଜପୁର, ତାଳବସ୍ତ,ଗୋପାଳପୁର ଆଦି ପଞ୍ଚାୟତର ଚାଷୀ ମାନେ ଖଳା ଏବଂ ଘର ବାରଣ୍ଡାରେ ଅମଳ ଧାନ ବସ୍ତା କରି ମଣ୍ଡିରେ ଧାନ ବିକ୍ରି ପାଇଁ ଚାହିଁ ବସିଛନ୍ତି । ଅପରପକ୍ଷେ ଖଳା,ଦୁଆର ବାରଣ୍ଡାରେ କୁହୁଡି କାକର ପଡି ବହୁ ଧାନ ନଷ୍ଟ ହୋଇଯାଉଛି। ଏହାକୁ ଦୃଷ୍ଟିରେ ରଖି ଅସାଧୁ ବ୍ୟବସାୟୀ ଶାଗ ମାଛ ଦରରେ ଚାଷୀଙ୍କ ଠାରୁ ଧାନ କିଣିବା ଆରମ୍ଭ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସେବା ସମବାୟ ସମିତିର ସମ୍ପାଦକ କହିଛନ୍ତି ମାସେ ହେବ ଟାର୍ଗେଟ ଆସିନାହିଁ। ଟୋକନ ଜେନରେଟ୍ ହୋଇନଥିବାରୁ ଧାନ କ୍ରୟ କରିବା ସମ୍ଭବ ହେଉନାହିଁ । ବାଙ୍କୀ ସହକାରୀ ନିବନ୍ଧକ ସେବା ସମବାୟ ସମୂହ ଏହି ଅଭିଯୋଗ ସମ୍ପର୍କରେ କହିଛନ୍ତି, ସରକାରଙ୍କ ପକ୍ଷରୁ ମିଲର୍ସ ଅଥରିଟି ସ୍ଲିପ୍ ଆସି ନ ଥିବାରୁ ମଣ୍ଡିରେ ଚାଷୀଙ୍କୁ ଧାନ କିଣା ପାଇଁ ଟୋକନ ପରିଚାଳନା କରାଯାଇ ପାରୁନାହିଁ ଡିସେମ୍ବର ୧୫ ସୁଧା ଏହା ସ୍ୱାଭାବିକ ହୋଇଯିବ ବୋଲି ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Urgently Required
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact: 9871421149/8144146705

Cuttack Office କାମପାଇଁ
Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

OFFICIALLYJOB
Qualification 10th above
Salary up to Rs. 25,000/-
For BBSR, Cuttack, Puri, Berhampur.
M-9938699963

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705
6372600373

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ ।
Contact Immediately
7978427621

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

BACK OFFICE EXECUTIVE
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :-
recruitments@elmechindia.in

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

WANTED
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ ।
Salary: 30,000/-
Qual: 7th to 10th & above
Contact: 8339922964

DIRECT JOIN JOB
JOB LOCATION BBSR+CTC
•CUSTOMER SERVICE
•DATA ENTRY
•RECEPTION (Back/Office)
•SECURITY GUARD
Mob : 9114090108

WANTED ... WANTED
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ କିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା
Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

VIGEN INDIA REQUIRED
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ନିଶ୍ଚିନ୍ତକୋଇଲି, ୧୦।୧୨(ସ୍ୱ.ପ୍ର):** ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଲଣପୁର ପଞ୍ଚାୟତର ଆଲୋକ ସାମଲ(୨୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ କଟକ-ଚାନ୍ଦବାଲି ରାସ୍ତାକୁ ଦୀର୍ଘ ୪ ଘଣ୍ଟା ଧରି ଅବରୋଧ କରିଥିଲେ। ସାଲେପୁର ଥାନା ପୋଲିସ ଉପସ୍ଥିତିରେ ଗୃହମାଳିକ ଆର୍ଥିକ ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଧରାପଡ଼ିଲେଣି ୩୩,୫୩୫ ଅଯୋଗ୍ୟ ହିତାଧିକାରୀ

**ଫନୀ କେଳେଙ୍କାରୀ**

କଟକ ଅଫିସ, ୧୦।୧୨

ଫନୀ ବାତ୍ୟା ପରେ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଫନୀ କ୍ଷତିଗ୍ରସ୍ତ ଓ ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନାରେ ଅଗ୍ରାଧିକାର ତାଲିକାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ଏଥିରେ ନିର୍ଦ୍ଦେଶ ରହିଥିଲା। ଏହି ତାଲିକାକୁ ଆଧାରକରି ସମ୍ପୃକ୍ତ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ଯୋଜନାରେ ସାମିଲ କରାଯିବ। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲାର ବିଭିନ୍ନ ବ୍ଲକରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ବ୍ଲକ ପକ୍ଷରୁ ଏକ ସର୍ଭେ କରାଯାଇ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏହି ଅନୁଯାୟୀ ଜିଲାର ୧୪ଟି ବ୍ଲକରୁ ମୋଟ ୧ ଲକ୍ଷ ୨୮ହଜାର ୫୧୭ ଜଣ ଘର ପାଇବା ପାଇଁ ଆବେଦନ କରିଥିଲେ। ମାତ୍ର ଏଥିରେ ବହୁ ଅଯୋଗ୍ୟ ହିତାଧିକାରୀ ସାମିଲ ହୋଇଥିବା ଅଭିଯୋଗ ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ତାହାର ପୁନଃ ତଦନ୍ତ କରାଯାଉଛି। ଏହି ତଦନ୍ତରୁ ଡିସେମ୍ବର ୧୦ ସୁଦ୍ଧା ୩୩ ହଜାର ୫୩୫ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମାହାଙ୍ଗା ବ୍ଲକରୁ ସର୍ବାଧିକ ୧୫ ହଜାର ୩୩୭ ଜଣ ଥିବାବେଳେ ନିଶ୍ଚିନ୍ତକୋଇଲି ବ୍ଲକରୁ ଦ୍ୱିତୀୟ ସର୍ବାଧିକ ୪ହଜାର ୯୮୬ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କଟକ ସଦରରୁ ୩୦୨୦, ଡମପଡ଼ାରୁ ୧୬୮୭, ନିଆଳିରୁ ୧୬୪୪, ନରସିଂହପୁରରୁ ୧୬୪୧, ବଡ଼ମ୍ବାରୁ ୧୪୧୦, ସାଲେପୁରରୁ ୧୧୭୧, ଆଠଗଡ଼ରୁ ୧୦୨୨, ଟାଙ୍ଗୀ-ଚୌଦ୍ୱାରରୁ ୬୫୨, ବାରଙ୍ଗରୁ ୩୮୩, ବାଙ୍କୀରୁ ୨୬୧, ତିଗିରିଆରୁ ୧୬୨ ଏବଂ କଣ୍ଟାପଡ଼ାରୁ ୧୫୯ ଜଣ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହିତାଧିକାରୀଙ୍କୁ ନେଇ ତାଲିକା ପ୍ରସ୍ତୁତ ହେଉଛି ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜଣେ ଅଧିକାରୀ କହିଛନ୍ତି। ସୂଚନା ଥାଉ କି, ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଏବେ ଜିଲାରେ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ଓ ଫନୀ ସହାୟତାକୁ ନେଇ ବଡ଼ଧରଣର ବିଭ୍ରାଟ ଉପୁଜିଛି। ବିଶେଷକରି ମାହାଙ୍ଗା ତହସିଲ ଅଞ୍ଚଳରେ ହୋଇଥିବା ମହାଦୁର୍ନୀତି ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତହସିଲ କର୍ମଚାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ଫନୀ ସହାୟତା ବଣ୍ଟନରେ ବ୍ୟାପକ ହେରଫେର ହୋଇଛି। ତହସିଲ ଅଞ୍ଚଳର ଜଣେ ହିତାଧିକାରୀଙ୍କ ଆକାଉଣ୍ଟକୁ ଦୁଇଥର ସହାୟତା ରାଶି ପଠାଯିବା ଘଟଣାର ତଦନ୍ତ ଚାଲିଥିବାବେଳେ ଜଣେ କର୍ମଚାରୀଙ୍କ ଶ୍ୱଶୁର ଓ ଶଳା ଫନୀ ସହାୟତା ରାଶି ନେଇଥିବା ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିଛି। ଏବେ ସେଥିରେ ପୁଣି ଅଯୋଗ୍ୟ ହିତାଧିକାରୀ ଯୋଜନାରୁ ଫାଇଦା ନେବା ପାଇଁ ସରକାରୀ କର୍ମଚାରୀଙ୍କ ଜରିଆରେ ଉଦ୍ୟମ କରିବା ଘଟଣା ଧରାପଡ଼ିଛି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ସ୍କିମ୍) ବିଶ୍ୱରାଜ ବିବେକାନନ୍ଦ ନାୟକ କହିଛନ୍ତି, ଫନୀ ସହାୟତା ରାଶି ସହିତ ଆମର କୌଣସି ସମ୍ପର୍କ ନାହିଁ। ତେବେ ଫନୀ ଘରଭଙ୍ଗା ଓ ଚାଳଘର ଦର୍ଶାଇ ଗୃହ ନିର୍ମାଣ ଯୋଜନାରେ କୌଣସି ଅଯୋଗ୍ୟ ହିତାଧିକାରୀଙ୍କୁ ବରଦାସ୍ତ କରା ନ ଯିବାକୁ ପଦକ୍ଷେପ ନିଆଯାଇଛି।



ଖ୍ରୀଷ୍ଟ ମାସ ଡେ ଉପଲକ୍ଷେ କଟକ ମିଶନ ରୋଡ ପାର୍ଶ୍ୱରେ ଖୋଲିଥିବା ଏକ ଷ୍ଟଲରେ ଗ୍ରାହକମାନେ ଗୃହ ସଜାଇବା ପାଇଁ ଉପକରଣଗୁଡ଼ିକୁ ବୁଲି ଦେଖୁଛନ୍ତି।

## ଘୁଞ୍ଚିଲା ଯୁକ୍ତ ୩ ସେମିଷ୍ଟର ପରୀକ୍ଷା

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ସେମିଷ୍ଟର ପରୀକ୍ଷା ତାରିଖ ଘୁଞ୍ଚାଇବା ଦାବି ନେଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ପରେ ପରୀକ୍ଷା ତାରିଖକୁ ପରିବର୍ତ୍ତନ କରାଯାଇଛି। ବର୍ଷକ ମଧ୍ୟରେ ୩ଟି ସେମିଷ୍ଟରକୁ ବିରୋଧ କରି ଗତ ୫ତାରିଖରେ ଛାତ୍ରୀଛାତ୍ର କୁଳପତିଙ୍କ କାର୍ଯ୍ୟାଳୟକୁ ଘେରିଥିଲେ। ମଙ୍ଗଳବାର ପୁବର୍ନାର କୁଳପତିଙ୍କ କାର୍ଯ୍ୟାଳୟ ଘେରିଥିଲେ। ମଙ୍ଗଳବାର ପୁଣି କୁଳପତିଙ୍କ କାର୍ଯ୍ୟାଳୟକୁ ସେମାନେ ଘେରିଥିଲେ। ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଶରତ ଚନ୍ଦ୍ର ମାଝି ପରୀକ୍ଷା ତାରିଖ ପରିବର୍ତ୍ତନ ନେଇ ଘୋଷଣା କରିଥିଲେ। ଡିସେମ୍ବର ୨୬, ୨୭ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ବାତିଲ କରାଯାଇଛି। ଏହି ପରୀକ୍ଷା ଆସନ୍ତା ୩୦ ଓ ୩୧ ତାରିଖରେ କରାଯିବାକୁ ସ୍ଥିର ହୋଇଛି।

## ମାନବାଧିକାର ଦିବସ ପାଳିତ

କଟକ ଅଫିସ, ୧୦।୧୨

ରାଷ୍ଟ୍ରୀୟ ମାନବାଧିକାର ପରିଷଦ ଓଡ଼ିଶା ଶାଖା ପକ୍ଷରୁ ମଙ୍ଗଳବାର ମାନବାଧିକାର ଦିବସ ପାଳିତ ହୋଇଯାଇଛି। ହାଇକୋର୍ଟର ପ୍ରାକ୍ତନ ବିଚାରପତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜଷ୍ଟିସ ପ୍ରମଥ ପଟ୍ଟନାୟକ ଯୋଗଦେଇ ମାନବ ସମାଜ ସାମ୍ନା କରୁଥିବା ଅସୁବିଧାରୁ କିପରି ବର୍ତ୍ତିପାରିବ ତାହା ବୁଝାଇଥିଲେ। ପରିଷଦର ରାଜ୍ୟ ଅଧ୍ୟକ୍ଷ ଟହଲି ଚରଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ନଟବର ଶତପଥୀ ଓ ସମ୍ମାନିତ ଅତିଥି ଭାବେ ପରିଷଦର ରାଷ୍ଟ୍ରୀୟ ଆବାହକ ସୁକାନ୍ତ ମହାନ୍ତି ମଞ୍ଚାସୀନ ଥିଲେ। ଜଷ୍ଟିସ ଏ.ଏସ୍. ନାଇଡୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ଫିଲ୍ମ ଅଭିନେତା ଉତ୍ତମ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ବାଇକ୍ ଲୁଟ୍

**ଖୁଣ୍ଟୁଣୀ,୧୦।୧୨(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଦ୍ୱାରାବତୀପୁର ଗ୍ରାମ ହନୁମାନ ମନ୍ଦିର ସମ୍ମୁଖରୁ ଜଣେ କାରଖାନା କର୍ମଚାରୀଙ୍କୁ ୨ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କ ବାଇକ୍ ଲୁଟି ନେଇଛନ୍ତି। ଖବରପାଇ ଖୁଣ୍ଟୁଣୀ ଓ ଘଣ୍ଟଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁଯାୟୀ, ଆଠଗଡ଼ ଥାନା କରିକୋଲ ଗ୍ରାମର ଜିଶୁ ପ୍ରସାଦ ପରିଡା ବାଇକ୍ (ଓଆର ୨୪ଏ ୨୦୩୦)ରେ ଅନନ୍ତପୁରଠାରେ ଥିବା କାରଖାନାକୁ ଡ୍ୟୁଟିରେ ଯାଉଥିଲେ। ପୁରୁଣାକଟକ ସମ୍ବଲପୁର ରାସ୍ତାର ଦ୍ୱାରବତୀପୁର ଠାରେ ହଠାତ୍ ଏକ ବାଇକରେ ଦୁଇଜଣ ଦର୍ବୃତ୍ତ ତାଙ୍କ ଗାଡି ଆଗରେ ଗାଡି ରଖିବା ସହ ବନ୍ଧୁକ ଦେଖାଇ ତାଙ୍କ ବାଇକ୍ ଲୁଟି ନେଇ ଫେରାର ହୋଇଯାଇଥିଲେ।

### ଶାଳୀଙ୍କ ଅଶ୍ଲୀଳ ଫଟୋ ଭାଇରାଲ ଧମକ, ଭିଣୋଇ ଗିରଫ

**କଣ୍ଟାପଡ଼ା,୧୦।୧୨(ଡି.ଏନ୍.ଏ.):** ଶାଳୀର ଅଶ୍ଲୀଳ ଫଟୋ ଭାଇରାଲ କରିବା ଧମକ ଦେବା ଅଭିଯୋଗରେ ଓଲଟପୁର ପୋଲିସ ମଙ୍ଗଳବାର ଭିଣୋଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ସମ୍ପର୍କରେ ପୋଲିସ (ନଂ.୯୭/୧୯) ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଭିଣୋଇ ବାହାରକୁ ବୁଲାଇନେବା ବହାନାରେ ତାଙ୍କ ଇଚ୍ଛା ବିରୋଧରେ ବାରମ୍ବାର ବଳାତ୍କାର କରୁଥିଲେ। ଏହା ସହିତ ଉକ୍ତ ସମୟର ଫଟୋ ଉଠାଇ ରଖିଥିଲେ। ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କଲେ ସୋସିଆଲ ମିଡିଆରେ ଅଶ୍ଲୀଳ ଫଟୋ ଭାଇରାଲ କରିଦେବି ବୋଲି ଧମକ ଦେଉଥିଲେ। ତାଙ୍କ ବିଭାଘର ଅନ୍ୟତ୍ର ଠିକ୍ ହୋଇଯିବାରୁ ଏଥିରେ ଭିଣୋଇ କ୍ରୋଧାନ୍ୱିତ ହୋଇ ଜଣେ ସମ୍ପର୍କୀୟ ଭାଇଙ୍କ ହ୍ୱାଟ୍‌ସଆପକୁ ଫଟୋ ପଠାଇବା ସହ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### କୋଇଲା ବୋଝେଇ ଚୋରି ଟ୍ରକ ଜବତ, ୪ଗିରଫ

**ଟାଙ୍ଗୀ(କଟକ)୧୦।୧୨(ଡି.ଏନ୍.ଏ):** ଟାଙ୍ଗୀ ଥାନା ପୋଲିସ କୋଇଲା ବୋଝେଇ ଚୋରି ଟ୍ରକ୍ ଜବତ କରିବା ସହ ମଙ୍ଗଳବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଦିଗି ଗ୍ରାମର ପ୍ରଭାତ ସାମଲ, କଟକ ଜିଲା ମାହାଙ୍ଗା ଥାନା ମାଧପୁର ଗ୍ରାମର ବିଜ୍ଞାନ ଭୂଷଣ ମହାନ୍ତି, ଟାଙ୍ଗୀଥାନା ଭଟ୍ଟିମୁଣ୍ଡା ଗ୍ରାମର ରମେଶ ଚନ୍ଦ୍ର ସାହୁ ଓ ସୁଶୀଳ ସାହୁ। ଅଭିଯୋଗ ଅନୁଯାୟୀ, ଟାଙ୍ଗୀ ଥାନା ଅନ୍ତର୍ଗତ ରାମଗଡ଼ ଗ୍ରାମ ଅଞ୍ଚଳର ନିହାର ରଞ୍ଜନ ବେହେରା ତାଙ୍କ ଟ୍ରକ୍ (ଓଡ଼ି-୦୫ଡବ୍ଲୁ-୩୬୬୬)କୁ ଚୁକ୍ତିଭିତ୍ତିରେ ବୌଦ୍ଧ ଜିଲା ଗମ୍ଭାରିପଦର ଅଞ୍ଚଳର ସଚ୍ଚିଦାନନ୍ଦ ସାହୁଙ୍କୁ ଦେଇଥିଲେ। ଏହି ଟ୍ରକ୍ ଗତ ୮ ତାରିଖରେ ତାଳଚେର ଅନନ୍ତପୁର ମାଇନ୍ସରୁ କୋଇଲା ବୋଝେଇ କରି ଅନୁଗୋଳ ନାଲ୍‌କୋ ଆଲୁମିନିୟମ କମ୍ପାନୀ ଅଭିମୁଖେ ବାହାରିଥିଲା। ନିର୍ଦ୍ଧାରିତ ସମୟରେ ନ ପହଞ୍ଚିବାରୁ ଟ୍ରକ୍ ମାଲିକ ନିହାର ଗତ ୯ତାରିଖରେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୬୫/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ପରମହଂସଦେବଙ୍କ ନୀତିକାନ୍ତିରେ ବିଳମ୍ବ

**କଟକ ସଦର,୧୦।୧୨(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବଙ୍କ ଦୈନନ୍ଦିନ ନୀତିକାନ୍ତିରେ ମଙ୍ଗଳବାର ବିଳମ୍ବ ହୋଇଛି। ଟ୍ରଷ୍ଟ ବୋର୍ଡର ହସ୍ତକ୍ଷେପ ପରେ ନୀତି ସ୍ୱାଭାବିକ ହୋଇ ଅନ୍ନପ୍ରସାଦ ଲାଗି କରାଯାଇଥିଲା। ବ୍ରାହ୍ମଣ ସେବାୟତଙ୍କ ସହ ଟ୍ରଷ୍ଟ ବୋର୍ଡର ଜମିଜମାକୁ ନେଇ ବିବାଦ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଲା ବୋଲି ଆଲୋଚନା ହେଉଛି। ଏହି ବିଭ୍ରାଟ ସଂକ୍ରାନ୍ତରେ ଟ୍ରଷ୍ଟ ବୋର୍ଡ ବୈଠକରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ କହିଛନ୍ତି।



ଦଳିତଙ୍କ ଜମି ହଡ଼ପ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବିରେ ମଙ୍ଗଳବାର ରାଷ୍ଟ୍ରୀୟ ପଛୁଆ ବର୍ଗ ମହାସଂଘ ପକ୍ଷରୁ କଟକ ଭିଜିଲାନ୍ସ ନିର୍ଦ୍ଦେଶକ ଅଫିସ ସମ୍ମୁଖରେ ବିକ୍ଷୋଭ।

## ହାଇକୋର୍ଟରେ ପିଡି, ବିଡିଓଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା

**ଜିଆର୍‌ଏସ୍ ବଦଳି ମାମଲା**

କଟକ ଅଫିସ, ୧୦।୧୨

ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ବଦଳିକୁ ନେଇ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଏବଂ ନିଆଳି ବିଡିଓ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଜିଆର୍‌ଏସ୍‌ଙ୍କ ବଦଳି ଉପରେ ହାଇକୋର୍ଟଙ୍କ ରହିତାଦେଶ ରହିଛି। ରହିତାଦେଶ ଅବଧି ମଧ୍ୟରେ ନିଆଳି ବ୍ଲକରେ କାର୍ଯ୍ୟରତ ସୂର୍ଯ୍ୟକାନ୍ତ ସ୍ୱାଇଁ ନାମକ ଗ୍ରାମସେବକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଏହା ବିରୋଧରେ ସ୍ୱାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ପିଡି, ବିଡିଓ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ସହିତ ବଦଳି ଆଦେଶକୁ ପ୍ରତ୍ୟାହାର କରିନେଇଥିବା କୋର୍ଟଙ୍କୁ ଅବଗତ କରିଛନ୍ତି।

ସୂଚନାଥାଉ କି, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆଇନ ଅନୁଯାୟୀ ଜିଆର୍‌ଏସ୍‌ମାନଙ୍କୁ ନିଯୁକ୍ତି ଦିଆଯାଇଥାଏ। ଏହି ଆଇନ ଅନୁଯାୟୀ ସରପଞ୍ଚମାନଙ୍କ ହାତରେ ଜିଆର୍‌ଏସ୍‌ଙ୍କ ବଦଳି କ୍ଷମତା ଦିଆଯାଇଥିଲା। ମାତ୍ର ରାଜ୍ୟ ସରକାର ଏହି ଆଇନରେ ପରିବର୍ତ୍ତନ ଆଣି ଜିଆର୍‌ଏସ୍‌ଙ୍କ ନିଯୁକ୍ତି ଓ ବଦଳି କ୍ଷମତା ଜିଲାପାଳଙ୍କ ହାତରେ ନ୍ୟସ୍ତ କରିଥିଲେ। ସରକାରଙ୍କ ଏଭଳି ପଦକ୍ଷେପକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା।

## ଯୁବକଙ୍କୁ ମାଡ଼ ଅଭିଯୋଗ

କଣ୍ଟାପଡ଼ା, ୧୦।୧୨(ଡି.ଏନ୍.ଏ.)

କଟକସଦର ଥାନା ଶିଶୋ ଗ୍ରାମର ଅଭିମନ୍ୟୁ ଭୋଇଙ୍କୁ ମାଡ଼ ମରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ମାମଲା (ନଂ.୫୮୫/୧୯)ରୁଜୁ କରି ତଦନ୍ତ ଚଳାଇଛି। ଶିଶୋ ଗ୍ରାମର ଅଭିମନ୍ୟୁ ସ୍କୁଟିରେ ହାଟରୁ ଫେରୁଥିବାବେଳେ ହରିଅନ୍ତା ଗ୍ରାମର ଜଣେ ଯୁବକ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ସ୍କୁଟିକୁ ଭାଙ୍ଗି ଦେଇଥିଲେ। ପୂର୍ବ ଶତ୍ରୁତାରୁ ମାରପିଟ ହୋଇଥିବା ଜଣାପଡିଛି।

## ଯୁବତୀଙ୍କୁ ଅଶ୍ଲୀଳ ବ୍ୟବହାର: ଯୁବକ ଗିରଫ

**କଟକ ଅଫିସ, ୧୦।୧୨:** ଜଣେ ଯୁବତୀଙ୍କ ପ୍ରତି ଅଶ୍ଲୀଳ ବ୍ୟବହାର ଓ ତାଙ୍କ ବାପାଙ୍କୁ ମାଡ଼ ମାରିବା ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ, କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ମଣିସାହି ଛକ ଗୁଡ଼ିଆସାହିର ସରୋଜ ସାହୁ। ପୋଲିସ ତାଙ୍କ ବିରୋଧରେ ଏକ କେସ୍ (ନଂ.୧୮୦/୧୯) ରୁଜୁ କରିଛି।

ଗତ ୩ତାରିଖରେ ସରୋଜ ମଣିସାହି ଛକ ରାସ୍ତାରେ ଯୁବତୀଙ୍କ ପିଛା କରିବା ସହ ତାଙ୍କୁ ଅଟକାଇ ଅଶ୍ଲୀଳ ବ୍ୟବହାର କରି ମଣିସାହି ଛକ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ବାପାଙ୍କୁ ଦେଖି ଯୁବତୀ ଏ ସଂକ୍ରାନ୍ତରେ ଜଣାଇଥିଲେ। ଯୁବତୀଙ୍କ ବାପା ବାରଣ କରିବାରୁ ସରୋଜ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସେହିପରି ନିକଟସ୍ଥ ଏକ ସେଲୁନର ମାଲିକ ବିରୋଧ କରିବାରୁ ସରୋଜ ତାଙ୍କୁ ଗାଳିଗୁଲଜ କରି ଜବରଦସ୍ତ ତାଙ୍କ ଟଙ୍କାବାକ୍ସରୁ ୨ହଜାର ଟଙ୍କା କାଢିନେଇଥିଲେ। ଏ ନେଇ ଯୁବତୀଙ୍କ ବାପା କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ।

## ଡକାୟତି ଯୋଜନା, ୧୧ ଗିରଫ

ଚୌଦ୍ୱାର,୧୦।୧୨(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

- ପୋଲିସ ପରିଚୟ ଦେଇ ଲୁଟୁଥିଲେ
- ଗୋଟିଏ ଖଣ୍ଡା, କଟୁରି, ୨ଟି ଖୋକା, ୪୦ଗ୍ରାମ ସୁନା ଜବତ

ଡକାୟତି ଯୋଜନା ବେଳେ ଆନ୍ତଃ ରାଜ୍ୟ ଗ୍ୟାଙ୍ଗର ୧୧ ଜଣଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ଜିଲା ଗାନ୍ଧୀନଗର ଥାନା ବସ୍ତି ନଂ-୩ର ଫତେ ସିଂ, ତିନ୍‌ପତି ଥାନା ଅମଲା ଗ୍ରାମର ପୂଜାରୀ ଓ୍ୱାଜା, ଗାନ୍ଧୀନଗର ଥାନା ସିନ୍ଧିମହଲ ଗ୍ରାମର ଦେଓ୍ୱା, ଗୋଦରମୁଣ୍ଡା ଗ୍ରାମର ବନ୍ଟୁ ଗୁଜୁରାଟି, ମହାରାଷ୍ଟ୍ର ଜିଲା ସୁତାରା ଥାନା ନାଥ୍‌ନଗର ଗ୍ରାମର ନିଲେଶ୍ ଦୀପକ କାଲେ, ଗାନ୍ଧୀନଗର ଥାନା ନୟାବସ୍ତି ସେକ୍ଟର-୨ର ବବଲୁ ପାରକ୍ ଚୌହାନ, ପୁରୀ ସମୁଦ୍ରକୂଳ ଥାନା ଅଞ୍ଚଳର ରଘୁବୀର ଅଦ୍ୱାସୀ, ପୁରୀ ରେଲୱେ ଷ୍ଟେଶନ ଅଞ୍ଚଳରେ ରହୁଥିବା ବିରଜୁ ଚନ୍ଦନ ସୋଲାଙ୍କି, କଟକ ଜିଲା ଜଗତପୁର ଥାନା ଷ୍ଟେଶନ ବଜାରର ମନୋଜ ସାହୁ, ମହେନ୍ଦ୍ର କୁମାର ସାହୁ ଓ ଶତ୍ରୁଘ୍ନ ସାହୁ। ସେମାନେ ନିଜକୁ ପୋଲିସ ପରିଚୟ ଦେଇ ଅନେକ ଲୁଟ୍‌ପାଟ୍ କରୁଥିଲେ। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, କଟୁରି, ୨ଟି ଖୋକା, ବିଭିନ୍ନ ପ୍ରକାର ଲକର ଓ ତାଲା ଭାଙ୍ଗିବା ସାମଗ୍ରୀ, ୨ଟି ଟର୍ଚ୍ଚ ଲାଇଟ ସହିତ ୪୦ଗ୍ରାମ ସୁନା ଜବତ କରାଯାଇଛି।

ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଓଟିଏମ୍ ବଜାର ପାଖ ବ୍ୟାଘ୍ରବାହିନୀ ମନ୍ଦିର ନିକଟସ୍ଥ ମୁଣ୍ଡାସାହି ପଡ଼ିଆରେ ସୋମବାର ବିଳମ୍ବିତ ରାତିରେ ପ୍ରାୟ ୧୧ଜଣ ଦୁର୍ବୃତ୍ତ ଏକାଠି ବସି ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇଥିଲେ। ସ୍ପେଶାଲ ସ୍କ୍ୱାଡ୍ ସହିତ ପୋଲିସ ସଦଳବଳ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଦୁର୍ବୃତ୍ତମାନେ ଗୁଳି ଚଳାଇଥିଲେ। ତେବେ କେହି ଆହତ ହୋଇ ନ ଥିବା ଜଣାପଡିଛି। ଅନ୍ଧାରର ସୁଯୋଗ ନେଇ ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ଅନ୍ୟ ୮ଜଣଙ୍କୁ ଧରିଥିଲା। ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉକ୍ତ ୩ଜଣଙ୍କୁ ଧରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୫୦୭/୧୯)ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ଗିରଫ ଅଭିଯୁକ୍ତମାନେ ନିଜକୁ ପୋଲିସର ପରିଚୟ ଦେଇ ଡକାୟତି କରିବା, ଗହଣା ସଫେଇ ଆଳରେ ସୁନା ଅଳଙ୍କାର ଲୁଟ୍ କରିବା ଓ ଅନେକ ସ୍ଥାନରେ ଘର ତାଲା ଭାଙ୍ଗି ଲୁଟ୍ କରିବା ଆଦି ବିଭିନ୍ନ ଅପରାଧରେ ଲିପ୍ତ ଥିବା ସ୍ୱୀକାର କରିଛନ୍ତି।

## ମାନବାଧିକାର ଉଲ୍ଲଂଘନ ନେଇ ସଚେତନତା ଜରୁରୀ

**କଟକ ଅଫିସ,୧୦।୧୨:** ଡଗରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୋଟାରି କ୍ଲବ ଅଫ୍ କଟକ ସେଣ୍ଟ୍ରାଲ ଏବଂ ଅଭୀପ୍‌ସାର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସଂଗ୍ରାମ କେଶରୀ ନାୟକ ଯୋଗଦେଇ କହିଥିଲେ, ସାମ୍ପ୍ରତିକ ସମୟରେ ବିଶ୍ୱରେ ଅନେକ କ୍ଷେତ୍ରରେ ମାନବାଧିକାର ଉଲ୍ଲଂଘନ ହେଉଛି। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ଭରତ ବିଶ୍ୱାଳ ଯୋଗଦେଇ କହିଥିଲେ, ନିର୍ଯାତନା, ବଳାତ୍କାରକୁ ରୋକା ନ ଯାଇପାରିଲେ ଭବିଷ୍ୟତରେ ସମାଜ ପ୍ରତି ସଙ୍କଟ ସୃଷ୍ଟି ହେବ। ସମ୍ମାନିତ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ସିଲ ଯୋଗଦେଇଥିବା ବେଳେ ବିଦ୍ୟୁତ କୁମାରୀ ଲାଲା ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ପ୍ରତିମା ବେହେରା, ସୁନିତା ତ୍ରିପାଠୀ, ବିଜୟ କୁମାର ନାଥ, ପ୍ରତିମା ଦାସଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସାଇ ମନ୍ଦିରରୁ ଚୋରି ଉଦ୍ୟମ

**କଟକ ଅଫିସ, ୧୦।୧୨:** କଲେଜ ଛକ ନିକଟ ସାଇମନ୍ଦିରରୁ ଚୋରି ଉଦ୍ୟମ ହୋଇଛି। ସୋମବାର ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ନେବାକୁ ଚେଷ୍ଟା କରିଥିଲେ। ତେବେ ଲୋକଙ୍କ ଚଳପ୍ରଚଳ ଓ କୁକୁର ଭୁକିବା ଯୋଗୁ ସେ ଭୟରେ ପଳାଇଥିଲେ। ମନ୍ଦିରରେ ଲାଗିଥିବା ସିସିଟିଭି କ୍ୟାମେରାରେ ଚୋରି ଦୃଶ୍ୟ କଏଦ ହୋଇଛି। ଏ ନେଇ ମଙ୍ଗଳବାର ସାଇ ମନ୍ଦିର ପୂଜା କମିଟି ପକ୍ଷରୁ ମାଲଗୋଦାମ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି।

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Urgently Required**
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact : 9871421149 / 8144146705

Cuttack Office କାମପାଇଁ Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

**OFFICIALLYJOB**
Qualification 10th above
Salary up to Rs. 25,000/-
For BBSR, Cuttack, Puri, Berhampur.
M-9938699963

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705
6372600373

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ ।
Contact Immediately
7978427621

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

**BACK OFFICE EXECUTIVE**
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :-
recruitments@elmechindia.in

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

**WANTED**
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ ।
Salary: 30,000/-
Qual: 7th to 10th & above
Contact: 8339922964

**DIRECT JOIN JOB**
JOB LOCATION BBSR+CTC
• CUSTOMER SERVICE
• DATA ENTRY
• RECEPTION (Back/Office)
• SECURITY GUARD
Mob : 9114090108

**WANTED ... WANTED**
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୂର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

**VIGEN INDIA REQUIRED**
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ

**ଖୋର୍ଦ୍ଧା ଅଫିସ,:**୧୬ ନଂ. ଜାତୀୟ ରାଜପଥର ଛତ୍ରମା ଛକରେ ମଙ୍ଗଳବାର ଭୋର ସମୟରେ ଟ୍ରାକ୍ଟର ଧକ୍କାରେ ଜିତେନ୍ଦ୍ର ପ୍ରଧାନ(୨୦)ଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଘର ବେଗୁନିଆ ଥାନା ସାରୁଅ ଲୋକନାଥପୁରରେ। ଆହତ ହେଲେ ନିଳନ ନାୟକ। ଘର ନୟାଗଡ ଜିଲାର ଶରଣକୁଳରେ। ବାଇକ୍ ଯୋଗେ ନିଳନ ଓ ଜିତେନ୍ଦ୍ର ଶରଣକୁଳ ଯାଉଥିଲେ। ପଛ ପାଖରୁ ଟ୍ରାକ୍ଟର ଆସି ଧକ୍କା ଦେବାରେ ଉଭୟ ଗୁରୁତର ହୋଇଥିଲେ। ଉଭୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଜିତେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଯୌତୁକ ପାଇଁ ବଧୂହତ୍ୟା

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ,୧୦।୧୨** (ଡି.ଏନ୍.ଏ.):ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଭୃଷୁଣ୍ଡପୁର ଫାଣ୍ଡି କନ୍ତଲବାଇ ପଞ୍ଚାୟତ ବଡତୋଟା ଗାଁରେ ଲକ୍ଷ୍ମୀପ୍ରିୟା ପରିଡା(୨୪)ଙ୍କୁ ମଙ୍ଗଳବାର ଯୌତୁକ ପାଇଁ ଶାଶୁ ଲୋକ ମାରି ଦେଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଟାଙ୍ଗୀ ଥାନା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଦଫା ୪୯୮(ଏ), ୩୦୨, ୩୦୪(ବି), ୩୪, ୪ ଡିପି ଆକ୍ଟରେ ୩୬୫/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ବଡତୋଟା ଗାଁର ଅନାମ ପରିଡା ସେହି ଗାଁର ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ। ଲକ୍ଷ୍ମୀପ୍ରିୟା ୨ୟ ସ୍ତ୍ରୀ ଥିଲେ। ଅଧିକ ଯୌତୁକ ଆଣିବାକୁ ଶାଶୁ ଘରର ଲୋକ ଲକ୍ଷ୍ମୀପ୍ରିୟାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଲକ୍ଷ୍ମୀପ୍ରିୟା ବାପାଙ୍କର ଆର୍ଥିକ ସ୍ଥିତି ଭଲ ନାହିଁ କହିବା ପରେ ଶାରୀରିକ ଓ ମାନସିକ ସ୍ତରରେ ନିର୍ଯାତନା ଆରମ୍ଭ ହୋଇଥିଲା। ତେବେ ମଙ୍ଗଳବାର ଲକ୍ଷ୍ମୀପ୍ରିୟାଙ୍କୁ ଶାଶୁଘର ଲୋକ ମାରି ଫେରାର ହୋଇ ଯାଇଥିବା ଅଭିଯୋଗ

### ଶାଶୁଙ୍କୁ ମାଡ଼ ମାରି ଜ୍ୱାଇଁ ଗଲେ ଜେଲ

**ଖୋର୍ଦ୍ଧା ଅଫିସ,୧୦।୧୨:** ଶ୍ୱଶୁର ଘରେ ଶାଶୁଙ୍କୁ ଜ୍ୱାଇଁ ମାଡ ମାରିଛନ୍ତି। ପୋଲିସ କୁହୁଡି ଗାଁର ଜ୍ୱାଇଁ ପ୍ରମୋଦ ପ୍ରଧାନ(୩୦)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ପ୍ରମୋଦଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରମୋଦ ଶ୍ୱଶୁର ଘର ଟାଙ୍ଗୀ ଥାନା ଅଚ୍ୟୁତପୁରରେ ରହୁଥିଲେ। ଅଧିକାଂଶ ସମୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଲାଗେ। ପ୍ରମୋଦ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ନିର୍ଯାତନା ଦିଅନ୍ତି। ସ୍ତ୍ରୀ ଗର୍ଭବତୀ ଥିଲେ ମଧ କିଛି ଫରକ ପଡୁ ନ ଥିଲା। ଝିଅଙ୍କୁ ମାରପିଟ୍ ନେଇ ପ୍ରତିବାଦ ପରେ ଜ୍ୱାଇଁ ଶାଶୁଙ୍କୁ ମାଡ ମାରି ସୋମବାର ପୂର୍ବାହ୍ନରେ ଆହତ କରିଥିଲେ। ଶାଶୁଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୪୯୮(ଏ), ୩୨୩, ୩୨୪, ୩୫୪, ୩୦୭ରେ ନଂ. ୧୯୪/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଜଳିଗଲା ଉତ୍କଳ ସେବା ଅନୁଷ୍ଠାନ

**ଯାଁଳା,୧୦।୧୨(ଡି.ଏନ୍.ଏ.)**-ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତରେ ଓଗାଳପଡା ସ୍କୁଲ ପାଖରେ ଅବସ୍ଥିତ ପୁରାତନ ଉତ୍କଳ ସେବା ଅନୁଷ୍ଠାନରେ ସୋମବାର ରାତିରେ ନିଆଁ ଲାଗି ଜଳି ଯାଇଛି। ସୂଚନା ଥାଉ କି ରାତି ୧୧ଟାରେ କେହି ଦୁର୍ବୃତ୍ତ ଏହି ଅନୁଷ୍ଠାନରେ ନିଆଁ ଲଗାଇ ଦେଇଛନ୍ତି ବୋଲି ଅନୁମାନ କରାଯାଇଛି। ଓଗାଳପଡା ସ୍କୁଲ ବାରଣ୍ଡାରେ ପ୍ରତିଦିନ ରାତିରେ ନିଶା ଖାଇ ଅସାମାଜିକ ଲୋକେ ଉପଦ୍ରବ କରୁଛନ୍ତି। ଏହି ଘଟଣା ସେମାନଙ୍କ ମଧ୍ୟରୁ କେହି କରି ଥାଇପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅଗ୍ନିଶମ ବାହିନୀ ଆସି ଏହି ନିଆଁକୁ ଆୟତ କରିଥିଲା।

### ନପୁଟ କ୍ରିକେଟ କ୍ଲବ ସେମିରେ

**ଖୋର୍ଦ୍ଧା ଅଫିସ,୧୦।୧୨:**ଖୋର୍ଦ୍ଧା ସହର ଗୁରୁଜଙ୍ଗ କ୍ରିକେଟ ପଡିଆରେ ଚାଲିଥିବା ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟପୀର ସ୍ପୋର୍ଟିଂ କାଇପଦରକୁ ୩ ଉଇକେଟରେ ପରାସ୍ତ କରି ନପୁଟ କ୍ରିକେଟ କ୍ଲବ ଭୁବନେଶ୍ୱର ସେମି ଫାଇନାଲକୁ ପ୍ରବେଶ କରିଛି। କାଇପଦର ଦଳ ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୨ରନ କରିଥିଲା। ଦଳ ପକ୍ଷରୁ ଲିଟଲ ଚମ୍ପତି ୩୩ଟି ବଲରୁ ଅପରାଜିତ ୫୮ ରନ ଓ ଜ୍ଞାନରଞ୍ଜନ ସିଂ ୩୯ ବଲରୁ ଅପରାଜିତ ୪୬ ରନ କରିଥିଲେ। ନପୁଟ ଦଳ ପକ୍ଷରୁ ଆଇ.ଏସ. ଗିରି ଗୋଟିଏ ଓ ଗଣେଶ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ନପୁଟ ଦଳ ୧୯.୩ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ୧୮୩ରନ କରି ବିଜୟ ଘୋଷିତ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମହାପାତ୍ର ୨୬ଟି ବଲରୁ ୫୧ରନ ଓ ରଣଜିତ ବାରିକ ୧୪ ବଲରୁ ୨୦ ରନ କରିଥିଲେ। କାଇପଦର ଦଳ ପକ୍ଷରୁ ଲିଟଲ ଚମ୍ପତି ୪ଟି ଉଇକେଟ ଓ ସୁରେନ୍ଦ୍ର ଚମ୍ପତି ୨ଟି ଉଇକେଟ ନେଇଥିଲେ। ତେବେ ପରାଜିତ କାଇପଦର ଦଳର ଲିଟଲ ଚମ୍ପତିଙ୍କୁ ଅଲରାଉଣ୍ଡ ସାଫଲ୍ୟତା ପାଇଁ ଅତିଥିମାନେ ମ୍ୟାନ ଅଫ ଦି ମ୍ୟାଚର ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚକୁ ଅବ୍ୟକ୍ତ ହରିହର ଖାଡଙ୍ଗା ଓ ପ୍ରକାଶ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସ୍କୋରରେ ଅସିତ୍ ପରିଡା ସହାୟତା କରିଥିଲେ।

## ■ ଜିଓ ଟ୍ୟାଗ୍ ତାଲିକାରେ ଅନିୟମିତତା

# ଫନୀ ବିପନ୍ନ ବାଦ୍, ତାଲିକାରେ ସ୍ୱଚ୍ଛଳବର୍ଗ

**ଜିଲାପାଳଙ୍କ କାର୍ଯ୍ୟାଳୟରେ ୨ ବ୍ଲକର ୨୧ ପଞ୍ଚାୟତ ବାସିନ୍ଦା**

**ଖୋର୍ଦ୍ଧା ଅଫିସ,୧୦।୧୨:**


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ବୁଢାଙ୍ଗରା ଗାଁର ଫନୀ କ୍ଷତିଗ୍ରସ୍ତମାନେ।

ଖୋର୍ଦ୍ଧା ଜିଲାର ବିଭିନ୍ନ ଗାଁରେ ଜିଓ ଟ୍ୟାଗ ତାଲିକାରେ ଅନିୟମିତତା କରାଯାଇ ଫନୀ ବିପନ୍ନଙ୍କୁ ବାଦ୍ ଦିଆଯାଇଛି। କିନ୍ତୁ ସ୍ୱଚ୍ଛଳବର୍ଗଙ୍କ ନାଁ ତାଲିକାରେ ରହିବା ପରେ ତଦନ୍ତକାରୀ ଅଧିକାରୀଙ୍କ ତଦନ୍ତ ରିପୋର୍ଟ ସନ୍ଦେହ ଘେରକୁ ଆସିଛି। ଏଭଳିସ୍ଥଳେ ଜିଓ ଟ୍ୟାଗ ତାଲିକାରେ ଅନିୟମିତତା ଅଭିଯୋଗ ଆଣି ବେଗୁନିଆ ଓ ବୋଲଗଡ ବ୍ଲକର ୨୧ ପଞ୍ଚାୟତର ଫନୀ ବିପନ୍ନ ମଙ୍ଗଳବାର ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ପିଡି ଡିଆରଡିଏଙ୍କୁ ଫେରାଦ୍ ହୋଇଛନ୍ତି। ଫନୀ ବିପନ୍ନମାନେ କାର୍ଯ୍ୟାଳୟକୁ ଆସି ବହୁ ସମୟ ଧରି ଜିଲାପାଳଙ୍କୁ ଅପେକ୍ଷା କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ପିଡି ଡିଆରଡିଏଙ୍କୁ ଭେଟିଥିଲେ। ଅଭିଯୋଗ ଅନୁସାରେ, ଫନୀରେ କ୍ଷତିଗ୍ରସ୍ତ ବିପନ୍ନଙ୍କୁ ଆବାସ ଯୋଜନାରେ ଘର ମିଳିବାକୁ ସର୍ଭେ ହୋଇଥିଲା। ଏଥିପାଇଁ ଜିଓ ଟ୍ୟାଗ ତାଲିକା ପ୍ରସ୍ତୁତ କରାଯାଇଥିଲା। ତେବେ ଜିଓ ଟ୍ୟାଗ ତାଲିକାରେ ବିପନ୍ନମାନଙ୍କର ନାଁ ନାହିଁ। କୋଠାଘର ଥିବା ସ୍ୱଚ୍ଛଳବର୍ଗର ଲୋକଙ୍କୁ ସାମିଲ କରାଯାଇଛି। ଏହା ଜଣାପଡିବା ପରେ ବେଗୁନିଆ ଓ ବୋଲଗଡ ବ୍ଲକର ବିଭିନ୍ନ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ବିପନ୍ନମାନେ ଜିଓ ଟ୍ୟାଗ ତାଲିକାକୁ ବାତିଲ୍ କରିବାକୁ ଦାବି ରଖିଛନ୍ତି । ଅନ୍ୟପକ୍ଷେ ପୁନଃ ତଦନ୍ତ କରି ସେମାନଙ୍କ ନାଁକୁ ସାମିଲ କରିବାକୁ ଦାବି ରଖିଛନ୍ତି।

### ପୋଲିସ ତାଲା ଭାଙ୍ଗିଲା

ଜିଓ ଟ୍ୟାଗ ତାଲିକାରେ ଅନିୟମିତତା ଅଭିଯୋଗ ଆଣି ଖୋର୍ଦ୍ଧା ବ୍ଲକ ନରଣଗଡ ପଞ୍ଚାୟତର ବିଭିନ୍ନ ଗାଁଲୋକ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ମଙ୍ଗଳବାର ବି ଆନ୍ଦୋଳନ ଚାଲୁ ରଖିଥିଲେ। ତେବେ ସରପଞ୍ଚଙ୍କଠାରୁ ଅଭିଯୋଗ ପାଇ ଜଙ୍କିଆ ଥାନା ପୋଲିସ ପହଞ୍ଚି ମଙ୍ଗଳବାର ଅପରାହ୍ନ ସାଢ଼େ ୨ଟାରେ ତାଲା ଭାଙ୍ଗି ଦେଇଛି। ତେବେ ଏଠାର ଆନ୍ଦୋଳନରତ ଫନୀ ବିପନ୍ନମାନେ ଆନ୍ଦୋଳନକୁ ଚାଲୁ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବାକୁ ସ୍ଥିର କରିଛନ୍ତି। ବିପନ୍ନଙ୍କୁ ଆବାସ ଯୋଜନାରେ ଘର ଯୋଗାଇବା ଓ ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ହଟାଇବା ଦାବି ରହିଛି। ତଦନ୍ତ ରିପୋର୍ଟରେ ଅନିୟମିତତା କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ରଖାଯାଇଛି। ଏ ସଂକ୍ରାନ୍ତରେ ସମ୍ପର୍କରେ ଜଙ୍କିଆ ଥାନା ଆଇଆଇସି ସତ୍ୟଜିତ୍ ଲେଙ୍କାଙ୍କୁ ପଚାରିବାରେ ଆନ୍ଦୋଳନକାରୀ ପକାଇଥିବା ତାଲାକୁ ଭଙ୍ଗାଯାଇଛି। ତେବେ ପୋଲିସ ଗଲା ବେଳକୁ କେହି ଆନ୍ଦୋଳନକାରୀ ନ ଥିଲେ।

### ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଦାବି

ଜଟଣୀ ବ୍ଲକ ବେଣାପଞ୍ଜୁରି ପଞ୍ଚାୟତ ବୁଢାଙ୍ଗରା ଗାଁର ଫନୀ ବିପନ୍ନ ଅଭିଯୋଗ କରିଛନ୍ତି ଜିଓ ଟ୍ୟାଗ ତାଲିକାରେ ଅନିୟମିତତାର ଅଭିଯୋଗ ପରେ ଗାଁର ୭ ଜଣଙ୍କ ନାଁରେ ମିଥ୍ୟା ମକଦ୍ଦମା ହୋଇଛି। ବିଡିଓଙ୍କ ଅଭିଯୋଗ ପରେ ୭ ଜଣ ଜେଲ ଗଲେ। ସେମାନେ ଏବେ ଜାମିନ ପାଇଛନ୍ତି। ଅଥଚ ମକଦ୍ଦମା ଚାଲୁ ରହିଛି। ତେବେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରାଯାଉ। ଫନୀ ବିପନ୍ନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଆବାସ ଯୋଜନାରେ ସାମିଲ ପାଇଁ ପଦକ୍ଷେପ ନିଆଯାଉ। ଗାଁଲୋକଙ୍କ ଅଭିଯୋଗ ଅନୁସାରେ, ତାଲିକାରେ ନାଁ ସାମିଲ କରିବାକୁ ୧ ହଜାର ଟଙ୍କା ଲାଞ୍ଚ ମଗାଗଲା। ଲାଞ୍ଚ ନ ଦେବାରୁ ନାଁକୁ ତାଲିକାରୁ ବାଦ୍ ଦିଆଗଲା। ଯେଉଁମାନେ ଟଙ୍କା ଦେଲେ ସେମାନଙ୍କର ନାଁ ତାଲିକାରେ ରହିଲା। ସ୍ୱଚ୍ଛଳ ବର୍ଗର ଲୋକ ହାତଗୁଞ୍ଜା ଦେଇ ନାଁକୁ ସାମିଲ କରି ଦେଲେ। ଏ ସମ୍ପର୍କରେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଜଟଣୀ ବିଡିଓଙ୍କ ନିକଟରେ ଅଭିଯୋଗ କରାଗଲା। ସମସ୍ତେ ପ୍ରତିଶ୍ରୁତି ଦେଲେ ବିପନ୍ନମାନେ ନ୍ୟାୟ ପାଇବେ। କିନ୍ତୁ ସେମାନଙ୍କର ଅଭିଯୋଗ ରହି ଯାଇଛି ଶୀତଳଭଣ୍ଡାରରେ ବୋଲି ବିପନ୍ନମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବିପନ୍ନମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କର ଅଭିଯୋଗକୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରି ଘରକୁ ଫେରିଛନ୍ତି।

## ୨୭.୪ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ,୧୦।୧୨:**


ଗିରଫ ରମେଶ ପଣ୍ଡା।

ଖୋର୍ଦ୍ଧା ଅବକାରୀ ସ୍କ୍ୱାଡର ୭ ଜଣିଆ ଦଳ ବେଗୁନିଆ ଥାନା ବଡବେରଣା ନୂଆସାହି ଉପରେ ମଙ୍ଗଳବାର ପୂର୍ବାହ୍ନରେ ଚଢାଉ କରି ୨୧ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଦାମ ୨ ଲକ୍ଷ ୧୦ ହଜାର ଟଙ୍କା ହେବ। ଚଢାଉରେ ବଡବେରଣା ନୂଆସାହିର ରମେଶ ପଣ୍ଡା ଓରଫ ବାପି(୩୫)ଙ୍କୁ ଗିରଫ କରି ଖୋର୍ଦ୍ଧା କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ରମେଶଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ନଂ. ୫୪/୨୦୧୯-୨୦ରେ ଏନ୍‌ଡିପିଏସ୍ ମାମଲା ରୁଜୁ କରି ଅବକାରୀ ବିଭାଗର ତଦନ୍ତ କରୁଛି। ସେହିପରି ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗୋପୀନାଥଦେବ ମଠସାହି ଉପରେ ଚଢ଼ାଉ କରି ମଙ୍ଗଳବାର ୧୬.୪ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ପୋଲିସ ମଠସାହିର ନନ୍ଦ ପ୍ରଧାନ ଓରଫ ଛବୀନ୍ଦ୍ର (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନନ୍ଦଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ନଂ. ୪୫୩/୧୯ରେ ମାମଲା ରୁଜୁ କରିଛି।

## ସୁନ୍ଦରପଦା ହତ୍ୟାକାଣ୍ଡକୁ ନେଇ ସଂଘବଦ୍ଧ ଆକ୍ରମଣ

# କଲେଜ ଛାତ୍ର ଗୁରୁତର

**ଯାଁଳା,୧୦।୧୨(ଡି.ଏନ.ଏ.):**

ସଂଘବଦ୍ଧ ଆକ୍ରମଣରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଜଣେ କଲେଜ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆହତ ଛାତ୍ରଙ୍କ ନାମ ଜଗତଜିତ୍ ଗଜେନ୍ଦ୍ର(୧୯)। ତାଙ୍କ ଘର ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳରେ। ଭୁବନେଶ୍ୱର ଉପକଣ୍ଠ ଯାଁଳା ଫାଣ୍ଡି ଅନ୍ତର୍ଗତ ମଦନପୁର ଗ୍ରାମସ୍ଥିତ ଏକ ଘରୋଇ କଲେଜରେ ସେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। ମୁହଁରେ ମୁଖା ପିନ୍ଧିଥିବା ୬ରୁ ୭ ଜଣ ଯୁବକ ଏହି କଲେଜ ନିକଟକୁ ଆସି ଜଗତଜିତ୍‌ଙ୍କୁ ଘେରି ଯାଇ ଆତଙ୍କିତ ଭାବେ ଚାପଡ଼ରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଜଂଘ, ବାମହାତ, କାନ୍ଧ ଓ ଶରୀରର ଅନ୍ୟ ସ୍ଥାନରେ ଗଭୀର ଆଘାତ ଲାଗିଛି। ମୁମୂର୍ଷୁ ଅବସ୍ଥାରେ ଜଗତଜିତ୍ ତଳେ ପଡିଥିବା ବେଳେ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଜଗତଜିତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍‌ସରେ ଭର୍ତ୍ତି କରିଥିଲେ। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ସୁନ୍ଦରପଦା ଅଞ୍ଚଳର କେତେଜଣ ଯୁବକ ଏହି ଆକ୍ରମଣ କରିଥିବା ପୋଲିସ ଅନୁମାନ କରୁଛି। ଦୀପାବଳି ରାତିରେ ସୁନ୍ଦରପଦା ଅଞ୍ଚଳରେ ହୋଇଥିବା ଅମରେଶ ହତ୍ୟାକାଣ୍ଡକୁ ନେଇ ଜଗତଜିତ୍‌ଙ୍କ ଉପରେ ଆକ୍ରମଣର ସଂଯୋଗ ଥିବା ପୋଲିସ ସନ୍ଦେହ କରୁଛି। କାରଣ ଅମରେଶଙ୍କ ଜନ୍ମଦିନ ମଙ୍ଗଳବାର ଥିବାରୁ ତାଙ୍କ ସହଯୋଗୀମାନେ ଏହି ଆକ୍ରମଣ କରି ଥାଇ ପାରନ୍ତି। ତେବେ ଏହାର ତଦନ୍ତ ଚାଲିଥିବା ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି।

## ■ ବୋଲଗଡ଼ ଗାନ୍ଧୀ ସ୍ମାରକୀ ମହୋତ୍ସବ

# ୨ୟ ଦିବସରେ ମହିଳା ସମାବେଶ

**ବୋଲଗଡ଼,୧୦।୧୨(ଡି.ଏନ.ଏ.)**



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବୋଲଗଡ଼ ନନ୍ଦିଘୋଷ ଭବନ ପରିସରରେ ଗାନ୍ଧୀ ସ୍ମାରକୀ ମହୋତ୍ସବର ମଙ୍ଗଳବାର ୨ୟ ଦିବସରେ ମହିଳାମାନଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ବିଧାନ ସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖଣ୍ଡପଡା ବିଧାୟକ ତଥା ଅନୁଷ୍ଠାନର ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଗାନ୍ଧୀବାଦୀ ପ୍ରହ୍ଲାଦ ସିଂହ, ଗାନ୍ଧୀବାଦୀ ନାରୀ ନେତ୍ରୀ ଅପର୍ଣ୍ଣା ନାୟକ, ବୋଲଗଡ ବିଡିଓ ଏଲିଜା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧୀ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଐତିହାସିକ ରବୀନ୍ଦ୍ର କୁମାର ପରିଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସାମାଜିକ କର୍ମୀ ସନାତନ ପାଟ୍ଟଶାଣୀ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସନ୍ତୋଷ କୁମାର ପ୍ରଧାନ, ଧୀରେଶ ମହାପାତ୍ର, ସମ୍ପାଦକ ଗୁଣନିଧି ହୋତା, କର୍ମକର୍ତ୍ତା ବାସୁଦେବ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍‌ଧକ୍କାରେ ବୃଦ୍ଧା ମୃତ

**ଯାଁଳା,୧୦।୧୨(ଡି.ଏନ.ଏ):** ୧୬ ନଂ. ଜାତୀୟ ରାଜପଥ ଯାଁଳା ଫାଣ୍ଡି ଅନ୍ତର୍ଗତ ଭୁଆସୁଣୀ ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ବୃଦ୍ଧାଙ୍କ ନାମ କେଲୁଣୀ ନାୟକ (୬୫)। ତାଙ୍କ ଘର ଯାଁଳା ପଞ୍ଚାୟତ ଅନ୍ତର୍ଗତ ଓଗାଳପଡା ଗ୍ରାମରେ। ସୋମବାର ଅପରାହ୍ନ ପ୍ରାୟ ୪ଟାରେ ଏହା ଘଟିଥିଲା। ରାସ୍ତା ଅତିକ୍ରମ କରୁଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତିରେ କେଲୁଣୀଙ୍କ ମୃତ୍ୟୁ ଘଟିଥିଲା। ଯାଁଳା ଫାଣ୍ଡି ପୋଲିସ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**କୃଷ୍ଣପ୍ରସାଦ,୧୦।୧୨(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକରେ ମଙ୍ଗଳବାର ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଅଲଣ୍ଡା ପଞ୍ଚାୟତ ତିଛିଣି ଗ୍ରାମଠାରେ ବଜାର ବିପଣୀ କେନ୍ଦ୍ରକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବ୍ଲକ ଅଧ୍ୟକ୍ଷା ସୌଦାମିନୀ ମାନସିଂହ, ଅଲଣ୍ଡା ସରପଞ୍ଚ ବୁଲାମଣୀ ତରେଇ, ସମିତିସଭ୍ୟା ମାନସୀ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସକେଇ ପ୍ରମୁଖ ଉପସ୍ଥିତ ଥିଲେ। ବୀଣାପାଣି ୟୁଥ୍ କ୍ଲବଠାରେ ସର୍ବସାଧାରଣ ପାଠାଗାର ଉଦ୍‌ଘାଟନ ଅବସରରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା, ଉତ୍ତମ କୁମାର ତରେଇ, ବିଧାୟକଙ୍କ ପ୍ରତିନିଧି ରଘୁନାଥ ବଡୁ ପ୍ରମୁଖ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଫୁଟ୍‌ବଲ: ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

**ଯାଁଳା,୧୦।୧୨(ଡି.ଏନ.ଏ.)–** ଜଟଣୀ ବ୍ଲକ ମଦନପୁର ଖେଳପଡିଆରେ ମଙ୍ଗଳବାର ୮ମ ରାଜ୍ୟସ୍ତରୀୟ ମଦନପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୩ୟ ଦିନ ସ୍ପୋର୍ଟ୍ସ ହଷ୍ଟେଲ କଟକ ଏବଂ କ୍ଲବ ୭୩ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଖେଳ ଅତ୍ୟନ୍ତ ସଂଘର୍ଷ ପୂର୍ଣ୍ଣ ଥିଲା। ଖେଳର ୧୩, ୧୫ ଏବଂ ୩୧ ମିନିଟ୍ ମଧ୍ୟରେ ସ୍ପୋର୍ଟ୍ସ ହଷ୍ଟେଲ ଫ୍ରାନସିସ୍ ଲାକ୍ରା ୩ଟି ଗୋଲ କରିଥିଲେ। ଖେଳର ୪୯ ମିନିଟ୍‌ରେ ସୁଜିତ ତିର୍କୀ ଏକ ଗୋଲ କରିଥିଲା ବେଳେ ୬୦ ମିନିଟ୍‌ରେ ଭାବଗ୍ରାହୀ ପଢିହାରୀ ଆଉ ଏକ ଗୋଲ କରିଥିଲେ। ଫଳରେ ସ୍ପୋର୍ଟ୍ସ ହଷ୍ଟେଲ ୫-୦ ଗୋଲରେ ବିଜୟ ହୋଇଥିଲା। ଫ୍ରାନସିସ୍ ଲାକ୍ରା ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଶିବ ଶଙ୍କର ପଣ୍ଡା, ଦୁର୍ଗା ଆଚାର୍ଯ୍ୟ, ପ୍ରଶାନ୍ତ ପାଲ ଓ ମନୋରଞ୍ଜନ ଖୁଣ୍ଟିଆ।

## ■ ବେଗୁନିଆ ବ୍ଲକସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

# ୧୮୧ ପ୍ରକଳ୍ପରୁ ୬ ଜିଲା ସ୍ତରକୁ ଉନ୍ନୀତ

**ବେସରକାରୀ କାର୍ଯ୍ୟକୁ ନେଇ ପିଲା ଆଶ୍ଚର୍ଯ୍ୟ**

**ବେଗୁନିଆ,୧୦।୧୨(ଡି.ଏନ.ଏ.)**


ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନମେଳାରେ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି।

ବେଗୁନିଆ ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଛୋଟ ପିଲାମାନଙ୍କ ଦ୍ୱାର ପ୍ରସ୍ତୁତ କରାଯାଇଥିବା ୧୮୧ଟି ପ୍ରକଳ୍ପ ମେଳାରେ ସ୍ଥାନିତ ହୋଇଥିଲା। ସେଥିମଧ୍ୟରୁ ବିଭିନ୍ନ ବିଭାଗର ୬ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳାକୁ ଉନ୍ନୀତ ହୋଇଛି। ତେବେ ମେଳାରେ ଦେଖାଦେଇଥିବା ବିଭିନ୍ନ ବ୍ୟତିକ୍ରମକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସରକାରୀ କାର୍ଯ୍ୟକ୍ରମ ମଧ୍ୟରେ ପ୍ରାୟୋଜିତ ବେସରକାରୀ କାର୍ଯ୍ୟକ୍ରମକୁ ଦେଖି ପିଲାମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜଙ୍କର ସଭାପତିତ୍ୱରେ ଏବଂ ଆୟୋଜିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ସମ୍ପାଦନାରେ ସ୍ଥାନୀୟ ନୀଳକଣ୍ଠ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ବ୍ଲକ ଅଧ୍ୟକ୍ଷା ଜାନକୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାବାଡ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ପୁରାତନ ଛାତ୍ର ସଂସଦର ସଭାପତି ଶିବ ନାରାୟଣ ମିଶ୍ର, ଏବିଇଓ ବିଷ୍ଣୁ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ବହୁ ଅଭିଭାବକ ପ୍ରକଳ୍ପଗୁଡିକ ବୁଲି ଦେଖିଥିଲେ। ୧୨ ବିଚାରକ ମଧ୍ୟ ପ୍ରକଳ୍ପଗୁଡିକୁ ଦେଖି ମୂଲ୍ୟାୟନ କରୁଥିଲେ। ବ୍ଲକର ବୟୋଜ୍ୟେଷ୍ଠ ଶିକ୍ଷକ ୫ଟି କୋଠରିରେ ଥିବା ପ୍ରକଳ୍ପ ସ୍ଥାନିତ କରୁଥିବା ପିଲାମାନଙ୍କୁ ଗାଇଡ କରୁଥିଲେ। ଉକ୍ତ କୋଠରିକୁ କେତେଜଣ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରବେଶ କରିଥିଲେ। ହେଲେ ବିଚାରକ ଅଛନ୍ତି ଆପଣମାନଙ୍କୁ ପ୍ରବେଶ ମନା ବୋଲି କହି ଗାଇଡ କରୁଥିବା ଶିକ୍ଷକମାନେ ବାହାରକୁ ଯିବାକୁ କହିଥିଲେ। ଅନ୍ୟପକ୍ଷରେ ବିଜ୍ଞାନ ମେଳା ଶିକ୍ଷା ବିଭାଗର ସମ୍ପୂର୍ଣ୍ଣ ସରକାରୀ ଆଦେଶନାମାକୁ ନେଇ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନ ଥିଲେ। କାର୍ଯ୍ୟକ୍ରମର ଆଧାରରେ ପ୍ରାୟୋଜିତ ବେସରକାରୀ ରତ୍ନପ୍ରଭା ପୂଜ୍ୟପୂଜା ସଂସଦର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ରାଜେନ୍ଦ୍ର ପ୍ରସାଦ ସାହୁ ଯୋଗଦେଇ କେତେଜଣ କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା କରିବା ସହ ନିଜେ ସମ୍ବର୍ଦ୍ଧିତ ହୋଇଥିଲେ। ଏହାକୁ ଦେଖି ପିଲାମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଶେଷରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲାଶିକ୍ଷା ଅଧିକାରୀ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ, ମୁଖ୍ୟବକ୍ତା ଭାବେ ପ୍ରକଳ୍ପ ସଂଯୋଜିକା ଅମିତା ପଟ୍ଟନାୟକ, ସମ୍ମାନିତ ଅତିଥି ସୁବାସ ଚନ୍ଦ୍ର ମହାନ୍ତି ଏବଂ ଆୟୋଜିତ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ଦାଶ ଯୋଗ ଦେଇଥିଲେ। ବେସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଏବିଇଓ ବିଷ୍ଣୁପ୍ରସାଦ ମିଶ୍ରଙ୍କୁ ପଚାରିବାରେ ବିଜ୍ଞାନମେଳାରେ ପ୍ରାୟୋଜିତ ବେସରକାରୀ କାର୍ଯ୍ୟକ୍ରମ ଅନୁଚିତ। ମାତ୍ର ମିମିଟି ଏହି କାର୍ଯ୍ୟକ୍ରମକୁ ଅନୁମତି ଦେଇଛ ଆମେ କିଛି ଜାଣିନୁ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Urgently Required
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact: 9871421149/8144146705

Cuttack Office କାମପାଇଁ
Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

OFFICIALLYJOB
Qualification 10th above
Salary up to Rs. 25,000/-
For BBSR, Cuttack, Puri, Berhampur.
M-9938699963

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705
6372600373

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ ।
Contact Immediately
7978427621

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

BACK OFFICE EXECUTIVE
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :- recruitments@elmechindia.in

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

WANTED
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary: 30,000/-
Qual: 7th to 10th & above
Contact: 8339922964

DIRECT JOIN JOB
JOB LOCATION BBSR+CTC
• CUSTOMER SERVICE
• DATA ENTRY
• RECEPTION (Back/Office)
• SECURITY GUARD
Mob : 9114090108

WANTED ... WANTED
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା
Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

VIGEN INDIA REQUIRED
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**ଗୀତାପାଠ ମୋକ୍ଷ ପ୍ରାପ୍ତି ମାର୍ଗ ପ୍ରଶସ୍ତ କରେ**

**ପୁରୀ ଅଫିସ:** ଅତିବଡ଼ୀ ଚେତନା ଚକ୍ର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଗୀତା ଜୟନ୍ତୀ ଉତ୍ସବ ମଙ୍ଗଳବାର ଭକ୍ତ ସାଲବେଗ ପୀଠ ସମ୍ମିଳନୀ ହଲରେ ଅନୁଷ୍ଠିତ ହୋଇଯାଇଛି। ଗୀତାପାଠ ଆନନ୍ଦ ଦେଇଥାଏ ଓ ମୋକ୍ଷ ପ୍ରାପ୍ତିର ମାର୍ଗ ପ୍ରଶସ୍ତ କରିଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଆୟୋଜିତ କବିତାପାଠୋତ୍ସବରେ ବିଶିଷ୍ଟ କବିମାନେ ଯୋଗଦେଇଥିଲେ।

## ସଂକ୍ଷେପରେ



### ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ

**ସାକ୍ଷୀଗୋପାଳ, ୧୦।୧୨ (ସ୍ୱ.ପ୍ର./ଡି.ଏନ.ଏ.):** ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ଓଡ଼ିଶାର ଉପଶାଖା ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ପାଲା ସଂସ୍କୃତିର ପ୍ରଚାର ପ୍ରସାର ସମ୍ପର୍କରେ କହିବା ସହ କିଭଳି ରାଜ୍ୟରେ ଏହାର ସମୃଦ୍ଧି ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଏହାସହ ମୋକ୍ଷ ପ୍ରାପ୍ତି ନିମନ୍ତେ ହରିନାମର ଆବଶ୍ୟକତା ଉପରେ ପୌରାଣିକ ତଥ୍ୟ ପ୍ରଦାନ କରିଥିଲେ। ପଣ୍ଡିତ ସଦାଶିବ ମହାପାତ୍ରଙ୍କ ଅଧକ୍ଷତାରେ ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ଗାୟକ ବ୍ୟାସ, ଲକ୍ଷ୍ମୀଧର ଦାଶ, ନରସିଂହ ହୋତା, ଗାୟକ ରତ୍ନ ପ୍ରଭାତ କୁମାର ସାହୁ, ଦେବେନ୍ଦ୍ର ପଣ୍ଡା, ବିଶ୍ୱନାଥ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ସଫଳ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟା ସମୟରେ ଅନୁଷ୍ଠାନ ପକ୍ଷରୁ ପାଲା ପରିବେଷଣ କରାଯାଇଥିଲା। ସଭ୍ୟ ଦେବୀପ୍ରସାଦ ମିଶ୍ର ଅତିଥି ପରିଚୟ ଦେବା ସହ ଧନ୍ୟବାଦ ଦେଇଥିଲେ।

### ଛାତ୍ରୀଛାତ୍ରଙ୍କ ବିକ୍ଷୋଭ: ଘୁଞ୍ଚିଲା ଯୁକ୍ତ ୩ ପରୀକ୍ଷା

**ଭୁବନେଶ୍ୱର, ୧୦।୧୨ (ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଡିଗ୍ରୀ ମହାବିଦ୍ୟାଳୟ ଗୁଡିକରେ ପରୀକ୍ଷା ତାରିଖ ଘୁଞ୍ଚାଇବା ନେଇ ଛାତ୍ରୀଛାତ୍ରଙ୍କ ଧାରଣା ପରେ ପରୀକ୍ଷା ତାରିଖକୁ ପରିବର୍ତ୍ତନ କରାଯାଇଛି। ବର୍ଷକ ମଧ୍ୟରେ ୩ଟି ସେମିଷ୍ଟାରକୁ ବିରୋଧ କରି ଗତ ୫ତାରିଖରେ କଟକ ଖ୍ରୀଷ୍ଟ ସମେତ ରାଜଧାନୀର ଅନେକ ଛାତ୍ରୀଛାତ୍ର କୁଳପତିଙ୍କ କାର୍ଯ୍ୟାଳୟକୁ ଘେରିଥିଲେ। ପରବର୍ତ୍ତୀ ସମୟରେ ରାଷ୍ଟ୍ରପତିଙ୍କ ଗସ୍ତ ୮ତାରିଖରେ ସରିବା ପରେ ଏ ନେଇ ଆଲୋଚନା କରାଯିବା ନେଇ ଭିସି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଯାଇଥିଲେ। ମାତ୍ର ପରୀକ୍ଷା ତାରିଖ ପରିବର୍ତ୍ତନ ନ ହେବାରୁ ଛାତ୍ରୀଛାତ୍ର ମଙ୍ଗଳବାର ପୁବର୍ବାର କୁଳପତିଙ୍କ କାର୍ଯ୍ୟାଳୟ ଘେରିଥିଲେ। ଘଟଣାସ୍ଥଳରେ ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଶରତ ଚନ୍ଦ୍ର ମାଝି ପରୀକ୍ଷା ତାରିଖକୁ ପରିବର୍ତ୍ତନ କରିବା ପରେ ଛାତ୍ରୀଛାତ୍ର ଖୁସି ବ୍ୟକ୍ତ କରିଥିଲେ। ଡିସେମ୍ବର ୨୫ ଖ୍ରୀଷ୍ଟମାସ ପାଳନ ନେଇ ଛୁଟି ରହିଥିବା ବେଳେ ୨୬,୨୭ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ବାତିଲ କରାଯାଇଛି। ଏହି ପରୀକ୍ଷା ଆସନ୍ତା ୩୦ ଓ ୩୧ ତାରିଖରେ କରାଯିବାକୁ ସ୍ଥିର କରାଯାଇଛି।

## ■ ମଙ୍ଗୁ ମଠ ନ ଭାଙ୍ଗିବାକୁ ଶିଖ୍ ସମ୍ପ୍ରଦାୟର ଅନୁରୋଧ

# ମଠର ଐତିହ୍ୟ ସୁରକ୍ଷିତ ରଖାଯିବ: ପ୍ରଶାସନ

**ପୁରୀ ଅଫିସ, ୧୦।୧୨**

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ରହିଥିବା ମଙ୍ଗୁ ମଠ ଉଚ୍ଛେଦ ଜାରି ରହିଛି। ମଙ୍ଗଳବାର ଏହି ମଠ ଉଚ୍ଛେଦର ଦ୍ୱିତୀୟ ଦିନରେ ପ୍ରାୟ ୮୦ ପ୍ରତିଶତ କୋଠା ଭଙ୍ଗା ଯାଇଛି। ତେବେ ଏହି ଉଚ୍ଛେଦ କାର୍ଯ୍ୟ ଚାଲିଥିବାବେଳେ କେତେଜଣ ଶିଖ୍ ସମ୍ପ୍ରଦାୟର ବ୍ୟକ୍ତି ପହଞ୍ଚି ମଠକୁ ନ ଭାଙ୍ଗିବା ପାଇଁ କହିଥିଲେ। ଏହି ମଠ ଗୁରୁ ନାନକଙ୍କ ସ୍ମୃତି ବହନ କରୁଥିବାରୁ ଏଥିରୁ ନିବୃତ୍ତ ରହିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ତେବେ ମଠର ମନ୍ଦିର, ଗାଦିଘର କିମ୍ବା ଠାକୁରଙ୍କ ବିଜେସ୍ଥଳୀ ଭଙ୍ଗାଯିବ ନାହିଁ। ଏସବୁକୁ ସୁରକ୍ଷିତ ରଖାଯିବ। ବ୍ୟବସାୟିକ ଉଦ୍ଦେଶ୍ୟରେ ରହିଥିବା ମଠ କୋଠାକୁ ଭଙ୍ଗାଯାଉଛି ବୋଲି ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାଯାଇଥିଲା। ସୋମବାର ମଙ୍ଗୁ ମଠ ବ୍ୟବସାୟିକ କୋଠା ଉଚ୍ଛେଦ ଆରମ୍ଭ ହୋଇଥିଲା। ମଠ ଜମିରେ ଲଜ୍, ହୋଟେଲ, ରେଷ୍ଟୁରାଣ୍ଟ, ଜୋତାଷ୍ଟାଣ୍ଡ, ଖଜା ଦୋକାନ ଆଦି ୨୧ଟି ବ୍ୟବସାୟ ପ୍ରତିଷ୍ଠାନ ରହିଥିଲା।



ମଙ୍ଗୁ ମଠର ବ୍ୟବସାୟିକ କୋଠାକୁ ଉଚ୍ଛେଦ କରାଯାଉଛି।

ସୋମବାର ସୁଦ୍ଧା ପ୍ରାୟ ୫୦ ପ୍ରତିଶତ ଉଚ୍ଛେଦ ସରିଥିବାବେଳେ ମଙ୍ଗଳବାର ପୁନଶ୍ଚ ମଙ୍ଗୁ ମଠ ବ୍ୟବସାୟିକ କୋଠା ଭଙ୍ଗାଯାଇଥିଲା। ୪ ପ୍ଲାଟୁନ ପୋଲିସ ଫୋର୍ସ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଚ୍ଛେଦ କରାଯାଇଥିଲା। ୩ଟି ଗାଡି ଭାଙ୍ଗିବା କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ମଠ କୋଠାରେ ଚାଲୁଥିବା ଲଜ୍ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଥିବାବେଳେ ଆଉ କେତେକ ଦୋକାନ ମଧ୍ୟ ଭଙ୍ଗାଯାଇଛି। ବୁଧବାର ପୁଣି ଏହି ମଠର ବଳକା ବ୍ୟବସାୟିକ କୋଠା ଉଚ୍ଛେଦ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଉଛି।

ଭଙ୍ଗା କାର୍ଯ୍ୟ ଚାଲିଥିବାବେଳେ ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ଶିଖ୍ ସମ୍ପ୍ରଦାୟର ଯଶମିତ୍ ସିଂ, ଗୁରୁପ୍ରୀତି ସିଂ, ଜଗ୍‌ଦୀପ ସିଂ, ଶୁଖ୍‌ବିନ୍ଦର ସିଂ ପ୍ରମୁଖ ଉଚ୍ଛେଦ ସ୍ଥଳରେ ପହଞ୍ଚି ମଠ ନ ଭାଙ୍ଗିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ ସେମାନଙ୍କୁ ବୁଝାଇଥିଲେ। ମଠରେ ପୂଜା ପାଉଥିବା ଠାକୁରଙ୍କ ବିଜେସ୍ଥଳୀ ଏହି ବ୍ୟବସାୟିକ କୋଠା ଆଢୁଆଳରେ ରହିଯାଇଥିଲା। କୌଣସି ଭକ୍ତ ଏଠାରେ ଏକ ମଠ ଥିବା ଜାଣିପାରୁ ନ ଥିଲେ। ଏବେ ବ୍ୟବସାୟିକ କୋଠାଗୁଡ଼ିକ ଭଙ୍ଗାଯିବା ପରେ ମଠର ଗାଦିଘର, ଠାକୁରଙ୍କ ବିଜେସ୍ଥଳୀ ସ୍ପଷ୍ଟ ଭାବେ ଦେଖାଯିବ। ଶ୍ରଦ୍ଧାଳୁମାନେ ଯାଇ ଠାକୁରଙ୍କୁ ଦେଖିପାରିବେ ବୋଲି ଉପଜିଲାପାଳ କହିଥିଲେ। ଏହାପରେ ଶିଖ୍ ସମ୍ପ୍ରଦାୟର ଏହି ବ୍ୟକ୍ତିମାନେ ଜିଲାପାଳଙ୍କୁ ସାକ୍ଷାତ୍ କରି ମଠ ନ ଭାଙ୍ଗିବା ପାଇଁ ଅନୁରୋଧ କରିଥିଲେ। ମଠ ଗାଦିଘର, ମନ୍ଦିର, ଠାକୁରଙ୍କ ବିଜେସ୍ଥଳୀ ଭଙ୍ଗାଯିବ ନାହିଁ। ମଠର ଐତିହ୍ୟକୁ ସମ୍ପୂର୍ଣ୍ଣ ଭାବେ ଅକ୍ଷୁଣ୍ଣ ରଖାଯିବ ବରଂ ଏ ସବୁକୁ ଅଧିକ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି କହିଥିଲା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରିଥିଲେ।



ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଜଣେ ଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରୁଛନ୍ତି।

## ■ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ

# ରାଷ୍ଟ୍ର ନିର୍ମାଣର ସୈନିକ ହୁଅ

**ପୁରୀ ଅଫିସ, ୧୦।୧୨**

ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ହେରିଟେଜ ହଲ୍‌ରେ ମଙ୍ଗଳବାର ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ୩ଶହ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧନ କରି ରାଷ୍ଟ୍ର ନିର୍ମାଣରେ ସୈନିକ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏ ଦେଶର ଛାତ୍ରୀଛାତ୍ର ସୁଦୃଢ ହେଲେ ଭବିଷ୍ୟତର ଭାରତ ସଶକ୍ତ ଓ ସୁଦୃଢ଼ ହେବ ବୋଲି କହିଥିଲେ। କଲେଜ ଅଧକ୍ଷା ପ୍ରଫେସର ସୁଜାତା ମହାପାତ୍ର ଶୃଙ୍ଖଳିତ ହେବା ସହ ଜ୍ଞାନର ପରିସୀମାକୁ ବିକଶିତ କର ବୋଲି କହିଥିଲେ। ଉପାଧକ୍ଷ ଡ. ଶଙ୍କର୍ଷଣ ଦାଶ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ରବୀନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଫଣୀ ବିପନ୍ନଙ୍କ ସତ୍ୟବାଦୀ ତହସିଲ ଘେରାଉ

**ସାକ୍ଷୀଗୋପାଳ, ୧୦।୧୨ (ସ୍ୱ.ପ୍ର./ଡି.ଏନ.ଏ.)**

### ମୁହଁରେ କଳାପଟି ବାନ୍ଧି ଧାରଣା ଦେଲେ ମହିଳା



ତହସିଲ ଅଫିସ୍ ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାତ୍ୟା ଫଣୀରେ ସତ୍ୟବାଦୀ, କଣାସ, ଡେଲାଙ୍ଗ, ବ୍ରହ୍ମଗିରି, ପୁରୀ ସଦର, ଗୋପ, ନିମାପଡ଼ା, ପିପିଲି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘରଦ୍ୱାର, ନଡ଼ିଆ, ଧାନ, ପାନ, ବାଡି ବଗିଚାରେ ଫସଲ ସମ୍ପୂର୍ଣ୍ଣ ଉଜୁଡିଯାଇଛି। ପ୍ରଭାବିତ ଲୋକଙ୍କ ଜୀବନ ଦୁର୍ବିଷହ ହୋଇପଡିଥିବାବେଳେ ଘରଭଙ୍ଗା ସହାୟତାରେ ଦୁର୍ନୀତି ହୋଇ ବଞ୍ଚିତ ରହିବା, ତାଲିକାରେ ଚଞ୍ଚକତା ଅଯୋଗ୍ୟ ହିତାଧିକାରୀ ରହି ଯୋଗ୍ୟ ହିତାଧିକାରୀ ବାଦ ପଡିବା ଘଟଣା ଆହୁରି ସମ୍ବେଦନଶୀଳ ହୋଇପଡିଛି। ଏ ନେଇ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ଲୋକଙ୍କୁ ସହାୟତା ଏପର୍ଯ୍ୟନ୍ତ ମିଳିପାରିଲା ନାହିଁ। ଫଳରେ ମଙ୍ଗଳବାର ବିପନ୍ନମାନେ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହାସହ ଶତାଧିକ ମହିଳା ମୁହଁରେ କଳାପଟି ବାନ୍ଧି ବିଭିନ୍ନ ଦାବି ନେଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବକୁଳବନରୁ ବ୍ୟାନର, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ପରେ ସତ୍ୟବାଦୀ ତହସିଲ ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭା କରି ଗୋବିନ୍ଦ ମହାପାତ୍ର, ହୃଷୀକେଶ ମିଶ୍ର, ସଚ୍ଚିକାନ୍ତ ବିଶ୍ୱାଳ, ଦୁର୍ଗେଶ ମିଶ୍ର, ସୂର୍ଯ୍ୟ ନାରାୟଣ ରଥ, କୁନି ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିବା ସଙ୍ଗେସଙ୍ଗେ ଏସଡିପିଓ ଦେବଦତ୍ତ ବରାଳ, ଅତିରିକ୍ତ ତହସିଲଦାର ମୌସୁମି ମିଶ୍ର ଓ ଆଇଆଇସି ଶକୁନ୍ତଳା ପତିଙ୍କ ଉପସ୍ଥିତରେ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯାଇଥିଲା। ଦାବି ସମ୍ପର୍କରେ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଅଭିଯୋଗଗୁଡିକର ତଦନ୍ତ କରାଯିବାକୁ ତହସିଲଦାର ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା।

# ମାନବାଧିକାର ଦିବସ ପାଳିତ

**ବ୍ରହ୍ମଗିରି, ୧୦।୧୨ (ଡି.ଏନ.ଏ.)**

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ସଂସ୍ଥା ପକ୍ଷରୁ ବ୍ରହ୍ମଗିରି ଶିଶୁ ମନ୍ଦିର ପରିସରରେ ମଙ୍ଗଳବାର ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଚିବ ଜିଲା ଆଇନ ପ୍ରାଧିକରଣ ତଥା ଦେୱାନୀ ଜଜ୍ ଅମେରଶ ମହାପାତ୍ର, ଅନ୍ୟାନ୍ୟ ଅତିଥି ଭାବେ ରମାଶଙ୍କର ପାତ୍ର, ସୁରେନ୍ଦ୍ର ସାହୁ, ବିଜୟ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାନବାଧିକାର ଦିବସ ସହ ସମାଜରେ ସମାନ ଅଧିକାର ନେଇ ବଞ୍ଚିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ■ ପ୍ଲାଷ୍ଟିକ ବର୍ଜନ ପାଇଁ ପରାମର୍ଶ

# ପ୍ରତି ଘରକୁ କପଡ଼ା ବ୍ୟାଗ୍ ଦେବ ପୁରୀ ପୌରସଂସ୍ଥା

**ପୁରୀ ଅଫିସ, ୧୦।୧୨**

ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇଥିବା ଅଙ୍ଗୀକାର ଅଭିଯାନ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଗାନ୍ଧୀ ଜୟନ୍ତୀରୁ ଚାଲୁଥିବା ଏହି ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ନିର୍ମିତ ଗୃହ ବାସିନ୍ଦାଙ୍କୁ ଆବର୍ଜନା ପରିଚାଳନା, ସୁସ୍ଥ ଓ ସ୍ୱଚ୍ଛତା, ଜଳ ଓ ଶକ୍ତି ସଂରକ୍ଷଣ, ପରିବେଶ ସୁରକ୍ଷା, ଏଲ୍‌ଇଡି ବଲ୍‌ବ ଏବଂ ଗ୍ୟାସ୍ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଛି। ୧୪ ଜଣ ଅଙ୍ଗୀକାର ଅଧିକାରୀଙ୍କ ମାଧ୍ୟମରେ ପୌରସଂସ୍ଥା ଅଧୀନରେ ଥିବା ପ୍ରାୟ ୩୬୩ଟି ବାସଗୃହରେ ସର୍ବେକ୍ଷଣ କରାଯାଇ ଜୀବନ ଧାରଣ ମାନରେ ଉନ୍ନତ ଏବଂ ଖୁସିରେ ସମାଜରେ ବାସ କରିବା ଉପରେ ସଚେତନତା ସୃଷ୍ଟି କରାଯାଇଛି। ଏଥିସହ ଅଙ୍ଗୀକାର ସହଯୋଗ ମଧ୍ୟ ପ୍ରଦାନ କରାଯାଇଛି।ଅଙ୍ଗୀକାରର ଉଦ୍‌ଯାପନୀ ଉପଲକ୍ଷେ ଟାଉନ ହଲ୍‌ରେ ଆୟୋଜିତ ସଭାରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ନିଜ ନିଜର ଘରକୁ ସୁନ୍ଦର ଭାବେ ଉପଯୋଗ କରିଥିବା ୧୦ ହିତାଧିକାରୀଙ୍କୁ ସମ୍ମାନିତ କରିଥିଲେ। ନିଜ ବାସଗୃହକୁ ସ୍ୱଚ୍ଛ ପରିବେଶ ମଧ୍ୟରେ ରଖିବାକୁ ଶପଥ କରାଇବା ସହ ହସ୍ତାକ୍ଷର ଅଭିଯାନରେ ସାମିଲ ହୋଇଥିଲେ। ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ଲାଷ୍ଟିକ ବର୍ଜନ ପାଇଁ ପରାମର୍ଶ ଦେବା ସହ ବଜାରରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା ପାଇଁ ପ୍ରତ୍ୟେକ ଘରକୁ କପଡ଼ା ବ୍ୟାଗ୍ ଦିଆଯିବ ବୋଲି ଘୋଷଣା କରିଥିଲେ। ଏତଦ୍‌ବ୍ୟତୀତ ରାସ୍ତାରେ ଘର ନିର୍ମାଣ କିମ୍ବା ଗୃହଭଙ୍ଗା ସାମଗ୍ରୀ ରଖି ଅବରୋଧ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ୩୦ଟଙ୍କାରେ ମିଳୁଛି ବିଦେଶୀ ପକ୍ଷୀ

**ବ୍ରହ୍ମଗିରି, ୧୦।୧୨ (ଡି.ଏନ.ଏ)**

ଚିଲିକାକୁ ଏବେ ଆସିଲେଣି ବିଦେଶୀ ପକ୍ଷୀ। ଖାଦ୍ୟ ଅନ୍ୱେଷଣରେ ଅଧିକାଂଶ ପକ୍ଷୀ ଏବେ ଜନବସତି ଅଞ୍ଚଳ ଆଡକୁ ମୁହାଁଇଲେଣି। ଏହାର ସୁଯୋଗ ନେଇ ପକ୍ଷୀ ଶିକାରୀମାନେ ଅବାଧରେ ପକ୍ଷୀଗୁଡ଼ିକର ଶିକାର କରୁଛନ୍ତି। ଶିକାର ଏତେ ମାତ୍ରାରେ ବଢ଼ିଛି ଯେ, ପକ୍ଷୀ ଗୋଟାକୁ ୩୦ ଟଙ୍କାରେ ବିକ୍ରି କରୁଛନ୍ତି। ସୂଚନା ଅନୁଯାୟୀ, ଶୀତ ଋତୁ ଆସିଲେ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥାଏ। ଏମାନଙ୍କ ମଧ୍ୟରୁ କେତେକ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ନିକଟବର୍ତ୍ତୀ ଗ୍ରାମ, ବିଲ, ଜଳାଶୟରେ ରୁହନ୍ତି। ଏହି ପକ୍ଷୀମାନଙ୍କୁ ଦେଖିଲେ ଚିଲିକାର ଭ୍ରମ ସୃଷ୍ଟି କରିବ। କିନ୍ତୁ ଏହି ପକ୍ଷୀମାନଙ୍କର ସୁରକ୍ଷା ପାଇଁ ଏପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ କୌଣସି ବିଧିବଦ୍ଧ ବ୍ୟବସ୍ଥା ଏବଂ ପାଟ୍ରୋଲିଂ କଡ଼ାକଡ଼ି କରାଯାଇ ନାହିଁ। ଏହାର ସୁଯୋଗରେ ପକ୍ଷୀ ଶିକାରୀମାନେ ଫାସ, ଛିଟିକିଣି, ବିଷ ପ୍ରଭୃତି ପ୍ରୟୋଗ କରି ପକ୍ଷୀ ଶିକାର କରୁଛନ୍ତି। ବୁଢାକେରା, ଜଗଦଳ, କାଣ୍ଡୋଗଦା, ଘଟକୁଡି ପ୍ରଭୃତି ଗ୍ରାମ ନିକଟରେ ଏହି ପକ୍ଷୀ ଶିକାର କରାଯାଇ ୩୦ଟଙ୍କାରୁ ଆରମ୍ଭ କରି ଅଧିକ ମୂଲ୍ୟରେ ବିକ୍ରି କରାଯାଉଛି। ଏହି ପକ୍ଷୀମାନଙ୍କୁ ସୁରକ୍ଷା ଦେବା ସହ କଡାକଡି ପାଟ୍ରୋଲିଂ ଏବଂ ଜନସଚେତନତା ସୃଷ୍ଟି କରିବା ପାଇଁ ପକ୍ଷୀ ପ୍ରେମୀମାନେ ଦାବି କରୁଛନ୍ତି।

# ସ୍ୱର୍ଗଦ୍ୱାରରୁ ଉଚ୍ଛେଦ ହେଲା ପୁରୁଣା କୋଠା

**ପୁରୀ ଅଫିସ, ୧୦।୧୨**

### ପଥଶ୍ରାଦ୍ଧ ଗୃହ ଭଙ୍ଗା ଗଲା



ନୂଆ ରୂପ ନେବ ସ୍ୱର୍ଗଦ୍ୱାର। ବଦଳିବ ଏହାର ଚେହେରା। ମୃତଦେହ ଦାହ ପାଇଁ ଆସୁଥିବା ସମ୍ପର୍କୀୟମାନେ ପାଇବେ ଅତ୍ୟାଧୁନିକ ସୁବିଧା। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମଙ୍ଗଳବାର ସ୍ୱର୍ଗଦ୍ୱାର ପରିସରରେ ଥିବା ପୁରୁଣା କୋଠା ଉଚ୍ଛେଦ କରାଯାଇଛି। ଅନ୍ୟାନ୍ୟ ପୁରୁଣା କୋଠା ଭଙ୍ଗାଯିବା ପରେ ସ୍ୱର୍ଗଦ୍ୱାରର ପୁନରୁଦ୍ଧାର କାମ ଆରମ୍ଭ ହେବ। ଅବହେଳିତ ଅବସ୍ଥାରେ ଥିବା ସ୍ୱର୍ଗଦ୍ୱାରରେ ସବୁକିଛି ସୁବ୍ୟବସ୍ଥିତ କରାଯିବ। ସ୍ୱର୍ଗଦ୍ୱାରର ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଏଠାରେ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ମହାପ୍ରସ୍ଥାନମ୍ କ୍ରିମେଟୋରିୟମ୍ ଢାଞ୍ଚାରେ ସ୍ୱର୍ଗଦ୍ୱାର ପାଇବ ନୂଆରୂପ। ତେଣୁ ଏହା ପରିସରରେ ଥିବା ଅସୁରକ୍ଷିତ କୋଠା ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ମଙ୍ଗଳବାର ବହୁ ପୁରାତନ ପଥଶ୍ରାଦ୍ଧ ଗୃହ ଭଙ୍ଗା ଯାଇଥିବାବେଳେ ଆଗକୁ ଅନ୍ୟାନ୍ୟ ନିର୍ମାଣ ଉଚ୍ଛେଦ ହେବ। ଏଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ପୀଠ ମଧ୍ୟ ଭଙ୍ଗାଯିବ। ଉଚ୍ଛେଦ କାର୍ଯ୍ୟ ଶେଷ ହେବା ପରେ ପୁନରୁଦ୍ଧାର କାମ ଆରମ୍ଭ ହେବ। ବର୍ତ୍ତମାନ ଥିବା ୧ ଏକର ଜମିରେ ସ୍ୱର୍ଗଦ୍ୱାରର ବିକାଶ କରାଯିବ। ମୃତଦେହ ଦାହ କରିବାକୁ ଆସୁଥିବା ସମ୍ପର୍କୀୟମାନେ ଯେପରି ସାମାନ୍ୟତମ ଅସୁବିଧାରେ ନ ପଡିବେ ତାହାକୁ ନଜରରେ ରଖି ନିର୍ମାଣ କରାଯିବ। ଏହାମଧ୍ୟରେ କାର୍ଯ୍ୟାଳୟ, ମୃତଦେହ ରଖିବା ପାଇଁ ସ୍ଥାନ, ପୂଜା ସାମଗ୍ରୀ ବିକ୍ରି ଦୋକାନ, ୪ଟି ପଥଶ୍ରାଦ୍ଧ ପିଣ୍ଡି, କାଠ ରଖିବା ସ୍ଥାନ, ଶୌଚାଳୟ, ପରିସ୍ରାଗାର, ପୋଷାକ ପରିବର୍ତ୍ତନ ଗୃହ ଆଦି ତିଆରି କରାଯିବ। ତେବେ ଏକସଙ୍ଗରେ ୧୪ଟି ମୃତଦେହ ଦାହ କରାଯାଇପାରିବ। ମଝିରେ ଏକ କରିଡର ରହିବ। ଉଭୟ ପାର୍ଶ୍ୱରେ ୭ଟି ଲେଖାଏ ଦାହ ପିଣ୍ଡି ତିଆରି କରାଯିବ। ପ୍ରଥମେ ଗୋଟିଏ ପାର୍ଶ୍ୱରେ ୭ଟି ପିଣ୍ଡି ସମ୍ପୂର୍ଣ୍ଣ ଭାବେ ତିଆରି ସରିବା ପରେ ଅପର ପାର୍ଶ୍ୱ କାମ ଆରମ୍ଭ କରାଯିବ। ବର୍ଷା, ପବନ ସମୟରେ ଯେପରି ଦାହ ବାଧାପ୍ରାପ୍ତ ନ ହୁଏ ସେଥିଲାଗି ପ୍ରତ୍ୟେକ ଦାହ ପିଣ୍ଡି ଉପରେ ଛୋଟ ଶେଡ୍ ରହିବ। ପବନକୁ ପ୍ରତିହତ ପାଇଁ ବାଡା ତିଆରି କରାଯିବ। ସେହିପରି ସମୁଦ୍ର କୂଳରେ ଏକ ଘାଟ କରାଯିବ। ଏହି ଘାଟକୁ ଯିବା ପାଇଁ ରୋଡ ଓଭର ବ୍ରିଜ୍ (ଆରଓବି) ନିର୍ମାଣର ମଧ୍ୟ ଯୋଜନା ରହିଛି। ତେବେ ସ୍ୱର୍ଗଦ୍ୱାରର ପ୍ରବେଶ ପଥ ଫାଟକ ସବୁଠୁ ଆକର୍ଷଣୀୟ ହେବ ବୋଲି ଡିଜାଇନ ପ୍ରସ୍ତୁତ ସରିଛି। ଏ ସମ୍ପର୍କରେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ସ୍ୱର୍ଗଦ୍ୱାରର ପୁନରୁଦ୍ଧାର ହେବ। ଏଥିପାଇଁ ଏଠାରେ ଥିବା ଅସୁରକ୍ଷିତ ନିର୍ମାଣ ଭଙ୍ଗାଯାଉଛି। ମୃତଦେହ ଦାହ ହେବାରେ ଯେପରି କୌଣସି ଅସୁବିଧା ନ ହୁଏ ତାହାକୁ ନଜରରେ ରଖାଯାଇ ଉଚ୍ଛେଦ ଓ ପୁନରୁଦ୍ଧାର କରାଯିବ ବୋଲି ସେ କହିଥିଲେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Urgently Required**
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact: 9871421149/8144146705

Cuttack Office କାମପାଇଁ Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

**OFFICIALLYJOB**
Qualification 10th above Salary up to Rs. 25,000/- For BBSR, Cuttack, Puri, Berhampur.
M-9938699963

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact: 9938676412

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**Required Male & Female Security Guards**
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705 6372600373

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ ।
Contact Immediately
7978427621

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

**BACK OFFICE EXECUTIVE**
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :- recruitments@elmechindia.in

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

**WANTED**
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary: 30,000/-
Qual: 7th to 10th & above
Contact: 8339922964

**DIRECT JOIN JOB**
JOB LOCATION BBSR+CTC
•CUSTOMER SERVICE
•DATA ENTRY
•RECEPTION (Back/Office)
•SECURITY GUARD
Mob : 9114090108

**WANTED ... WANTED**
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୂର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

**VIGEN INDIA REQUIRED BOYS & GIRLS FOR OFFICE JOB**
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।